
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ନଭେମ୍ବର, ୨୦୧୭
ଆନନ୍ଦମଠ
ବୈରାସରିଅନ
ସୁନେଲି ସିଂହ
ପଳାଶ ଫୁଲର ବାସ୍ନା
ଦୋଷ କାହାର
ପ୍ଲାଟ୍‌ଫର୍ମ୍
ସନ୍ଥ କବୀର ଦାସ
ସମଲେଇ ଗୋ
ଅଚିହ୍ନା ପ୍ରତିବିମ୍ବ
ନିଷ୍ପତ୍ତି
ବେଶଭୂଷା
ଦେଖ କିଏ ଆସୁଛି...
ଚାଷ ଅଛି ଯାହାର
ନାରୀଟିଏ
ପରିସ୍ଥିତି ସହ ଆମେ
ବରଂ ଲୁହ ଭଲ
ଶ୍ରୀକାକୁଲମ୍ ଜିଲ୍ଲାରେ ଜଗନ୍ନାଥ ମନ୍ଦିର

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୭୦୦୮୫୬୭୦୮୫, ଇମେଲ୍ - aahwaan@gmail.com

To read the complete magazine, Download it for FREE from www.aahwaan.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଚ୍ଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

To read the complete magazine, Download it for FREE from www.aahwaan.com

# ବିଶେଷ ସୂଚନା

ଲେଖକ ଲେଖିକାମାନଙ୍କ ପାଇଁ ବିଶେଷ ସୂଚନା : ଦେଖାଯାଉଛି ଏହି ଇ-ପତ୍ରିକାର ପ୍ରକାଶନ ହେବା କ୍ଷଣି ଆପଣମାନେ ନିଜର ଲେଖାର ସ୍କ୍ରିନ୍‌ସଟ୍ ନେଇ ନିଜ ନିଜ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍‌ରେ ପ୍ରକାଶ କରୁଛନ୍ତି । ଏହାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ଅନେକ ବନ୍ଧୁ ଏହା ଉଲ୍ଲେଖ କରିବାକୁ ଭୁଲିଯାଉଛନ୍ତି ଯେ ଏହି ଲେଖାଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଛି ଏବଂ ସେହି ପତ୍ରିକା ଜଣେ ଚାହିଁଲେ କେଉଁଠି ପଢ଼ିବାକୁ ପାଇବ । ତେଣୁ ଆପଣମାନଙ୍କୁ ବିନୀତ ଅନୁରୋଧ, ଯଦି ଆପଣ ନିଜ ଲେଖାକୁ ଶେୟାର୍ କରିବାକୁ ଚାହୁଁଛନ୍ତି ଦୟାକରି ସେଠାରେ ଏହା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ଏବଂ ଏହାର ୱେବ୍‌ସାଇଟ୍ (www.aahwaan.com) ବିଷୟରେ ଲେଖିବା ଭୁଲିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ନିମ୍ନରେ ଏକ ଉଦାହରଣ ଦେଉଛି ।

ଓଡ଼ିଆରେ ଲେଖିବାକୁ ଚାହୁଁଥିଲେ :

ମୋର ଏହି ଲେଖାଟି ଆହ୍ୱାନ ଇ-ପତ୍ରିକା (ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା)ର ଚଳିତ ମାସର ସଂସ୍କରଣରେ ପ୍ରକାଶିତ ହୋଇଛି ।

ଆପଣ ଚାହିଁଲେ ଏହି ଇ-ପତ୍ରିକା ବିନା କୌଣସି ଦେୟ (ସମ୍ପୂର୍ଣ୍ଣ ମାଗଣା) ବା ଶୁଳ୍କରେ ନିମ୍ନରେ ଦିଆଯାଇଥିବା ୱେବ୍‌ସାଇଟରୁ ପାଇପାରିବେ ।

www.aahwaan.com

If you wish to post in English:

My article has been published in the August Edition of Aahwaan e-Patrika, the first and only complete Odia, monthly literature e-Magazine of Odisha.

If you wish to read this e-Magazine (download for free), please visit the website mentioned below.

www.aahwaan.com

To read the complete magazine, Download it for FREE from www.aahwaan.com

# ବିଶେଷ ସୂଚନା

ଯଦି ଆପଣ ଏହି ଇ-ପତ୍ରିକାରେ ଲେଖା ଦେବାକୁ ଚାହୁଁଛନ୍ତି, ତେବେ କେବଳ ଇ-ମେଲ୍ ଦ୍ୱାରା ହିଁ ଲେଖା ପଠାଇବେ । ଲେଖା ସହିତ ନିଜର ଗୋଟିଏ ଭଲ ଦେଖାଯାଉଥିବା ଛବି (ଯଦି ଆଗରୁ ଦେଇଛନ୍ତି ତା ହେଲେ ନ ଦେଲେ ବି ଚଳିବ) ପଠାଇବେ । ଛବିଟି ପାସପୋର୍ଟ୍ ଆକାରର ହୋଇଥିବା ଜରୁରୀ । ଲେଖାକୁ ଯଦି ଆପଣ ୟୁନିକୋଡ୍ ଓଡ଼ିଆ କିମ୍ବା ଆକୃତି ଅଥବା ଶ୍ରୀଲିପି ଦ୍ୱାରା ଟାଇପ୍ କରି ୱାର୍ଡ୍ ଫାଇଲରେ ପଠାଇଲେ ଆମକୁ ଅଯଥାରେ ପୁଣିଥରେ ଟାଇପ୍ କରିବାକୁ ପଡ଼ିବ ନାହିଁ । ଯଦି ଟାଇପ୍ କରିନାହାନ୍ତି ତେବେ ଲେଖାର ଉଚ୍ଚମାନର (ହାଇ ଡେଫିନିସନ୍) ଛବି ଉତ୍ତୋଳନ (ସ୍କାନିଂ / କ୍ୟାମେରା ଛବି) କରି ପଠାନ୍ତୁ । ଯଦି ଆପଣଙ୍କ ଲେଖା ଚଳିତ ସଂସ୍କରଣରେ ନାହିଁ, ତେବେ ଆପଣ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ପୁଣିଥରେ ପଠାଇ ପାରିବେ । ଚେଷ୍ଟା କରନ୍ତୁ ଆପଣ ପଠାଇଥିବା ଆଲେଖ୍ୟରେ ବ୍ୟାକରଣଗତ ତ୍ରୁଟି ଯଥାସମ୍ଭବ କମ ରହୁ । ଧନ୍ୟବାଦ ।

ବି. ଦ୍ର. : ହ୍ୱାଟ୍ସଆପ୍ ଦ୍ୱାରା ପ୍ରେରଣ କରାଯାଇଥିବା ଲେଖାକୁ ଆହ୍ୱାନ ଇ-ପତ୍ରିକାରେ ଅନ୍ତର୍ଭୁକ୍ତ କରାଯିବ ନାହିଁ ।

To read the complete magazine, Download it for FREE from www.aahwaan.com

# ସୂଚୀପତ୍ର


ସମ୍ପାଦକୀୟ ୧୧

ଆନନ୍ଦମଠ ୨୪
ଦୀପକ ଷଡ଼ଙ୍ଗୀ

ପଳାଶ ଫୁଲର ବାସ୍ନା ୩୨
ଅରବିନ୍ଦ ଆଚାର୍ଯ୍ୟ

ସୁନେଲି ସିଂହ ୫୪
ଅଶୋକ ବିଶ୍ୱାଳ

ବୈରାସରିଅନ୍ ୫୮
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନିଷ୍ପତ୍ତି ୬୭
ସଂଗ୍ରାମ କେଶରୀ ସେନାପତି

ଦୋଷ କାହାର ୭୨
ରାଧାକାନ୍ତ ଦାଶ

ମା' ପଣର ଛବି ୭୮
ରୁଦ୍ରମାଧବ ସାହୁ

ନାଡ଼ି ୮୦
ପ୍ରତିଭା ପ୍ରିୟଦର୍ଶିନୀ


To read the complete magazine, Download it for FREE from www.aahwaan.com

ବେଶଭୂଷା ୮୫
ବୈକୁଣ୍ଠନାଥ ଖଟୁଆ

ପ୍ଲାଟ୍‌ଫର୍ମ ୯୨
ସୁଧାଂଶୁ ଦ୍ୱିବେଦୀ

ଚୁପ୍... ଦେଖ କିଏ ଆସୁଛି... ୯୭
ଅରବିନ୍ଦ ଆଚାର୍ଯ୍ୟ

ଅଚିହ୍ନା ପ୍ରତିବିମ୍ବ ୧୦୫
ଅନିରୁଦ୍ଧ ସାମନ୍ତରା

କଷଟି ୧୦୭
ଆଶୁତୋଷ ମେହେର

ଚାଷ ଅଛି ଯାହାର ୧୧୧
ସୁବଳ ମହାପାତ୍ର

ମୁକ୍ତ ୧୨୭
ପରମିତା ମିଶ୍ର

ଅସରନ୍ତି ରହସ୍ୟ ୧୩୩
ସୁଶାନ୍ତ ପୁରୋହିତ

ଅନ୍ତିମ ସଂସ୍କାର ୧୩୯
ପ୍ରଣତି ମହାପାତ୍ର

ସ୍ୱପ୍ନିଳ ସାଗର ୧୪୨
ସମ୍ବିତ ସତ୍ୟପ୍ରକାଶ ମିଶ୍ର

To read the complete magazine, Download it for FREE from www.aahwaan.com

ସନ୍ଥ କବୀର ଦାସ ୧୪୭

ଡା ସୁବାସଚନ୍ଦ୍ର ରାଉତ

ପ୍ରବନ୍ଧ : ଇପ୍‌ସିତ ସକାଳ ୧୫୪

ରଞ୍ଜିତା ପାତ୍ର

ଶ୍ରୀକାକୁଲମ୍ ଜିଲ୍ଲାରେ ଜଗନ୍ନାଥ ମନ୍ଦିର ୧୬୫

ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ନୀରବତାର ମାନଚିତ୍ର : ସମୀକ୍ଷା ୧୮୧

ଭାଗିରଥୀ ବେହେରା

ଯୋଗାନୁଶାସନ : ସମୀକ୍ଷା ୧୮୯

ପ୍ରଶାନ୍ତ କୁମାର ନାଥ

ଗଳ୍ପ ସ୍ପର୍ଦ୍ଧା - ୧ ୧୯୩

ସୁବଳ ମହାପାତ୍ର

ଗଳ୍ପ ସ୍ପର୍ଦ୍ଧା - ୨ ୧୯୯

ପରମିତା ମିଶ୍ର

ଗଳ୍ପ ସ୍ପର୍ଦ୍ଧା - ୩ ୨୦୪

ସିପ୍ରା ନମତା

ଗଳ୍ପ ସ୍ପର୍ଦ୍ଧା - ୪ ୨୦୮

ବଳବନ୍ତ ସାହୁ (ବବଲୁ)

ସମଲେଇ ଗୋ ୨୧୭

ଫିରୋଜ୍ କୁମାର୍ ପଟେଲ


To read the complete magazine, Download it for FREE from www.aahwaan.com

ରେଜା ୨୨୦
ଏମ୍. ବିଜୟ କୁମାର
ମଉଳା ପ୍ରସୂନମୁହିଁ ୨୨୨
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ
ପୂର୍ଣ୍ଣମୀର ଚାନ୍ଦ ୨୨୩
ସରୋଜ
ଶବ୍ଦ ୨୨୫
ସିପ୍ରା ନମତା
ଅଳପ ଆଳାପ ଶୂନ୍ୟତାସାଥେ ୨୨୭
ସୀମାଞ୍ଚଳ ରଣା
ନାରୀଟିଏ ୨୨୯
ଡା ସନ୍ଧ୍ୟାରାଣୀ ତ୍ରିପାଠୀ
ଚିଠି ୨୩୩
ମାମାଜିନି ପ୍ରଧାନ
ପରିସ୍ଥିତି ସହ ଆମେ ୨୩୫
ରୋଜା ପଣ୍ଡା
କାନ୍ଦୁଛି ଆଜି ତୋ ମା ୨୩୭
ହିମାଂଶୁ ଶେଖର୍ ବାରିକ
ମୋ ମାଆ ୨୩୯
ସୁବ୍ରତ କୁମାର ସେନାପତି

To read the complete magazine, Download it for FREE from www.aahwaan.com

| | |
|---|---|
| ସତେ ଯେମିତି | ୨୪୧ |
| ଶିବ କୁମାର ପଣ୍ଡା | |
| ବରଂ ଲୁହ ଭଲ | ୨୪୩ |
| ଦିଲିପ କୁମାର ତ୍ରିପାଠୀ | |
| ତୁମେ ଆଉ ମୁଁ | ୨୪୫ |
| ସୁମିତ୍ରା ରାଉଳ | |
| ଈଶ୍ୱରୀ | ୨୪୭ |
| ସନାତନ ମହାକୁଡ଼ | |
| ହେ ନିରାକାର, ହେ ଈଶ୍ୱର | ୨୪୮ |
| ଚନ୍ଦ୍ରକାନ୍ତ ଜେନା | |
| ମୁଠା ମୁଠା ଟଙ୍କା ଥିଲା | ୨୪୯ |
| ଅନୁପମ ବେହେରା | |
| ବିବେକ | ୨୫୧ |
| ରୁଦ୍ରମାଧବ ସାହୁ | |
| ଧର୍ମର ଚାରିଦେଶ | ୨୫୩ |
| ଜଗଜ୍ଜୀବନ ସେଠୀ | |
| ସ୍ୱାଧୀନ୍ ଆର୍ କେନେ ପାଏଲ | ୨୫୫ |
| ଏମ୍ ବିଜୟ କୁମାର | |
| ବନ୍ଧୁତାର ପ୍ରପାତ | ୨୫୭ |
| ଜ୍ୟୋତିରାଦିତ୍ୟ ପୁଝାରୀ | |


To read the complete magazine, Download it for FREE from www.aahwaan.com

ନଭେମ୍ବର ୨୫୯

ରିଭୁ ଆଭୁଷଣ ପଣ୍ଡା

ସପନରେ ଆସ ତୁମେ ୨୬୧

ସଂକଳ୍ପ କୁମାର ଛୋଟରାୟ

ତୁମ ପାଇଁ ୨୬୩

ସ୍ମିତା ସାହୁ

ପ୍ରେମିକା ୨୬୫

ସତ୍ୟବ୍ରତ ବାରିକ

ସ୍ୱପ୍ନ ୨୬୭

ସ୍ୱାଗତ କୁମାର ପଣ୍ଡା

ମା ମାଟିର ସମ୍ମାନ ୨୬୯

ସୁଦାମ ଗୌଡ଼

ଲକ୍ଷ୍ମୀ ମା ୨୭୦

ଅନାମ ଚରଣ ସାହୁ

ଭିନ୍ନ ରାଗ ୨୭୨

ଅନୁସୂୟା ମିଶ୍ର

କ ଠାରୁ କ୍ଷ ଯାଏଁ କବିତା ୨୭୪

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବ୍ୟାସକବି ଫକିରମୋହନ ୨୭୫

ଡ: ଲକ୍ଷ୍ମଣ ସାହୁ


To read the complete magazine, Download it for FREE from www.aahwaan.com

# ସମ୍ପାଦକଙ୍କ ଲେଖନୀରୁ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ମାସର ବହୁ ପ୍ରତିକ୍ଷିତ ଇ-ସଂସ୍କରଣ ଆପଣ ମାନଙ୍କୁ ଭେଟି ଦେଉଥିବା ବେଳେ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ଏବଂ ଆପଣ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି । ଆପଣ ମାନଙ୍କ ନିରବଚ୍ଛିନ୍ନ ସହାୟତା ହେତୁ ହିଁ ଆହ୍ୱାନର ପ୍ରତ୍ୟେକ ସଂସ୍କରଣ ପ୍ରକାଶିତ ହୋଇପାରୁଛି । ଯଦି ଆପଣଙ୍କୁ ଆମର ଏହି ଇ-ପତ୍ରିକା ଭଲ ଲାଗୁଥାଏ ତେବେ ଦୟାକରି ନିଜର ବନ୍ଧୁପରିଜନଙ୍କୁ ବି ଜଣାନ୍ତୁ ଏବଂ ଏହାର ପ୍ରଚାର ଏବଂ ପ୍ରସାରରେ ସହଯୋଗୀ ହୁଅନ୍ତୁ । ଆସନ୍ତୁ ଜାଣିବା ବିଗତ ମାସରେ ଦେଶ ଦୁନିଆରେ ହୋଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାର ସମ୍ୟକ ସୂଚନା ।

## ରିୟାନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଛାତ୍ରହତ୍ୟା

ଦିଲ୍ଲୀର ଏକ ବେସରକାରୀ ବିଦ୍ୟାଳୟରେ ଜନୈକ ସାତ ବର୍ଷର ଛାତ୍ରର ଗଳାକାଟି ହତ୍ୟାକାଣ୍ଡର ତଦନ୍ତ କରୁଥିବା କେନ୍ଦ୍ରୀୟ ଅନ୍ୱେଷଣ ବ୍ୟୁରୋ ସେହି ବିଦ୍ୟାଳୟର ଜଣେ ଏକାଦଶ ଶ୍ରେଣୀର ଛାତ୍ରକୁ ଗିରଫ କରିଛନ୍ତି । ପୁର୍ବରୁ ଏଥିପାଇଁ ବିଦ୍ୟାଳୟର ଜଣେ ଅଧସ୍ତନ କର୍ମଚାରୀକୁ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଦୋଷୀ ବୋଲି ଦର୍ଶାଇ ତାକୁ ଗିରଫ କରାଯାଇଥିଲା । କିନ୍ତୁ ଘଟଣାର ଗୁରୁତ୍ୱକୁ ଲକ୍ଷ୍ୟକରି ବିଭିନ୍ନ ଅନୁଷ୍ଠାନ ତରଫରୁ ଏହି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାର ଦାବୀ ହେବାପରେ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଯେଉଁପରି ଭାବରେ ଏହି ସମ୍ପୂର୍ଣ୍ଣ ମାମଲାର ତଦନ୍ତ ପୋଲିସ ଦ୍ୱାରା କରାଯାଇଥିଲା ତାହା କପୋଳକଳ୍ପିତ ଥିଲା ନା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ଥିଲା । କାରଣ ପ୍ରଥମେ ଏହି ମାମଲାରେ ଗିରଫ ହୋଇଥିବା କର୍ମଚାରୀ ନିଜର ଦୋଷ ସ୍ୱୀକାର କରିଥିଲା ଏବଂ ହତ୍ୟାକାଣ୍ଡର ଉଦ୍ଦେଶ୍ୟମଧ୍ୟ ପୋଲିସକୁ ଜଣାଇଥିଲା । ଅଥଚ ସିବିଆଇ ତଦନ୍ତରେ ତାହାର ଭୂମିକା କିଛି ନଥିଲା ବୋଲି ଦର୍ଶାଯାଇଛି । ପ୍ରଶ୍ନ ଉଠୁଛି, ଯଦି ଏହି ମାମଲାରେ ସେହି କର୍ମଚାରୀର କୌଣସି ଭୂମିକା ନଥିଲା ତା ହେଲେ ସେ ନିଜ ଦୋଷ ସ୍ୱୀକାର କରିଥିଲା କେମିତି ଏବଂ କାହିଁକି ? ଏଥିପାଇଁ ତାକୁ କିଏ ନିର୍ଦ୍ଦେଶ ଦେଇଥିଲା ?

ଶୁଣାଯାଉଛି ଏହି ହତ୍ୟାକାଣ୍ଡ ଘଟିଥିବା ରିୟାନ୍ ପବ୍ଲିକ୍ ସ୍କୁଲର ପରିଚାଳନା ଦାୟିତ୍ୱରେ ଥିବା ପ୍ରମୁଖ ଅଧିକାରୀଙ୍କ ଭାରତୀୟ ଜନତା ପାର୍ଟି ସହ ସୁସମ୍ପର୍କ ଥିବା ହେତୁ ତାଙ୍କୁ ଗିରଫଦାରୀରୁ ବଞ୍ଚାଇବା ପାଇଁ ଏହି ସବୁ ନାଟକ କରାଯାଇଥିଲା । ଏବଂ ଅନ୍ୟ ଏକ ପ୍ରକରଣରେ କୁହାଯାଉଛି ଯେ ବର୍ତ୍ତମାନ ଗିରଫ ହୋଇଥିବା ଛାତ୍ରର ପରିବାର

To read the complete magazine, Download it for FREE from www.aahwaan.com

ପ୍ରତିପତ୍ତିଶାଳୀ ହୋଇଥିବାରୁ ନିଜ ପୁଅକୁ ବଞ୍ଚାଇବାପାଇଁ ଜଣେ ଗରିବ କର୍ମଚାରୀକୁ ଦୋଷୀ ବୋଲି କୁହାଇ ଦିଆଯାଇଥିଲା ।

ସେ ଯା ହେଉ ଏହି ଘଟଣାପରେ ପରେ କେନ୍ଦ୍ର ସରକାର ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅନେକ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଆମେ ଆଶା କରୁଛୁ ଯେ ଏହିପ୍ରକାରର କୌଣସି ଘଟଣା ଆଗକୁ ଯେମିତି ନ ହୁଏ ।

## ଆରୁଷି ହତ୍ୟାକାଣ୍ଡରେ ପିତାମାତା ନିର୍ଦ୍ଦୋଷ

ବହୁ ଚର୍ଚ୍ଚିତ ଆରୁଷି ତଲୱାର ହତ୍ୟାକାଣ୍ଡ ପରେ ଅନେକ ତଦନ୍ତ ଏବଂ ତନାଘନା ହୋଇ ଶେଷରେ ହତ୍ୟାକାଣ୍ଡ ପାଇଁ ଆରୁଷିଙ୍କର ପିତାମାତାଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରାଯାଇ ଦଣ୍ଡ ବିଧାନ କରାଯାଇଥିଲା । ୨୦୦୯ ମସିହାରେ ଘଟିତ ଏହି ହତ୍ୟାକାଣ୍ଡର ରହସ୍ୟ ଆଜିଯାଏଁ ଉଜାଗର ହୋଇ ପାରିନାହିଁ । ଅନେକ ତଦନ୍ତ କରୁଥିବା ସଂସ୍ଥା ଭିନ୍ନ ଭିନ୍ନ ମତ ରଖିଛନ୍ତି, କିନ୍ତୁ କୌଣସି ବି ସଂସ୍ଥା ନିର୍ଦ୍ଦିଷ୍ଟ ଭାବରେ ହତ୍ୟାକାଣ୍ଡର କାରଣ ଆଜି ଯାଏଁ କହି ପାରିନାହାନ୍ତି । ଶେଷରେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଖି ଆଗରେ ରଖି ହତ୍ୟାକାଣ୍ଡ ହୋଇଥିବା ଦିନ ଘରେ କେବଳ ଚାରିଜଣ ବ୍ୟକ୍ତିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା, ତେଣୁ ଅନ୍ୟ ଦୁଇଜଣ ହିଁ ଦୋଷୀ ବୋଲି କୁହାଯାଇ ସେମାନଙ୍କୁ କାରାଦଣ୍ଡ ମିଳିଥିଲା ।

To read the complete magazine, Download it for FREE from www.aahwaan.com

ବିଗତ ଦିନ ଆଲ୍‌ହାବାଦ ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟଦେଇ କହିଥିଲେ ଯେ ଏହି ହତ୍ୟାକାଣ୍ଡରେ ଯଦିଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ତଲୱାର ଦମ୍ପତ୍ତିଙ୍କୁ ଦୋଷୀ ବୋଲି ଧରି ନିଆଯାଇଥିଲା, କିନ୍ତୁ ସେମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ ପ୍ରମାଣ ମିଳିନଥିବାରୁ ସେମାନେ ନିର୍ଦ୍ଦୋଷ । ସେମାନଙ୍କୁ ଜେଲରୁ ଛାଡ଼ି ଦିଆଗଲା ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଯଦି କେନ୍ଦ୍ରୀୟ ଅନ୍ୱେଷଣ ବ୍ୟୁରୋ ଭଳି ସଂସ୍ଥା ଏହି ମାମଲାର ସଠିକ ତଦନ୍ତ କରିପାରିଲା ନାହିଁ, ତା ହେଲେ ମାମଲାଟା ପ୍ରକୃତରେ କଣ କିଏ କହିବ ? ହୁଏତ ଏହି ମାମଲାର ପ୍ରକୃତ କାରଣ କେହି ବି ଜାଣିପାରିବେ ନାହିଁ ।

## ଆଗାମୀ ବର୍ଷ ସାଧାରଣତନ୍ତ୍ର ଦିବସ ହେବ ବିଶେଷ

ସଦ୍ୟ ସମାପ୍ତ ଆସିଆନ୍ (ଆସୋସିଏସନ୍ ଅଫ୍ ସାଉଥ୍ ଇଷ୍ଟ ଏସିଆନ୍ ନେସନସ୍) ଶିଖର ସମ୍ମିଳନୀରେ ଭାଗ ନେଇ ଭାରତକୁ ପ୍ରତିନିଧିତ୍ୱ କରୁଥିବା ପ୍ରଧାନମନ୍ତ୍ରୀଙ୍କ ବିଶେଷ ଅନୁରୋଧରେ ଦକ୍ଷିଣ ପୂର୍ବ ଏସିଆର ଦଶଗୋଟି ଦେଶର ପ୍ରମୁଖ ଶାସକମାନେ ଆଗାମୀ ସାଧାରଣତନ୍ତ୍ର ଦିବସରେ ଭାରତର ଆତିଥ୍ୟ ଗ୍ରହଣ କରିବାକୁ ରାଜି ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଜନପ୍ରିୟତାକୁ ଆଖି ଆଗରେ ରଖି ଏହି ସବୁ ଦେଶର ଶାସକମାନେ ଭାରତ ଆସିବାକୁ ପ୍ରତିଶ୍ରୁତି

To read the complete magazine, Download it for FREE from www.aahwaan.com

ଦେଇଛନ୍ତି ବୋଲି ଜଣାଯାଇଛି ।

ଏକ ସର୍ବେକ୍ଷଣ ଅନୁସାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ଅଶିପ୍ରତିଶତ ଲୋକଙ୍କର ଆସ୍ଥା ଜିଣିବାରେ ସକ୍ଷମ ହୋଇଛନ୍ତି । ଏବଂ ବର୍ତ୍ତମାନ ଭାରତୀୟ ଅର୍ଥନୀତିର ସ୍ଥିତି ସୁଦୃଢ଼ ରହିଛି ।

## କଳାଧନ ଦିବସ ନା କଳା ଦିବସ

ବିଗତ ଆଠ ତାରିଖ ଦିନ ଭାରତର କେନ୍ଦ୍ର ସରକାର କଳାଧନ ବିରୋଧୀ ଦିବସ ପାଳନ କରୁଥିବା ବେଳେ ବିରୋଧୀ ଦଳମାନେ ଏହି ଦିନକୁ କଳା ଦିବସ ଭାବରେ ପାଳନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ବିଗତ ବର୍ଷ ଏହି ଦିନ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧନ କରି ଏକ ବାର୍ତ୍ତାରେ ହଠାତ ପାଞ୍ଚଶହ ଓ ହଜାର ଟଙ୍କାର ନୋଟ ଗୁଡ଼ିକ ଅଚଳ ହୋଇଥିବା କଥା କହିଥିଲେ । ଏହା ଫଳରେ ଦେଶରେ ଏକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ବିଗତ ଏକ ବର୍ଷରେ ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ସହ ତୈଳଦର ବୃଦ୍ଧି ସମସ୍ୟା ଦେଖାଯାଇଥିଲା । କିନ୍ତୁ ବିଶ୍ୱ ଅର୍ଥନୀତିରେ ଭାରତ ଏକ ଉଲ୍ଲେଖନୀୟ ସଫଳତା ପାଇଥିଲା ଯେତେବେଳେ କୁହାଯାଇଥିଲା ଯେ ସହଜରେ ବ୍ୟବସାୟ କରିବାପାଇଁ ବିଶ୍ୱରେ ଭାରତର ସ୍ଥାନ ୧୩୦ରୁ ଉଠି ୧୦୦ତମ ସ୍ଥାନ ପାଇଥିଲା । ଏହା ଏକ ଉଲ୍ଲେଖନୀୟ ସଫଳତା ଥିଲା

To read the complete magazine, Download it for FREE from www.aahwaan.com

ବୋଲି ଦର୍ଶାଇ କେନ୍ଦ୍ର ସରକାର କଳାଧନ ବିରୋଧ ଦିବସ ପାଳନ କରିଥିଲେ ।

## ଇରାନରେ ଆସିଥିବା ଭୂମିକମ୍ପରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ନିହତ

ବିଗତ ସପ୍ତାହରେ ଆସିଥିବା ଏକ ଶକ୍ତିଶାଳୀ ଭୂକମ୍ପରେ ଇରାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଆକଳନ କରାଯାଇଛି । ଶେଷ ସୂଚନା ମିଳିବା ଯାଏଁ ଏହି ଭୂକମ୍ପଦ୍ୱାରା ଶହ ଶହ କୋଟି ଟଙ୍କାର ସମ୍ପତ୍ତି ଧୂଳିସାତ ହେବା ସହ ଅନ୍ୟୁନ ପାଞ୍ଚଶହରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସେମାନଙ୍କ ଆତ୍ମାର ଶାନ୍ତି ପାଇଁ ଆମେ ପ୍ରାର୍ଥନା କରୁଛୁ ।

## ଗୁଜୁରାଟ ନିର୍ବାଚନ ଏବେ ପ୍ରତିଷ୍ଠାର ପ୍ରଶ୍ନ

ଆଗକୁ ଆସୁଛି ଗୁଜୁରାଟର ବିଧାନ ସଭା ନିର୍ବାଚନ । ଏଥିପାଇଁ ଶାସକ ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ ପାର୍ଟି ଜୋରଦାର ପ୍ରଚାର ପ୍ରସାରରେ ଲାଗିଛନ୍ତି । ଦୀର୍ଘ ବାଇଶି ବର୍ଷଧରି ଗୁଜୁରାଟରେ ବିଜେପିର ସରକାର ରହି ଆସିଛି । କିନ୍ତୁ ଏହାକୁ ଗାଦିଚ୍ୟୁତ କରିବାପାଇଁ କଂଗ୍ରେସ ଦଳ କୌଣସି ବାଟ ଛାଡ଼ିବାକୁ ଚାହୁଁନାହାନ୍ତି, ସେଥିପାଇଁ କଂଗ୍ରେସ ଉପସଚିବ ରାହୁଲ ଗାନ୍ଧୀ ତ୍ୱରାନ୍ୱିତ ଭାବରେ ଗୁଜୁରାଟର ଭ୍ରମଣ କରିବା ସହ ଭୋଟରମାନଙ୍କୁ ଲୋଭାଇବା ପାଇଁ ବିଭିନ୍ନ ପ୍ରକାରର ପ୍ରତିଶୃତି ଦେଇ ଚାଲିଛନ୍ତି । ଏକଦା ମନ୍ଦିର ନାଁରେ ଚିଡ଼ି ଯାଉଥିବା ରାହୁଲ ଗାନ୍ଧୀ ବର୍ତ୍ତମାନ ଅନେକ ମନ୍ଦିରକୁ କେବଳ

To read the complete magazine, Download it for FREE from www.aahwaan.com

ଯାଉନାହାନ୍ତି, ବରଂ ମନ୍ଦିର ମାନଙ୍କରେ ହେଉଥିବା ଭଜନ କୀର୍ତ୍ତନ ସମାରୋହରେ ବି ଅଂଶ ଗ୍ରହଣ କରୁଛନ୍ତି । ଏହାଦ୍ୱାରା ତାଙ୍କର ଏକ ଧର୍ମନିରପେକ୍ଷ ଛବି ପ୍ରସାରିତ ହେବ ବୋଲି ଆଶା କରାଯାଇଛି ।

ଗୁଜୁରାତରେ ଏକୁଟିଆ ନିର୍ବାଚନ ଲଢ଼ି ଜିତିବାର ସମ୍ଭାବନା ହୁଏତ କମ ହୋଇପାରେ ତେଣୁ ସେ ସ୍ଥାନୀୟ ଲୋକନେତାଙ୍କ ସହ ଗଠବନ୍ଧନ କରି ନିର୍ବାଚନ ଲଢ଼ିବା ଯୋଜନା କରୁଛନ୍ତି ଏଥିପାଇଁ ସେ ପଟିଦାର୍ ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ, ଓବିସି ନେତା ଅଲ୍‌ପେଶ ଠାକୁର ଏବଂ ଦଳିତ ନେତା ଜିଗ୍‌ନେଶ୍ ମେବାନୀଙ୍କ ସହ ହାତ ମିଶାଇଛନ୍ତି । ଏହା ଦ୍ୱାରା ଭୋଟ ବ୍ୟାଙ୍କକୁ ବିଭକ୍ତିକରଣ କରି ସେ ନିର୍ବାଚନକୁ ଜିତିବା ଲକ୍ଷ୍ୟ ରଖିଛନ୍ତି ଭଳି ଲାଗୁଛି ।

### ହାର୍ଦ୍ଦିକ ପଟେଲଙ୍କ ବ୍ୟକ୍ତିଗତ କାରନାମା ଓ କଂଗ୍ରେସ

ବିଗତ ଦିନରେ ହାର୍ଦ୍ଦିକ ପଟେଲ କଂଗ୍ରେସ୍ ପାର୍ଟିକୁ ସମର୍ଥନ ଦେବାକଥା ଯେତେବେଳେ ଉଠିଥିଲା ସେତେବେଳେ ସେ ଲୁଚାଚୋରା ଯାଇ ରାହୁଲ ଗାନ୍ଧୀଙ୍କୁ ହୋଟେଲରେ ଦେଖା କରିଥିବା ଏବଂ କଥା ହୋଇଥିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ପରେ ପରେ କେହି କେହି କହିଲେ ଯେ ଏହି ସାକ୍ଷାତକାର ପରେ ସେ ଦୁଇଟି ଆଟାଚରେ ଟଙ୍କା ଭର୍ତ୍ତିକରି ନେଇ ଯାଇଥିବାର ଛବି ଦେଖିବାକୁ ମିଳିଥିଲା । ତାଙ୍କର ନିଷ୍ପତ୍ତିକୁ ଅନେକ ପଟିଦାର ନେତା ସ୍ୱୀକୃତି

To read the complete magazine, Download it for FREE from www.aahwaan.com

ଦେଇନଥିଲେ । ତଥାପି ସେ ନିଜ ସ୍ଥିତି ସମସ୍ତଙ୍କୁ ଜଣାଇବାକୁ ଆଗଭର ହେଉଥିବା ବେଳେ ତାଙ୍କର ଏକ ଗୁପ୍ତ ସିଡ଼ି ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଏଥିରେ ସେ ଜଣେ ମହିଳାଙ୍କ ସହ କୌଣସି ଏକ ହୋଟେଲରେ ସଂଭୋଗ କରୁଥିବାର ଦୃଶ୍ୟଥିଲା । ଏହାକୁ ନେଇ ଅନେକ ରାଜନୈତିକ ସମୀକରଣ କରାଯାଇଥିଲା । ତାଙ୍କୁ ବଦନାମ କରାଯାଇ ନିର୍ବାଚନରେ ଫାଇଦା ପାଇବା ପାଇଁ ବିଜେପି ଏ ସବୁ ମିଛ ସିଡ଼ି ପ୍ରସ୍ତୁତ କରୁଛି ବୋଲି ସେ ଦାବୀ କରିଥିଲେ ସୁଦ୍ଧା ଏହା ବିରୋଧରେ ସେ କୌଣସି ମାନହାନୀ ମକଦ୍ଦମା କରିନଥିଲେ । ପରେ ପରେ କୁହାଗଲା ଯେ ସେ ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ତେଣୁ ସେ ଯାହା ଇଚ୍ଛା କରିପାରିବେ । ଏହାକୁ ନେଇ ବ୍ୟକ୍ତିଗତ ଆକ୍ଷେପ କରିବା ଅନୁଚିତ । ଏହି ସମସ୍ତ ପ୍ରକରଣ ବେଳେ କଂଗ୍ରେସ ଦଳ ହାର୍ଦ୍ଦିକଙ୍କୁ ସମର୍ଥନ ଦେଉଥିବା ବେଳେ ଆଜି ଅପରାହ୍ନରେ ପୁଣି ଏକ ସିଡ଼ି ଗଣମାଧ୍ୟମରେ ପ୍ରସାରିତ ହୋଇଛି, ଯେଉଁଥିରେ ହାର୍ଦ୍ଦିକ ପଟେଲ ସମେତ ଆହୁରି ଦୁଇଜଣ ବ୍ୟକ୍ତି ଜଣେ ମହିଳାଙ୍କ ସହ ରାତ୍ରୀ ଯାପନ କରୁଥିବା ଦେଖାଯାଉଛି । ଏବେ ସେ ଏହାକୁ ନେଇ କେଉଁ ପ୍ରକାରର ମନ୍ତବ୍ୟ ଦେବେ ତାହା ଦେଖିବାକୁ ରହିଲା ।

### ପପ୍ପୁ ଏକ ଅଶ୍ଲୀଳ ଶବ୍ଦ ?

ଗୁଜୁରାତ ନିର୍ବାଚନରେ ବିଜେପି ଦ୍ୱାରା ପ୍ରକାଶିତ ଏକ

To read the complete magazine, Download it for FREE from www.aahwaan.com

ବିଜ୍ଞାପନରେ ପପୁ ଶବ୍ଦର ବ୍ୟବହାରକୁ କଂଗ୍ରେସ ପାର୍ଟି ଦ୍ୱାରା ଆପତ୍ତି ଦର୍ଶାଇବା ପରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶରେ ଏହାକୁ ବନ୍ଦ କରି ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ବିଜେପିର ଅନେକ ନେତା ସମେତ ସାମାଜିକ ଗଣମାଧ୍ୟମରେ ରାହୁଲ ଗାନ୍ଧିଙ୍କୁ ପପୁ ବୋଲି ସମ୍ବୋଧନ କରାଯାଉଛି । ଏହା ତାଙ୍କୁ କେତେ ମାନସିକ ଆଘାତ ଦେଉଥିବ ତାହା କେବଳ ସେ ହିଁ ଜାଣନ୍ତି । କିନ୍ତୁ ପପୁ ଶବ୍ଦର ବ୍ୟବହାର ଉପରେ ଆପତ୍ତି କରି କଂଗ୍ରେସ ପାର୍ଟି ନିଶ୍ଚିତ ଭାବରେ ରାହୁଲ ଗାନ୍ଧୀ ହିଁ ପପୁ ବୋଲି ପ୍ରମାଣ କରିଦେଇଛନ୍ତି । ଏହାକୁ ନେଇ ଫେସବୁକ ଏବଂ ଟ୍ୱିଟରରେ ଅନେକ ବ୍ୟକ୍ତି ଅନେକ ବ୍ୟଙ୍ଗ କରୁଛନ୍ତି ।

ଆଶ୍ଚର୍ଯ୍ୟର କଥା କିଛି ଦିନତଳେ ରାହୁଲ ଗାନ୍ଧୀ ବ୍ୟକ୍ତିଗତ ଓ ମତଗତ ସ୍ୱାଧୀନତାକୁ ସମର୍ଥନ ଦେଇ ଭାଷଣ ଦେଉଥିଲା ବେଳେ ଏବେ ନିର୍ବାଚନରେ ବ୍ୟବହାର ହେଉଥିବା ପପୁକୁ ନେଇ ଏତେ ଅସହିଷ୍ଣୁ କାହିଁକି ?

## ଭାରତରେ ଫିଦାୟିନ୍ ଆକ୍ରମଣ କରିବ ଆଇଏସ୍ ?

ଆନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସ୍ ଦ୍ୱାରା ଅନୁପ୍ରାଣୀତ ହୋଇ କିଛି ଯୁବକ ଏକ ଅଡ଼ିଓ ଟେପ୍ ଜାରିକରିଛନ୍ତି । ଦଶମିନିଟର ଏହି ଟେପରେ ଭାରତରେ ଆତ୍ମଘାତୀ ଆକ୍ରମଣ

To read the complete magazine, Download it for FREE from www.aahwaan.com

ଆୟୋଜନ କରିବାପାଇଁ ଭାଷଣ ଦିଆଯାଇଥିବା ଶୁଣାଯାଇଛି । ମାଲୟାଲମ୍ ଭାଷାରେ ପ୍ରସାରିତ ଏହି ଟେପ୍ ଆଫଗାନିସ୍ଥାନରୁ ଆସିଥିବା କଥା କୁହାଯାଉଛି । ମୋବାଇଲ୍ ଆପ୍ ଟେଲିଗ୍ରାମ ଦ୍ୱାରା ଏହି ବାର୍ତ୍ତା ପ୍ରସାରିତ ହେଉଛି ।

ବିଗତ ମାସ ମାନଙ୍କରେ ଆମେରିକାର ଲାସ୍ ଭେଗାସ୍ ସହରରେ ହୋଇଥିବା ଆକ୍ରମଣ ଭଳି ଭାରତରେ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହି ଆକ୍ରମଣ କରିବାପାଇଁ ଆଇଏସ୍ ନିଜର ଜେହାଦୀ ସଦସ୍ୟ ମାନଙ୍କୁ ଉସୁକାଉଥିବା ଜଣାଯାଉଛି । କୁମ୍ଭମେଳା ଏବଂ ଥ୍ରୀସୁର୍ ପୁରମଠାରେ ଆତ୍ମଘାତୀ ଆକ୍ରମଣ କରିବାପାଇଁ କୁହାଯାଉଛି । ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଗାଡ଼ି ମାଡ଼ି ଲୋକଙ୍କୁ ମାରିବା, କିମ୍ବା ଗଳା କାଟି କାରିବା ଭଳି ଶିକ୍ଷା ଦିଆଯାଏ ।

ବିଗତ କେଇ ବର୍ଷରେ ଭାରତର କେରଳ ରାଜ୍ୟରୁ ଅନେକ ବ୍ୟକ୍ତି ଆଇଏସ୍ ରେ ଯୋଗ ଦେଇଥିବ୍ କଥା ଶୁଣିବାକୁ ମିଳିଛି । ଅନ୍ୟୁନ ଶହେ ଜଣରୁ ଅଧିକ ବ୍ୟକ୍ତି ଆଇଏସ୍‌ରେ ଯୋଗ ଦେଇଥିବା କଥା କୁହାଯାଉଛି ।

## ରସଗୋଲାକୁ ନେଇ ପୁଣିଥରେ ବିବାଦ ଘନେଇଛି

ପୁଣିଥରେ ରସଗୋଲା ବିବାଦର ସୃଷ୍ଟି ହୋଇଛି । ବିଗତ ସପ୍ତାହରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ଏକ ଟ୍ୱିଟରେ ଜଣାଇ

To read the complete magazine, Download it for FREE from www.aahwaan.com

ଦିଆଯାଇଥିଲା ଯେ ରୋସୋଗୋଲା ପାଇଁ ସେମାନଙ୍କୁ ଜିଆଇ (ଜିଓଗ୍ରାଫିକାଲ୍ ଇଣ୍ଡେକ୍ସ) ଟ୍ୟାଗ୍ ମିଳିଛି । ଏହା ପରେ ପରେ ଓଡ଼ିଆ ସୋସିଆଲ୍ ନେଟୱର୍କରେ ତ୍ୱରାନ୍ୱିତ ଗତିରେ ଏହି ଖବର ପ୍ରସାର ହେବାରେ ଲାଗିଲା । ଏହାକୁ ନେଇ ଅନେକ ପ୍ରକାରର ମନ୍ତବ୍ୟ ସୋସିଆଲ୍ ମେଡ଼ିଆରେ ଆସିବାରେ ଲାଗିଲା । ସର୍ବୋପରି ଓଡ଼ିଶା ସରକାରଙ୍କ ଉଦାସୀନ ମନୋଭାବକୁ ସମସ୍ତେ ଏକ ସ୍ୱରରେ ନିନ୍ଦା କରିଥିଲେ । କିନ୍ତୁ ପରେ କେହି ଜଣେ ସମ୍ବାଦ ଦେଲେ ଯେ ପଶ୍ଚିମ ବଙ୍ଗକୁ ମିଳିଥିବା ସ୍ୱୀକୃତି କେବଳ ବଙ୍ଗାଳୀ ରୋସୋଗୋଲା ପାଇଁ ହିଁ ଉଦ୍ଦିଷ୍ଟ ଏବଂ ପ୍ରକୃତ ରସଗୋଲା କେବଳ ଓଡ଼ିଆ ମାନଙ୍କର ଏବଂ ଏହାକୁ କେହି ଆମଠାରୁ ନେଇ ପାରିବେ ନାହିଁ ।

ଯାହା ବି ହେଉ ରସଗୋଲାର ମୂଳଉତ୍ପତ୍ତି ସ୍ଥଳ ଓଡ଼ିଶାରେ ହୋଇଥିବା ବେଳେ ଏହାର ଜିଆଇ ଟ୍ୟାଗ୍ ପଶ୍ଚିମବଙ୍ଗକୁ ଦିଆଯିବା ଉଚିତ ହୋଇନାହିଁ, ଏହା ଆମ ମତ । ଯଦି ଏହିପରି ମତ ଚାଲୁରହେ ତା ହେଲେ କାଲି ସେମାନେ ବଙ୍ଗାଳୀ ଓଡ଼ିଶୀ କହି ଆମ ନାଚକୁ ନିଜର ବୋଲି କୁହାଇବେ ନାହିଁ କାହିଁକି ? ହେଲେ ଏହି ସବୁ ବିଷୟରେ ଆମେ ଚିନ୍ତା କରିଲେ କିଛି ବନ୍ଧୁ କହିବେ, ଚିନ୍ତା କରିବାପାଇଁ ବହୁତ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲାବେଳେ ବେକାରରେ ରସଗୋଲା ଚିନ୍ତା କାହିଁକି ? ବର୍ତ୍ତମାନ ଆପଣମାନେ ହିଁ ଚିନ୍ତା କରନ୍ତୁ, ବଡ଼ ବଡ଼ ସମସ୍ୟା

To read the complete magazine, Download it for FREE from www.aahwaan.com

ରହିଛି କହି ଆମର ମୌଳିକ ଜିନିଷ ମାନଙ୍କୁ ନିଜଠାରୁ ହରେଇବା ଉଚିତ ହେବକି ?

ଚଳିତ ମାସର ଆହ୍ୱାନ ଇ-ପତ୍ରିକା ପ୍ରକାଶନରେ ହୋଇଥିବା ଅହେତୁକ ବିଳମ୍ବ ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ । କାର୍ଯ୍ୟବ୍ୟସ୍ତତା ଏବଂ କର୍ମକ୍ଷେତ୍ରରେ କାର୍ଯ୍ୟବହୁଳତା ହେତୁ ସମୟର ଘୋର ଅଭାବ ଏହି ବିଳମ୍ବ ପାଇଁ ଦାୟୀ । ସେ ଯା'ହେଉ ବିଳମ୍ବରେ ହେଉ ସୁଦ୍ଧା ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣମାନଙ୍କୁ ଅର୍ପଣ କରୁଥିବା ବେଳେ ଏହା ପୂର୍ବ ସମସ୍ତ ସଂସ୍କରଣ ପରି ଆପଣମାନଙ୍କୁ ଆମୋଦିତ କରିବ ବୋଲି ଆଶା କରୁଛି । ଯଦି ଆପଣ ଏହି ଇ-ପତ୍ରିକା ପଢ଼ିବାକୁ ଭଲ ପାଉଛନ୍ତି ତେବେ ନିଜର ବନ୍ଧୁ ପରିଜନଙ୍କୁ ଏହା ଉପହାର ଦେଇ ପାରିବେ । ସେମାନଙ୍କୁ ଇମେଲ୍ ଦ୍ୱାରା କିମ୍ବା ସୋସିଆଲ୍ ନେଟୱର୍କିଂରେ ପୋଷ୍ଟ କରି ଜଣାଇପାରିବେ । ଆସନ୍ତୁ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ କାମ କରିବା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

# ଆନନ୍ଦ ମଠ



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡିଆ ଭାଷାନ୍ତରଣ : ଦୀପକ ଷଡଙ୍ଗୀ

ଭାଗ - ୫

କ୍ୟାପଟେନ୍ ଟମାସ୍ ନିଜ ବୁଦ୍ଧି ବଳରେ କିଛି ମୋଗଲ ଓ ଇଂରେଜ ସୈନ୍ୟମାନଙ୍କୁ ନେଇ ଏକ ସୈନ୍ୟ ଛାଉଣି ଗଠନ କଲେ । ସେମାନେ କିଛି ମାତ୍ରାରେ ସନ୍ନ୍ୟାସୀ ମାନଙ୍କୁ ପ୍ରତିରୋଧ କରିପାରିଲେ,ମାତ୍ର ସନ୍ତାନ ମାନଙ୍କର ସଂଖ୍ୟା ଏତେ ଥିଲା ଯେ କ୍ୟାପଟେନ୍ ଟମାସ ର ସୂତ୍ର ମଧ୍ୟ କାମ କଲା ନାହିଁ । ତାଙ୍କୁ ସନ୍ତାନ ମାନେ ଆକ୍ରମଣ କରିବା ଦ୍ୱାରା ସେ ଲୁଚି କି ଯାଇ ଶିବ ଗ୍ରାମରେ ଥିବା ଇଂରେଜ ମାନଙ୍କର ଏକ କୋଠିରେ ଆଶ୍ରୟ ନେଲେ । ସେତେବେଳେ ସେ କୋଠିର ଅଧ୍ୟକ୍ଷ ଥିଲେ ଡନୀଓର୍ଥ ସାହେବ । ଇଂରେଜ ମାନଙ୍କର ବାଣିଜ୍ୟ କାରବାରର ସବୁ ହିସାବକିତାବ ସେହି କୋଠିରେ ହେଉଥିଲା । ପ୍ରତି ମାସରେ ଥରେ କିମ୍ବା ଦୁଇଥର ଲେଖା ଇଂରେଜ ସାହେବ ମାନଙ୍କର ସଭା ସେଠାରେ ବସୁଥିଲା ଏବଂ ସେମାନଙ୍କର ସାମ୍ରାଜ୍ୟକୁ କିପରି ଆହୁରି ବିସ୍ତାରିତ କରାଯାଇ ପାରିବ, ସେ ବିଷୟରେ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ସବିଶେଷ ଆଲୋଚନା ହେଉଥିଲା। ସେଥିପାଇଁ କୋଠିର ସୁରକ୍ଷା ବ୍ୟବସ୍ଥା ବହୁତ କଡାକଡି ଥିଲା। ତେଣୁ କ୍ୟାପଟେନ୍ ଟମାସ୍ ସେହି କୋଠିକୁ ସବୁଠାରୁ ସୁରକ୍ଷିତ ସ୍ଥାନ ଭାବି କି ଆସି ଆଶ୍ରୟ ନେଇଥିଲେ ।

କ୍ୟାପଟେନ୍ ଟମାସ୍ ଙ୍କର ଆଉ ଏକ ସଉକ ଥିଲା ଶିକାର କରିବା। ଦିନେ କ୍ୟାପଟେନ୍ ଟମାସ୍, ଓନୀଓର୍ଥ ସାହେବ ଓ ସେମାନଙ୍କର କିଛି ସୈନ୍ୟମାନଙ୍କୁ ଧରି ପାଖରେ ଥିବା ଜଙ୍ଗଲକୁ ଶିକାର କରିବାକୁ ଗଲେ କିଛି ବାଟ ଯିବା ପରେ ଓନୀଓର୍ଥ ସାହେବ ବେଶୀ ଭିତରକୁ ଯିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ। କାରଣ ଘଞ୍ଚ ଜଙ୍ଗଲ ଭିତରେ ଥରେ ପଶିଗଲେ ସେଥିରୁ ବାହାରିବା ପାଇଁ ରାସ୍ତା ମିଳବା କଷ୍ଟକର ହୋଇ ପଡ଼ିବ। ସେଥିପାଇଁ ସେ ମଧ୍ୟ କ୍ୟାପଟେନ୍ ଟମାସ୍ କୁ ବେଶି ଭିତରକୁ ଯିବା ପାଇଁ ବାରଣ କଲେ। କିନ୍ତୁ ସେ କାହାରି କଥା ନ ଶୁଣି କାନ୍ଧରେ ନିଜ ବନ୍ଧୁକ ପକାଇ ଏକାକୀ ଘଞ୍ଚ ଜଙ୍ଗଲ ଭିତରକୁ ପ୍ରବେଶ କଲେ। କିଛି ବାଟ ଆସିବା ପରେ ଦେଖିଲେ ଜଣେ ସନ୍ନ୍ୟାସୀନୀ ଧ୍ୟାନ ମୁଦ୍ରାରେ ବସିଛନ୍ତି। ଯେମିତି କ୍ୟାପଟେନ୍ ଟମାସ୍ ତା ପାଖକୁ ଯାଇଛନ୍ତି କ୍ଷୀପ୍ର ଗତିରେ ସନ୍ନ୍ୟାସୀନୀ ଜଣକ ତାଙ୍କ ହାତରୁ ବନ୍ଧୁକଟି ଛଡାଇ ନେଲା। କ୍ୟାପଟେନ୍ ଟମାସ୍ ତାକୁ ପଚାରିବାରୁ ସନ୍ନ୍ୟାସୀନୀ ଜଣକ ନିଜକୁ ଶାନ୍ତି ଶର୍ମା ବୋଲି ପରିଚୟ ଦେଲେ। ସନ୍ନ୍ୟାସୀନୀଙ୍କର ରୂପଲାବଣ୍ୟରେ ମୁଗ୍ଧ ହୋଇ କ୍ୟାପଟେନ୍ ଟମାସ୍ ତାଙ୍କୁ ପ୍ରେମ ନିବେଦନ କରି କହିଲେ "ତୁମେ ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ହୋଇ ଏଇ ଜଙ୍ଗଲରେ ଏକାକିନୀ ହୋଇ କାହିଁକି ଘୁରି ବୁଲୁଚ ? ଆସ ମୋ ସହ କୋଠିକୁ ମୁଁ ତୁମକୁ ସେଠାରେ ରାଣୀ କରି ରଖିବି ।" ଶାନ୍ତି ରାଗରେ ତମତମ ହୋଇ କହି ଉଠିଲେ, "ସାବଧାନ ! ତୁ ଯଦି ମୋତେ ଛୁଇଁବାକୁ ଚେଷ୍ଟା କରିଛୁ ତେବେ ତୁ ଏ ଜଙ୍ଗଲରୁ ଆଉ ପ୍ରାଣ ନେଇ ଫେରିକି ଯାଇ ପାରିବୁ ନାହିଁ। କ୍ୟାପଟେନ୍ ଟମାସ୍ ଶାନ୍ତିକୁ ଧରିବାକୁ ଉଦ୍ୟତ ହୁଅନ୍ତେ ଶାନ୍ତି ତାକୁ ଏମିତି

To read the complete magazine, Download it for FREE from www.aahwaan.com

ଗୋଟେ ମୁଥ ମୁହଁକୁ ମାରିଲେ ଯେ ସେ ତା ଠାରୁ ଚାରିହାତ ଦୂରରେ ଛିଟିକି ଯାଇ ପଡ଼ିଲା। କ୍ୟାପଟେନ୍ ଟମାସ୍ ନିଜକୁ ଉଠାଇଲା ବେଳକୁ ଶାନ୍ତି ତା ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହୋଇ ଯାଇଥିଲା। କ୍ୟାପଟେନ୍ ଟମାସ୍ କିନ୍ତୁ ନଛାଡେ ବନ୍ଧା ସେ ତା ପଛେ ପଛେ ଖୋଜିବାକୁ ଯାଇ ଜଙ୍ଗଲର ବହୁତ ଭିତରକୁ ପଳେଇଲେ। ଜଙ୍ଗଲରେ ଚାଲୁଚାଲୁ ସେ ପାଇଲେ ଆନନ୍ଦ ମଠକୁ। ସେ ଗୋଟେ ବଡ ଗଛ ଉପରେ ଚଢିଗଲେ। ସେଇଠାରୁ ଲୁଚିକି ଦେଖିଲେ ଯେ ଆନନ୍ଦ ମଠ ଭିତରେ ଶହଶହ ସଂଖ୍ୟାରେ ସନ୍ତାନମାନେ ଅଛନ୍ତି। ସମସ୍ତେ ଅସ୍ତ୍ରଶସ୍ତ୍ର ଅଭ୍ୟାସ କରୁଥାଆନ୍ତି। ସେ ମଧ୍ୟରେ ଶାନ୍ତି ବି ଥାଏ। ସେ ଆଉ ବେଶି କିଛି ପାଟିତୁଣ୍ଡ ନ କରି ସେ ଗଛ ଉପରେ ରାତିଟି କଟେଇ ଦେଲେ। ସକାଳ ହେବା ଆଗରୁ ସେ ଗଛରୁ ଓହ୍ଲେଇ କୋଠିକୁ ଫେରିଗଲେ। କୋଠିରେ ଏ ସବୁ ଖବର ସେ ସବୁ ଇଂରେଜ ସାହେବମାନଙ୍କୁ ଜଣେଇ ଦେଲେ ଏବଂ ସମସ୍ତଙ୍କୁ ଆନନ୍ଦ ମଠ ଉପରେ ଅତର୍କିତ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲେ।

ସେପଟେ ଭବାନନ୍ଦ ସ୍ୱାମୀ ନଗର ମଧ୍ୟରେ ବୁଲୁବୁଲୁ ହଠାତ୍ ଏକ ଉଚ୍ଚ ଅଟ୍ଟାଳିକା ମଧ୍ୟରେ ପ୍ରବେଶ କଲେ। ତା'ପରେ ଘର ଭିତରୁ ଜଣେ ମଧ୍ୟ ବୟସ୍କା ମହିଳା ବାହାରି ଆସି ତାଙ୍କୁ ପଚାରିଲା "ସ୍ୱାମୀ ! ଆପଣ ଏ ଅସମୟରେ ?" ଭବାନନ୍ଦ କହିଲେ ଗୌରି ! ସେ ମହିଳା ଜଣକ ଠିକଠାକ୍ ଅଛି ତ ?" ଗୌରି କହିଲା, "ହଁ ଆଜ୍ଞା ! ସେ ଉପରେ ଅଛି ଆପଣ ଯାଆନ୍ତୁ ତାକୁ ଦେଖା କରିବେ ।" ଭବାନନ୍ଦ ସିଢି ଉପରେ ଚଢି ଉପର ମହଲାକୁ ଗଲେ; ଦେଖିଲେ ମହିଳା ଜଣକ ନତମସ୍ତକ ହୋଇ କିଛି ଲେଖିବାରେ ବ୍ୟସ୍ତ ଅଛନ୍ତି। ଭବାନନ୍ଦ ପଛରୁ ଡାକିଲେ "କଲ୍ୟାଣୀ !" ଡାକ ଶୁଣିବା ମାତ୍ରେ କଲ୍ୟାଣୀ ଉଠି ଛିଡା ହୋଇ ରାଗରେ ଭବାନନ୍ଦଙ୍କ ଆଡକୁ ଚାହିଁଲେ, "ଆପଣ କାହିଁକି ମୋତେ ବଞ୍ଚାଉଥିଲେ ? ମୁଁ ତ ମରିବାକୁ ଚାହୁଁଥିଲି ।" ଭବାନନ୍ଦ ଅଳ୍ପ ହସି ଉତ୍ତର ଦେଲେ, "ମୋର ଠିକ୍ ମନେ ଅଛି ଯେତେବେଳେ

To read the complete magazine, Download it for FREE from www.aahwaan.com

ଜୀବାନନ୍ଦ ଆପଣଙ୍କୁ ମୃତ ବୋଲି ଭାବି ଶବଶଯ୍ୟାରେ ନିଆଁ ଲଗେଇଦେଇ ଆପଣଙ୍କ ଝିଅକୁ ଧରି ଚାଲିଗଲେ, ସେତେବେଳେ ମୁଁ କିଛି ଦୂରରୁ ଥାଇ ଲୁଚି କି ସବୁ ଦେଖୁଥାଏ। ସେ ଯିବା ପରେ ଖୁବ୍ ଜୋରରେ ବର୍ଷା ହେଲା; ଆଉ ସେଇ ବର୍ଷା ପାଣି ପଡି ଜୁଇ ନିଆଁଟା ଲିଭିଗଲା ଆଉ ପାଣି ପଡିବାରୁ ଆପଣ ଆଖି ଖୋଲି ସାହାଯ୍ୟ ଭିକ୍ଷା କରୁଥାଆନ୍ତି। ସେତେବେଳେ ଜଣେ ସନ୍ତାନ ହିସାବରେ ମୋର କର୍ତ୍ତବ୍ୟ ଥିଲା ଅପଣଙ୍କ ପ୍ରାଣରକ୍ଷା କରିବା ଆଉ ତାହା ମୁଁ କରିଛି ।" କଲ୍ୟାଣୀ କହିଲେ, "କିନ୍ତୁ ପ୍ରାଣରକ୍ଷାର ମାନେ ନୁହେଁ ଯେ ଆପଣ ମୋତେ ଆଣି ଏଠି ମୋ ସ୍ୱାମୀ ଓ ଝିଅ ଠାରୁ ଅଲଗା କରି ବନ୍ଦୀ ଭାବରେ ରଖିବେ ।" ଭବାନନ୍ଦ ଉତ୍ତର ଦେଲେ, "ତୁମ ସ୍ୱାମୀ ଏବେ ସନ୍ତାନ ହେଇ ପଦଚିହ୍ନ ଗ୍ରାମରେ ଗୋଳାବାରୁଦ ତିଆରି କରାଉଛି ଓ ଝିଅ ଜୀବାନନ୍ଦର ଭଉଣୀ ପାଖରେ ଅଛି; ଆଉ ଏବେ ମୁଁ ଯେହେତୁ ତୁମର ପ୍ରାଣରକ୍ଷା କରିଛି ସେଥିପାଇଁ ମୋର ପୂର୍ଣ୍ଣ ଅଧିକାର ତୁମ ଉପରେ ଅଛି, ତୁମ ସ୍ୱାମୀ ତ ସନ୍ତାନ ହେଇଗଲାଣି ଆଉ ସେ ଜାଣିଛି ବି ତୁମେ ଆଉ ଏ ଦୁନିଆରେ ନାହଁ ବୋଲି ସେଥିପାଇଁ ମୁଁ କହୁଛି ତୁମେ ମୋତେ ବିବାହ କର। ମୁଁ ତୁମ ଅପରୂପ ଯୌବନ ଓ ରୂପରେ ପାଗଳ ହୋଇ ଯାଇଛି ।" କଲ୍ୟାଣୀ କ୍ରୋଧଭରା ନୟନରେ ଭବାନନ୍ଦଙ୍କ ଆଡକୁ ଚାହିଁ କହିଲେ, "ତୁମେ ଜାଣିଛ ଯେ ମୁଁ ଜଣେ ବିବାହିତା ନାରୀ, ମୋର ଗୋଟେ ଝିଅ ମଧ୍ୟ ଅଛି, ଜଣେ ସନ୍ୟାସୀ ହୋଇ ଏପରି କଥା କହିବାକୁ ତୁମକୁ ଟିକେ ସଙ୍କୋଚ ଲାଗୁନି। ତୁମେ ସନ୍ନ୍ୟାସୀମାନଙ୍କ ପାଇଁ ଗୋଟେ କଳଙ୍କ, ପାପାଚାରୀ ଓ ଦୁଷ୍ଟ ବ୍ୟକ୍ତି ।" ଏହା କହି ସେ ଭବାନନ୍ଦଙ୍କ ଗାଲରେ ଏକ ଶକ୍ତ ଚାପୁଡା ମାରିଲା । ଏସବୁ ଘଟିବା ପରେ ଭବାନନ୍ଦ ଆଉ ସେଠି ବେଶୀ ଯୁକ୍ତି ତର୍କ ନକରି ଭଗ୍ନ ହୃଦୟ ଧରି ସିଧା ବାହାରି ଆସିଲେ ସେ ଘରୁ। ଘରୁ ବାହାରି ଆସୁ ଆସୁ ତାଙ୍କର ଭେଟ ହୁଏ ଧୀରାନନ୍ଦ ସହ। ଧୀରାନନ୍ଦକୁ ଦେଖି ଭବାନନ୍ଦ ତାକୁ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, "ତୁମେ ଏଠି କିପରି ?" ଧୀରାନନ୍ଦ ଉତ୍ତର ଦିଏ,

To read the complete magazine, Download it for FREE from www.aahwaan.com

"ମୁଁ ଆପଣ ଓ କଲ୍ୟାଣୀ ବିଷୟରେ ସବୁ ଜାଣିଛି, କିନ୍ତୁ ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ଏ ବିଷୟରେ କାହାକୁ କହିବିନି ମଠରେ ।" ଭବାନନ୍ଦ ସଙ୍ଗେ ସଙ୍ଗେ ଖଣ୍ଡା ବାହାର କରି ତା ବେକରେ ଲଗେଇ ଦେଇ କହିଲେ, "ତୁ ଏପରି କାହିଁକି  କରୁଛୁ ?" ଧୀରାନନ୍ଦ କହିଲା, "ପ୍ରକୃତରେ ମୁଁ ମଧ୍ୟ ଏହି ସନ୍ତାନ ବ୍ରତକୁ ଛାଡି ଗୃହସ୍ଥ ହେବାକୁ ଚାହୁଁଛି । ମୋର ମଧ୍ୟ ଇଚ୍ଛା ଅଛି ଇନ୍ଦ୍ରିୟ ଅଛି, ଏବେ ତ ସତ୍ୟାନନ୍ଦ ସ୍ୱାମୀ ମଠରେ ନାହାଁନ୍ତି ଏଇଟା ହେଉଛି ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ । ଆପଣ ହେଉଛନ୍ତି ବର୍ତ୍ତମାନ ଆମ ସନ୍ତାନ ମାନଙ୍କର ମୁଖ୍ୟ ଆପଣ କହିଲେ ସବୁ ସନ୍ତାନମାନେ ମିଶି ଇଂରେଜ ସୈନ୍ୟମାନଙ୍କ ବିରୁଦ୍ଧରେ ଲଢି ଗୋଟେ ଛୋଟ ରାଜ୍ୟ ଜିତି ପାରିବା। ସେ ରାଜ୍ୟରେ ଆପଣ ହେବେ ରାଜା ଓ କଲ୍ୟାଣୀ ହେବ ଆପଣଙ୍କର ରାଣୀ। ଆମେମାନେ ସମସ୍ତେ ଆପଣଙ୍କର ଅନୁଗାମୀ ହୋଇ ନିଜ ସଂସାର ଧରି ସୁଖ ଶାନ୍ତିରେ ରହିବା। କାହିଁକି ଏ ସନ୍ତାନ ବ୍ରତ ଧାରଣ କରି ନିଜ ଜୀବନକୁ ନଷ୍ଟ କରି ଦେବା ?

ଧୀରାନନ୍ଦ ଠାରୁ ଏପରି କଥା ଶୁଣି ଭାବାନନ୍ଦଙ୍କ କାନକୁ ଜମା ବିଶ୍ୱାସ ହେଲା ନାହିଁ ଯେ ସନ୍ତାନମାନଙ୍କ ମଧ୍ୟରେ ଏମିତି ବି ଜଣେ ବିଶ୍ୱାସଘାତକ ଥାଇପାରେ ବୋଲି। ଏମିତି ଗୋଟେ ବିଶ୍ୱାସଘାତକକୁ ଛାଡି ଦେବା ଅର୍ଥ ଆନ୍ଦୋଳନକୁ ଭଣ୍ଡୁର କରିବା ସହ ସମାନ ତେଣୁ ସଙ୍ଗେ ସଙ୍ଗେ ନିଜ ଖୋଳରୁ ଖଣ୍ଡା ବାହାର କରି ଧୀରାନନ୍ଦ ତଣ୍ଟିରେ ନେଇ ରଖି ଦେଲେ, କିନ୍ତୁ ବିଚକ୍ଷଣ ଧୀରାନନ୍ଦ; ଭବାନନ୍ଦଙ୍କୁ ଗୋଟେ ଜୋରରେ ଧକା ମାରି ଦଉଡି କି ସେଠୁ ପଳାଇଲା।

ସେପଟେ କଲ୍ୟାଣୀ ଠାରୁ ତିରସ୍କାର ଆଉ ଏପଟେ ଧୀରାନନ୍ଦର ବିଶ୍ୱାସଘାତକତା ଦୁଇଟାଯାକ ଜିନିଷକୁ ଭବାନନ୍ଦ ଏକା ସଙ୍ଗେ ଜମା ଗ୍ରହଣ କରି ପାରୁନଥିଲେ । ଆନନ୍ଦ

To read the complete magazine, Download it for FREE from www.aahwaan.com

ମଠକୁ ଯାଉଥିବା ବେଳେ ସେ ଭାବୁଥିଲେ, "ମୁଁ ଜଣେ ସନ୍ନ୍ୟାସୀ ହୋଇ କିପରି ଏପରି ଅଧର୍ମ କାମ କରି ବାକୁ ଉଦ୍ୟତ ହେଉଥିଲି ? ମୋ ଭିତରେ କାହିଁକି ଏପରି ଇନ୍ଦ୍ରିୟ ବାସନା ଜାଗୃତ ହେଲା ?" ଏମିତି ଭାବୁ ଭାବୁ ସେ ଯାଇ ମଠରେ ପହଞ୍ଚି ଯାଇ ନିଜ ପ୍ରକୋଷ୍ଠରେ ନିଦ୍ରା ଯାଆନ୍ତେ ତାଙ୍କୁ ଲାଗିଲା ସତେ ଯେମିତି ତାଙ୍କ ଅନ୍ତର ଆତ୍ମାରୁ କିଏ ଜଣେ କହୁଛି "ବତ୍ସ ! ତୁମେ ବ୍ୟସ୍ତ ହୁଅ ନାହିଁ। ତୁମେ ବିପଥଗାମୀ ହୋଇନାହଁ। ମୁଁ ତୁମ ସହ ଅଛି। ଆଖି ଖୋଲିଗଲା ତାଙ୍କର ନିଦ୍ରାରୁ ଏବଂ ପୁଣି ପ୍ରଭୁଙ୍କୁ ନମସ୍କାର କରି ନିଦ୍ରା ଗଲେ ସେ।

ତା'ପର ଦିନ ସକାଳୁ ମହର୍ଷି ସତ୍ୟାନନ୍ଦ ଆସି ମଠରେ ପହଞ୍ଚି ଗଲେ। ସେ ଶାନ୍ତିକୁ ନିଜ ପାଖକୁ ଡାକି କହିଲେ, "ମୁଁ ଜାଣିଛି ଶାନ୍ତି ! ଜୀବାନନ୍ଦ ଯେହେତୁ ତୁମ ସହିତ ମିଳାମିଶା କରିଛି ସନ୍ତାନ ଧର୍ମର ନିୟମ ଅନୁସାରେ ସେ ନିଶ୍ଚୟ ପ୍ରାଣତ୍ୟାଗ କରିବ, କିନ୍ତୁ ତୁମର କାମ ହେଲା ତୁମେ ଜୀବାନନ୍ଦକୁ ବୁଝାଇ ଏହି କାମରୁ ବିରତ କରାଇବ; ମୁଁ ଏହି କଥା ଏଇଥି ପାଇଁ କହୁଛି ଯେ ଏ ବ୍ରତକୁ ଯିଏ ଗ୍ରହଣ କରିଛି ସେ ଦିନେ ନା ଦିନେ ନିଶ୍ଚିତ ମୃତ୍ୟୁ ମୁଖରେ ପଡିବ, କିନ୍ତୁ ମୃତ୍ୟୁ ପୂର୍ବରୁ ଆମ କାର୍ଯ୍ୟ ସିଦ୍ଧ ହେବା ଦରକାର। କାର୍ଯ୍ୟ ସିଦ୍ଧ ନ ହୋଇ ଯଦି ଆମେ ପ୍ରାଣ ଉତ୍ସର୍ଗ କରିବା ସେ ବଳିଦାନର କିଛି ମହତ୍ତ୍ୱ ରହିବ ନାହିଁ। ସେଥିପାଇଁ ମୁଁ ତୁମକୁ ଏ ଗୁରୁ ଦାୟିତ୍ୱ ଦେଉଛି ଯେ ତୁମେ ସନ୍ତାନମାନଙ୍କର ମାତା ସାଜି କାର୍ଯ୍ୟ ସିଦ୍ଧ କରାଅ। ଏହା ମୋର ତୁମ ପାଇଁ ଆଦେଶ ।" ଏହି କଥା କହି ମହର୍ଷି ସତ୍ୟାନନ୍ଦ ସେଠାରୁ ବିଦାୟ ନେଲେ।

ଧୀରେ ଧୀରେ ସନ୍ତାନମାନଙ୍କ ମଧ୍ୟରେ ଏହି କଥା ପ୍ରଚାରିତ ହେଇଗଲା ଯେ ମହର୍ଷି ସତ୍ୟାନନ୍ଦ ତପସ୍ୟା କରି ସିଦ୍ଧ ହୋଇ ଫେରିଛନ୍ତି। ଏବେ ସେ ହିଁ ଆମ ସମସ୍ତଙ୍କୁ ଏ ମୋଗଲ ଓ ଇଂରେଜମାନଙ୍କ ଠାରୁ ଆମକୁ ମୁକ୍ତ କରାଇବେ। ମହର୍ଷି ସତ୍ୟାନନ୍ଦ ସମସ୍ତ

To read the complete magazine, Download it for FREE from www.aahwaan.com

ସନ୍ତାନମାନଙ୍କୁ ମଠର ପ୍ରାଙ୍ଗଣରେ ଏକଜୁଟ ହେବାକୁ ଆଦେଶ ଦେଲେ। ଶହଶହ ସଂଖ୍ୟାରେ ସନ୍ତାନମାନେ ଆସି ସେଠାରେ ଜମା ହୋଇଗଲେ। ମହର୍ଷି ସତ୍ୟାନନ୍ଦ ମଠର ଉପରି ଭାଗକୁ ଚାଲି ଯାଇ ଉଚ୍ଚ ସ୍ୱରରେ ପ୍ରଥମେ କହିଲେ "ବନ୍ଦେ ମାତରମ୍ ।" ସମସ୍ତ ସନ୍ତାନମାନଙ୍କର ବନ୍ଦେ ମାତରମ୍ ଧ୍ୱନିରେ ଆନନ୍ଦ ମଠ ସହ ପୁରା ଜଙ୍ଗଲ ପ୍ରକମ୍ପିତ ହୋଇ ଉଠିଲା। ତା'ପରେ ମହର୍ଷି ସତ୍ୟାନନ୍ଦ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ କହିଲେ "ମୋର ପ୍ରିୟ ସନ୍ତାନଗଣ ଆଜି ମୁଁ ତୁମ ମାନଙ୍କୁ ଗୋଟିଏ ବିଶେଷ କଥା କହିବି । କ୍ୟାପଟେନ୍ ଟମାସ୍ ବୋଲି ଗୋଟେ ଦୁରାଚାରୀ ଇଂରେଜ ସେନାପତି ଆମର ବହୁତ ସନ୍ତାନ ମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରୁଛି । ଆଉ ଆଜି ସେ ସମୟ ଉପନୀତ ହୋଇଛି ଯେ ଆମେ ସମସ୍ତେ ତା'ର କ୍ରୂରତାର ପ୍ରତିଶୋଧ ନେବା ତୁମେମାନେ କଣ ଚାହଁ ?" ସମସ୍ତେ ଏକ ସ୍ୱରରେ କହିଉଠିଲେ "ପ୍ରତିଶୋଧ" । ପୁଣି ମହର୍ଷି ସତ୍ୟାନନ୍ଦ କହି ଉଠିଲେ "କିନ୍ତୁ ସେଥିପାଇଁ ଆମକୁ କିଛି ସମୟ ଅପେକ୍ଷା କରିବାକୁ ପଡିବ। କାରଣ ଇଂରେଜମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଅଛନ୍ତି। ଆଉ ଆମକୁ ସେମାନଙ୍କୁ ସାମ୍ନା କରିବାକୁ ହେଲେ ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡିବ। ସେଥିପାଇଁ ମୁଁ ପଦଚିହ୍ନ ଗ୍ରାମରୁ ୨୦/୨୫ ତୋପ, ବନ୍ଧୁକ, ଗୁଳିଗୋଳା ଇତ୍ୟାଦି ମଗାଇଛି । ସେସବୁ ଆସିବା ପରେ ଆମେ ସମସ୍ତେ ସଂଘବଦ୍ଧ ଭାବେ କ୍ୟାପଟେନ୍ ଟମାସ୍‌ର ସେନା ଉପରକୁ ଆକ୍ରମଣ କରିବା। କିନ୍ତୁ ମହର୍ଷି ସତ୍ୟାନନ୍ଦଙ୍କ କଥା ସରିଛି କି ନାହିଁ ହଠାତ୍ ମଠର ବାହାରେ ତୋପ ଏବଂ ବନ୍ଧୁକରୁ ଗୁଳିଗୋଳା ବର୍ଷଣ ହେବାର ପ୍ରଚଣ୍ଡ ଶବ୍ଦ ଶୁଣାଗଲା।

ଆଉ ତା'ପରେ .....

To read the complete magazine, Download it for FREE from www.aahwaan.com

କଲ୍ୟାଣୀ କ'ଣ ଭବାନନ୍ଦଙ୍କ କବଳରୁ ମୁକୁଳି ମହେନ୍ଦ୍ର ଓ ତାଙ୍କ କନ୍ୟାକୁ ଦେଖାକରି ପାରିବେ ?

ଶାନ୍ତିର ବୀରତ୍ୱ କ'ଣ ସତରେ ସନ୍ତାନମାନଙ୍କ କାମରେ ଆସିବ ?

ଭବାନନ୍ଦ ଓ ଜୀବାନନ୍ଦ ଉଭୟ କ'ଣ ସତରେ ସନାତନ ଧର୍ମକୁ ରକ୍ଷା କରିବାକୁ ଯାଇ ନିଜ ପ୍ରାଣବଳି ଦେବେ ?

କ୍ୟାପଟେନ୍ ଟମାସ୍ କ'ଣ ସନ୍ନ୍ୟାସୀ ଆନ୍ଦୋଳନକୁ ଦମନ କରିବାରେ ସକ୍ଷମ ହେବେ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଅପେକ୍ଷା କରନ୍ତୁ ଆନନ୍ଦ ମଠର ଅନ୍ତିମ ଭାଗକୁ ଯାହା ପ୍ରକାଶିତ ହେବ ଆହ୍ୱାନ ଇ – ପତ୍ରିକାର ଡିସେମ୍ବର ସଂସ୍କରଣରେ....

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

---




ଐତିହାସିକ କଟକ ବାଲିଯାତ୍ରା ମହୋତ୍ସବ ଅବସରରେ ଉତ୍କଳ ସମ୍ମିଳନୀର ମଧୁମଞ୍ଜ ଅଧ୍ୟାପିକା ରଞ୍ଜିତା ପାତ୍ରଙ୍କୁ "ଉତ୍କଳଶ୍ରୀ ପ୍ରତିଭା ସମ୍ମାନ"ରେ ସମ୍ମାନିତ କରିଛନ୍ତି । ସେ ଆହ୍ୱାନ ଇ-ପତ୍ରିକାରେ ନିୟମିତ ଭାବରେ ଓଡ଼ିଆ ଭାଷା ସମ୍ବନ୍ଧିତ ଉଚ୍ଚକୋଟିର ପ୍ରବନ୍ଧମାନ ପ୍ରକାଶିତ କରି ଆସୁଛନ୍ତି । ତାଙ୍କର ଏହି ସଫଳତାରେ ଆମେ ତାଙ୍କୁ ସମ୍ମାନ ଜଣାଉଛୁ ଏବଂ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ । ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ପାଇ ଧନ୍ୟ ମନେ କରୁଛି ।

To read the complete magazine, Download it for FREE from www.aahwaan.com

# ପଳାଶ ଫୁଲର ବାସ୍ନା



ଅରବିନ୍ଦ ଆଚାର୍ଯ୍ୟ

ପ୍ରାୟ ବାରଘଣ୍ଟା ହୋଇଗଲାଣି, ତଥାପି ମଧ୍ୟ ଚେତା ଫେରିନଥାଏ ଅନୁରାଧାର । ନର୍ସ ଆସି ମଝିରେ ମଝିରେ ସବୁ ଚେକଅପ କରି ଦେଇ ଯାଉଥାନ୍ତି । ଏତିକିବେଳକୁ ଅନୁରାଧାର ଘରୁ ମଧ୍ୟ ସମସ୍ତେ ଆସିଯାଇ ଥାଆନ୍ତି । ସମସ୍ତେ ଅପେକ୍ଷା କରିଥାନ୍ତି ଅନୁରାଧାର ଚେତା ଫେରିବା ସମୟକୁ ।

ହାତ ଘଡିକୁ ଚାହିଁ ଦୀପକ୍ କହିଲେ, "ଟାଇମ୍ ଢେର୍ ହେଲାଣି । ଆମଭିତରୁ ଜଣେ ଏଠି ରହି ଅନ୍ୟ ସମସ୍ତଙ୍କୁ ବାହାରିବାକୁ ପଡିବ ।" ସମସ୍ତେ ଉଠୁଥିଲେ । କାହାକୁ ସେ ସ୍ଥାନ ଛାଡି ଯିବାକୁ ଇଚ୍ଛା ନଥିଲା । କିନ୍ତୁ ଡାକ୍ତରଖାନାର ନିୟମ ମାନି ସମସ୍ତଂକୁ ଯିବାକୁ ପଡିଲା । କେବଳ ସାଗରିକା ଓ ଅନିରୁଦ୍ଧ ରହିଲେ ସେଠି ।

X X X X

ଅନିରୁଦ୍ଧର ନିଦ ସେ ପର୍ଯ୍ୟନ୍ତ ଭାଙ୍ଗି ନଥାଏ । କ୍ଲାନ୍ତ ହେଇ ଶୋଇ ଯାଇଥାଏ । ସାଗରିକା ତାକୁ ଉଠେଇବାକୁ ଇଚ୍ଛା କଲାନାହିଁ । ନିଜେ ମଧ୍ୟ ଚେୟାର୍ କୁ ଆଉଜି

To read the complete magazine, Download it for FREE from www.aahwaan.com

ପଡିଲା । ତା'ର ମନ ମଧ୍ୟ ଭଲ ଲାଗୁନଥାଏ । କିନ୍ତୁ ଭଗବାନ୍ ଙ୍କ ଇଚ୍ଛା ଯାହା । ତାହାତ ମଣିଷ ବଦଳେଇ ପାରିବନି । ଚିନ୍ତା ରାଜ୍ୟରେ ଘୁରିବୁଲୁଥିଲା ସେ । ନୂଆ ଭାଉଜଙ୍କୁ ଖୁସି କରେଇବ ବୋଲି କେତେକଥା ଭାବିନଥିଲା ସେ । କେତେ ହସି ହସି ଗପ କରୁଥିଲେ ସେ । ଭଲ ଲୋକଙ୍କୁ ହିଁ ଭଗବାନ୍ ଦଣ୍ଡ ଦିଅନ୍ତି ?

"ଉଁ ............ଉଁ ......" ଧିର ସ୍ୱରରେ ଅନୁରାଧା କଣ କହୁଥିଲା । ବୋଧହୁଏ ଚେତା ଫେରିଲାଣି । ଖୁସିରେ ଉଚ୍ଛୁଳି ଉଠିଲା ସାଗରିକା । ଅନିରୁଦ୍ଧକୁ ଡାକିଲା ଧିରେ ଧିରେ ....

"ଭାଇ ....... ଭାଇ ..... ଭାଉଜଙ୍କ ଚେତା ଫେରିଲାଣି ।

"ଉଁ ...... କଣ ହେଲା..... ଅନୁର ଚେତା ଆସିଲାଣି ....... !"

ଦୁହେଁ ଉଠିକି ଅନୁରାଧା ପାଖରେ ବସିଲେ । ଅନିରୁଦ୍ଧ କିନ୍ତୁ କଣ ଭାବି ହଠାତ ଚାଲିଲା ନର୍ସକୁ ଡାକିବାକୁ ।

ସାଗରିକା ଏକୁଟିଆ ବସିଥାଏ ଅନୁପାଖରେ । ମାତ୍ର ଥରେ ଉଁ... ଉଁ... କରିଥିଲା ଅନୁରାଧା, ତା'ପରେ ତ କାହିଁ କିଛି ନାହିଁ । ଶୋଇ ପଡିଲା ପରି ପୁଣି ଲାଗିଲା । ନର୍ସ ଓ ଅନିରୁଦ୍ଧ ଭିତରକୁ ଆସିଲେ । ପଛେ ପଛେ ଡାକ୍ତର । ଡାକ୍ତର ଓ ନର୍ସ ଅନୁରାଧାକୁ ପରୀକ୍ଷା କଲେ ।

"ସବୁ ଠିକ ଅଛି ।" ଡାକ୍ତର କହିଲେ । ନର୍ସ କଣ ଗୋଟେ ଇଞ୍ଜେକସନ ଦେଲେ । ପୁଣି ଅନୁରାଧା ଧୀରେ ଧୀରେ କହିଲା,

"ଉଁ... ଉଁ... ମତେ ଛା ...ଡି ..... ଯା ଅ ନା....."

To read the complete magazine, Download it for FREE from www.aahwaan.com

ଅନିରୁଦ୍ଧ ଅନୁରାଧା ପାଖକୁ ଚାଲି ଆସୁଥିଲେ ଆବେଗରେ । ଡାକ୍ତର ଧୀରେ ମନାକଲେ । ଚୁପ ଚାପ ବସିବାକୁ କହିଲେ । ଚେକଅପ ସାରି ଡାକ୍ତର କହିଲେ ।

"ଏବେ ହୋସ ଆସିଲାଣି । ଉଠିଲେ ବେଶୀ କଥାବାର୍ତ୍ତା କରିବେନି !" ତା'ପରେ ଡାକ୍ତର ଓ ନର୍ସ ଚାଲିଗଲେ । ଅନୁରାଧା ପାଖରେ ବସିପଡିଲେ ଦୁହେଁ । ତା' ମୁହଁ କୁ ଖାଲି ଚାହୁଁଥାନ୍ତି, ଆଉ କଣ କହିବା କି ଆଉ ? କିନ୍ତୁ ନିଶ୍ଚଳ ମୂର୍ତ୍ତିଟିଏ ପରି ପୁଣି ନିଦ୍ରାଦେବୀଙ୍କ କୋଳକୁ ଚାଲିଯାଇଥିଲା ଅନୁରାଧା ।

X X X X

ପ୍ରାୟ ଅଧଘଣ୍ଟା ଗଡିଗଲାଣି । କିଛି କହୁ ନଥିଲା । ଅନିରୁଦ୍ଧ ଆସ୍ତେଆସ୍ତେ ତା' ମୁଣ୍ଡରେ ହାତ ବୁଲାଉଥିଲା । କିଛି ସମୟ ପରେ ଆଖି ଧୀରେ ଧୀରେ ଖୋଲିଲା ଅନୁରାଧା । ସାଗରିକା ଓ ଅନିରୁଦ୍ଧ ଖୁବ ଖୁସି ହେଇଗଲେ । ଅନିରୁଦ୍ଧ ଧୀରେ ଧୀରେ ପଚାରିଲା,

"କଣ ... ଭଲ ଲାଗୁଛି ?"

"ଉଁ ... ? ହୁଁ .... ।" ମୁଣ୍ଡ ହଲାଇ ହଁ କଲା ।

"ହଉ ... ଶୋଇପଡ ... ।" ପୁଣି ଆଖି ବୁଜି ଶୋଇପଡିଲା ଅନୁ । ତାକୁ ବିଶେଷ କିଛି କହିବାକୁ ଦେଲେନି ଦୁହେଁ । ପୁଣି ଅନେକ ସମୟ ପରେ ଆଖି ଖୋଲିଲା ଅନୁ । କହିଲା, "ପାଣି..... !"

ଅନିରୁଦ୍ଧ ପାଣି ଦେବାକୁ ଗ୍ଲାସଟା ଉଠାଉଥିଲା । ନର୍ସ ପଶିଆସିଲେ । କହୁଥିଲେ, "କିଏ କହିଲା ଆପଣଙ୍କୁ ପାଣି ଦେବାକୁ ?"

To read the complete magazine, Download it for FREE from www.aahwaan.com

"ନାଇଁ .... ପାଣି ମାଗୁଛି !"

"ମୋତେ ଡାକିଲେନି ? ହଉ ଦିଅନ୍ତୁ ମୋତେ ଗ୍ଲାସଟା ।" ନର୍ସଙ୍କ ହାତକୁ ଅନିରୁଦ୍ଧ ବଢ଼ାଇଦେଲା ଗ୍ଲାସ ।

ନର୍ସ ଧୀରେ ଧୀରେ ଚାମଚରେ ପାଣି ଦେଲେ ଅନୁକୁ । ଅଳ୍ପ କିଛି ପିଇଲା ପରେ ଆଉ ପିଇବାକୁ ମନାକଲା ଅନୁ । ତାପରେ ନର୍ସ କହିଲେ, "କିଛି ହେଲେ ମୋତେ ଡାକିବେ । ନିଜେ ନିଜେ କିଛି କରିବେନି । ସିରିଅସ ପେସେଣ୍ଟ ତ !"

ଅନିରୁଦ୍ଧ ଆଉ ସାଗରିକାଙ୍କର ଦୁଃଖପୂର୍ଣ୍ଣ ମୁହଁକୁ ଦେଖି ପୁଣି ହସିଦେଇ ନର୍ସ କହିଲେ, "ରାଗିବେ ନାହିଁ । ଆମର ଡିଉଟି ଏଇ ପ୍ରକାରର । ରୋଗୀ ପାଇଁ କଣ ଟିକେ କହିଦେଲି । ହଉ ମୁଁ ଯାଉଛି ।"

ନର୍ସ ଚାଲିଯାଇଥିଲେ ସେ ରୁମରୁ ।

X X X X

ଆଜିକୁ ସାତ ଦିନ ହେଇଗଲାଣି । ଡାକ୍ତରଖାନାରେ ସେମିତି ବେଡ଼ରେ ପଡିଥାଏ ଅନୁରାଧା । ଅବଶ୍ୟ ଆଗ ଅପେକ୍ଷା ଟିକେ ସତେଜ ଦେଖା ଯାଉଥାଏ । ଆଉ ଅଳ୍ପ ଅଳ୍ପ କଥାବାର୍ତ୍ତା କରୁଥାଏ । ଆଉ ବାକି ସମୟ ଶୋଇ ରହୁଥାଏ । ଯେତେବେଳେ ଉଠିଲେ ମଧ୍ୟ ବେଡରୁ ତଳକୁ ଆସି ଚଲାବୁଲା କରିପାରୁ ନଥାଏ । କାରଣ ତାକୁ ସେ ଅବସ୍ଥାରେ ଚାଲିବାକୁ ମନାକରା ଯାଇଥାଏ ।

ଏବେ ଯେଉଁ ରୁମଟିରେ ସେ ଥିଲା ସେଠି ଦୁଇଟି ବେଡ ଥାଏ । ଆଉ ବେଡଟି ଏଇ ଦୁଇଦିନ ହେଲା ଜଣେ ରୋଗୀ ଆସିଥାଏ । କଣ ରୋଗ କେଜାଣି ? ମା'ଟିଏ ଆଉ

To read the complete magazine, Download it for FREE from www.aahwaan.com

ପୁଅଟିଏ । ପୁଅଟି କୁ ପ୍ରାୟ ସାତ ଆଠ ବର୍ଷ ହେବ । ତାଙ୍କ ସହ ସେତେ ମିଶି ନଥାଏ । ପ୍ରତି ଦିନ ସକାଳୁ ଡାକ୍ତର ଆସି ଚେକଅପ କରିଯାନ୍ତି । ପୁଣି ଉପରବେଳା ଆଉ ସନ୍ଧ୍ୟା ବେଳା । ପିଲାଟି କିନ୍ତୁ ଚଲାବୁଲା ସବୁ କରେ । ଖେଳୁଥାଏ ସେଇ ବେଡ ଉପରେ । ମା'ର କାମ ହେଲା, ସକାଳୁ ଉଠୁ ଉଠୁ ପିଲାଟି ପାଇଁ ଖାଦ୍ୟ ପ୍ରସ୍ତୁତ କରିବା । ଦିନ ତମାମ ଔଷଧସହ ଖାଦ୍ୟ ମଧ୍ୟ ବାରମ୍ବାର ଖୋଉଥାଏ ପିଲାଟିକୁ । କେତେ ବା ଖାଇବ ? ବିରକ୍ତ ହୋଇପଡେ ପିଲାଟି । ତାକୁ ହିଁ ଲକ୍ଷ୍ୟ କରି କରି ଅନୁରାଧାର ଦିନଟି ବିତିଯାଉଥାଏ । ଅନିରୁଦ୍ଧ ଓ ସାଗରିକା ଆସନ୍ତି, କିଛିସମୟ ବସନ୍ତି । ଖାଇବାକୁ ଆଣିଥାନ୍ତି । ଖାଇ ସାରିଲେ ପୁଣି ନିଜ ନିଜ କାମରେ ବାହାରିଯାନ୍ତି । ଦିନ ସାରା ତ ବସି ହେବନି । ତଥାପି ବହୁତ ସମୟ ବସନ୍ତି । ସମୟ ଦିଅନ୍ତି ତା ପାଇଁ । ନର୍ସ ଆସି ଥରକୁ ଥର ପରିକ୍ଷା କରନ୍ତି । ଆଉ ଅନୁରାଧାକୁ କୁହନ୍ତି, "ଆଉ ଅଳ୍ପଦିନପରେ ଡିଶ୍ଚାର୍ଜ ହେଇଯିବା ଯେ" ଏଇ ଆଶ୍ୱାସନା ଦେଇ ଚାଲିଯାନ୍ତି ।

କିଛିଦିନ ଗଲାପରେ ଅନୁରାଧା ଆଉ ସେ ପିଲାଟିର ମା ଚିହ୍ନା ପରିଚୟ ହେଇଗଲେ । ଅନୁରାଧା ତାଙ୍କୁ ତାଙ୍କ ଘର ବିଷୟରେ ପଚାରିଲା । ସେମାନେ କଲିକତାର ଲୋକ । ପିଲାଟି ତାଙ୍କର ଏକମାତ୍ର ପୁଅ । ତାର ନାଁ ଗୁଲୁ । ସେମାନେ ପ୍ରାୟ ଡାକ୍ତରଖାନାକୁ ବର୍ଷକରେ ଛମାସରେ ଥରେ ଅଧେ ଆସନ୍ତି, ପିଲାଟିର ଚେକଅପ କରେଇବା ପାଇଁ । ଅନୁରାଧା ସବୁ ଶୁଣିଲା ପରେ ପଚାରିଲା, "କଣ ହେଇଛି 'ଗୁଲୁ'ର ?"

ଥଙ୍ଗ ଥଙ୍ଗ ହେଉ ହେଉ ତା'ମା କହିଲେ, "ବ୍ଲଡ୍ କ୍ୟାନସର !"

ମୁଣ୍ଡଟା ଝିମଝିମ କରି ଉଠିଲା ଅନୁରାଧାର । ଭାବୁଥିଲା ଏତେ ଛୋଟ ପିଲା, ପୁଣି ତା'ର ଜୀବନର ପ୍ରଥମାର୍ଦ୍ଧରେ ଏପରି ଦୁରାରୋଗ୍ୟ ବେମାରିରେ ଆକ୍ରାନ୍ତ ହେଇଛି ! ବିକଳ

To read the complete magazine, Download it for FREE from www.aahwaan.com

ଲାଗିଲା ତା'କୁ । ନିଜକୁ ଖୁବ ଛୋଟ ମନେକଲା ଗୁଲୁ ତୁଳନାରେ । ତାର ତ କିଛି ହୋଇନି କହିଲେ ଚଳେ । କିନ୍ତୁ 'ଗୁଲୁର' । ସେ ନିଜେ ଜାଣିନଥିବ ଯେ ତା'ର ଜୀବନ କେଉଁ ଦିନ ସରିଯିବା ବୋଲି । ଆଉ ତା'ର ମା ? ସେ ତ ଆଶ୍ଚର୍ଯ୍ୟ ଲୋକ, ଏକ ନିଶ୍ଚିତ ମୃତ୍ୟୁକୁ ଅପେକ୍ଷା କରୁଛନ୍ତି । ପୁଣି ସେ ମୃତ୍ୟୁ ତାଙ୍କ ଏକମାତ୍ର ପୁତ୍ର ସନ୍ତାନର । ଧନ୍ୟ ସେ ସୃଷ୍ଟିକର୍ତ୍ତାଙ୍କ ମାୟା ।

ଏଇ ସମୟରେ ଗୁଲୁକୁ ତା'ମା କହୁଥିଲେ, "ନେ ନେ ଏଇଟା ଖାଇଦେ !"

"ନାଇଁ ଖାଇବିନି ।" ଗୁଲୁ ଅଝଟ କରୁଥିଲା ।

"ଏଇଟା ଖାଇଦେଲେ, ତତେ ଗୋଟେ ଗପ କହିଦେବି !"

"ଆଗ ଗପ କହ !"

"ହଉ ଶୁଣ... ଗୋଟେ ବଡ ଜଙ୍ଗଲ ଥିଲା .........ବୁଝିଲୁ !"

"ହୁଁ !"

"ସେଠି ଗୋଟେ ବଡ ବାଘ ରହୁଥିଲା ......... ବୁଝିଲୁ !"

"ହୁଁ ... !"

"ଖାଉନୁ ନଖାଇଲେ କଣ ବାଘ କଥା ଶୁଣିବାକୁ ଇଛା ହେବ କି ?"

"ଦେ ....ଦେ..... ହୁଁ ......କହ ତା ପରେ ........"

"ସେ ବାଘଟାର ବଡ ବଡ ନିଶଥାଏ.....ବୁଝିଲୁ !"

To read the complete magazine, Download it for FREE from www.aahwaan.com

"ହୁଁ ...."

X X X X

ଗୁଲୁର ମା ପୁଣି ମଝିରେ ମଝିରେ ଅନୁରାଧାକୁ କୁହନ୍ତି, "ବୁଝିଲେ 'ଗୁଲୁ'ର ଏଥର ରକ୍ତ ପରୀକ୍ଷା ହୋଇଥିଲା ଯେ, ରିପୋର୍ଟ ଭଲ ଅଛି । କିନ୍ତୁ ଖାଇଲେ ସିନା ରିପୋର୍ଟ ଭଲ ରହିବ । ଇଏ କିନ୍ତୁ ଖାଇବାକୁ ଜମା ରାଜି ନୁହେଁ ।"

"ହୁଁ" ଅନୁରାଧା ଷ୍ଟାଣ୍ଡୁଟିଏ ପରି ହୁଁ ମାରୁଥିଲା ।

ସୃଷ୍ଟିର ଅପୂର୍ବ ଲୀଳା ଏଇ ଡାକ୍ତରଖାନାମାନଙ୍କରେ ଦେଖିବାକୁ ମିଳେ । ମରୀଚିକା ପଛରେ ଧାଇଁବା । ସମସ୍ତେ ଜାଣିଥିବେ ଯେ, ଆମେ ଅଳ୍ପଦିନପରେ ଆଉ ଏ ଦୁନିଆରେ ନଥିବୁ, ତଥାପି ସଂଘର୍ଷ ।

ପ୍ରକୃତରେ ସମସ୍ତେ ଦିନେ ନା ଦିନେ ତ ଏ ଦୁନିଆଁରୁ ଯିବେ । କିଏ ଡାକ୍ତରଖାନାକୁ ଆସି, କିଏ ନ ଆସି । ତେବେ ବର୍ତ୍ତମାନର ଜୀବନକୁ ନୈରାଶ୍ୟପୂର୍ଣ୍ଣ କରି ଅଯଥା ଦୁଃଖକୁ ଆମନ୍ତ୍ରଣ କରିବା କାହିଁକି ? ଯେତେଦିନ ବଞ୍ଚିଛ "ଶାନ୍‌ରେ ବଞ୍ଚ" ହସ ଖୁସିରେ ଜୀବନ ବିତାଅ । ଏତିକିବେଳେ ମାନେ ପଡୁଥିଲା ଗୋଟେ ହିନ୍ଦୀ ଗୀତ ............

" ଏକ ଦିନ ବିକ ଜାଏଗା ମାଟି କେ ମୋଲ ,

ଜଗ ମେ ରହ ଜାଏଙ୍ଗେ ପ୍ୟାରେ ତେରେ ବୋଲ ।"

ଦୁନିଆଁର ରଙ୍ଗମଞ୍ଚରେ ସମସ୍ତେ ଅଭିନୟ କରି ଚାଲିଛନ୍ତି, ଏହା ଚିନ୍ତା ନକଲେ ମଧ୍ୟ, ନିରାଟ ସତକଥା । ତେଣୁ ଜୀବନର ପ୍ରତ୍ୟେକ କ୍ଷଣକୁ ଉପଭୋଗ କରିବା କଥା । ଦୁଃଖରେ ସମୟ ନଷ୍ଟ କରିବା କଥା ନୁହେଁ । ମୃତ୍ୟୁର ବହୁପୂର୍ବରୁ ମରି ମରି ବଞ୍ଚିବା କଥା କଣ ଠିକ ?

To read the complete magazine, Download it for FREE from www.aahwaan.com

ଅନୁରାଧା ଭାବୁଥିଲା ସେ ଜୀଇଁବ, ଆଉ ହସି ହସି ଜିଇଁବ । କାରଣ ସେ ବର୍ତ୍ତମାନ ମଧ୍ୟ ବଞ୍ଚିଛି । "ଗୁଲୁ" ଯଦି ହସିପାରୁଛି । ତା'ର ମା ଯଦି ହସି ପାରୁଛନ୍ତି, ତା ହେଲେ ସେ କାହିଁକି ପାରିବନି ? ନିଶ୍ଚୟ ପାରିବ । ନିଶ୍ଚୟ ପାରିବ ।

X X X X

"କାଲି ଆପଣ ଡିସ୍ଚାର୍ଜ ହୋଇଯାନ୍ତୁ ! ଦେହ ତ ଭଲହେଇ ଆସିଲାଣି । ଔଷଧ ଗୁଡାକ ନିୟମିତ ବ୍ୟବହାର କରୁଥିବେ ।"

ଡାକ୍ତରଙ୍କ କଥା ଶୁଣୁଶୁଣୁ ଅନୁରାଧା ଘରକଥା ଚିନ୍ତା କରୁଥିଲା, ଆଉ ଧୀରେ "ହଁ"ଟିଏ ମାରିଲା । ଡାକ୍ତର ବୁଲି ପଡି ଅନିରୁଦ୍ଧକୁ କହୁଥିଲେ, "ଛଅ ମାସରେ ଥରେ ଥରେ ଆସି ଚେକଅପ କରି ଯାଉଥିବେ । ହଁ..... କାଗଜ ପତ୍ର ଠିକ ଠିକ କରିଯିବେ । ମୁଁ ଆସୁଛି, ଆଉ ଯାହା ବୁଝିବା କଥା ଆମ ସିଷ୍ଟର ବୁଝେଇଦେବେ । ହଉ ବେଷ୍ଟ ଅଫ ଲକ !"

ଏତିକି କହି ଡାକ୍ତର ଚାଲି ଯାଉଥିଲେ । ଅନିରୁଦ୍ଧଙ୍କୁ ଚାହିଁଲା ଅନୁରାଧା । ଏଇ ଅଳ୍ପ ଦିନ ଭିତରେ ଖୁବ ଶୁଖିଲା ଦିଶୁଥିଲେ ସେ । ମୁହଁରେ ଅଯତ୍ନ ବର୍ଦ୍ଧିତ ଦାଢି । କିନ୍ତୁ ସେଇ ପରିଚିତ ହସଟି ଲାଗିରହିଥାଏ ଓଠରେ । ଅନିରୁଦ୍ଧଙ୍କ ଉଦ୍ଦେଶ୍ୟରେ ଅନୁ ପଚାରିଲା,

"ଘରକୁ ଯିବା ? ଆମ ନୂଆ କ୍ୱାର୍ଟରକୁ ?" ମନେ ମନେ ଭାବୁଥିଲା ଅନୁରାଧା, କିପରି ହୋଇଥିବ ସେ ନୂଆ ଜାଗାଟା ।

"ହୁଁ" ହସି ହସି ଉତ୍ତର ଦେଲେ ଅନିରୁଦ୍ଧ ।

ସବୁ ଜିନିଷପତ୍ର ବନ୍ଧାବନ୍ଧି କରି ସମସ୍ତେ ବାହାରିଲେ ଘର ଅଭିମୁଖେ । ଘରେ ପହଞ୍ଚିଲା ଭିତରେ ବାଟରେ ବିଶେଷ କିଛି କଥାବାର୍ତ୍ତା ହୋଇନି । ସେଠି କିଛିଦିନ ରହି

To read the complete magazine, Download it for FREE from www.aahwaan.com

ବାପାଙ୍କ ସମ୍ମତି କ୍ରମେ ନୂଆ ଅଫିସ କ୍ୱାର୍ଟରକୁ ଦୁହେଁ ଚାଲିଆସିଲେ । ଅନିରୁଦ୍ଧ ଚିନ୍ତା କରୁଥିଲେ ଅନୁରାଧାକୁ ଏବେ କିଛି ଦିନ ନେଇ କୁଆଡେ ବୁଲେଇ ଆଣିବାକୁ । ତାହେଲେ ତା'ର ମନ ଭଲ ରହିବ । ସେଥିପାଇଁ ନୂଆ କ୍ୱାର୍ଟରରେ ପହଞ୍ଚିଲା ଠାରୁ ଅନୁକୁ ଓଡ଼ିଶା ମାନଚିତ୍ର ଦେଖାଇ ପଚାରୁଥିଲେ, "କଣ ଅନୁ ଏଇ ମାନଚିତ୍ରରେ ଯେତିକି ଟୁରିଙ୍ଗ ସ୍ପଟ ଅଛି କେଉଁଟା ତୁମେ ଦେଖିଛ କହିଲ ?"

"କାହିଁକି ?"

"ପ୍ରଥମେ କୁହ, ତା ପରେ କହିବି !"

"କଣ ! ବୁଲାଇ ନେବାର ପ୍ରୋଗ୍ରାମ ହେଉଛି କି ?"

ଆଶ୍ଚର୍ଯ୍ୟ ହେଇଗଲେ ଅନିରୁଦ୍ଧ । କଣ ଯେ କହି ଧନ୍ୟବାଦ ଦେବେ ଭଗବାନଙ୍କୁ, ଯିଏ କି ନାରୀର ହୃଦୟକୁ ଏମିତି ତିଆରି କରିଛନ୍ତି, ଯିଏ କି ସମସ୍ତଙ୍କ ମନକଥା ଏତେ ଶୀଘ୍ର ଜାଣିପାରେ । ତାଙ୍କ ପାଟିରୁ ବାହାରିଗଲା, "ତୁମେ କେମିତି ଜାଣିଲ ?"

"ମୁଁ ପରା ଯାଦୁ ଶିଖିଲିଣି ।"

"ଆଚ୍ଛା, କହିଲ ମୁଁ ଏବେ କଣ ଭାବୁଛି ?"

"ଏବେ ଭାବୁଛ ଯେ, ତୁମେ ଯାହା ଭାବୁଛ ସେଟା ମୁଁ କହିପାରିବି କି ନାଇଁ ?.....ନୁହେଁ ?"

ଦୁହେଁ ହସି ଉଠିଲେ । କିନ୍ତୁ ହସୁ ହସୁ ନିସ୍ତବ୍ଧତା ହଠାତ ଛାଇଗଲା ଅନିରୁଦ୍ଧଙ୍କ ମୁହଁରେ, ସେ ଭାବୁଥିଲେ, କଣ ଏମିତି ହସ ସବୁଦିନ ଲାଗି ରହିଥିବ ଦୁହିଁଙ୍କ ଓଠରେ ? କଣ ଅନୁରାଧା ସବୁଦିନ ଖୁଶିରେ ରହିପାରିବ ?

To read the complete magazine, Download it for FREE from www.aahwaan.com

ସିଏ କଣ ତାଙ୍କର ମନର ଅସରନ୍ତି ଭାବନାକୁ ତା'ପାଇଁ ଉତ୍ସର୍ଗ କରି ପାରିବେ ? ତାଙ୍କ ଭାବନାରେ ବାଧା ଦେଇ ଅନୁରାଧା କହିଲା, "କଣ ଏମିତି ଭାବୁଛ ଯେ, କୁଆଡେ ଯିବା ଦରକାର ନାହିଁ । ଆମେ ଏଇଠି ରହିବା । ମୁଁ ଏଇ ଘରେ ହିଁ ଖୁସିରେ ରହିବି ତୁମ ସହ ।"

X X X X

ପୁଣି ଗତାନୁଗତିକ ରୀତିରେ ଗଡିଚାଲିଲା ଦିନଗୁଡାକ । ସକାଳୁ ଅଫିସ, ସନ୍ଧ୍ୟାରେ ସାଥୀ ହୋଇ ଘରକାମ କରିବା । ମଝିରେ ମଝିରେ ମାର୍କେଟିଙ୍ଗ, ଟିଭି ଗେମସ, ଫିଲ୍ମ ସୋ ଇତ୍ୟାଦିରେ ଦିନଗୁଡାକ କଟି ଚାଲିଥିଲା । କିନ୍ତୁ ଅସହାୟତା ଅନୁଭବ କରୁଥିଲା ଅନିରୁଦ୍ଧ ଠିକ ସେତିକିବେଳେ, ଯେତେବେଳେ ରାତ୍ରିର ନିସ୍ତବ୍ଧ ପ୍ରହରରେ ବେଡ ଉପରେ ଏକୁଟିଆ ପଡି ଛଟପଟ ହେଉଥିଲା । ଅନୁ ମଧ୍ୟ ଖାଲି ଲୁଚିଲୁଚି କାନ୍ଦୁଥିଲା । କିଛି କରିବା ତାର ଅଧୀନରେ ନଥିଲା । ବିଧି ର ବିଧାନ କେ କରିବ ଆନ !

ଦିନେ କିନ୍ତୁ ଆଉ ସମ୍ଭାଳି ପାରିଲାନି ଅନୁରାଧା, ଅନିରୁଦ୍ଧଙ୍କୁ କହିଲା, "ତୁମକୁ ଗୋଟେ କଥା କହୁଛି । ପ୍ଲିଜ ସିରିଅସଲି ନେବ ! ଥଟ୍ଟା ବୋଲି ଭାବିବନି !"

"କଣ ?"

"ଆଉ ଜଣଙ୍କୁ ବାହାହେଇପଡ !"

"ତା ହେଲେ କଣ ହବ ?"

"ତୁମେ ଖୁଶିରେ ରହିବ । ବାପା, ମା ଙ୍କ ଆଶା ମଧ୍ୟ ପୂରଣ ହେଇଯିବ । ଘରକୁ ଉତ୍ତରାଧିକାରୀ ମଧ୍ୟ ମିଳିଯିବ । ମୋର କଣ ଅଛି, ମୁଁ ଆଜି ଅଛି ..... କାଲି ........."

To read the complete magazine, Download it for FREE from www.aahwaan.com

"ଚୁପ ! !"

ଅନୁରାଧା ପାଟିରେ ହାତ ଦେଇ ଅନିରୁଦ୍ଧ ତାକୁ କୋଳେଇ ନେଲେ ।

କୋହ ସମ୍ଭାଳି ପାରିଲାଣି ଅନୁରାଧା, କାନ୍ଦୁ କାନ୍ଦୁ କହୁଥିଲା ,,,,,,

"ଆଉ ମୁଁ ତୁମର କଷ୍ଟ ଦେଖିପାରୁନି । କଣ କରିବି କୁହ ? ମୋତେ ହେଲେ ଭଗବାନ ଏ ଦୁନିଆଁ ରୁ ................"

"ପ୍ଲିଜ ... ଏମିତି କୁହନି । ତୁମେ କଣ ଭାବୁଛ ମୁଁ ମନ ଦୁଃଖ କରି ରହୁଛି ? ମୁଁ କଣ ତୁମ କଷ୍ଟ ଅନୁଭବ କରୁନି ? ତୁମର ମାନସିକ ସ୍ଥିତିକୁ ବୁଝିପାରୁନି ? ବାପାମା'ଙ୍କ ମନକଥାକୁ ବୁଝିପାରୁନି ? ସବୁ ବୁଝି ପାରୁଛି । କିନ୍ତୁ ତୁମେ ଯାହା ଚାହୁଁଛ, ତା ଦ୍ୱାରା ବାପାମା'ଙ୍କ ଇଚ୍ଛା ପୂରଣ ହେଇପାରେ, ଘରକୁ ଉତ୍ତରାଧିକାରୀ ମିଳିଯାଇ ପାରେ, କିନ୍ତୁ ମୁଁ କଣ ଖୁଶିରେ ରହି ପାରିବି ? ତୁମେ କଣ ଚାହଁ ମୁଁ ଗୋଟେ ଯନ୍ତ୍ର ପରି ମୋ ବାକି ଜୀବନ କଟେଇ ଦିଏ ? ମୋର ହୃଦୟ, ମନକୁ ଖିନ୍ ଭିନ କରି ମୁଁ ବଞ୍ଚିରହେ ? ପାରିବିନି .... ଜମା ... ପାରିବିନି !"

ଅନୁରାଧା କିଛି ଉତ୍ତର ଦେବା ଅବସ୍ଥାରେ ନଥିଲା । ପରସ୍ପର ପରସ୍ପରକୁ ଅସହାୟ ଅବସ୍ଥାରେ କୋଳେଇ ନେଇ କାନ୍ଦୁଥିଲେ । ଦୁହିଙ୍କ ଆଖିରୁ ଲୁହ ଗୁଡାକ ଅମାନିଆଁ ହେଇ ବହିଚାଲିଥିଲେ । ଭଲପାଇବା ସହ ଦୈହିକ କାମନାର ଆବଶ୍ୟକତାକୁ ଏଡାଇ ନଦେଇ ପାରିବାର ନିଷ୍ଠୁର ସତ୍ୟକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଦୁହେଁ । କଣ ଏହାର ସମାଧାନ ? କଣ ଦେଇପାରେ ଏଇ ପଲାଶ ଫୁଲଟାକୁ ସୁଗନ୍ଧ ? ଅନୁରାଧାକୁ ପୁଣି ସୁଗନ୍ଧିତ ପୁଷ୍ପରେ କଣ ପରିଣତ କରିହେବ ନାହିଁ ? କଣ ଭଗବାନଙ୍କ ସୃଷ୍ଟିରେ ଅନୁରାଧା ଏମିତି

To read the complete magazine, Download it for FREE from www.aahwaan.com

ଏକ ଫୁଲ ଯାହାକି ସବୁଦିନ ବାସହରା ହୋଇ ରହିଯିବ ? କାହିଁକି ଏତେ ନିଷ୍ଠୁର ଏ ନିୟତି ?

ଚିନ୍ତା କରୁଥିଲା ଅନିରୁଦ୍ଧ । କଣ ହେଇପାରେ ଏହାର ସମାଧାନ ? କଣ ହେଇପାରେ ? ଏମିତି ଭାବୁଭାବୁ କେତେବେଳେ ଯେ ନିଦ ଆସି ଯାଇଛି ସେ ଜାଣିନି ।

X X X X

ଆଜି ସକାଳୁ ସକାଳୁ ବାହାରି ପଡିଥିଲା ଅନିରୁଦ୍ଧ । ତରବର ହେଇ ବାହାରିବା ଦେଖି ଅନୁରାଧା ପଚାରିଲା, "କଣ, ଆଜିତ ଅଫିସ ବେଳେ ହେଇନି । ଏତେ ସକାଳୁ କୁଆଡେ ? ?"

"ଗୋଟେ ସାଙ୍ଗ ପାଖକୁ ଯିବି, ଗୋଟେ ଅର୍ଜେଣ୍ଟ କାମ ଅଛି ! "

"ଫେରିବ କେତେବେଳେ ?"

"ଶୀଘ୍ର ଫେରିଆସିବି ଯେ !"

କହୁ କହୁ ଗାଡିଟା ଧରି ବାହାରିଲେ ଅନିରୁଦ୍ଧ ।

"ଆଜି ନିଶ୍ଚୟ ଶୀଘ୍ର ଆସିବ, ଫିଲ୍ମ ଯିବା ପରା ?"

ଅନ୍ୟମନସ୍କ ଭାବରେ "ହଉ......." କହି ଅନିରୁଦ୍ଧ ଚାଲିଗଲେ ।

ଘରଭିତରକୁ ଆସି ଶୀଘ୍ରଶୀଘ୍ର ଭିତର କାମ ସବୁ ସାରିବାକୁ ଲାଗିଲା ଅନୁରାଧା । ଘଡିକୁ ବାରମ୍ବାର ଦେଖି ଦେଖି ସମୟ କାଟି ଚାଲିଥାଏ । ବାସନ ମଜା ଠାରୁ ଆରମ୍ଭକରି

To read the complete magazine, Download it for FREE from www.aahwaan.com

ଘର ଝାଡ଼ା ଝୁଡି, ଲୁଗାଧୂଆ ପୁଣି ଫିଲ୍ମ ଯିବାକୁ ରେଡି ହେବାପାଇଁ ନୂଆ ଡ୍ରେସ ପ୍ରେସ କରି ରଖିଲା ।

ଘଡିର କଣ୍ଟା ଗୁଡାକ ଆଜି ଖୁବ ଡେରିରେ ଚାଲିଲା ପରି ଲାଗୁଥାଏ । ପାଞ୍ଚଟା ବାଜିବାକୁ କଣ ଏତେ ସମୟ ଲାଗୁଛି ? ମନେମନେ ବିରକ୍ତ ହେଲା ଅନୁରାଧା । ଆସନ୍ତାକାଲି ସକାଳ ପାଇଁ ବିରି ବତୁରାଇ ଦେଲା । ସକାଳୁ ସକାଳୁ ଚକୁଳି ଖାଇ ଅଫିସ ଯିବେ ଅନିରୁଦ୍ଧ । ଚକୁଳି ତାଙ୍କର ପ୍ରିୟ଼ ଖାଦ୍ୟ । ବିରି ବତୁରା ସରିଲା । ସବୁ କାମ ମଧ୍ୟ ସରିଲା, ସମୟ ପାଞ୍ଚଟା ବି ହେଲାଣି , କିନ୍ତୁ ଅନିରୁଦ୍ଧ କାହାନ୍ତି ?

କଣ କାମ ପଡିଲାକି ଆଉ ? କେଉଁ ଦିନ ଏମିତି ଡେରି କରନ୍ତି ନାହିଁ । ଆଜି କାହିଁକି ଏତେ ଡେରି ? ନିଶ୍ଚୟ ଆଉ ଟିକେ ପରେ ଆସିଯିବେ । ଏମିତି ଏମିତି ଭାବୁ ଭାବୁ ନିଜକୁ ସଜାଡୁଥିଲା ଅନୁରାଧା । ନିଜକୁ ସଜାଡିବାକୁ ତାକୁ ଅଧଘଣ୍ଟା ଲାଗିଲା ତଥାପି, ଅନିରୁଦ୍ଧଙ୍କ ଦେଖାନାହିଁ ? କୁଆଡେ ଗଲେ ? ହଉ, ଏଇ ଚେୟାରରେ ବସିଥାଏ, ଆସିଯିବେ ଯେ ! ପୁଣି ଭାବିଲା, ନାଁ... ଅଫିସକୁ ଫୋନ କରାଯାଉ । ଦେଖିବା କି କାମରେ ବ୍ୟସ୍ତ ଅଛନ୍ତି । ଭୁଲିଗଲେ କି ଆଉ ? ଏମିତି ଭାବୁ ଭାବୁ ଫୋନ ପାଖକୁ ଗଲା ।

“ହ୍ୟାଲୋ ! କିଏ କହୁଛନ୍ତି ?”

“ମୁଁ ଆଜ୍ଞା, ରାମୁ କହୁଛି !"

“ସାର ଅଫିସରେ ଅଛନ୍ତି ତ ?”

“ମ୍ୟାଡାମ ! ସାର ତ କେତେବେଳୁ ଗଲେଣି ।”

“ହଉ !" ଫୋନଟା ଧଡ଼ କରି ରଖିଦେଲା ଅନୁରାଧା ।

To read the complete magazine, Download it for FREE from www.aahwaan.com

କୁଆଡେ ଗଲେ ଆଉ ? କଣ ଏମିତି ଜରୁରୀ କାମ ପଡିଲା ? ତା'ର ଏମିତି ଭାବନାରେ ବାଧା ଦେଇ କଲିଂବେଲଟା ବାଜିଉଠିଲା । ଦୌଡି ଯାଇ କବାଟଟା ଖୋଲି ଦେଲା ଅନୁ । ବାହାରେ ଠିଆ ହୋଇଥିଲେ ଦୀପକ ଆଉ ସାଗରିକା । ସେମାନଙ୍କୁ ଦେଖି ଅନୁ ଆଶ୍ଚର୍ଯ୍ୟ ହେଇଗଲା । ହଠାତ କିଛି କହିପାରିଲାନି । ତା'ର ଏ ଅବସ୍ଥାକୁ ଲକ୍ଷ୍ୟ କରି ସାଗରିକା କହିଲା, "କଣ ଭାଉଜ, ଚମକାଇ ଦେଲି ନାଁ ?"

"ହଁ ....ହଁ .... ଭିତରକୁ ଆସ !" ମୁହଁରେ ସାମାନ୍ୟ ହସ ଫୁଟାଇ କହିଲା ଅନୁ । ଦୁହେଁ ଭିତରକୁ ଗଲେ । ଦୀପକ ଘରକୁ ଏପଟ ସେପଟ ଚାହିଁ ପଚାରିଲେ, "କଣ, ଭାଇ ସାହାବ ନାହାନ୍ତି କି ?" ସାଗରିକା ମଧ୍ୟ ତାଳ ମିଳାଇ ସେଇ ଏକା କଥା ପଚାରିଲା । ଅନୁକୁ ଆଉ କିଏ ସମ୍ଭାଳେ, କାନ୍ଦ କାନ୍ଦ ହୋଇଗଲା । ତାର ଏ ଅବସ୍ଥା ଦେଖି ସାଗରିକା କଣ ପଚାରିବ ବୋଲି ଅନୁ ପାଖକୁ ଆସିଥିଲା । ଠିକ ଏତିକିବେଳେ ଫୋନଟା ବାଜି ଉଠିଲା । ସାଗରିକା ଫୋନ ଧରିଲା, ସେପଟରୁ ଅନିରୁଦ୍ଧ କହୁଥିଲେ, "ହ୍ୟାଲୋ ! ଅନୁ, ମୋର ଡେରି ହେଇଯିବା !"

"ମୁଁ ଅନୁ ନୁହେଁ ! ସାଗରିକା ।"

"ହାଁ ..... ସାଗରିକା ? କେତେବେଳେ ?"

"ଏଇ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଛି । ଇଏ ବି ଆସିଛନ୍ତି ।"

"ଆଉ ସବୁ ଭଲ ତ ?"

"ମୋ କଥା କଣ ପଚାରୁଛ ? ତୁମେ କେଉଁଠୁ କହୁଛ କହିଲ ?"

"ଅଫିସରୁ ।"

To read the complete magazine, Download it for FREE from www.aahwaan.com

"ଅଫିସରୁ ? ଏତେ ବେଳ ପର୍ଯ୍ୟନ୍ତ କାମ ସରିନି ? ତୁମେ ଭାରି ... । ଶୀଘ୍ର ଘରକୁ ଆସ ।"

"ହଁ, ଏଇ ବାହାରିଲି !"

"ଆସ, କଥା ହେବା, ରହିଲି ।"

"ହଉ !"

ସାଗରିକା ଫୋନ ରଖିଲା । ଅନୁ ପାଖକୁ ଯାଇ କହିଲା, ଭାଇ କେତେବେଳେ ଅଫିସରୁ ଫେରେ କି ? ଆଜି ଡେରିହେଲାଣି ବୋଲି ମନ ଦୁଃଖ ? ଏଇ ଏବେ ଅଫିସରୁ ଫୋନ କରିଥିଲା । ଶୀଘ୍ର ଆସିଯିବ ।

ପନ୍ଦର ମିନିଟ ପରେ ଅନିରୁଦ୍ଧ ଆସି ପହଞ୍ଚିଲା । ଦୀପକ ଆଉ ଅନିରୁଦ୍ଧ ଅନେକ କଥା ହେଲେ । ଅନିରୁଦ୍ଧ ଶେଷରେ କହିଲା ଆଜି ଫିଲ୍ମ ଯିବା ପ୍ରୋଗ୍ରାମ ହେଇଥିଲା । ଟାଇମ ତ ମାତ୍ର ପନ୍ଦର ମିନିଟ ଯାଇଛି, ଯିବା କି ? ? ଅନୁ ଚୁପ ଚୁପ ଚାହୁଁନଥିଲା ଅନିରୁଦ୍ଧକୁ । ତା'ପରେ ସମସ୍ତେ ବାହାରିଗଲେ ଫିଲ୍ମ ଦେଖି ।

X X X X

ଫିଲ୍ମ ଦେଖି ଫେରୁ ଫେରୁ ପ୍ରାୟ ଦଶଟା । ଖାଇ ପିଇ ଆସିଥିଲେ ବାହାରୁ । ସେ ଦିନଟି ସେମିତି କଟିଗଲା । ରାତିରେ କିନ୍ତୁ ଅନୁରାଧା ମନ ମାରି ରହିଥାଏ । ଅନିରୁଦ୍ଧ ଅନୁରାଧାକୁ କୋଳେଇ ନେଉ ନେଉ ପଚାରିଲେ, "କଣ ଆଜି ଡେରିରେ ଆସିଲି ବୋଲି ମୁଡ ଅଫ ହୋଇଛି, ନା କଣ ?"

To read the complete magazine, Download it for FREE from www.aahwaan.com

ଅନୁରାଧା କିଛି କହିଲାନି । କେବଳ ଗମ୍ଭୀର ହେଇ ରହିଲା । ପୁଣି ଅନିରୁଦ୍ଧ କହିଲେ, "ହଉ ବାବା ହେଲା ! ଏଥର ଭୁଲ ହେଇଗଲା । ଆଉ ଡେରି କରିବିନି ।"

"ତୁମେ କଣ ଜାଣିବ ? ମୁଁ ଏକୁଟିଆ ହେଲେ କେତେ ଅସହାୟ ବୋଧ କରେ ?"

"ମାତ୍ର ପନ୍ଦର ମିନିଟ ପରେ ତ ଆମେ ସିନେମା ଦେଖିଗଲେ ?"

"ସିନେମା ନେଇଗଲେ କଣ କାମ ସରିଲା ? ତୁମେ ପାଞ୍ଚଟା ବେଳେ କେଉଁଠି ଥିଲ ?"

"କାହିଁକି ? ଅଫିସରେ !" ସହଜ ଭାବରେ ଉତ୍ତର ଦେଲା ଅନିରୁଦ୍ଧ ।

"ମିଛ କହୁଛ !" ହସି ହସି କହିଲା ଅନୁରାଧା ।

"କାହିଁକି ? ମୁଁ ପାଞ୍ଚଟାରେ କୁଆଡେ ଯିବି ?"

"ମୁଁ ଅଫିସକୁ ଫୋନ କରିଥିଲି ।"

"ସେଠୁ, କଣ ହେଲା ?"

"ଅଫିସର ରାମୁ କହିଲା, ବାବୁ ଅନେକ ବେଳୁ ଅଫିସରୁ ଚାଲି ଗଲେଣି ।"

"ଅଳ୍ପ ସମୟ କ୍ୟାଣ୍ଟିନ୍ କୁ ଯାଇଥିଲି, ପୁଣି ଫେରି ଆସିଲି ।"

"ଆସି ସାରି ମୋତେ ଫୋନ କରିନଥିଲ କାହିଁକି ?"

"ଆସି ଶୁଣିଲି ତୁମେ ଫୋନ କରିଛ, ତେଣୁ ଫୋନ କଲି, ତା'ପରେ ମୁଁ ଭାବୁଥିଲି ସଙ୍ଗେ ସାଙ୍ଗେ ବାହାରିବି ବୋଲି, କିନ୍ତୁ ଡେରି ହେଲାରୁ ଫୋନ କଲି ।"

"ଆଚ୍ଛା ? ?"

To read the complete magazine, Download it for FREE from www.aahwaan.com

"ଆଉ କଣ ମୁଁ ମିଛ କହୁଛି ?"

କଥା ସେଇଠି ରହିଲା । ଦୁହେଁ ଶୋଇପଡିଲେ ।

X X X X

ସକାଳୁ ସକାଳୁ ଜଳଖିଆ ଟେବୁଲରେ ସମସ୍ତେ ବସିଥିଲେ । ଆଳୁ ପରଟା ଆଉ ଜାମ ଖାଉ ଖାଉ କଥାବାର୍ତ୍ତା ହେଉଥିଲେ । ଦୀପକ କହିଲେ, "ଆଉ ଗାଁ ଆଡେ କେବେ ଯାଉଛ ?"

ଅନିରୁଦ୍ଧ କହୁଥିଲେ, "ଛୁଟି ହେଲେ ଯିବୁ ବୋଲି ଅନେକଥର ବାହାରିଲୁଣି । ଅଫିସ ଧନ୍ଦା ତ ଜାଣିଛ । ଗୋଟେ କାମ ଛିଡିଲେ ଆଉ ଗୋଟେ ଆସି ପହଞ୍ଚି ଯାଉଛି ।"

ଅନୁ ପଚାରିଲା, "ଘରେ ବାପା, ବୋଉ କିପରି ଅଛନ୍ତି ?"

ଦୀପକ କହିଲେ, "ହଁ, ଭଲ ! ମୁଁ ଗଲା ଛୁଟିରେ ଯାଇଥିଲି । ଘରକାମ କଣ ଆରମ୍ଭ ହୋଇଛି । ତାକୁ ଛିଡାଇ ଏଠାକୁ ଆସିବେ ବୋଲି କହୁଥିଲେ । କଣ ହେଲା କେଜାଣି, ଇଏ ଭଲକି ଜାଣିଥିବ ।"

ସାଗରିକା କହିଲା, "ହଁ, ବାପା କହୁଥିଲେ ଘରକାମ ସାରି ଆସନ୍ତା ଦୁର୍ଗାପୂଜାକୁ ଆସିବେ ।"

ଅନିରୁଦ୍ଧ କହିଲେ, "ବାପା ଏକା ? ନା ମା'କୁ ସାଙ୍ଗରେ ଆଣିବେ ?"

ଅନୁରାଧା ଦୁହିଙ୍କୁ ଚାହୁଁଥାଏ । ସାଗରିକା କହିଲା, "ତୁମ ଭଳିଆ କି ବାପା ? ମା' କୁ ଏକୁଟିଆ ଛାଡିଦେବେ ?"

To read the complete magazine, Download it for FREE from www.aahwaan.com

"କଣ ? କଥା କଣ ?" ଅନିରୁଦ୍ଧ ପଚାରୁଥିଲେ ।

"କଥା କଣ ? ତୁମେ କାଲି ପ୍ରଥମେ ଡେରିରେ ଫେରିଲ, ନା ଆଗରୁ ଏମିତି ଡେରିରେ ଫେର ?"

"କାହିଁ !........ ମୁଁ ତ ଡେରିରେ ଆସିନି !"

"ହେ !....... ମିଛ କୁହନି..... ଭାଉଜ କାଲି କାନ୍ଦ କାନ୍ଦ ହେଇ ଯାଇଥିଲେ ...... ଆମେ ଆସିଲୁ ବୋଲି ରକ୍ଷା !"

"ଓହୋ ! ସବୁ ଓପାଡି ପକେଇଲୁ !"

"ଆଉ ! ତୁମେ ଯାହାହେଉ ଭାଉଜଙ୍କୁ ଏକୁଟିଆ ଛାଡି କୁଆଡେ ଯିବନି, ବୁଝିଲ !"

"ହଉ ! ତୋ କଥା ରହିଲା ।"

ଦୀପକ ଚୁପଚୁପ ହସୁଥିଲେ ସାଗରିକାକୁ ଚାହିଁ । ସାଗରିକା ତାଙ୍କ ଆଡେ ଦେଖି ଲାଜେଇଗଲା । ଦୀପକ କହିଲେ, "ହଁ ! ଭାଇ ସାହାବ ! ଆପଣଙ୍କ ଭଉଣୀ ଠିକ କହୁଛି । ମୁଁ ମଧ୍ୟ ସେୟା କରେ ।"

ଏ କଥାରେ ସମସ୍ତେ ହସିଉଠିଲେ ।

ଖିଆପିଆ ପର୍ବ ସାରିଲା । ଦିନତମାମ ଖୁବ ଗପସପ ହେଉ ହେଉ କଟି ଗଲା । ରାତିରେ କିନ୍ତୁ ସାଗରିକା ଓ ଦୀପକ ବାହାରିଲେ ତାଙ୍କ ଚାକିରି ଜାଗାକୁ । ଛୁଟି ଶେଷ, ତେଣୁ ଡେରିହେଲେ ପୁଣି ଅସୁବିଧା । ୟାଡ଼େ ପୁଣି ନୂଆ ନୂଆ ଆଡମିସନ ଚାଲିଛି କଲେଜରେ । ପିଲାଙ୍କ ଭିଡ, ତେଣୁ ଷ୍ଟାଫଙ୍କୁ ଜମା ଫୁରସତ ନାହିଁ । ଅନୁରାଧା ଆଉ

To read the complete magazine, Download it for FREE from www.aahwaan.com

ଅଟକାଇ ରଖି ପାରିଲା ନାହିଁ । ଦୁହେଁ ନାଇଟ ବସରେ ଚଢିଲେ । ଦୁହିଙ୍କୁ ବିଦାୟ ଦେଇ ଅନୁ ଆଉ ଅନିରୁଦ୍ଧ ଫେରିଲେ କ୍ୱାର୍ଟରକୁ ।

ଠିକ ଘରେ ପହଞ୍ଚିଛନ୍ତି କି ନାହିଁ, ବର୍ଷା ପକେଇଲା । ତା'ପରେ ପରେ ଭୀଷଣ ବର୍ଷା ମେଘ । ଘରର ଝରକା କବାଟ ଗୁଡାକ ବନ୍ଦ କରି ଭିତରେ ଚୁପ ଚାପ ହେଇ ବସିରହିଲେ ଦୁହେଁ । ଅନୁରାଧା ମନରେ ପୂର୍ବ କଥା ଗୁଡାକ ଗୁଡେଇ ତୁଡେଇ ହେଉଥାଏ । କବଳ ସାଗରିକା ଆଉ ଦୀପକଥିବାରୁ ଅନିରୁଦ୍ଧଙ୍କୁ କିଛି ପଚାରି ପାରୁ ନଥିଲା । ହଠାତ ପୁଣି ଆରମ୍ଭ କଲା, "ଆଚ୍ଛା ! ତୁମେ ମତେ ଆଉ ମିଛ କହୁନ ତ ?"

ଅନିରୁଦ୍ଧ ଏପରି ପ୍ରଶ୍ନବାଣ ପାଇଁ ସଚେତନ ନଥିଲା । ହଠାତ ଏପରି ପ୍ରଶ୍ନ ଶୁଣି କେବଳ ଆଶ୍ଚର୍ଯ୍ୟ ହେଇ ଚାହିଁଲା । ଅନୁର ଏପରି ସିରିଅସ ହେବା ଦେଖି ହସିଦେଇ କହିଲା, "ଛି ! କଣ ଏମିତି କହୁଛ ? ହୁଁ !"

"ନାଁ.... ନାଁ..... ସତକୁହ । ତୁମେ ମୋତେ ଆଗ ଅପେକ୍ଷା ଅଧିକ ଅବହେଳା କରୁ ନାହଁ ତ ?"

"ନାଁ... ବାବା, ଜମା ନୁହେଁ । ହେଲା ?"

ପୁଣି ଭୁଲିଗଲା ଅନୁରାଧା । କିନ୍ତୁ ସେହି ନିଷ୍ଠୁର ରାତିଟା କିପରି ଶୀଘ୍ର ପାହିବା କେବଳ ଚିନ୍ତା କରୁ କରୁ ନିଦ ଲାଗି ଆସିଲା ତାକୁ । ଅନିରୁଦ୍ଧ ମଧ୍ୟ ଶୋଇ ପଡିଥିଲେ କ୍ଳାନ୍ତ ହୋଇ ।

X X X X

To read the complete magazine, Download it for FREE from www.aahwaan.com

ସକାଳୁ ଆଲର୍ମ ପାଇଁ ଅନୁ ୫ ଟାରୁ ଉଠି ପଡିଥିଲା । ବିଛଣାରେ ପଡି ପଡି ଦେଖୁଥିଲା ଅନିରୁଦ୍ଧଙ୍କ ଶାନ୍ତ ନିଦୁଆ ମୁହଁଟିକୁ । ବହୁତ କଥା ତା ମନ ଭିତରେ ଉଙ୍କି ମାରୁଥିଲେ । କଣ ଏ ମଣିଷ ଜୀବନ, ବାପାମା ଜନ୍ମ କରିଲେ, ପାଠ ସାଠ ପଢେଇଲେ, ମଣିଷ ପରି ମଣିଷଟିଏ କରିବାକୁ ନିଜ ଜୀବନର ପ୍ରତି ମୂହୁର୍ତ୍ତକୁ ହସି ହସି ଛୁଆଙ୍କ ପାଇଁ ଉତ୍ସର୍ଗ କରିଚାଲିଲେ । କିନ୍ତୁ ସିଏ ଏବେ କଣ ? ନିଜେ ଅନ୍ୟର ବୋଝ ହୋଇ ବଞ୍ଚିଛି । ତା’ପାଇଁ ଅନିରୁଦ୍ଧ, ସାଗରିକା, ଦୀପକ ତଥା ତା ଶାଶୁ ଶଶୁର କେତେ କଣ ନଭାବିଥିବେ । କିନ୍ତୁ ସେ ଆଜି କାହାକୁ ବି କିଛି ବି ଦେଇପାରୁନି । ଭଗବାନ ତାକୁ କାହିଁକି ବଞ୍ଚେଇ ରଖିଛନ୍ତି କେଜାଣି ?

“ହେ ! ଅନୁ, କଣ ଭାବୁଛ ?” ଅନିରୁଦ୍ଧଙ୍କ ଡାକରେ ଅନୁ ଚମକି ପଡିଲା । ଅନିରୁଦ୍ଧ ବି କେତେବେଳେ ଉଠିପଡି ତାରି ଆଡକୁ ଚାହିଁ ହସି ହସି କହୁଥିଲେ, “କଣ, ତୁମେ ଆମ ସବୁ ପୁରୁଣା କଥା ଭୁଲିଗଲ ? ଅଗଷ୍ଟ ୧୫ ମନେ ଅଛି ? ସେଇଦିନଠୁ ମୁଁ ତୁମକୁ ଚିହ୍ନିଛି । ବହୁତ ଇମୋସନାଲ । ଏତେ ବି ଇମୋସନାଲ ହେଲେ ଆମେ ବଞ୍ଚି ପାରିବାନାହିଁ । ଜୀବନ ଗୋଟେ ସୁନ୍ଦର ରାସ୍ତା । ତୁମକୁ ମୁଁ, ଆଉ ମୋତେ ତୁମେ, ଏତେ ସୁନ୍ଦର ଜୀବନସାଥୀ ମିଳିଛନ୍ତି । ତଥାପି ଏତେ ଭାବନା ?”

“ନାଇଁ, ମୁଁ କିଛି ଭାବୁନି ତ ?” ଅନୁ ନିଜ ଭାବନାକୁ ଲୁଚେଇବାକୁ ଯାଇ, ମୁହଁକୁ ତଳକୁ ପୋତି କହୁଥିଲା ।

ଅନିରୁଦ୍ଧ ଉଠି ବସିଲେ, ନିଜ ଦୁଇହାତରେ ଅନୁର ମୁହଁକୁ ତୋଳିଧରି କହିଲେ, “ମୋତେ ଚାହିଁଲ !”

“କଣ ହେଲା କି ?”

To read the complete magazine, Download it for FREE from www.aahwaan.com

"ତୁମେ ଆଉ ମୋତେ ଭଲ ପାଉନ ? ନା ?"

"ଛି ! ଏମିତି କୁହନି !" ଅନୁ ଅନିରୁଦ୍ଧଙ୍କ ପାଟିରେ ହାତ ଦେଇ ତାଙ୍କୁ ଏମିତି କହିବାରୁ ବନ୍ଦ କରୁଥିଲା ।

"ତା'ହେଲେ, ମୋର ଗୋଟେ କଥା ମାନିବ ?"

"କୁହ ?"

"ମୁଁ, ତୁମ ପାଇଁ ଗୋଟେ ସର୍‌ପ୍ରାଇଜ୍ ରଖିଛି, ଦେଖିବ ?"

"ସର୍‌ପ୍ରାଇଜ୍ ?"

ତକିଆ ତଳୁ ଗୋଟେ ଗୋଲାପୀ ଲଫାପା ବାହାର କରି ଅନିରୁଦ୍ଧ ଅନୁକୁ ଦେଲେ ।

ଅନୁ ତରତର ହେଇ ସେଇଟା ନେଲା । ନେଲା ବେଳେ ମନେ ପଡିଯାଉଥିଲା ଏପ୍ରିଲ ଫୁଲ ଦିନ ଅନିରୁଦ୍ଧ ତା ପାଖକୁ ପଠେଇଥିବା ସେଇ ଚିଠିଟି । ଆଜି ଆଉ ସେମିତି ମଜା କରୁନାହାନ୍ତି ତ ?

ଖୋଲି ପଢିଲା ....

ସେଇଟା ଥିଲା ଗୋଟେ ପ୍ଲେ ସ୍କୁଲ ଖୋଲିବା ପାଇଁ ସ୍ୱୀକୃତିପତ୍ର, ମାନେ ଅନିରୁଦ୍ଧ ତା ପାଇଁ ଗୋଟେ ପ୍ଲେ ସ୍କୁଲ ଖୋଲିଛନ୍ତି !

ତା ଆଖି ଲୁହାରେ ଓଦା ହେଇ ଆସୁଥିଲା । ଅନିରୁଦ୍ଧ ତା ଜୀବନକୁ କେତେ ନିକଟରୁ ବୁଝିଛନ୍ତି । ତା ଜୀବନର ଏକୁଟିଆପଣକୁ ସବୁଦିନ ପାଇଁ ଶେଷ କରିଦେବାକୁ ସିଏ ଏତେ ପରିଶ୍ରମ କରି ଏ ମହାନ ସମ୍ଭାବନାକୁ ତା ହାତକୁ ଟେକି ଦେଇଛନ୍ତି । ସିଏ ବି ତାଙ୍କ

To read the complete magazine, Download it for FREE from www.aahwaan.com

ଭଲପାଇବାକୁ କେବେ ବି ତଳେ ପଡିବାକୁ ଦେବନି । ଅନେକ ଛୋଟ ଛୋଟ ଛୁଆଙ୍କ ପାଳିତ ମା ହେଇ ଦେଖେଇ ଦେବ, ସିଏ ପଲାଶ ଫୁଲ ହେଲେ କଣ ହେଲା, ତା'ର ବି ବାସ୍ନା ଅଛି । ସିଏ ଏମିତି ଭାବୁ ଭାବୁ ଅନିରୁଦ୍ଧ କହିଥିଲେ, "ବୁଝିଲ ମ୍ୟାଡାମ ...... କାଲି ମୁଁ ୫ଟା ବେଳେ ଅଫିସରେ ନଥିବାର କାରଣ ? ଏଇ ଚିଠିଟି ଆଣିବାକୁ ଯାଇଥିଲି ।"

ଅନୁ ବହୁତ ଖୁସିରେ ଅନିରୁଦ୍ଧଙ୍କୁ ଆଲିଙ୍ଗନ କଲା ।

ଦୁହିଙ୍କ ଜୀବନର ଲକ୍ଷ୍ୟ ମିଳିଯାଇଥିଲା । ସେମାନେ ସତରେ ପଲାଶ ଫୁଲକୁ ବାସ୍ନାରେ ଭରିଦେଇଥିଲେ ।

To read the complete magazine, Download it for FREE from www.aahwaan.com

# ସୁନେଲୀ ସିଂହ - ୩



ଅଶୋକ ବିଶ୍ୱାଳ

ରାଜାଙ୍କ ପାରିଧି

ସିଂହର ଗର୍ଜନ ଭଗବାନଙ୍କର ସିଂହ ପ୍ରତି ସବୁଠୁ ବଡ ଆଶୀର୍ବାଦ । ଏହି ଗୁରୁ ଗମ୍ଭୀର ଗର୍ଜନରେ ସମସ୍ତେ ସ୍ଥାଣୁ ହେଇଯାଆନ୍ତି । ଅନ୍ୟ କେଉଁ ଜୀବର ଏମିତିକି ଗର୍ଜନ କରିବା ପାଇଁ ଶକ୍ତି ନାହିଁ । ଏ ଗର୍ଜନ ଦ୍ୱାରା ଗୋଟିଏ ସିଂହ ଆଉ ଗୋଟିଏ ସିଂହ ସହିତ ସମ୍ପର୍କ ସ୍ଥାପନ କରେ । ଏହି ଗୁରୁ ଗମ୍ଭୀର ଗର୍ଜନର ଅର୍ଥ ନୁହେଁ ସବୁବେଳେ ସିଂହ କ୍ରୋଧିତ ହୋଇଅଛି । ବେଳେବେଳେ ସିଂହ ପରିବାର ଅନେକ ସ୍ଥାନରେ ବ୍ୟପ୍ତ ହୋଇପାରନ୍ତି । ଜଣକ ସହିତ ଆଉ ଜଣକର ସମ୍ପର୍କ ପାଇଁ ସେମାନେ ଗର୍ଜନ କରିଥାନ୍ତି । ଯେତେବେଳେ ଗୋଟିଏ ପରିବାରର ସିଂହମାନେ ଏକତ୍ରିତ ହୋଇଥାନ୍ତି ସେମାନେ ଧିର ସ୍ୱରରେ ଗର୍ଜନ କରନ୍ତି । ଓଠକୁ ଚାଟନ୍ତି ମୁଣ୍ଡକୁ ମୁଣ୍ଡ ଲଗାଇ ଘସି ହୁଅନ୍ତି । ଦେହରେ ଦେହ ଘସି ହୁଅନ୍ତି । ଏହା ଦ୍ୱାରା ସେମାନେ ନିଜ ନିଜ ଭିତରେ ସ୍ନେହର ଭାବକୁ ଆଦାନ ପ୍ରଦାନ କରନ୍ତି ।

ଗୋଟିଏ ଦଳରେ ଦଳପତି ସିଂହ ହିଁ ଜୋରରେ

To read the complete magazine, Download it for FREE from www.aahwaan.com

ଗର୍ଜନ କରେ । ଦଳଚ୍ୟୁତ ହୋଇ ଥିବା ସିଂହମାନେ ଗର୍ଜନ କରନ୍ତି ନାହିଁ । ତା'ର ମୁଖ୍ୟ କାରଣ ହେଉଛି ଗର୍ଜନ ଦ୍ୱାରା ସେମାନଙ୍କ ସ୍ଥିତି ଜଣା ପଡିଯିବ । ଆଉ ଦଳପତି ସିଂହ ତାକୁ ଆକ୍ରମଣ କରିବ । ସିଂହ ଯେତେ ଜୋର ପାରେ ସେତେ ଜୋର ଗର୍ଜନ କରେ । ଏହାଦ୍ୱାରା ତା'ର ଶକ୍ତି, ଆକାର ବିଷୟରେ ସମସ୍ତଙ୍କୁ ଜଣାଇଦିଏ । ସିଂହମାନଙ୍କ ଭିତରେ ନିଜର ଭାବର ଆଦାନ ପ୍ରଦାନ ପ୍ରାୟ ସବୁବେଳେ ଘଟିଥାଏ । ଏମିତି ଏକ ଭାବର ଆଦାନ ପ୍ରଦାନ ଉଦାହରଣ ହେଉଛି ଯେ ସିଂହୀମାନେ ଶିକାରକୁ ଯିବା ପୂର୍ବରୁ ପ୍ରାୟେ ଏକାଠି ହେଇଯାନ୍ତି । ତାପରେ ନିଜ ମୁଣ୍ଡକୁ ଅନ୍ୟର ମୁଣ୍ଡରେ ଘସନ୍ତି । ନିଜ ଶରୀରକୁ ଅନ୍ୟ ଶରୀରରେ ଘସନ୍ତି । ଏହାଦ୍ୱାରା ସେମାନେ ବୋଧହୁଏ ଯେମିତି ଦେଖାନ୍ତି ଯେ କିଛି ଆକ୍ରମଣ କରିବା ଆଗରୁ ସେମାନେ କିଛି ଯୋଜନା କରୁଛନ୍ତି ।

ସିଂହଟି ବର୍ତମାନ ନିଜ ରାସ୍ତାରେ ଆଗେଇ ଗଲା । ତଳେ ମାଟି ଧୂସରିଆ । ରାସ୍ତା ବଙ୍କା, ଟଙ୍କା, ପଥର ଖଣ୍ଡି ମାନ ଏଣେ ତେଣେ ପଡିଥିଲା । କେଉଁଠି କେଉଁଠି ସାମାନ୍ୟ ଘାସ ଅଛି । ସେ ଘାସ ଗୁଡିକ ଶୁଖିଯାଇ ହଳଦିଆ ଧଳା ହୋଇଯାଇଛି । ଛୋଟ ଛୋଟ ଘାସଗୁଡିକ ଉପରେ ସିଂହର ପଞ୍ଜା ପଡୁଥିଲା । ସେ ଘାସ ଗୁଡିକ ଦବିଯାଉଥିଲା । ସାମାନ୍ୟ କଳା କେଶରରେ ବର୍ତ୍ତମାନ ସୂର୍ଯ୍ୟ କିରଣ ପଡୁଥିଲା । ପଛପଟର ଜଙ୍ଗଲ ଏକଦମ୍ ଧୂସରିଆ ହୋଇଯାଇଛି । କେଉଁଠି କେଉଁଠି ସାମାନ୍ୟ ସବୁଜ ହଳଦିଆ ପତ୍ର । କିନ୍ତୁ ଜଙ୍ଗଲ ସବୁଠି ବର୍ତ୍ତମାନ ଧଳା ଖଇରିଆ ହୋଇ ଆସିଛି ।

ସିଂହ ଅଧିନରେ ଥିବା ଏବେକାର ଅଂଚଳରେ କିଛି ଲମ୍ବା ଘାସୁଆ ଜମି ଥିଲା । ଏମିତି ଯାଗ ସେ ଆଉ ତାର ଦଳର ଅନ୍ୟମାନେ ସାବଧାନତାର ସହ ବାଛିଥିଲେ । ଏମିତିଆ ରାଜ୍ୟରେ ଅନେକ ଶିକାର ମିଳି ଯାଇପାରନ୍ତି । ସିଂହଟି ଧୀରେ ଧୀରେ ଆଗକୁ

To read the complete magazine, Download it for FREE from www.aahwaan.com

ଆଗେଇ ଗଲା । ସାମାନ୍ୟ ଓଦାଳିଆ ମାଟି ଯୋଗୁ କେଉଁଠି କେଉଁଠି ଲାଲ ଉଇ ହୁଙ୍କା ମାନ ଉପରକୁ ଖୁବ ବଢି ଯାଇଛି । ଗୋଟିଏ ହୁଙ୍କାତ ଏକ କଂଟା ଗଛର ଅଧା ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ହୁଙ୍କାର ନାଲି ନାଲି ଅଗ ଗୋଜିଆ ହୋଇଯାଇଥିଲା । ସେ ଭିତରେ ଗଛଟି ଉପରକୁ ଉଠିଯାଇ ଶାଖା, ପ୍ରଶାଖା ମେଲେଇ ଦେଇଥିଲା । ଗଛଟିରେ ଗୋଟିଏ ପତ୍ର ନଥିଲା । ସେପଟେ ଅନ୍ୟ ଗଛ ସବୁ ଏମିତି ଉଠିଥିଲା । ସେହି କଂଟା ଗଛ ମାନଙ୍କ ମଝିରେ କିଛି କିଛି ଫାଙ୍କ ଥିଲା । ସିଂହ ସେହି ଫାଙ୍କା ଦେଇ ଆଗକୁ ଯିବା ଆଗରୁ ବୁଲିକରି ଟିକିଏ ଅନାଇଲା । ତାର ମୁହଁରେ ଆସ୍ୱସ୍ତି । ତା ଲାଙ୍ଗୁଡ ତଳକୁ ନଇଁଯାଇ ଥିଲା । ଲାଙ୍ଗୁଡଟି ଶେଷ ଆଡକୁ ସାମାନ୍ୟ କଳା, ଅଳ୍ପ ପୁଳାଏ କଳା ପୁଛ ଅଛି । ଲାଙ୍ଗୁଡଟି ସେମିତି କିଛି ହଲୁ ନଥିଲା । ସିଂହ ଟିକେ ମୁଣ୍ଡ ହଲାଇଲା । କିଛି ବ୍ୟସ୍ତ ହେବାର ନାହିଁ । ପରେ ସେହି ଫାଙ୍କ ଦେଇ ଅନ୍ୟ ଚାରାଭୂମିକୁ ଆଡକୁ ଆଗେଇଗଲା ।

ଏହି ସିଂହର ଅସିମ ଶକ୍ତି ଥିଲା ସେ ଖୁବ ଜୋରରେ ଚାଲିବା ଆରମ୍ଭ କଲା । ସିଂହମାନେ ଅନେକ ଜାଗା ଖେଳେଇ ହେଇଯାଇଛନ୍ତି । ଗୋଟିଏ ରାତିରେ ସେ ପ୍ରାୟ ୫୦ କିଲୋମିଟର ଚାଲିପାରେ ।  ଏକଥା ଅବିଶ୍ୱାସନୀୟ ହେଲେ ମଧ୍ୟ ସତ । ଗିର ଜଙ୍ଗଲରେ ତାର ରାଜୁତିର କ୍ଷେତ୍ର । ଏହି ସିଂହ ଖୁବ୍ ଜୋରରେ ଚାଲେ । ଦୌଡିବା ନୁହେଁ, ତା ଚାଲିବାଟା ବହୁ ଜୋରରେ ହୋଇପାରେ । ଯେମିତିକି ସେ ମାରାଥନ ରେସରେ ଭାଗ ନେଉଛି । ତା ଦେହରେ ଖୁବ ସ୍ଫୁର୍ତ୍ତୀ ଥିଲା । ଦେହଟା ଭିତରେ ଶକ୍ତି ଖୁନ୍ଦି ହୋଇ ଗଲା ପରି ଲାଗୁଥିଲା । ସେ ନିଜ ପାରିଧିରେ ଆଗେଇ ଗଲା । କେଉଁଠି ନ ଅଟକି ସେ ଏବେ ଖାଲି ଚାଲିବ । ବେଳେ ବେଳେ ନିଜର ରାଜ୍ୟର ସୀମା ନିର୍ଦ୍ଧାରଣ ପାଇଁ କେଉଁଠି କେଉଁଠି ମୂତ୍ର ତ୍ୟାଗ ଆଦି କରିବ ।

To read the complete magazine, Download it for FREE from www.aahwaan.com

ତା ଭଳି ଶକ୍ତିଶାଳୀ ଏସୀଆୟୀ ସିଂହ ନିଜର ଦଳ ସହିତ ବେଶୀ ସମୟ ବିତାଏ ନାହିଁ । କିନ୍ତୁ ଆଫ୍ରିକୀୟ ସିଂହ ନିଜର ଦଳ ସହିତ ବହୁତ ଅଧିକ ସମୟ ବିତାଇଥାଏ । ଏ ଜଙ୍ଗଲରେ ଚିତଲ୍ ଆଉ ପର୍ଯ୍ୟାପ୍ତ ନୀଳଗାଇ ଅଛନ୍ତି । ଅନେକ ଘଂଚ ଜଙ୍ଗଲ ହେତୁ ଅନେକ ସମୟରେ ସିଂହମାନେ ଏକୁଟିଆ ଶିକାର କରିଥାନ୍ତି । ଏହି କାରଣରୁ ଦଳ ସହିତ ଏମାନଙ୍କର ସମ୍ବନ୍ଧ କମ ଥିଲା । ତାର ବ୍ୟତୀତ ଅନ୍ୟ ସିଂହମାନେ ମଧ୍ୟ ନିଜର ସୀମା ସବୁବେଳେ ପରିକ୍ରମା କରୁଥାନ୍ତି ।

କ୍ରମଶଃ-

To read the complete magazine, Download it for FREE from www.aahwaan.com

# ବୈରାସରିଅନ୍



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

"ସନ୍ଧ୍ୟା ହେଉ ହେଉ କୁଆଡ଼େ ପଳେଇ ଯାଉଛନ୍ତି ଆଜ୍ଞା ?" ମୋର ଘରମାଲିକ ପଚାରୁଥିଲେ । ବୟସରେ ମୋ ଠାରୁ ଅଧିକ ବେଶୀ ହେଲେ ୫-୬ ବର୍ଷ ବଡ଼ ହେବେ, ଜାତିରେ ମାରୱାଡ଼ି । ଘରେ ଛୋଟିଆ ପରିବାର । ସ୍ୱାମୀ ସ୍ତ୍ରୀ ଓ ଦୁଇ ସନ୍ତାନ ପୁଅଟିଏ ଓ ଝିଅଟିଏ । ତାଙ୍କ ଘରର ଗୋଟିଏ ବଡ଼ ବଖରାକୁ ସେମାନେ ମୋତେ ଭଡ଼ା ସୂତ୍ରରେ ଦେଇଥିଲେ । ନୂଆ ନୂଆ ଚାକିରୀ କରିଥିବା ସମୟରେ ଏକା ରହୁଥିବା ହେତୁ ସେହି ବଖରାଟି ମୋତେ ବହୁତ ଭଲ ଲାଗୁଥିଲା । ଚାରିପାଖରେ ପାଚେରୀ । ବଖରାକୁ ଫେରି କବାଟ ବନ୍ଦ କରିଦେଲେ ମାଉସୀ ବାହାରେ ପହରା ଦିଅନ୍ତି । କେହି ଯଦି ଆସି ମୋତେ ଉଠାଇବାକୁ ଚେଷ୍ଟା କରେ ସେ କଡ଼ା କଡ଼ି ଭାବରେ କହିଦିଅନ୍ତି, "ଆଜ୍ଞା ଏବେ ଶୋଇଛନ୍ତି, ସନ୍ଧ୍ୟାରେ ଆସ ।" ସକାଳ ସାଢ଼େ ଛଅଟା ବେଳକୁ ଗାଧୋଇପାଧୋଇ ବାହାରି ପଡ଼େ ମୋର ସ୍ୱାସ୍ଥ୍ୟକେନ୍ଦ୍ରକୁ । ବଜାରରେ ହୋଟେଲରୁ ପିଠା ଆଉ ଗ୍ରୀନ୍ ମଟର ତରକାରୀ ଖାଇଦେଇ ବାର କିଲୋମିଟର ବାଟ

To read the complete magazine, Download it for FREE from www.aahwaan.com

ଗଲେ ପଡ଼େ ମୋ ହସପିଟାଲ୍ । ଦିନ ଏଗାରଟାରୁ ବାରଟା ଭିତରେ ହସପିଟାଲରେ ତାଲା ଦେଇ ପୁଣି ଫେରିଆସେ ତରଭା । ସୁବର୍ଣ୍ଣପୁର ଜିଲ୍ଲାର ଗୋଟିଏ ପ୍ରମୁଖ ସହର । ଖରାଦିନେ ଏତେ ଗରମ ହୁଏ ଯେ ବେଳେ ବେଳେ ହସପିଟାଲରୁ ଫେରି ନିଜ ବସାକୁ ଆସିବା ପରେ ଆଉ ବାହାରକୁ ବାହାରିବାକୁ ମନ ହୁଏନାହିଁ । ତେଣୁ ବସାରେ ଡବାରେ ବିସ୍କୁଟ୍, ମିକ୍ସଚର୍ ସବୁ ରଖିଥାଏ । କିନ୍ତୁ ଅଧିକାଂଶ ଦିନ ଘରବାଲାଙ୍କ ଦୁଇ ପିଲା ଖରାବେଳେ ଘରକୁ ଖାଇବାକୁ ଆସିବା ସମୟରେ ମୋ ବସାରେ ବସି ଏକାଠି ଖାଇବାକୁ ଜିଦ୍ କରନ୍ତି । ମୁଁ ଜାଣେ ସେମାନେ ଗରୀବ ପରିବାର ତେଣୁ ସେମାନଙ୍କୁ ଅଧିକ କଷ୍ଟ ଦେବାକୁ ଇଚ୍ଛା ହୁଏନି, କିନ୍ତୁ ପିଲାମାନେ ମାନନ୍ତି ନାହିଁ । ଅଗତ୍ୟା ମାଉସୀ ବଡ଼ ଥାଳିରେ ଭାତ, ଆଉ କିଛି ଭଜା ଆଉ ଭାତରେ ସମପରିମାଣର ଘିଅ ପକାଇ ଆଣି ଦିଅନ୍ତି । ପିଲାମାନଙ୍କ ସ୍ନେହ ଦେଖିଲେ ସେତିକିରେ ପେଟ ପୁରିଯାଏ । ନ ପୁରିଲେ, ଡବାରେ ଅନେକ ଜିନିଷ ଥାଏ । ଘର ଭଡ଼ାନେଇ ଅନ୍ୟୁନ ଦୁଇମାସ ହୋଇଗଲାଣି । ତରଭାରୁ ମାତ୍ର କୋଡ଼ିଏ କିଲୋମିଟର ଗଲେ ପଡ଼େ ବଲାଙ୍ଗୀର । ଏକ କ୍ଷୁଦ୍ର କିନ୍ତୁ ଆଭିଜାତ୍ୟପୁର୍ଣ୍ଣ ସହର । ବେଳେ ବେଳେ ଅପରାହ୍ନରେ ତରଭା ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ବସେ, ରୋଗୀ ଦେଖେ । କେନ୍ଦ୍ର ଅଧିକାରୀ ସେଠୀ ବାବୁ ଭାରି ଭଲ ଲୋକ । ଅନ୍ୟ ସମସ୍ତ ବିଶେଷଜ୍ଞମାନେ ବି ମୋତେ ଭଲ ପାଆନ୍ତି । କିନ୍ତୁ ତରଭାରେ ଖାଇବାକୁ ଏତେ ଭଲ ମିଳେନି । ସବୁଦିନ ସେଇ ଏକା ପ୍ରକାରର ଖାଦ୍ୟ ଖାଇ ଖାଇ ଖାଇବାରୁ ମନ ଉଠିଯାଏ । ତେଣୁ ଦିନେ ଦିନେ ସନ୍ଧ୍ୟାରେ ବାଇକ୍ ନେଇ ବାହାରିଯାଏ ବଲାଙ୍ଗୀର । କୋଡ଼ିଏ ମିନିଟରେ ପହଞ୍ଚିଯାଏ । ସେଠି ଇଣ୍ଟରନେଟ୍ କରେ, ପାର୍କରେ ବସେ, ପୁଣି ଅନ୍ଧାର ହେବାପରେ ହୋଟେଲରେ

To read the complete magazine, Download it for FREE from www.aahwaan.com

ଖାଇଦେଇ ଫେରିଆସେ । ଫେରୁ ଫେରୁ ରାତି ଦଶ ବେଳେ ବେଳେ ଏଗାରଟା ହୁଏ । ମୁଁ ନ ଫେରିବା ଯାଏଁ, ମାଉସୀ ଅପେକ୍ଷା କରି ବସିଥାନ୍ତି । ଅବଶ୍ୟ ମୁଁ ଫେରିବା ପରେ ସେ କବାଟରେ ଚାବି ପକାନ୍ତି । ସେତେବେଳ ଯାଏଁ ବସି ଟିଭି ଦେଖୁଥାନ୍ତି ।

ମୋର ଏତାଦୃଶ କାର୍ଯ୍ୟକ୍ରମ ଦେଖି ବେଳେ ବେଳେ ସେ ବିରକ୍ତ ହୁଅନ୍ତି ଆଉ ସବୁବେଳେ ଜଣାଇ ଦିଅନ୍ତି, "ଆପଣ ଯାହା ବି କରନ୍ତୁ । ରାତି ନଅ ପୂର୍ବରୁ ଘରକୁ ଫେରି ଆସନ୍ତୁ ।" ମୋ ପାଇଁ ସେ ଚିନ୍ତା କରନ୍ତି ସତ କିନ୍ତୁ ମୁଁ ଶୁଣେନି । ବେଳେ ବେଳେ ଘରକୁ ଚାଲିଆସେ । ଘରୁ ଯେବେ ବି ତରଭା ଯିବାକୁ ହୁଏ, ବସ ଯାଇ ପହଞ୍ଚେ ବୈରାସର ବୋଲି ଗୋଟିଏ ସ୍ଥାନରେ, ସେଠାରୁ ତରଭା ଯିବାକୁ ହେଲେ ରିକ୍ସା କିମ୍ବା ଚାଲି ଚାଲି ଯିବାକୁ ହୁଏ । ଅଧିକାଂଶ ଦିନ ଗାଡ଼ି ପହଞ୍ଚିବା ସମୟ ସକାଳ ଚାରିଟା ହୋଇଥାଏ । ରିକ୍ସା ମିଳେନି । ମୁଁ ଚାଲି ଚାଲି ବସାକୁ ଚାଲିଯାଏ । ସେତେବେଳେ ବି ମାଉସୀ ବିରକ୍ତ ହୁଅନ୍ତି ଆଉ କୁହନ୍ତି, "ଫୋନ୍ କରିଦେଲନି । ମଉସା ଯାଇ ନେଇ ଆସିନଥାନ୍ତେ ?" କାହିଁକି ସେମାନଙ୍କୁ କଷ୍ଟ ଦେବି ବୋଲି ମୁଁ ଫୋନ୍ କରେନି ।

"ବଲାଙ୍ଗୀର ଟିକେ ଯାଇଥିଲି । କାମ ଥିଲା । ଏଇଠି ତ ଭଲ କିଛି ଖାଇବାକୁ ମିଳୁନି । ସେଇଥିପାଇଁ ବଲାଙ୍ଗୀର ଆଡ଼େ ଚାଲିଯାଉଛି ।" ମୋ କଥା ନ ସରୁଣୁ ମାଉସୀ କହିଲେ, "ନାଇଁ ନାଇଁ, ସନ୍ଧ୍ୟାରେ ଏତେ ଡେରିଯାଏଁ ବାହାର ନାହିଁ ରହ । ଭଲ ନାହିଁ । ମୋତେ କହିଲେ ଘିଅଭାତ ଦେଇ ନଥାନ୍ତି କି ?" ମୁଁ ଆଉ କିଛି କହେନି, ନିଜ ବସା ଭିତରକୁ ଚାଲିଯାଏ ।

ଗୋଟିଏ ସମୟର କଥା । ବୋଧହୁଏ ଜୁନ୍ କିମ୍ବା ଜୁଲାଇ ମାସ ହୋଇଥାଏ । ଝିପ୍

To read the complete magazine, Download it for FREE from www.aahwaan.com

ଝିପ୍ ବର୍ଷା ହେଉଥିବା ବେଳେ ବ୍ରହ୍ମପୁରରୁ ବସରେ ବସିଲି ତରଭା ଯିବାପାଇଁ । ମୋ ପାଖ ସିଟରେ ବସିଥିଲା ଆଉ ଜଣେ ପିଲା । ବେଶୀ ବୟସ ହେବନି । ବ୍ରହ୍ମପୁରର ଏକ ବେସରକାରୀ ମହାବିଦ୍ୟାଳୟର ଛାତ୍ର । ଏମିତି କଥାବାର୍ତ୍ତା ହେଉ ହେଉ ସେ ଜଣେଇଦେଲା ଯେ ସେ ତରଭାର ଲୋକ । ଏଣୁ ତେଣୁ କଥା ହେଉ ହେଉ ଆମେ ଭଞ୍ଜନଗର ପହଞ୍ଚିଲୁ । ସେଇଠି ରାତ୍ରୀଭୋଜନ କରିବାପାଇଁ ଗାଡ଼ି ଅଟକି ରହେ କିଛି ସମୟ । ସେହି ସମୟରେ ସେ ମୋତେ କହିଲା, ବୈରାସରରେ ପହଞ୍ଚିବାପରେ ସେଇ ବସଷ୍ଟାଣ୍ଡରେ ସକାଳ ଯାଏଁ ଅପେକ୍ଷା କରିବାକୁ ପଡ଼ିବ । ମୁଁ ବୁଝିପାରିଲିନି । କହିଲି, "ବୈରାସରରୁ ତରଭା ଅତି ବେଶୀ ହେଲେ ଦୁଇ କିଲୋମିଟର ବାଟ । ଯଦି ବର୍ଷା ହେଉନଥିବା ଚାଲି ଚାଲି ଗଲେ ଦଶ ମିନିଟରେ ପହଞ୍ଚି ଯିବ ।" ସେ କହିଲା, "ନା, ବାପା ମନା କରିଛନ୍ତି । ମୁଁ ସେଇଠି ରହିବି । ଆଉ ସକାଳ ହେଲେ ହିଁ ଯିବି ।" ମୁଁ ହସିଦେଇ କହିଲି, "ତୁମେ ଅନ୍ଧାରକୁ ଏମିତି ଡରୁଛ କାହିଁକି ? କଣ ତରଭାରେ ସମସ୍ତେ ଅନ୍ଧାରକୁ ଡରନ୍ତି ନା କ'ଣ ?" ସେ ମୋତେ ଚାହିଁ ପଚାରିଲା, "ଆପଣ କେତେଦିନ ହେଲା ତରଭାରେ ଅଛନ୍ତି ?"

- ଏଇ ଚାରିମାସ ହେବ । ମୁଁ କହିଲି ।

- ଓଃ, ତା ହେଲେ ହୁଏତ ଆପଣ ଜାଣିନଥିବେ ? ସେ କହିଲା ।

- କଣ ଜାଣିନଥିବି ? ମୁଁ ସନ୍ଦେହରେ ପଚାରିଲି ।

- ବୈରାସରିଅନ୍ ଠାକୁରାଣୀ ବିଷୟରେ ? ସେ କହିଲା ।

- ହଁ, ଜାଣିଛି ତ । ତରଭା ଯିବା ପୂର୍ବରୁ ଯେଉଁ ବ୍ରିଜ୍ ପଡ଼େ ସେଇ ବ୍ରିଜ୍ ପାଖରେ ତ

To read the complete magazine, Download it for FREE from www.aahwaan.com

ଛୋଟିଆ ମନ୍ଦିରଟିଏ ଅଛି । ସେଇ କଥା କହୁଛ ତ ? ମୁଁ କହିଲି ।

ସେ ମୁଣ୍ଡ ହଲାଇ ହଁ କହି କହିଲା, "ସିଏ ପ୍ରତ୍ୟକ୍ଷ ଦେବୀ । ଅନ୍ଧାର ହେଲେ ସେ ବାହାରନ୍ତି । ଏକୁଟିଆ ଲୋକ ଦେଖିଲେ ହାତଠାରି ଡାକନ୍ତି ଆଉ ରକ୍ତ ପିଇ ଦିଅନ୍ତି । କେତେ ଲୋକ ସେଇ ବାଟରେ ଅନ୍ଧାରରେ ଯିବାବେଳେ ଠାକୁରାଣୀଙ୍କୁ ଦେଖି ଡରିଛନ୍ତି । କେହି କେହି ତ ରକ୍ତବାନ୍ତି ବି କରିଛନ୍ତି । ବଲାଙ୍ଗୀରର ଗୋଟେ ଲୋକ ଅନ୍ଧାରରେ ଯାଉଥିବା ବେଳେ ସୁନ୍ଦର ଶାଢ଼ୀ ପିନ୍ଧିଥିବା ଜଣେ ସ୍ତ୍ରୀ ଲୋକଙ୍କୁ ଦେଖିଲା । ସେ ହାତ ଠାରି ଗାଡ଼ି ଅଟକାଇ କିଛି ଦୂରରେ ଛାଡ଼ିଦେବାକୁ କହିଲେ । ସେ ଲୋକଟା ତାଙ୍କୁ ଗାଡ଼ିରେ ବସେଇ ନେଇଥିଲା, କିନ୍ତୁ କିଛି ବାଟ ଗଲାପରେ ଦେଖିଲା ପଛରେ କେହି ନାହାନ୍ତି । ସେ ଲୋକଟାର ହାର୍ଟ୍ ଫେଲ୍ ହେଇ ମରିଗଲା ।"

ସେ ଅନେକ କଥା କହୁଥିଲା ଆଉ ମୁଁ ଗମ୍ଭୀରତାର ସହ ସବୁ ଶୁଣୁଥିଲି । ଏମିତି ନୁହେଁ ଯେ ଏ ସବୁ ମୋ ପାଇଁ କିଛି ନୂଆ କଥା । ପିଲାଦିନେ ଆମ ଗାଁରେ ଏମିତି ଅନେକ ଗଳ୍ପ ଆମ ମା ଆମକୁ କହିଥିଲେ । ଗାଁରେ ବୟୋଜ୍ୟୋଷ୍ଠ ଲୋକଙ୍କଠାରୁ ଅନେକ କାହାଣୀ ବି ଶୁଣିଛି । ଠାକୁରାଣୀ କ୍ରୋଧ କଲେ କେମିତି କଳିମୋଡ଼ି ଦିଅନ୍ତି, ଝାଡ଼ାବାନ୍ତି କରେଇ ଦିଅନ୍ତି, ବସନ୍ତ କରେଇ ଦିଅନ୍ତି ଇତ୍ୟାଦି ଇତ୍ୟାଦି । ତେଣୁ ନିରବରେ ସେ କହୁଥିବା କଥା ସବୁ ଶୁଣୁଥିଲି । ସେ ତା କଥା ଜାରି ରଖି କହିଲା, "ଆପଣ କେବେ ବି ରାତି ନଅଟା ପରେ ସେଇ ରାସ୍ତାରେ ଯିବେନି ।"

ସେ ଏମିତି କହିବା ସମୟରେ ମୋର ମାଉସୀ କହୁଥିବା କଥା ମନେ ପଡ଼ିଲା । ଓହୋ, ତା ହେଲେ ମାଉସୀ ମୋତେ ଏଇଥିପାଇଁ ରାତିରେ ବିଳମ୍ବରେ ଆସିବାପାଇଁ ବାରଣ

To read the complete magazine, Download it for FREE from www.aahwaan.com

କରୁଥିଲେ ? ତା'ପରେ ମୁଁ ମନେ ମନେ ଚିନ୍ତା କରୁଥିଲି, ବିଗତ ଚାରିମାସରେ ମୁଁ କେତେଥର ବଲାଙ୍ଗୀର ଯାଇଛି ଆଉ ଅନ୍ଧାର ରାତିରେ ଫେରିଛି । ଅନ୍ୟୁନ ପଚାଶଥର ଯାଇଥିବି । ହେଲେ ମୋତେ କାହିଁକି କେବେ ବି ଠାକୁରାଣୀ ଦେଖାଗଲେନି ? ମୋତେ ତ କେହି କେବେ ବାଟରେ ଛାଡ଼ିଦିଅ ବୋଲି କହିନି । ହୁଏତ ମୁଁ ହେଲମେଟ୍ ପିନ୍ଧୁଛି ଆଉ ବେଳେ ବେଳେ ତୀବ୍ର ବେଗରେ ଗାଡ଼ି ଚଳାଉଛି ଦେଖି କେହି କେବେ ମୋତେ ହାତ ଦେଖାଇ ଗାଡ଼ି ଅଟକାଇବାର ସାହାସ କରିନଥିବେ । ସେ ଯା ହେଉ, ପିଲାଟାର କଥା କିନ୍ତୁ ମୋତେ ଭାରି ମଜା ଲାଗୁଥିଲା । ସେ ମୋତେ ପୁରା ଭୟଙ୍କର ଭାବରେ ଏହି କାହାଣୀ ଶୁଣାଇ ଚାଲିଥିଲା । ଆଉ ଅଧିକାଂଶ କଥା ସେ କେବେ ନା କେବେ ଶୁଣିଥିଲା ବୋଲି କହୁଥିଲା । ତାକୁ ଅଟକାଇ ପଚାରିଲି, "ତୁମେ କେବେ ବୈରାସରିଅନ୍‌ଙ୍କୁ ଦେଖିଛ କି ?" ସେ ମୁଣ୍ଡ ହଲାଇ ନା ବୋଲି କହିଲା । ସେ ଯା ହେଉ ଏମିତି କଥା ହେଉ ହେଉ ଗାଡ଼ିର ସବୁ ଲାଇଟ୍ ବନ୍ଦ କରିଦିଆଗଲା ଆଉ ସମସ୍ତେ ଶୋଇଗଲେ । ବସର କଣ୍ଡକ୍ଟରଙ୍କୁ କହିଦେଇଥିଲି ବୈରାସର ଆସିଲେ ଉଠେଇଦେବେ ।

ସକାଳ ଚାରିଟା ହେବାକୁ ଅଳ୍ପ ସମୟ ଥିଲା ବସ ବୈରାସରରେ ପହଞ୍ଚିଗଲା । ଗାଡ଼ିରୁ ଆମେ ଦୁଇଜଣ ହିଁ କେବଳ ଓହ୍ଲାଇଲୁ । ସେତେବେଳକୁ ଚାରିଆଡ଼ କିଟିକିଟି ଅନ୍ଧାର । ଆକାଶରେ ମେଘ ଥିଲା । ବର୍ଷା ହୋଇ ଛାଡ଼ି ଯାଇଥିଲା, ତେଣୁ ରାସ୍ତା ଓଦାଥିଲା । ମୁଁ କେବଳ ଗୋଟିଏ ବ୍ୟାଗ ଧରିଥିଲି ତାକୁ କାନ୍ଧରେ ପକାଇ ଚାଲିବା ଆରମ୍ଭ କରୁଥିଲି ସେ ମୋତେ ଅଟକାଇଦେଇ କହିଲା, "କୁଆଡ଼େ ଯାଉଛନ୍ତି ? ଦେଖୁନାହାନ୍ତି ଅନ୍ଧାର ହେଇଛି । ସେଇ ବ୍ରିଜ୍ ଦେଇ ଯିବେ ? " ସେ ଆତଙ୍କିତ ଭଳି ଲାଗୁଥିଲା । ମୁଁ

To read the complete magazine, Download it for FREE from www.aahwaan.com

କହିଲି, "ହଁ, ସେଇ ବ୍ରିଜ୍ ଦେଇ ହିଁ ଯିବି । ଆଉ ପ୍ରଥମଥର ନୁହେଁ ମୁଁ ଏମିତି ଅନେକଥର ସେଇ ରାସ୍ତାରେ ଯାଇଛି । ଆଉ ଯେତେଦିନଯାଏଁ ଏଠି ରହିବି ଯିବି । ଏମିତି ଡରିଲେ ହେବ କି ?" ସେ କହିଲା, "ମୁଁ ଯିବିନି ।" ମୁଁ ହସିଦେଇ କହିଲି, "ତୁମେ ଏଠି ଅପେକ୍ଷା କରିଥାଅ, ସକାଳ ହେବାର । ମୁଁ ପାରିବିନି । ସକାଳ ନିଦ ଭାଙ୍ଗିବା ପରେ ପରେ ମୋତେ ସ୍ନାନଶୌଚ ହେବାକୁ ହୁଏ, ନହେଲେ ମୁଁ ରହିପାରେନି । ତେଣୁ ଯେତେଶୀଘ୍ର ମୁଁ ମୋ ବସାରେ ପହଞ୍ଚିବାକୁ ଚାହେଁ ।"

ସେ ଥତମତ ହୋଇଗଲା । ବର୍ଷା ଛାଡ଼ିଥିଲା ତେଣୁ ଦୋକାନ ପିଣ୍ଡା ସବୁ ଓଦାଥିଲା । କୌଣସି ରିକ୍ସା ଯିବା ଭଳି ଦିଶୁନଥିଲା । ତେଣେ ବର୍ଷା ଛାଡ଼ିଥିଲା ବୋଲି ମୁଁ ଯଥାଶୀଘ୍ର ମୋ ବସାକୁ ଯାଇ ପ୍ରାତଃକର୍ମ ସାରିଦେବାକୁ ଚାହୁଁଥିଲି । ସେଇଠି ଠିଆ ହୋଇ ପୁଣିଥରେ ପଚାରିଲି, "ଚିନ୍ତା କରି କୁହ । ଏଠି ଅନ୍ଧାରରେ ଠିଆ ହୋଇ ରହିବ ନା ମୋ ସାଙ୍ଗରେ ଚାଲି ଚାଲି ଯିବ ?" ସେ କଣ କରିବ କିଛି ଚିନ୍ତା କରିପାରୁନଥିଲା । ମୋତେ ସେହି ଶୀତକାକରରେ ଓଦାଳିଆ ପରିବେଶରେ ଠିଆ ହୋଇ ରହିବାକୁ ଜମା ଭଲ ଲାଗୁନଥିଲା । ତେଣୁ ମୁଁ ପାଦ ପକାଇ ଆଗକୁ ଚାଲିଲି । କିଛି ପାଦ ଯାଇଛି କି ନାହିଁ ପଛରୁ ସେ ଡାକଦେଲା ଆଉ ବ୍ୟାଗ ଧରି ଧାଇଁ ଆସିଲା । ମୋ ସହ ମିଶି ସେ ତରତର ପାଦ ପକାଇ ଚାଲିବାକୁ ଲାଗିଲା । ଆମେ ବ୍ରିଜର ଯେତେ ନିକଟତର ହେଉଥିଲୁ ସେ ମୋତେ ଆଢୁଆଳ କରି ମୁଣ୍ଡ ନୋଇଁ ଚାଲିବାକୁ ଲାଗୁଥିଲା । ମନ୍ଦିର ପାଖାପାଖି ହେବାବେଳକୁ ମୁଁ ଅଟକି ଯାଇଥିଲି । "ଅନ୍ଧାରରେ ମନ୍ଦିର ପିଣ୍ଡାରେ କିଏ ଜଣେ ବସିଛି ଭଳି ଦିଶୁଛି, ଟିକେ ଦେଖ ତ ?" ବୋଲି କହିବା ବେଳକୁ ସେ ଆଖି ବନ୍ଦ କରିଦେଇ ଗୁଣୁଗୁଣୁ ହୋଇ କଣ ଗୋଟେ

To read the complete magazine, Download it for FREE from www.aahwaan.com

ମନ୍ତ୍ର ବୋଲିବାକୁ ଲାଗିଥିଲା । ଆଉ ମୋ ହାତକୁ ଟାଣି ଟାଣି ସେଠାରୁ ଆଗକୁ ବଢ଼ି ଆସିଲା । ବ୍ରିଜ ଅଧାଦୂର ଆସିବାପରେ ସେ ମୋତେ କହିଲା, "ମୋତେ ଡରେଇବାପାଇଁ କାହିଁକି ମିଛ କହିଲ ? ବୈରାସରିଅନ୍ ଜାଣିଲେ ଦେଖିବ କଣ ହେବ ?" ମୁଁ ହସିଦେଇ କହିଲି, "ତୁମେ କେମିତି ଜାଣିଲ ମୁଁ ମିଛ କହୁଛି ବୋଲି ? ତୁମେ ତ ଆଖି ବନ୍ଦ କରିଥିଲ ।" ସେ କହିଲା, "ମୁଁ ଜାଣିଛି । ବୈରାସରିଅନ୍ ଏମିତି ଦେଖା ଦେବନି ।"

ମୁଁ ହସି ହସି ଆଗକୁ ଆଗକୁ ପାଦ ବଢ଼ାଉଥିଲି । ତରଭା ସହର ଯେତେ ପାଖ ହେଉଥିଲା ସେ ସେତେ ସାହାସ ସଞ୍ଚୟ କରିବାଭଳି ପାଦ ପକାଉଥିଲା । ମୋର ବସାଥିବା ସାହି ଆସିବା ପରେ ମୁଁ ଅଟକିଗଲି, ସେ ନିଜ ଘର ଆଡ଼କୁ ଯାଉ ଯାଉ ଅଟକି ଗଲା । ଦୂରରେ କିଛି ଲୋକ ନିତ୍ୟକର୍ମ ସାରିବାପାଇଁ ବାହାରକୁ ଆସି ସାରିଥିଲେ । ସେ ବି ସାହାସ ପାଇ ସାରିଥିଲା । ତଥାପି ପଛକୁ ବୁଲି କହିଲା, "ପାଠ ପଢ଼ିଦେଲେ କଣ ସତ ଟା ମିଛ ହେଇଯିବ କି ? ଅନେକ ଲୋକଙ୍କୁ ଆମେ ଏଠି ରକ୍ତବାନ୍ତି କରିବା ଦେଖିଛୁ, ଝାଡ଼ାବାନ୍ତିରେ ପଡ଼ି ମରିବା ଦେଖିଛୁ । ଆପଣ ଟିକେ ପାଠ ପଢ଼ିଦେଲେ ବୋଲି ଏମିତି ନିର୍ଭୀକ ହୋଇଗଲେ ହେବନି । ସବୁଦିନ ସମାନ ଯାଏନି । ଯେଉଁଦିନ ବୈରାସରିଅନ୍ ରାଗିବ, ଦେଖିବ କଣ ହେବ ।" ମୁଁ ତାକୁ କିଛି କହିଥାନ୍ତି, କିନ୍ତୁ ସେ ଆଉ ଅଟକିଲାନି ଚାଲିଗଲା ।

ମୁଁ ସେଠି କିଛି ସମୟ ଛିଡ଼ା ହୋଇ ମନେ ମନେ ଚିନ୍ତା କରୁଥିଲି, ସେ ଯାହା ସବୁ କହୁଥିଲା କଣ ସେ ସବୁ ସତ ? ସତରେ କଣ ସେଇ ମନ୍ଦିରରେ ଏମିତି କେହି ଦେବୀ ଅଛନ୍ତି ଯେ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସେମାନଙ୍କୁ ଅସୁବିଧାରେ ପକାଉଛନ୍ତି ? ମୁଁ

To read the complete magazine, Download it for FREE from www.aahwaan.com

ତା କଥାକୁ ଅବିଶ୍ୱାସ କଲେ କଣ ସତରେ ମୋ ସହିତ ବି ସେମିତି କିଛି ହେବ ? ଅଗତ୍ୟା ସକାଳର ନିତ୍ୟକର୍ମପାଇଁ ତରବର ହୋଇ ନିଜ ବସାକୁ ଆସିଲି । ସେଇଠି ମାଉସୀ କବାଟ ଖୋଲୁ ଖୋଲୁ ପୁଣିଥରେ ସେଇ ସମାନ କଥା, "ଅନ୍ଧାରରେ କାହିଁକି ଆସିଲ ଆଜ୍ଞା ? ଫୋନ୍ କରିଦେଲନି ? ଅନ୍ଧାରରେ ଆସିବାକୁ ଡର ଲାଗୁନି ?" ମୁଁ କିଛି ସମୟ ମାଉସୀଙ୍କ ମୁହଁକୁ ଚାହିଁଲି । କେତେ ନିରୀହ ଏମାନେ । କେତେ ସରଳ ବିଶ୍ୱାସୀ । କେହିଜଣେ କହିଥିବା କଥାକୁ କେତେ ସହଜରେ ମାନି ନେଉଛନ୍ତି । ହୁଏତ ସେମାନେ ଯାହା ସବୁ ବିଶ୍ୱାସ କରୁଛନ୍ତି ସେ ସବୁ ମିଥ୍ୟା ହୋଇଥାଇପାରେ । କିନ୍ତୁ ସେମାନଙ୍କ ବିଶ୍ୱାସ ଯେ ଦୃଢ଼ ଏହାକୁ କେହି ମନା କରିବେ ନାହିଁ । ମଉସା ଘର ଭିତରୁ ବାହାରି ଆସୁ ଆସୁ କହିଲେ, "ଫୋନ୍ କରିଦେଇଥିଲେ ମୁଁ ଯାଇ ନେଇ ଆସିଥାନ୍ତି ।" ମୁଁ ସାମାନ୍ୟ ହସିଦେଇ କହିଲି, "ବୈରାସରିଅନ୍ ଅଛନ୍ତି, ଅନ୍ଧାର ହେଲେ ମୋତେ କିଏ କଣ କରିବ ?" ମାଉସୀଙ୍କ ମୁହଁରେ ହସଟିଏ ଖେଳିଗଲା । କହିଲେ, "ସତ କହିଲ ଆଜ୍ଞା । ମା ଅଛନ୍ତି । କିଏ କଣ କରିବ । ହେଲେ ସୁଦ୍ଧା ଏମିତି ଅନ୍ଧାରରେ ଯିବାଆସିବା ନାହିଁ କର ।"

ବୀମା ନଗର, ବ୍ରହ୍ମପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪୦୯୮୫୪୭୩

To read the complete magazine, Download it for FREE from www.aahwaan.com

# ନିଷ୍ପତ୍ତି



ସଂଗ୍ରାମକେଶରୀ ସେନାପତି

ପାଖାପାଖି ୭ ଘଣ୍ଟା ହେଲାଣି ମୁଁ ସେମିତି ଝୁଲୁଥିଲି । କାହିଁ କେତେବେଳୁ ସକାଳ ହେଇଗଲାଣି । ଘରେ ସମସ୍ତେ ଉଠିଗଲେଣି । ବୋଉ କେତେବେଳୁ ଉଠି ସବୁକାମ ସାରି ବାପାଙ୍କ ଅଫିସ ଯିବା ଆଗରୁ ଜଳଖିଆ ବି ତିଆରି କରିସାରିଲାଣି । ସମସ୍ତଙ୍କର କଥୋପକଥନ ମୋ କାନରେ ବହୁତ ଭଲ ଭାବରେ ପଡୁଛି । ସମସ୍ତଙ୍କୁ ଲାଗୁଛି କି ମୁଁ ବୋଧେ ଏବେଯାଏଁ ନିଦରେ ଶୋଇଥିବି କି କ'ଣ । ମୋର ଟିକେ ଡେରୀ ଯାଏଁ ଶୋଇବା ଗୋଟେ ନିତିଦିନିଆ ଅଭ୍ୟାସ । ବାପା ଉଠିଲା ପରେ ତାଙ୍କ କାମ ସବୁ ସାରି ଖାଇବା ପାଇଁ ବସିଲେ ଆଉ ନିତିଦିନ ଭଳିଆ ମୋ କଥା ବୋଉକୁ ପଚାରିଲେ । ଆଉ କହିଲେ ପୁଅକୁ ଆଜି ଶୀଘ୍ର ଉଠେଇବା ଦରକାର ନାହିଁ, କାଲି ରାତିରେ ମନ ଦୁଃଖରେ ଶୋଇଥିଲା, ବିଳମ୍ବରେ ଶୋଇଥିବ ବୋଧେ ଆଜି ଟିକିଏ ଡେରୀଯାଏଁ ଶୋଇଥାଉ ।

କାଲିର ଘଟଣା କଥା କହିବାକୁ ଭୁଲିଗଲି । କାଲି ମୋର ପରୀକ୍ଷାର ଫଳ ବାହାରିଥିଲା । ୭ଟି ବିଷୟରୁ ମୁଁ

To read the complete magazine, Download it for FREE from www.aahwaan.com

୨ଟି ଫେଲ୍ ହେଇଯାଇଥିଲି । ଆଉ ଏହି ଖବର ଯେତେବେଳେ ଆସିକି ଘରେ ଶୁଣେଇଲି, ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ଯିଏ ଯାହା ପାରିଲା ଗାଳି କଲା । ମୋତେ କେବେ ଗାଳି କରୁନଥିବା ବାପା ବି ମୋତେ କାଲି ପ୍ରବଳ ଗାଳିଦେଲେ । ଏମିତିକି ପରୀକ୍ଷାରେ ବାରମ୍ବାର ଅଳ୍ପ ନମ୍ବର ରଖିବା ପରେ ବି କେବେ କିଛି କହୁନଥିଲେ କିନ୍ତୁ କାଲି ଏତେ ଗାଳି ଦେବେ ବୋଲି ମୁଁ କେବେ ବି ଆଶା କରିନଥିଲି । ପିଲାବେଳଠାରୁ କରିଥିବା ସବୁ ଭୁଲକୁ ମନେ ପକାଇ ବୋଧେ ସେ ସବୁଯାକ ରାଗ ଶାନ୍ତ ହେବା ଯାଏଁ ଗାଳି କରିଥିଲେ ।

ମୁଁ କୁଆଡ଼େ ବଂଶର ନାଆଁ ପକେଇଦେଲି ବୋଲି ବାପା କହିଲେ । ପାଠ ନ ପଢ଼ି ସବୁ ବିଷୟରେ କମ୍ ନମ୍ବର ରଖୁଥିଲି ଆଉ ଏବେ ପୁଣି ପରୀକ୍ଷାରେ ଫେଲ ହେବା ପରେ ଲୋକଲଜ୍ୟାକୁ ବଢ଼େଇଦେଇଛି । ଏହିଭଳି ଗୋଟେ କୁଳାଙ୍ଗାର ପୁଅର ବାପା ହେଇଥିବାରୁ ସେ ନିଜକୁ ଧିକ୍କାର କରିବା ସହ ବୋଉକୁ ମଧ୍ୟ ଗାଳି କରି ଏହାର ଦୋଷ ଦେଲେ । ବୋଉ ମଧ୍ୟ ତା'ର ସମସ୍ତ ରାଗ ମୋ ଉପରେ ସୁଝେଇଦେଲା । ଏମିତିକି ଜନମ୍‌ବେଳେ କାହିଁକି ମରିଗଲି ବୋଲି କହିଲା । ମୋ ସାନ ଭଉଣୀ ବି ସେମାନଙ୍କ ସହ ମୋତେ ଅପମାନିତ କରିବାରେ ହେଳା କଲାନି । ସବୁପରେ ମୁଁ ଚୁପ୍ ଚାପ୍ ରାତିରେ ମୋ ଘରେ କବାଟ ବନ୍ଦ କରି ରହିଲି । ସବୁ ଖାଇବାକୁ ବସିଲେ । କାହାରି ପାଟିରୁ କୌଣସି ଶବ୍ଦ ବାହାରୁନଥିଲା । ହେଲେ ବାସନ କୁସନର ଶବ୍ଦରେ ମୁଁ ସେସବୁ ବାରି ପାରୁଥିଲି । ରାତିରେ ସମସ୍ତେ ଚୁପ୍‌ଚାପ୍ ଶୋଇ ବି ଗଲେ ।

ମୋତେ କିନ୍ତୁ ଭୋକ ଲାଗୁନଥିଲା କି ନିଦ ବି ଲାଗୁନଥିଲା । ଆଖି ଆଗରେ ସେ ନମ୍ବର ଆଉ କାନରେ ବାପାବୋଉଙ୍କର କଥା ବାରମ୍ବାର ଆସି ବାଡ଼େଇ ହେଉଥିଲା ।

To read the complete magazine, Download it for FREE from www.aahwaan.com

ଜୀବନରେ ବୋଉ ଅନେକଥର ଗାଳିଦେଇଥିଲା, କିନ୍ତୁ ବାପା ତ' କେବେ କିଛି କୁହନ୍ତିନି । ଆଜି କିନ୍ତୁ ସେ ତାଙ୍କର ସେ ଶାନ୍ତ ସ୍ୱଭାବରୁ ଅଲଗା ଏକ ଦୁନିଆକୁ ପଳେଇଯାଇଥିଲେ । ଯେଉଁ ଦୁନିଆରେ ମୋ ପାଇଁ ତାଙ୍କର ସବୁକିଛି ପୋଡ଼ିଜଳି ପାଉଁଶ ହୋଇଯାଇଥିଲା । ନିଜର ଅନ୍ତରର ଅଗ୍ନୀକୁ ମୋ ଉପରେ ଉଜାଡ଼ି ଦେଇଥିଲେ ସେ । ବୋଉର ସବୁବେଳର ଗାଳିକୁ କିନ୍ତୁ ମୁଁ କେବେ ମୋ ମନରେ ଧରେନି । ହେଲେ ତା'ର ସେ ପଦିଏ କଥା ଯେମିତି ମୋର ଶରୀର ପ୍ରତିଟି ରକ୍ତକଣିକା ସହ ମିଶି ଯାଇଥିଲା ଏବଂ ସଭିଏଁ ମୋତେ ଉପହାସ କରୁଥିଲେ ।

ଏତିବେଳେ ମୋ ଭଉଣୀ କଲେଜ ଯିବା ପାଇଁ ସକାଳୁ ବାହାରିସାରିବା ପରେ ମୋ କବାଟ ବାଡ଼େଇ ଡାକିଲ ଆଉ ତାକୁ କଲେଜ ଛାଡ଼ିଦେବାକୁ କହିଲା । ମୋ ତରଫରୁ କୌଣସି ପ୍ରକାରର ଉତ୍ତର ନ ପାଇ ସେ ବି ଚୁପ୍‌ଚାପ୍ ଖାଇବା ଆରମ୍ଭ କଲା ଆଉ ବୋଉକୁ କହିଲା ଆଜି ମୁଁ କଲେଜ ବସ୍‌ରେ ପଳେଇ ଯାଉଛି, ଭାଇ ଉଠିଲେ କହିବୁ ମୋତେ କିନ୍ତୁ ସେ ଆଜି ଆଣିବାକୁ ଯିବ । କଲେଜରୁ ଆସିଲା ବେଳେ କିଛି ପିଲା ମୋ ସହ ଖରାପ ବ୍ୟବହାର କରୁଛନ୍ତି, ସେ ଗଲେ ସେମାନେ ଆଉ କେବେ ସେମିତି କରିବେନି ।

ଏହାପରେ ବାପା ବି ଯିବାକୁ ବାହାରିଲେ, ଗଲାବେଳେ ବୋଉକୁ କହିଲେ ଗଡ୍ରେଜରୁ ଲାପ୍‌ଟପ୍‌ଟା ବାହାର କରିକି ଟେବୁଲ ଉପରେ ରଖିଦିଅ, ଯେମିତି ପୁଅ ଉଠିଲେ ଦେଖିକି ବହୁତ ଖୁସି ହେବ । ମୁଁ ତାଙ୍କୁ କିଛିଦିନ ତଳେ ଲାପ୍‌ଟପ୍ ଆଣିଦେବାକୁ କହିଥିଲି, ହେଲେ ସେ ଗୋଟିଏ ସର୍ତ୍ତ ରଖିଥିଲେ କି ମୁଁ ପରୀକ୍ଷାରେ ଭଲ ନମ୍ବର ରଖିଲେ ସେ ପରଦିନ ଲାପ୍‌ଟପ୍ କିଣିଆଣିବେ ବୋଲି । କିନ୍ତୁ ଏ କ'ଣ ସେ ମୋର ପରୀକ୍ଷା ଫଳ ଜାଣିବା ଆଗରୁ

To read the complete magazine, Download it for FREE from www.aahwaan.com

ହିଁ ଲାପ୍‌ଟପ୍ ଆଣିଦେଇଥିଲେ । ଏହି କଥା ତାଙ୍କର ମୋ ପ୍ରତି ଥିବା ଭଲ ପାଇବାର ଗଭୀରତାକୁ ଦର୍ଶାଉଥିଲା । ସେ କାଲି ଏତେ ଗାଳି କରିଥିଲେ ବୋଲି ବି ଅନୁତାପ କଲେ ଆଉ ବୋଉକୁ କହିଲେ, "ପୁଅଟାକୁ ସମସ୍ତେ ମିଶି ଏତେ ଗାଳି କରିଦେବାଟା ବି ଭଲ ହେଲାନି ।" ଏହା କହି ସାରିବା ପରେ ସେ ବି ଆସି ମୋର କବାଟ ବାଡ଼େଇ ଦୁଇଥର ଡାକି ଦେଇ ଅଫିସ୍ ଚାଲିଗଲେ ।

ସମସ୍ତେ ଯିବା ପରେ ବୋଉ ମୋ ପାଇଁ କ'ଣ ସବୁ ମନପସନ୍ଦର ରୋଷେଇ କରିଥିଲା ବୋଲି କହିଲା ଆଉ ମୋର କବାଟକୁ ବି ସେ ଦୁଇଥର ବାଡ଼େଇ ଡାକିଲା । କିଛି ଉତ୍ତର ନ ମିଳିବାରୁ ସେ ପୁଣିଥରେ ତା' କାମରେ ଚାଲିଗଲା । ସେତେବେଳେ ମୁଁ ପୁଣିଥରେ ବାପା, ବୋଉ ଆଉ ମୋ ଭଉଣୀ କଥା ମନେ ପକେଇଲି । କାଲି ରାତିରେ ସେମାନେ ମୋତେ ଏତେ ଗାଳି କରିଥିଲେ, ହେଲେ ସକାଳୁ ସେମାନେ ମୋ ପାଇଁ କେତେ କ'ଣ କରୁଛନ୍ତି । ମୋ ଭଉଣୀ ଯିଏକି ମୋତେ ଗାଳି କରିଥିଲା ଆଜି ସେ ମୋର ଭାଇ ହେବାର କର୍ତ୍ତବ୍ୟକୁ ମନେ ପକାଉଥିଲା ଆଉ ମୋ ବାପା ଯିଏକି ମୋତେ ସବୁଠୁ ଅଧିକ ଗାଳି କରିଥିଲେ, ସେ ମୋର ସେ ପରୀକ୍ଷା ଫଳ ବିଷୟରେ କୌଣସି କିଛି ନ ଭାବି ଲାପ୍‌ଟପ୍ ବି କିଣିଆଣିଦେଇଥିଲେ । ବୋଉ ଯିଏକି କାଲି କହୁଥିଲା, ମୁଁ ଜନମ୍‌ବେଳେ କାହିଁକି ମରିଗଲିନି, ସେ ଆଜି ମୋ ପାଇଁ ମୋ ମନପସନ୍ଦର ଖାଇବା ତିଆରି କରିଥିଲା ।

କିନ୍ତୁ ମୁଁ କ'ଣ କଲି, ସେମାନଙ୍କର ଅଭିମାନର କେଇପଦ କଥା ପାଇଁ ଏହି ଭଳି ଗୋଟିଏ ଭୁଲ ନିଷ୍ପତ୍ତି ନେଇଗଲି । ସେମାନଙ୍କର କଥା ଥରୁଟିଏ ବି ଭାବିଲିନି । ଅଭିମାନର କହିଥିବା କଥାକୁ ସତରେ ପରିଣତ କରିଦେଲି । ଏହି ସମୟରେ ବୋଉ

To read the complete magazine, Download it for FREE from www.aahwaan.com

ପୁଣିଥରେ ଆସିଲା, ଏଇଥର କିନ୍ତୁ ସେ ଘରର ତାଲା ଖୋଲି ପଶିବା ପାଇଁ ଚାବି ନେଇ ଆସିଥିଲା । ମୁଁ କିନ୍ତୁ ସେତେବେଳେ ତାକୁ ଭିତରକୁ ଆସିବାକୁ ଅଟକାଉଥିଲି, ବହୁତ ଜୋର୍‌ରେ ଚିଲାଉଥିଲି ଭିତରକୁ ଆସେନି । ଏହିସବୁ ଦେଖି ତୁ କେବେ ସମ୍ଭାଳି ପାରିବୁନି । କିନ୍ତୁ ମୋର କୌଣସି କଥା କାହାକୁ ବି ଶୁଣାଯାଉନଥିଲା ।

(ଏହି ଲେଖାଟି ମୁଁ ଅନେକ ଦିନ ତଳେ ଫେସବୁକ୍‌ରେ ଇଂରାଜୀରେ ପଢ଼ିଥିଲି ।)

ବନ୍ତ, ଭଦ୍ରକ, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଦୋଷ କାହାର ?



ରାଧାକାନ୍ତ ଦାସ

ସୀମା ଗାଁ କଲେଜରେ +୨ ପଢ଼େ । +୨ କଳାର ପ୍ରଥମବର୍ଷର ଛାତ୍ରୀ । ଭଲ ପାଠ ପଢ଼ିବା ସାଙ୍ଗକୁ ନାଚ, ଗୀତ ଓ ଘର କାମରେ ବେଶ ଧୁରନ୍ଧର । ଦେଖିବାକୁ ବି ବହୁତ ସୁନ୍ଦର । ବାପା ଧଡ଼ିଆ ସାହୁ ଗାଁ ପାଖ ପୋଷ୍ଟ ଅଫିସରେ ପିଓନ ଭାବରେ କାମ କରେ । ପୋଷ୍ଟ ଅଫିସରେ ପୋଷ୍ଟ କାର୍ଡ଼ ଆଉ ଲଫାଫାରେ ଷ୍ଟାମ୍ପ୍ ମାରି ମାରି ତା ଅଧା ଜୀବନ ବିତିଗଲା । ପରିବାରରେ ଗୋଟିଏ ବୋଲି ଅଲିଅଳି କନ୍ୟା ସୀମା ।

ସେଦିନ ଥିଲା ଶନିବାର । ଦିନ ଦୁଇଟା ବେଳ ସମୟ । କଲେଜରେ ପାଠ ସାରିଦେଇ ସାଙ୍ଗ ଝୁନୁ ସହିତ ସାଇକେଲରେ ଘରକୁ ଫେରୁଥିଲା ସୀମା । ଅଧାବାଟରେ କାହିଁକି କେଜାଣି ଅଟକିଗଲା । ଝୁନୁ କହିଲା, “କଣ ହେଲା ? କାହିଁକି ଅଟକି ଗଲୁ ?” ସୀମା ପଛକୁ ବୁଲି ବାରମ୍ବାର ବାଉଁଶବୁଦା ଆଡ଼କୁ ଚାହୁଁ ଚାହୁଁ କିଛି ହୋଇନାହିଁ କହିଦେଇ ଆଗକୁ ସାଇକେଲ ବଢ଼ାଇଲା ।

ସବୁଦିନ ପରି ମାଆ ରୋଷେଇ କରି ସୀମାକୁ

To read the complete magazine, Download it for FREE from www.aahwaan.com

ଡାକିବାକୁ ଗଲେ । ଯେତେ ଡାକିଲେ ବି କୌଣସି ଉତ୍ତର ପାଇଲେ ନାହିଁ । ଏଘର, ସେଘର, ବାରଣ୍ଡା, ଅଗଣା, ବାଡ଼ି ସବୁ ଦେଖି ଆସିଲେଣି । ସୀମାର ଦେଖା ନାହିଁ । ଦାଣ୍ଡଘର ଅମାରଘର ଧାନ ଡୋଲି ଉପରେ ବସି ସୀମା କାନ୍ଦୁଥିଲା । ଆଶ୍ଚର୍ଯ୍ୟ ଝିଅଟେ, ଏତେ ଡାକିଲେ ସୁଦ୍ଧା କିଛି ଉତ୍ତର ଦେଉନାହିଁ, ଆଉ ଏଇଠି ବସିଛି ? କାନ୍ଦୁଛି କାହିଁକି ବୋଲି ମନେ କରି ମାଆ ଉଚ୍ଚ ସ୍ୱରରେ ପ୍ରଶ୍ନକଲେ, "ଆଲୋ, ତୁ ଏଇଠି ବସିଛୁ ଆଉ ମୁଁ ଗଳା ଫଟାଇ ଘର ସାରା ଦାଣ୍ଡ କରିଦେଲିଣି, ଉତ୍ତର ଦେଉନୁ କାହିଁକି ? କାନ୍ଦୁଛୁ କାହିଁକି ? କିଏ କଣ କହିଲା କି ?" ସୀମାକୁ ହଲେଇ ଦେବାପରେ ସୀମା ଗର୍ଜନ କରି କହିଲା, "ଆମି ମାରବୋ, ଓକେ ମାରବୋ, ଓକେଓ ମାରବୋ ।" ସୀମାର ଏହିପରି ଅବସ୍ଥା ଦେଖି ତା ମାଆ କିଛି ସମୟପାଇଁ ଶଙ୍କାଗ୍ରସ୍ତ ହୋଇଗଲେ ଏବଂ ଘରକୁ ଭିତରକୁ ପଶିଆସି ତା ବାପାଙ୍କୁ ସବୁକଥା ଜଣାଇଲେ । ସୀମାର ବାପାଙ୍କୁ ମଧ୍ୟ ଅନୁରୂପ ଉତ୍ତର ଦେଇଥିଲା ସୀମା । ଲାଗୁଥିଲା ସେ ନିଜ ଭିତରେ ନଥିଲା, ଆଉ କେହିଜଣେ ତା ଭିତରେ ପଶିଯାଇ ଏହିପରି ବ୍ୟବହାର କରାଉଥିଲା । ଅନ୍ଧାର ହୋଇ ସାରିଥିଲା । ରାତ୍ରୀକାଳିନ ଭୋଜନ ସାରିଦେଇ ସବୁ ଶୋଇବାପାଇଁ ଯିବା କଥା କିନ୍ତୁ ସୀମାର ଏତାଦୃଶ ବ୍ୟବହାରରେ ଦୁଇଜଣ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ । ଅନେକ ଚେଷ୍ଟା ସତ୍ତ୍ୱେ ସୀମା ସେଇ ଦାଣ୍ଡଘରେ ହିଁ ବସିଥିଲା । ସାରା ରାତି କେବଳ ସେଇ ଗୋଟିଏ କଥା ବାରମ୍ବାର କହୁଥିଲା । ତାକୁ ଦେଖି ଦେଖି ବାପାମା' ଦୁଇଜଣ ଅଖିଆଅପିଆ ସେଇ କୋଠରୀରେ ବସି ବସି ସକାଳ ପାହିଲା ।

ସକାଳ ହେବାପରେ ସେମାନଙ୍କୁ ଟିକେ ଧୈର୍ଯ୍ୟ ମିଳିଲା । ଭାବିଲେ ସୀମାକୁ ନେଇ ଡାକ୍ତରଖାନା ଯିବେ, କିନ୍ତୁ ସେ ସେଠାରୁ ଘୁଞ୍ଚିବାକୁ ନାରାଜ । ମଝିରେ ମଝିରେ ଭୋ ଭୋ

To read the complete magazine, Download it for FREE from www.aahwaan.com

ହୋଇ କାନ୍ଦୁଛି ଆଉ ବିଳାପ କରି କହୁଛି, "ତୁମି ଏଇଟା କି କରଲେ ?"

ଧିରେ ଧିରେ ସାହିପଡ଼ିଶା ସବୁ ଜାଣିଲେ । କେହି ଜଣେ କହିଲା, "ସୀମାକୁ ଭୁତ ଲାଗିଛି ।" ଏହା ଶୁଣିବାପରେ ସୀମା ବସିଥିବା ସ୍ଥାନରୁ ଉଠି ଘର ଭିତରକୁ ଚାଲିଯାଇ ରୋଷେଇଘରର ବାସନ ସବୁ ଏଣେତେଣେ ଫିଙ୍ଗାଫୋପଡ଼ା କରିବାରେ ଲାଗିଛି । ଏପରି ବ୍ୟବହାର ଦେଖି କେହିଜଣେ କହିଲା, ପାଖ ଗାଁରେ ଥିବା କାଳିସୀକୁ କହିଲେ ସେ ଭୁତ ଝାଡ଼ିଦେବ । ଅଗତ୍ୟା କିଛି ଯୁବକ ଓ ଗ୍ରାମବାସୀ ମିଶି ସୀମାକୁ କବଳିତ କରି କାଳିସୀ ପାଖକୁ ନେଇଗଲେ ।

ଘଣ୍ଟ ମାର୍ଦ୍ଦଳ, ବାଜା ମହୁରୀରେ ସେ ଜାଗାଟି ପ୍ରକମ୍ପିତ ହେଉଥିଲା । ପାଖାପାଖି ଷାଠିଏ ସରିକି ଲୋକ୍ ସେଠାରେ ଜମା ହୋଇଥିଲେ । କାଳିସୀ ହାତରେ ବେତଧରି ସୀମାକୁ ପ୍ରଶ୍ନୋତ୍ତର କରୁଛି । ସୀମା ମଧ୍ୟ ଉତ୍ୟକ୍ତହୋଇ ଚିତ୍କାର କରୁଛି । ହଠାତ ସୀମାର ଆକ୍ରମଣରେ କାଳିସୀ ଆହତ ହୋଇଯିବା ପରେ ସେ ହାତ ଟେକିଦେଇଥିଲା ଏବଂ କହିଥିଲା ସେ କିଛି କରିପାରିବ ନାଇଁ । ସୀମାକୁ ନେଇ ଗାଁକୁ ଫେରିଲେ ସମସ୍ତେ । ସୀମା ସେଇ ଏକା ଦାଣ୍ଡଘର ଧାନଡୋଲି ଉପରେ ବସୁଛି ନହେଲେ ଘରେ ଏପାଖ ସେପାଖ ପାଦ ଜୋରରେ ଥାପି ଥାପି ଚାଲୁଛି । ଗାଁ ଘର ବାହାରେ ଜନଗହଳି ଲାଗିଛି । ସୀମାର ବ୍ୟବହାର ଦେଖିବାପାଇଁ ସବୁ ଝରକା କବାଟ ଦେଇ ଚାହିଁ ରହିଛନ୍ତି । ବାପା ତା'ର ଚିନ୍ତାରେ ପଡ଼ି ଯାଇଛନ୍ତି, ଏବଂ ଏହି ସମୟରେ କେହିଜଣେ ବାବା ଭୈରବଙ୍କ ବିଷୟରେ କହିଛନ୍ତି । ଏବଂ କିଛି ଲୋକଙ୍କ ଦ୍ୱାରା ବାବା ଭୈରବଙ୍କ ନିକଟକୁ ଅନୁରୋଧ ପତ୍ର ପଠାଇଛନ୍ତି ।

To read the complete magazine, Download it for FREE from www.aahwaan.com

ପରଦିନ ସକାଳୁ ସକାଳୁ ବାବା ଭୈରବ ଆସି ପହଞ୍ଚିଲେ । ବାବାଙ୍କ ବିଷୟରେ ଶୁଣାଯାଏ ଯେ ସେ କାଳେ ସବୁ ପ୍ରକାର ଭୁତ, ପ୍ରେତ, ପିଶାଚଙ୍କୁ ଅକ୍ତିଆର କରିବାରେ ସିଦ୍ଧହସ୍ତ । କଳା ରଙ୍ଗର ବସନ ପିନ୍ଧିଥିବା ବାବାଙ୍କ ଗଳାରେ ମୁଠାଏ ହେବ ମାଳି ରହିଛି । ମୁଣ୍ଡରେ ଗୋଟିଏ ମୋଟା ସିନ୍ଦୁର ଟୋପା । ଗୋଟିଏ ହାତରେ ତ୍ରିଶୁଳଟିଏ ଧରିଥାନ୍ତି ଏବଂ ଅନ୍ୟହାତରେ ବାଡ଼ି ଓ କମଣ୍ଡଳୁ । କାନ୍ଧରେ ଗୋଟିଏ ମୋଟା ଚମଡ଼ା ପରି ଦେଖାଯାଉଥିବା ପୁରୁଣା ବ୍ୟାଗ ଝୁଲୁଛି । ସେହି ବ୍ୟାଗରେ କାଳେ ସେ କିଛି ଅଦ୍ଭୁତ ଶକ୍ତିକୁ ବନ୍ଧନ କରି ରଖିଛନ୍ତି ଯାହା ଦ୍ୱାରା ସେ ଭୁତ ଛଡ଼ାନ୍ତି ବୋଲି କେହି କେହି କହୁଥିଲା ।

ବାବା ସୀମାକୁ କିଛି କ୍ଷଣ ନିରୀକ୍ଷଣ କରିବାପରେ ବାହାରକୁ ଚାଲି ଆସିଲେ । ଅସ୍ଥାୟୀ ହୋମକୁଣ୍ଡଟିଏ ସ୍ଥାପନ କରି ସେଥିରେ ଅଗ୍ନି ଲଗାଇବା ପରେ ଚାଉଳ ନେଇ ବିଭିନ୍ନ ଆକୃତିର ପ୍ରତିମା ସବୁ ନିର୍ମାଣ କରିଥିଲେ, ଲେମ୍ବୁ, କଞ୍ଚା ଲଙ୍କା, ଲୁହାକଣ୍ଟା ଆଦି ସବୁ ଆଣି ସେଠାରେ ଥୋଇଲେ । ପୂଜାବିଧି ଆରମ୍ଭ ହେଲା, କିଛି ଯୁବକ ସୀମାକୁ ଟାଣି ଆଣିଲେ ଏବଂ ବାବାଙ୍କ ସମ୍ମୁଖରେ ଠିଆ କରିଦେଲେ । ବାବା ନିର୍ବିକାର ଭାବରେ ମନ୍ତ୍ର ଗାୟନ କରୁଥାନ୍ତି, ସୀମା ଚିତ୍କାର କରୁଥାଏ । ସୀମାର ହୋଶ ନଥିବା ଭଳି ଲାଗୁଥିଲା, ପିନ୍ଧିଥିବା ବସ୍ତ୍ର ସବୁ ଇତଃସ୍ତତ ହୋଇ ଏଣେତେଣେ ପଡ଼ିଥିଲା । କିଛି ବ୍ୟକ୍ତି ତାକୁ ଜାବୁଡ଼ି ଧରିଥିଲେ । ଝିଅର ଏପରି ଅବସ୍ଥା ଦେଖି ମାଆ କାନ୍ଦି କାନ୍ଦି ନୟାନ୍ତ ହୋଇପଡୁଥିଲେ ।

କିନ୍ତୁ ବାବାଙ୍କ ପୂଜା ସଫଳ ହେବାପରି ଲାଗୁଥିଲା । ସୀମାର ଚିତ୍କାର କମ ହୋଇ ଆସୁଥିଲା । ସେ ବାବାଙ୍କ ପ୍ରଶ୍ନ ସବୁର ଉତ୍ତର ଦେବାକୁ ବାଧ୍ୟ ହେଉଥିଲା । ଶୁଦ୍ଧ ବଙ୍ଗଳା ଭାଷାରେ ସେ ସବୁ ପ୍ରଶ୍ନର ଉତ୍ତର ଦେଉଥିଲା । କେବେ ବି ବଙ୍ଗଳା ଜାଣିନଥିବା ସୀମା

To read the complete magazine, Download it for FREE from www.aahwaan.com

ମୁହଁରୁ ଏତେ ଶୁଦ୍ଧ ବଙ୍ଗଳା ଶୁଣି ଅନେକେ ଭୟଭୀତ ହୋଇ ଉଠୁଥିଲେ । ବାବା ବେତରେ ପ୍ରହାର କରି ପ୍ରଶ୍ନକଲେ, "ତୁ କିଏ ?" ସୀମା ଗର୍ଜନ କରି କହିଲା, "ଆମି ମିଲି ।" ବାବା ପୁଣିଥରେ ପ୍ରଶ୍ନ କଲେ, "ତୁ କାହିଁକି ଆସିଛୁ ? ସୀମାକୁ କାହିଁକି ହଇରାଣ କରୁଛୁ ?" ସୀମା ଗର୍ଜନ କରି କହୁଥିଲା, "ଆମି ଓଖାନେ ଭାଲୋ ଥିଲାମ୍ । ଆମରା ଆଏକ୍ ଦୁଜନକେ ଭାଲୋ ବାସ୍ତାମ୍ । ଆମେ ଜାକେ ଭାଲୋ ବାସ୍ତାମ୍ ସେ ଆମାକୁ ଛାଡ଼ି ଆର୍ ଏକ୍ ମେଏକେ ବିଏ କୋରଲେ । ଆମି ଏ ସବୁ ସଜ୍ୟ ନା କରତେପାରେ ଆତ୍ମହତ୍ୟା କରଲାମ୍ । ଆମେ ଏଇ ଇଲାକାଏ ଅତୃପ୍ତଭାବେ ଆଛି । ଆର ଘୁରେ ବେରେଛି ।" ତା କଥା ସବୁ ଶୁଣିବା ପରେ ବାବା ନିର୍ବିକାର ଭାବରେ ଶାନ୍ତ ହୋଇ କହିଲେ, "ହଉ, ତୁ ଏବେ ଯାଆ । ଆଉ କେତେଦିନ ଅତୃପ୍ତ ହୋଇ ବୁଲିବୁ । ଯାଆ ଏ ଅଞ୍ଚଳ ଛାଡ଼ି ଚାଲିଯା । " ବାବା ମନ୍ତ୍ରକରା ଚାଉଳ ଆଉ ଜଳକୁ ସୀମା ଉପରକୁ ଛିଞ୍ଚିଦେବାପରେ ସେ ଚେତାଶୂନ୍ୟ ହୋଇ ଗଡ଼ି ପଡ଼ିଲା ।

ବାବା କାଳେ ଭୂତକୁ ଗୋଟିଏ ନଡ଼ିଆରେ ଛନ୍ଦିଦେଇ ନେଇଗଲେ ବୋଲି କିଛି କହିଲେ । ଗାଁଠାରୁ ବହୁତ ଦୂରକୁ ଯାଇ ସେଇ ନଡ଼ିଆକୁ ମାଟି ଖୋଳି ପୋତିଦେଇ ଆସିବା ପାଇଁ ବାବା ନିର୍ଦ୍ଦେଶ ଦେଇଥିଲେ । ସବୁକିଛି ସାମାନ୍ୟ ହୋଇଗଲା । କିଛି ଦିନ ସୀମା ଘରେ ବନ୍ଦ ହୋଇ ରହିଲେ । ସନ୍ଧ୍ୟା ହେଲେ ତାକୁ ଘରୁ ବାହରକୁ ଯିବାକୁ ମନା କରିଦିଆ ଯାଇଥିଲା । କେହି କେହି କହିଲେ ଏହାର ଦେହଟା ଦୃଷ୍ଟିଆ ଦେହଟା, ଭୂତ ଲାଗିପାରେ ।

ଗତ ଛୁଟିଦିନରେ ଗାଁକୁ ଯାଇଥିବା ବେଳେ ଶୁଣିବାକୁ ପାଇଲି ସୀମା କାଳେ ଆଉ କଲେଜ ଯାଉନାହିଁ । ପାଠପଢ଼ାର ଡୋରି ବନ୍ଧା ହୋଇ ସାରିଥିଲା । ତା ପାଇଁ ପ୍ରସ୍ତାବ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଦେଖା ଚାଲିଥିଲା । କିନ୍ତୁ ତା ଦେହରେ ଭୁତ ଆସିଥିବା କଥା ଜାଣିବାପରେ ଅନେକ ପ୍ରସ୍ତାବ ଭାଙ୍ଗିଯାଉଥିଲା । କେହି ଜଣେ ସୀମା ଦେହରେ ଭୁତ ଆସିଥିବା ବେଳେ ତା'ର ଛବିକୁ ସୋସିଆଲ୍ ମିଡ଼ିଆରେ ଛାଡ଼ିଦେଇଥିଲା । ତାହାର ପ୍ରଭାବ ସୀମା ଉପରେ ପଡ଼ିଥିଲା । ଭାବୁଥିଲି ସୀମା ଭଳି ଜଣେ ମେଧାବୀ ଛାତ୍ରୀର ପାଠପଢ଼ା ବନ୍ଦପାଇଁ ଦୋଷ କାହାକୁ ଦେବି । ସେ ଭୁତକୁ ନା ସୋସିଆଲ୍ ମିଡ଼ିଆକୁ ! ! !

ରତନପୁର ଶାସନ, କୁହୁଡ଼ି, ଖୋର୍ଦ୍ଧା

ଭ୍ରାମ୍ୟଭାଷ : ୮୯୦୮୮୫୯୭୯୭

ଇମେଲ୍ : rkdash1996@gmail.com

To read the complete magazine, Download it for FREE from www.aahwaan.com

# ମା' ପଣର ଛବି



ରୁଦ୍ରମାଧବ ସାହୁ

"ମାମା, ମାମା... ଗୋଟେ ଛବି ଆଙ୍କିଦିଅନା, ପ୍ଲିଜ୍..." ଅଳି କରୁଥିଲା ଝିଅ ।

"କି ଛବିରେ ମା'..." ତା ମୁହଁର କୌତୁହଳକୁ ଅବଲୋକନ କରୁ କରୁ ପଚାରିଲି ।

"ଗୋଟେ କୁନି ଚଢ଼େଇର..." ମନରେ ଆହୁରି ଅଧିକ ଉତ୍କଣ୍ଠା ଭରି ପଚାରିଲା, ଆଉ ସେହି ଭାବ ପ୍ରତିଫଳିତ ହେଉଥିଲା ତା'ର ଭାବଭଙ୍ଗୀରେ, ସଞ୍ଚରି ଯାଉଥିଲା ତା'ର ମୁଖ ଦର୍ପଣକୁ ।

"ହଉ ଦେ..." କାଗଜ ଫର୍ଦ୍ଦ ଆଉ ପେନ୍‌ସିଲ ଧରି ବସିଲି ଆଉ ଆଙ୍କିଲି ଛବିଟିଏ, ଗୋଟିଏ ଟିକି ଚଢ଼େଇର; ଅବିକଳ ତା ପରି । ଆଉ ଲକ୍ଷ୍ୟ କରୁଥିଲି ଛବିଟିକୁ, ତୁଳୀ ଚାଳନାରେ ବାଗେଇ ଦେଉଥିଲି ତାର ଆଖି ଆଇନାରେ ପ୍ରତିଫଳିତ ପ୍ରତିବିମ୍ବ ଦେଖି, ଯେପରି ପାଞ୍ଚାଳୀଙ୍କ ସ୍ୱୟଂବରରେ ଲକ୍ଷ୍ୟକରିଥିଲେ ଅର୍ଜୁନ ମୀନଟିକୁ ଜଳରେ... ଅବଶ୍ୟ ଅର୍ଜୁନଙ୍କ ପରି ଚିତ୍ରକଳାରେ ଦକ୍ଷ ନୁହେଁ । କିନ୍ତୁ ସନ୍ତାନର ଅଳି ପୂରଣ କରିବାପାଇଁ ସବୁକିଛି ଚେଷ୍ଟା

To read the complete magazine, Download it for FREE from www.aahwaan.com

କରିବାକୁ ପଡ଼ିଥାଏ ।

"ହେଲା ନା, ମା'..." ପଚାରିଲି ଝିଅକୁ ।

"ହଁ ମାମା, ବହୁତ୍ ସୁନ୍ଦର ହେଇଛି ।" ନାଚି ଉଠିଲା ପରି କହି କିଛିକ୍ଷଣ ପାଇଁ ନୀରବ ଯାଇ ଯୋଡ଼ିଲା, "ହେଲେ ତା ମା' କୁଆଡ଼େ ଗଲା ଯେ ?"

"ଆହାର ପାଇଁ ଯାଇଛି ପରା ? ତା କୁନୀ ଗେହ୍ଲି ପାଇଁ... " ତା ମନର ଆବଶ୍ୟକତାକୁ ବୁଝାଇବାକୁ ଯାଇ ତା ମୁଣ୍ଡ ଆଉଁସିଦେଇ କହିଲି ।

"ଓହୋ.. ମାମା ତା'କୁ ଭୋକ କରୁଛି କି ? ତାକୁ ଏକା ଏକା ବୋର୍ ଲାଗୁଥିବ ନା ? ଆଉ ତାକୁ ଉଡ଼ିବା ଶିଖେଇବ କେତେବେଳେ ତା' ମା' ? ତାକୁ କଣ ଏକା ଏକା ଜମା ଡରଲାଗୁନି ?" ଅନର୍ଗଳ ଭାବରେ ଉତ୍କଣ୍ଠାର ସହ ପ୍ରଶ୍ନପରେ ପ୍ରଶ୍ନ ପଚାରି ଚାଲିଥିଲା ସେ ।

ତା ମୁହଁକୁ ଚାହିଁ ଭାବୁଥିଲି, "କେତେ ବୁଦ୍ଧି ସତେ ମୋ ଟିକି ଚଢ଼େଇର..." ଆଉ ଆଭାସ ପାଉଥିଲି, ତା ମନ କାନଭାସରେ ଅଙ୍କିତ ମାଆ ପଣର ଛବିର... !

To read the complete magazine, Download it for FREE from www.aahwaan.com

# ନାଡ଼ି



ପ୍ରତିଭା ପ୍ରିୟଦର୍ଶିନୀ

ମନୁଷ୍ୟ ଶରୀରରେ ୭୨,୦୦୦ ନାଡି ରହିଛି । ନାଡିର ଅର୍ଥ ସ୍ନାୟୁ କିମ୍ବା ଧମନୀ ନୁହେଁ । ନାଡି କୌଣସି ଭୌତିକ ଆଭ୍ୟନ୍ତରୀଣ ଅଙ୍ଗ ନୁହେଁ, ଏହା ପ୍ରାଣଶକ୍ତିର ପରିବାହିକା ମାର୍ଗ ବା ସାରଣୀ ଅଟେ । ନାଡି ଶବ୍ଦର ଅର୍ଥ ହେଉଛି ପ୍ରବାହିତ ହେବା ବା ଧାରା/ସ୍ରୋତ, ସଂସ୍କୃତରେ ଏହାର ଅର୍ଥ ହେଉଛି 'ଗତି' (motion) ବା 'କମ୍ପନ/ସ୍ପନ୍ଦନ/ଶିହରଣ' (vibration) ର ପ୍ରବାହକ । ୧୪ ଟି ମୁଖ୍ୟ ନାଡି ମଧ୍ୟରୁ ୩ ଟି ନାଡିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ସେଗୁଡିକ ହେଉଛି ଇଡା, ପିଙ୍ଗଳା ଓ ସୁଷୁମ୍ନା । ସୁଷୁମ୍ନାର ନିର୍ଦ୍ଦିଷ୍ଟ ଗୁଣ କିଛି ବାରି ହୁଏନାହିଁ, ଏବଂ ଏହା ସୁପ୍ତ ଓ ନିଷ୍କ୍ରିୟ ହୋଇ ରହିଥାଏ । ଏହା ବିରାଗ ଓ ରଙ୍ଗହୀନ ।

ଇଡା ସ୍ତ୍ରୀଗୁଣ ବିଶିଷ୍ଟ ନାଡି ଏବଂ ଏହା ବାମ ନାସାରନ୍ଧ୍ର ଠାରେ ଶେଷହୁଏ । ଏହା ଚନ୍ଦ୍ର ସହିତ ସଂଶ୍ଲିଷ୍ଟ ଏବଂ ଶକ୍ତିଙ୍କ ପ୍ରତୀକ । ଇଡା ଶୀତଳତାର ଓ ଶାନ୍ତିର (ସ୍ତ୍ରୈଣ ଗୁଣ) କାରକ । ପିଙ୍ଗଳା ପୁରୁଷ ଗୁଣର କାରକ ଏବଂ ଏହା ଦକ୍ଷିଣ ନାସାରନ୍ଧ୍ର ଠାରେ ଶେଷହୁଏ । ଏହା ସୂର୍ଯ୍ୟଙ୍କ ସହିତ ସଂଶ୍ଲିଷ୍ଟ ଏବଂ ଶିବଙ୍କ ପ୍ରତୀକ ଅଟେ । ଏହା

To read the complete magazine, Download it for FREE from www.aahwaan.com

ଉଷ୍ମା (ପୌରୁଷ ଗୁଣ) ପ୍ରଦାନକାରୀ ଅଟେ । ସୁଷୁମ୍ନା ହେଉଛି କେନ୍ଦ୍ରିୟ ନାଡି ଏବଂ ଏହା କୁଣ୍ଡଳିନୀ ଶକ୍ତି ଧାରଣ କରେ । ଲିଙ୍ଗଭେଦ ଉର୍ଦ୍ଧ୍ୱରେ, ଯଦି ଇଡା ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହୁଏ ତେବେ ବ୍ୟକ୍ତି ଠାରେ ସ୍ତ୍ରୈଣଗୁଣ ଯେପରିକି ଭାବୁକ, କୋମଳ, ଯତ୍ନଶୀଳ, ସ୍ନେହଶୀଳ ଇତ୍ୟାଦି ଗୁଣ ପ୍ରଚ୍ଛନ୍ନ ଭାବରେ ଦେଖାଯାଏ । ଠିକ୍ ସେହିପରି ପିଙ୍ଗଳା ସକ୍ରିୟ ଓ ଶକ୍ତିଶାଳୀ ହୋଇଥିଲେ ବ୍ୟକ୍ତିଠାରେ ସଂଯମ, ବାସ୍ତବବାଦୀତା, ସାହସ ଭଳି ପୁରୁଷ ପ୍ରଧାନ ଗୁଣ ଅଧିକ ସକ୍ରିୟ ଭାବରେ ଅନୁଭବ ହୁଏ । କାରଣ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଉଭୟ ସ୍ତ୍ରୀ ଓ ପୁରୁଷ ଗୁଣ ରହିଅଛି (ଅର୍ଦ୍ଧନାରୀଶ୍ୱର ତତ୍ତ୍ୱ ମଧ୍ୟ ଏହି କଥା ବୁଝାଏ) । ନିଜ ଭିତରର ପୁଂଜାତୀୟ ଓ ସ୍ତ୍ରୀଜାତୀୟ ଗୁଣ ଗୁଡିକୁ ସମତୁଲ କରି ରଖିବା ହିଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ । ତେବେ ସୁଷୁମ୍ନା ସୁପ୍ତ ରହିଥାଏ ।

ଇଡା ଓ ପିଙ୍ଗଳା ଦ୍ୱୈତ କୁ ପ୍ରତିନିଧିତ୍ୱ କରନ୍ତି ଓ ସୁଷୁମ୍ନା ଅଦ୍ୱୈତ୍ୱ କୁ । ଇଡା ଶ୍ୱେତ ବର୍ଣ୍ଣ ଦ୍ୱାରା ସୂଚିତ ହୁଏ ଏବଂ ପିଙ୍ଗଳା ଲୋହିତ ରଙ୍ଗ ଦ୍ୱାରା । ଯେତେବେଳେ ଇଡା ପ୍ରଭାବଶାଳୀ ରହେ, ମାନସିକ ଶକ୍ତିର ପ୍ରଭାବ ଅଧିକ ରହେ । ମନ ଅନ୍ତର୍ମୁଖୀ ହୁଏ । ଯେ କୌଣସି ପ୍ରକାର ମାନସିକ କାର୍ଯ୍ୟ; ଯେମିତିକି ଚିନ୍ତା କରିବା, ଏକାଗ୍ରତା ଇତ୍ୟାଦି ପ୍ରଖର ହୁଏ । ଯେବେ ପିଙ୍ଗଳା ଅଧିକ ପ୍ରଭାବଶାଳୀ ହୁଏ ସେତେବେଳେ ଜୀବନଶକ୍ତି ବା ପ୍ରାଣଶକ୍ତି ପ୍ରଖର ହୁଏ ଏବଂ ବ୍ୟକ୍ତିକୁ ଶାରିରୀକ କାର୍ଯ୍ୟ କରିବାର ଅଧିକ ଦକ୍ଷତା ପ୍ରଦାନ କରେ, ଖାଦ୍ୟ ପାଚନ ସହଜ ହୁଏ ଏବଂ ଶାରିରୀକ ଶକ୍ତି ବଢେ । ମନ ବହିର୍ମୁଖୀ ହୁଏ ଓ ଅଧିକ ଉର୍ଜା ଉତ୍ପନ୍ନ ହୁଏ । ଇଡା ଓ ପିଙ୍ଗଳାର ପାରସ୍ପାରିକ ପ୍ରଭାବ, ଅନ୍ତଃପ୍ରଜ୍ଞା (intuition) ଓ ତାର୍କିକତା (rationality), ଜୀବନଶକ୍ତି (vital power) ଓ ଚେତନ ଶକ୍ତି (conciousness) ତଥା ମସ୍ତିସ୍କର ବାମାର୍ଦ୍ଧ (left lobe) ଓ ଦକ୍ଷିଣାର୍ଦ୍ଧ (right lobe) ମଧ୍ୟରେ ହେଉଥିବା

To read the complete magazine, Download it for FREE from www.aahwaan.com

ଆଭ୍ୟନ୍ତରିଣ ପ୍ରତିକ୍ରିୟା କୁ ପ୍ରତିନିଧିତ୍ୱ କରେ ।

ଦୈନନ୍ଦିନ ଜୀବନରେ ଏମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ନାଡି ଅଧିକ ପ୍ରଭାବଶାଳୀ ରହିଥାଏ । ଏହି ପ୍ରଭାବ ଦିନସାରା ପରିବର୍ତ୍ତିତ ହେଉଥାଏ । ଯାହାଫଳରେ ମନୋଦଶା (mood) ଭିନ୍ନ ଭିନ୍ନ ହୁଏ । ଇଡା ଓ ପିଙ୍ଗଳା ମଧ୍ୟରେ ଅସନ୍ତୁଳନ ବ୍ୟକ୍ତିର ବ୍ୟବହାରକୁ ପ୍ରଭାବିତ ଓ ପରିବର୍ତ୍ତିତ କରିଥାଏ । ଏହା ଦର୍ଶାଏ ଯେ ଶିବ ଏବଂ ଶକ୍ତି ଙ୍କ ଉପଦାନ ମଧ୍ୟରେ ସନ୍ତୁଳନ ରଖିବା ଆବଶ୍ୟକ । ଗୋଟିଏ କ୍ଷତିଗ୍ରସ୍ତ ହେଲେ, ବ୍ୟକ୍ତିଟି ବ୍ୟବସ୍ଥିତ ଧାରାରୁ ଛିଟିକି ଯାଏ ।

ମୂଖ୍ୟ ଦୁଇଟିଯାକ ନାଡି ସାଧାରଣ ଭାବରେ ସ୍ୱନିୟନ୍ତ୍ରିତ ସ୍ନାୟୁବିକ ପ୍ରଣାଳୀର ଦୁଇ ଅର୍ଦ୍ଧକୁ ପ୍ରତିନିଧିତ୍ୱ କରନ୍ତି, ଗୋଟିଏ ଦୟାଶୀଳ ଏବଂ ଅନ୍ୟଟି କଠୋର । ପିଙ୍ଗଳା ଦୟାଶୀଳ ସ୍ନାୟୁବ୍ୟବସ୍ଥା ସହ ସମାନ୍ତର ଯାହାକି ଶାରିରୀକ ଚେତନାକୁ ଉଦ୍ଦୀପିତ କରିବା ଏବଂ ବାହ୍ୟ ବାତାବରଣ ସହିତ କ୍ରିୟାର ତ୍ୱରଣ ବା ଗତିବର୍ଦ୍ଧନ ଏବଂ ଶରୀର ଆଭ୍ୟନ୍ତରରେ ଅତ୍ୟଧିକ ଉର୍ଜା ଉପଯୋଗ କରୁଥିବା ଅଙ୍ଗ ଗୁଡିକୁ ଶିଥିଳ କରିବା କାର୍ଯ୍ୟକରେ । ସଂବେଦି ସ୍ନାୟୁମାନେ ହୃଧ୍‌ଗତି ପ୍ରଖର କରନ୍ତି, ତଥା ଚକ୍ଷୁ ଓ ନାସା ଇତ୍ୟାଦିର ଦକ୍ଷତା କୁ ସଶକ୍ତ ଓ ତୀବ୍ର କରନ୍ତି । ସେହିଭଳି ଅନୁସଂବେଦି (parasympathetic) ସ୍ନାୟୁ ମାନେ ସଂବେଦି (sympathetic) ସ୍ନାୟୁ ମାନଙ୍କୁ ସିଧାସଳଖ ଭାବରେ ପ୍ରତ୍ୟକ୍ଷ ବିରୋଧ କରନ୍ତି । ଯେହେତୁ ସେମାନେ ହୃଦ୍ଗତି କମ୍‌କରନ୍ତି, ରକ୍ତବାହିକା ସଂକୁଚିତ କରନ୍ତି ଏବଂ ଶ୍ୱାସଗତି କମାଇଦିଅନ୍ତି, ତାହାଦ୍ୱାରା ବ୍ୟକ୍ତି ଅନ୍ତର୍ମୁଖି ହୁଏ । ଇଡା ଓ ପିଙ୍ଗଳା ରେ ପ୍ରାଣର ପ୍ରବାହ ଅନଭିପ୍ରେତ, ଅନୈଚ୍ଛିକ ଓ ଅଚେତନ ରହେ ଯେପର୍ଯ୍ୟନ୍ତ ଯୋଗକ୍ରିୟା ଦ୍ୱାରା ତାକୁ ନିୟନ୍ତ୍ରିତ କରାଯାଇନଥାଏ ।

To read the complete magazine, Download it for FREE from www.aahwaan.com

ତିନୋଟିଯାକ ମୁଖ୍ୟ ନାଡି ମୂଳାଧାର ଚକ୍ର ଠାରେ ଏକାଠି ମିଶନ୍ତି ଏବଂ ଏହି ମିଳନ ବିନ୍ଦୁକୁ 'ଯୁକ୍ତ ତ୍ରିବେଣୀ' (ଅର୍ଥାତ ତିନୋଟି ଧାରାର ସଂଗମ ସ୍ଥଳ) କୁହାଯାଏ । ସେମାନେ ଉର୍ଦ୍ଧ୍ୱ ଗତି କରି ଆଜ୍ଞାକଚ୍ର ଠାରେ ପୁନଃଶ୍ଚ ମିଳିତ ହୁଅନ୍ତି । ସେଠାରେ ମିଳନ ବିନ୍ଦୁକୁ 'ମୁକ୍ତ ତ୍ରିବେଣୀ' କୁହାଯାଏ । ମୂଳାଧାର ରୁ ଆଜ୍ଞାଚକ୍ର ଯାଏଁ ନାଡି ମାନେ ଚକ୍ର ଗୁଡିକ ଚାରିପଟେ ଏକାନ୍ତରଣ କରି କରି ଶେଷରେ ନାସାରନ୍ଧ୍ର ଠାରେ ସମାପ୍ତ ହୁଅନ୍ତି । ମୂଳାଧାର ଠାରେ କୁଣ୍ଡଳିନୀ ଶକ୍ତି ସୁଶୁପ୍ତ ଓ ନିଷ୍କ୍ରିୟ ରହିଥାଏ । ଏହାକୁ ଏକ ସର୍ପ ଭାବରେ ଦର୍ଶାଯାଏ ଯାହା ତିନୋଟି ପୂର୍ଣ୍ଣ ଓ ଗୋଟିଏ ଅର୍ଦ୍ଧ (ସାଢେ ତିନି) ବୃତ୍ତାକାର କୁଣ୍ଡଳୀ ଆକାରରେ କେନ୍ଦ୍ରିୟ ଅକ୍ଷ ବା ମେରୁଦଣ୍ଡ ର ମୂଳ (base) ଠାରେ ସ୍ୱୟମ୍ଭୁ ଲିଙ୍ଗ ଭାବରେ ରହିଥାଏ । ଏହି ସର୍ପ ସୁଷୁମ୍ନାକୁ ଅବରୁଦ୍ଧ କରି ରଖିଥାଏ । ଯେତେବେଳେ କୁଣ୍ଡଳିନୀ ଜାଗ୍ରତ ହୁଏ, ସେତେବେଳେ ସୁଷୁମ୍ନା ଉନ୍ମୁକ୍ତ ହୁଏ ।

ପ୍ରାଣର ପରିସଂଚାରୀ (circulatory movement) ଗତି, ଇଡା ଏବଂ ପିଙ୍ଗଳା ମାଧ୍ୟମରେ ମେରୁଦଣ୍ଡର ମୂଳଠାରେ ଗୁରୁଙ୍କ ଦ୍ୱାରା ମାର୍ଗଦର୍ଶିତ ହୁଏ । ସେତେବେଳେ ଇଡା ଓ ପିଙ୍ଗଳାଙ୍କର ଶକ୍ତି ଏକତ୍ର ହୁଅନ୍ତି ଏବଂ ମିଶ୍ରିତ ଶକ୍ତି ସୁଷୁମ୍ନା ମାଧ୍ୟମରେ ଉର୍ଦ୍ଧ୍ୱମୁଖୀ ଗତି କରିବା ବେଳେ ମେରୁଦଣ୍ଡ ସିଧାରେ ଥିବା ସମସ୍ତ ୭ଟି ଯାକ ଚକ୍ର (ମୂଳାଧାର, ସ୍ୱାଧିଷ୍ଠାନ, ମଣିପୂରକ, ଅନାହତ, ବିଶୁଦ୍ଧି, ଆଜ୍ଞା ଓ ସହସ୍ରାର) କୁ ଆବେଶିତ (charged) କରିଥାଏ । ଏହିଭଳି ସୁଷୁମ୍ନା ମାଧ୍ୟମରେ ଗତିକରି କୁଣ୍ଡଳିନୀ ସହସ୍ରାର ଠାରେ ମୁକ୍ତ ହୁଅନ୍ତି ଏବଂ ତତ୍ପରେ ସେ ପୁଣି ମେରୁଦଣ୍ଡର ମୂଳକୁ ଟାଣିହୋଇ ଆସନ୍ତି [କୁଣ୍ଡଳିନୀ କୁ ଶକ୍ତି (feminine)] ଭାବେ ବିଚାର କରାଯାଏ ।

ମନୁଷ୍ୟର ଜୀବନ, ଶ୍ୱାସ, ପ୍ରଶ୍ୱାସ ଇତ୍ୟାଦି ଇଡା ଓ ପିଙ୍ଗଳା ଦ୍ୱାରା ନିୟନ୍ତ୍ରିତ

To read the complete magazine, Download it for FREE from www.aahwaan.com

ହୁଅନ୍ତି । ଯେତେବେଳେ ସୁଷୁମ୍ନା ସକ୍ରିୟ ହୁଏ, ବ୍ୟକ୍ତି ସମାଧି ଅବସ୍ଥାକୁ ପ୍ରବେଶ କରେ । ଇଦା ଓ ପିଙ୍ଗଳା ସମୟକୁ ଦର୍ଶାନ୍ତି, ମାତ୍ର ସୁଷୁମ୍ନା ସମୟର ଉପଭୋକ୍ତା । କୁଣ୍ଡଳିନୀ ଜାଗ୍ରତ ହେବା ପୂର୍ବରୁ, ଶରୀର ପ୍ରଚଣ୍ଡ ଉନ୍ମୁକ୍ତ ଶକ୍ତିକୁ ନିଜ ମଧ୍ୟରେ ଗ୍ରହଣ ଓ ସହ୍ୟ କରିବା ପାଇଁ ପ୍ରସ୍ତୁତହେବା ଆବଶ୍ୟକ । ଅଧିକାଂଶ ବ୍ୟକ୍ତି ଏହି କ୍ରିୟା ସମୟରେ ମୃତ୍ୟୁବରଣ ମଧ୍ୟ କରନ୍ତି ଅବା ପାଗଳ ହୋଇଯାଆନ୍ତି, ସଠିକ ପ୍ରସ୍ତୁତି ଅଭାବରେ । ତେଣୁ ବିନା ଗୁରୁଙ୍କ ସହାୟତାରେ ଏହି କ୍ରିୟା କରିବା ଅନୁଚିତ । ଗୁରୁ, ଶିଷ୍ୟକୁ ପ୍ରଥମେ ନାଡିଶୁଦ୍ଧି କରିବାରେ ସାହାଯ୍ୟ କରନ୍ତି । ଏହା ଖୁବ ଜଟିଳ ସାଧନା ଅଟେ । ଅନେକ ଆତ୍ମଘୋଷିତ ଗୁରୁ ଦାବି କରନ୍ତିଯେ ସେ ମାତ୍ର ଥରେ ସ୍ପର୍ଶକରି କୁଣ୍ଡଳିନୀ ଜାଗ୍ରତ କରିପାରିବେ । ସମାଧି ସ୍ଥିତିକୁ ଯିବା ଆଦୌ ଏତେ ସହଜ ବା କୌଣସି ମଉଜର ବିଷୟବସ୍ତୁ ନୁହେଁ । ଚକ୍ର ଗୁଡିକୁ ସକ୍ରିୟ କରିବା ଏବଂ କୁଣ୍ଡଳିନୀର ସୁପ୍ତସର୍ପକୁ ଜାଗ୍ରତ କରିବା ଦୁଇଟି ଭିନ୍ନ ଭିନ୍ନ ବିଷୟ । ତେଣୁ ପ୍ରଥମେ ଜଣେ ଯୋଗ୍ୟ ଏବଂ ଦକ୍ଷ ଗୁରୁଙ୍କ ଆଶୀର୍ବାଦ ଲବ୍ଧହୋଇ ତାଙ୍କ ମାର୍ଗଦର୍ଶନରେ ସାଧନା କରିବା ପରେ ଏ ଦିଗରେ ଅଗ୍ରସର ହେବା ଉଚିତ ।

ପ୍ଲଟ୍ ନଂ- ୨୪, ଶକ୍ତି ନଗର

ଲିଙ୍କ ରୋଡ୍, କଟକ - ୧୨

To read the complete magazine, Download it for FREE from www.aahwaan.com

# ବେଶଭୂଷା



ବୈକୁଣ୍ଠନାଥ ଖଟୁଆ

ଆଦି ମାନବର ସୃଷ୍ଟି ଆଫ୍ରିକାର ଜଙ୍ଗଲରେ ହୋଇଥିଲା । କାହିଁକି ନା ଆଫ୍ରିକା ମହାଦେଶରେ କର୍କଟକ୍ରାନ୍ତି ମକରକ୍ରାନ୍ତି ବିଷୁବରେଖା ସବୁହିଁ ରହିଛି । ଏ ତା'ର ଜନ୍ମସ୍ଥାନ । କିନ୍ତୁ ତା'ର ଏନ୍ତୁଡ଼ିଶାଳ ଥିଲା ମିଶର ଆଉ ମେସୋପଟମିଆ । ଏଇଠି ସେ ସେକା ସେକି ହୋଇ ବିକାଶ ଲାଭକଲା । ଏହି ବିକାଶପାଇଁ କେତେ ଯୁଗ ଲାଗିଛି କିଏ କହିବ ? ମଣିଷ ଜଙ୍ଗଲରେ ସୃଷ୍ଟିହୋଇ ଜଙ୍ଗଲ ଫଳ ଖାଇ ଜଙ୍ଗଲର ପତ୍ର/ବକଳ ପିନ୍ଧି ଗୁମ୍ଫାରେ ରହୁଥିଲା । ମଣିଷ ବୁଦ୍ଧିର ବିକାଶ ଘଟିଲା ମିଶର ଆଉ ମେସୋପଟମିଆରେ । ଏହିଠାରେ ନୂଆ ନୂଆ ଜିନିଷ ବାହାର କଲା । ଗଛର ବକଳ ପଶୁର ଚମଡ଼ା ପିନ୍ଧିବାକୁ ଶିଖିଲା । ବୁଢ଼ିଆଣୀ ଜାଲରୁ ଲୁଗାବୁଣିବା ଶିଖିଲା ।

ବିଶ୍ୱର ସର୍ବ ପୁରାତନ ବସ୍ତ୍ର ଖ୍ରୀ.ପୂ. ୨୮୦୦ରୁ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ । ଏହା ମିଶରର ଗୋଟିଏ ସମାଧିରୁ ମିଳିଛି । ରାଜବଂଶ ଆରମ୍ଭ ହେବା ବେଳକୁ ଅର୍ଥାତ୍ ଖ୍ରୀ.ପୂ. ୩୧୫୦ ବେଳକୁ ମିଶରୀୟମାନେ ସୂତା କାଟିବାରେ ପୋଖତ ଥିଲେ । ମିଶରର ଲୋକମାନେ

To read the complete magazine, Download it for FREE from www.aahwaan.com

କାଚ ମାଟି ପାତ୍ର ତିଆରି କରିବାର ପ୍ରଣାଳୀ ବାହାର କରିଥିଲେ । କିନ୍ତୁ ତନ୍ତ କିଏ ବାହାର କରିଥିଲେ ଜଣା ପଡ଼ୁନି । ତେଣୁ ମିଶରର ଲୋକେ ଲୁଗାବୁଣିବା ଯନ୍ତ୍ର ତନ୍ତ ବାହାର କରିଥିବାର ଅନୁମାନ କରାଯାଏ । ଫେନେସିୟମାନେ ଭୂମଧ୍ୟସାଗର ମାଛ କଂଟାରୁ ଏକ ପ୍ରକାର ରଙ୍ଗ ବାହାର କରିଥିଲେ । ଫେନେସିୟମାନେ ବିଭିନ୍ନ ଜିନିଷରେ ରଙ୍ଗଦେବାରେ ପାରଙ୍ଗମ ଥିଲେ। । ମିଶରୀୟମାନେ ଏହି କାମ ଫେନେସିୟମାନଙ୍କଠାରୁ ଶିଖିଥିଲେ । ଏହି ରଙ୍ଗକାମକୁ ମିଶରୀୟମାନେ ବସ୍ତ୍ରକୁ ରଙ୍ଗେଇବାରେ ସାହାଯ୍ୟ କଲା ।

ମିଶରୀୟମାନେ ଛଣପଟ ସୂତାରେ ପ୍ରସ୍ତୁତ ଲିନେନ୍ ଏକ ପ୍ରକାର କପଡ଼ା ତିଆରି କରୁଥିଲେ । ଏହି ଲିନେନ୍ କପଡ଼ା ସିଲ୍କ ପରି ସୂକ୍ଷ୍ମ ଥିଲା । ଗରମ ମିଶରକୁ ଏହି ଥଣ୍ଡା ଲିନେନ୍ ଲୁଗା ସୁହାଉଥିଲା ।  ଧନୀ ଗରିବ ସମସ୍ତେ କୌପୁନୀ ପିନ୍ଧୁଥିଲେ । ଉତ୍ସବମାନଙ୍କରେ ପୁରୋହିତ ଓ ଜମିଦାରମାନେ ଲମ୍ବା ଢିଲା ଜାମା ପିନ୍ଧୁଥିଲେ । ନାରୀମାନେ ପାଦ ପର୍ଯ୍ୟନ୍ତ ଝୁଲୁଥିବା ପୋଷାକ ପିନ୍ଧୁଥିଲେ । ସେମାନେ ଲୁଗା ସଫା କରିବାପାଇଁ ଧୋବା ଥିଲେ । ପୁରୁଷମାନଙ୍କ ବସ୍ତ୍ର ପ୍ରାୟତଃ ଧଳା ଥିଲା । ଛୋଟ ଛୋଟ ପିଲାମାନେ ଲଙ୍ଗଳା ରହୁଥିଲେ । ଏପରିକି କେତେକ ଦାସମାନେ ଉଲଗ୍ନ ରହୁଥିଲେ । ସମ୍ଭ୍ରାନ୍ତ ପରିବାରର ସ୍ତ୍ରୀଲୋକମାନେ ରଙ୍ଗିନୀ ବସ୍ତ୍ର ପରିଧାନ କରୁଥିଲେ । ଗରିବ ଲୋକମାନେ ଭୂତ ପ୍ରେତଙ୍କଠାରୁ ରକ୍ଷାପାଇବାପାଇଁ ମାଟିର କବଚ ପିନ୍ଧୁଥିଲେ । ଧନୀମାନେ ସୁନାରୂପାର କବଚ ପିନ୍ଧୁଥିଲେ । ଉଭୟ ପୁରୁଷ ଓ ନାରୀ କାନ ଫୋଡ଼ାଉଥିଲେ କାନରେ ନୋଳି ଲଗାଉଥିଲେ । ବାହୁବନ୍ଧ ବଳା ପିନ୍ଧୁଥିଲେ । ଆଙ୍ଗୁଠିର ମୁଦି ଲଗାଉଥିଲେ । ନାରୀମାନେ ବିଭିନ୍ନ ପ୍ରକାରର କେଶ ବିନ୍ୟାସ କରୁଥିଲେ । ପୁରୁଷମାନେ ଗୋଲ କରି ବାଳକାଟୁଥିଲେ । ଏ ଥିଲା ସାଧାରଣ କଥା ଧନୀ ଶ୍ରେଣୀର

To read the complete magazine, Download it for FREE from www.aahwaan.com

ପୁରୁଷ ସ୍ତ୍ରୀ ଉଭୟ ପୁରୋହିତମାନେ ମୁଣ୍ଡ ଲଣ୍ଡା କରୁଥିଲେ । ପୁରାତନ କାଳରୁ ମିଶରରେ କ୍ଷୁର ବାହାରିଥିଲା । ସେମାନ ଦାଢ଼ି କାଟୁଥିଲେ । ସେମାନେ ମୁଣ୍ଡରେ ପରଚୂଳ ଲଗାଉଥିଲେ । ଏହି ପରଚୂଳ (ୱିଗ୍) ମେଣ୍ଢାବାଳରୁ ତିଆରି ହେଉଥିଲା । ଯେଉଁମାନେ ଲଣ୍ଡା ହେଉଥିଲେ ସେମାନେ ପରଚୂଳ ବ୍ୟବହାର କରୁଥିଲେ । ଆଖିରେ ଅଞ୍ଜନ ଲଗାଇବା ନାରୀମାନଙ୍କର ବଡ଼ ସଉକ ଥିଲା । ଅଞ୍ଜନ ବ୍ୟତୀତ ନାରୀମାନେ ନେଲପଲିସ୍ ଓ ଓଠକୁ ରଙ୍ଗିନ କରୁଥିଲେ । ମିଶରରୁ ଅନେକ ବ୍ରୋଞ୍ଜ ଆଇନା ମିଳିଛି । ନାରୀମାନଙ୍କପାଇଁ ବାସନା ତେଲ ମଧ୍ୟ ବ୍ୟବହାର ହେଉଥିଲା । ଧନୀଲୋକମାନେ ସୁନାରୂପାର ଅଳଙ୍କାର ପିନ୍ଧୁଥିବାବେଳେ ଗରିବମାନେ ଗେଣ୍ଡା ଶାମୁକାର ମାଳା ପିନ୍ଧୁଥିଲେ ।

ବୈଦିକ ଯୁଗରେ ଆର୍ଯ୍ୟମାନେ ପଶମ, ରେଶମ ଓ ସୂତାର ଲୁଗା ବ୍ୟବହାର କରୁଥିଲେ । ସମୟେ ସମୟେ ମୃଗଛାଲ କୁଶ ବା ଛଣପଟର ଲୁଗା ବ୍ୟବହାର କରୁଥିଲେ । ଆଉ ମଧ୍ୟ ଦେହରେ ଦୁର୍ସୁ ପକାଉଥିଲେ । ଏହା ସଂସ୍କୃତ ଦୁର୍ଶ ଶବ୍ଦରୁ ପାଲି ଦୁସ୍ସ ଶବ୍ଦର ଉଦ୍ଭବ ହୋଇଛି ଏବଂ ଏହି ପାଲି ଦୁସ୍ସ ଶବ୍ଦଟି ଓଡ଼ିଆର ଦୋସଡ଼ାରେ ରୂପାନ୍ତରିତ ହୋଇଛି । ପଶମ ଦୁଇ ପ୍ରକାର ଥିଲା । ଗୋଟିଏ ଉର୍ଣ୍ଣା ଏବଂ ଅପରଟି ଆବିକ । ମେଣ୍ଢା ବାଳରୁ ଉତ୍ପନ୍ନ ବାଳକୁ ଉର୍ଣ୍ଣା ମାଇ ମେଣ୍ଢାକୁ ଉର୍ଣ୍ଣାବତୀ କହୁଥିଲେ । ବୁଢ଼ୀଆଣୀକୁ ଉର୍ଣ୍ଣନାଭୀ କହୁଥିଲେ । ବୁଢ଼ୀଆଣୀ ଲୁଗାଭଳି ଜାଲ ବୁଣୁଥିଲା । ଛେଳି ବାଳରୁ ଯେଉଁ ପଶମ ବାହାରୁ ଥିଲା ତାକୁ ଆବିକ କହୁଥିଲେ । ଛେଳିକୁ ସଂସ୍କୃତରେ ଅବି କହନ୍ତି । ଏହି ପଶମ ବସ୍ତ୍ରକୁ ସୁବାସ କହୁଥିଲେ । ଏହି ବସ୍ତ୍ରକୁ ବୁଣିବାପାଇଁ ଗୋଟିଏ ଜାତିର ଲୋକେ ତାକୁ ବୁଣୁଥିଲେ ତାଙ୍କୁ ପୂଷନ୍ ବାସବାୟ କହୁଥିଲେ; ଲୁଗାବୁଣିବା ଲୋକ । ବୈଦିକ ଯୁଗରେ ରେଶମ ବସ୍ତ୍ର ବ୍ୟବହାର ହେଉଥିଲା । ଏହାକୁ କୁହାଯାଉଥିଲା ତାର୍ପ୍ୟ ।

To read the complete magazine, Download it for FREE from www.aahwaan.com

ସେତେବେଳେ ତ୍ରିପର୍ଯ୍ୟ ବୃକ୍ଷରୁ ରେଶମ ସୂତା ବାହାର କରୁଥିଲେ ଓ ଲୁଗା ବୁଣୁଥିଲେ । କିନ୍ତୁ ପରେ କଦଳୀ ସୂତାରୁ ଓ ଟସର ପୋକର କୋଷାରୁ ସୂତା ତିଆରି ହେଲା । ଏହି ରେଶମ ବସ୍ତ୍ରକୁ କ୍ଷୌମ କହୁଥିଲେ । ବୁଦ୍ଧଦେବଙ୍କ ସମୟରେ ଏହା ବୌଦ୍ଧ ଭିକ୍ଷୁମାନେ ବ୍ୟବହାର କରୁଥିଲେ ବୋଲି ମହାବର୍ଗ୍ଗରୁ ଜଣାଯାଏ ବୈଦିକ ଯୁଗରେ ସୂତାର ଲୁଗା ବ୍ୟବହାର ହେଉଥିବାର ଜଣାଯାଏ । ନିଜର ସୌନ୍ଦର୍ଯ୍ୟ ବଢ଼ାଇବାପାଇଁ ଅତ୍କ ଏହା ଆଧନିକ ଅଚ୍‌କନ୍ ବା ଚପକନ୍ ଲମ୍ବାପୋଷାକ କହୁଥିଲେ । ଋଗ୍ୱେଦରେ ଏହା ହିରଣ୍ମୟାନ୍ ଅତ୍କାନ୍  ବା ସୁନାର ଅତକ ପିନ୍ଧୁଥିଲେ । ଆଉ ଗୋଟିଏ ପ୍ରକାର ବସ୍ତ୍ରକୁ ପାଣ୍ଡୁ କହୁଥିଲେ । ଏହି ସଂସ୍କୃତ ଭାଷାରୁ ପାଣ୍ଡ୍ୟ ରାଜ୍ୟ ସୃଷ୍ଟି ହୋଇଛି । ନିଜକୁ ସୁନ୍ଦର କରିବାପାଇଁ ବସ୍ତ୍ରରେ ରଙ୍ଗ ବେରଙ୍ଗ କରୁଥିଲେ । ଏହି ରଙ୍ଗବେରଙ୍ଗ ଲୁଗାକୁ ଆରୁକାନି କହୁଥିଲେ । ଏବେ ଏହାକୁ ଆଡ଼କାନୀ କହୁଛନ୍ତି । ଏବେ ଯେଉଁ ଆରୁକ୍ ସାଙ୍ଗିଆଧାରୀ ଲୋକ ଅଛନ୍ତି ଏହା ସେହି ଆଡ଼କାନୀ । ରଙ୍ଗଣୀ ବୋଲି ଗୋଟିଏ ଜାତି ଅଛନ୍ତି ସେମାନଙ୍କ କାମ ହେଲା ସୂତାରେ ରଙ୍ଗ ଦେବା । ପାଟରା ବୋଲି ଗୋଟିଏ ଜାତି ମୋମାନେ ପାଟ ତିଆରି କରୁଥିଲେ ଓ ପାଟଫୁଲି ତିଆରି କରୁଥିଲେ ।

ବୈଦିକ ଯୁଗରେ ଲୁଗା ୪ ପ୍ରକାର ଥିଲା । ଅର୍ନ୍ତବାସ ଓ ବର୍ହିବାସ । ପୁଣି

(୧) ବର୍ହିବାସ ଦୁଇଭାଗରେ ବିଭକ୍ତ ଅଧୋବାସ  ଓ ଅଧିବାସ । ଏହା ଉପର ଲୁଗା ଓ ତଳ ଲୁଗା କୁହାଯାଉଥିଲା ।

(କ) ଅଧୋବାସ ହେଉଛି ପ୍ରକୃତ ଲୁଗା ପିନ୍ଧା । ଏହା ହେଉଛି ପୁରୁଷମାନଙ୍କ ଧୋତି ଓ ସ୍ତ୍ରୀମାନେ ଶାଢ଼ୀ ପିନ୍ଧୁଥିଲେ ।

(ଖ) ଅଧିବାସ ହେଉଛି ଉପର ଲୁଗା ଏହାକୁ ଦୋପଟା ବା ଚାଦର କହୁଥିଲେ ସଂସ୍କୃତରେ

To read the complete magazine, Download it for FREE from www.aahwaan.com

ଏହା ଉପବସନ କିମ୍ବା ପର୍ଯ୍ୟାନହଣ କହୁଥିଲେ । ସ୍ତ୍ରୀମାନେ ଉତରୀୟ ବ୍ୟବହାର କରୁଥିଲେ । ଏ ଗଲା ଉପର ଲୁଗା ।

ଅର୍ନ୍ତବାସ ଦୁଇଭାଗରେ ବିଭକ୍ତ (କ) ନୀବି (ଖ) ଚୋଳକ ।

(କ) ନୀବି - ତଳେ ମଧ୍ୟ ଉଭୟ ସ୍ତ୍ରୀପୁରୁଷ ନୀବି ପିନ୍ଧୁଥିଲେ । ଏହି ନୀବିରେ ଗଣ୍ଠି ପକାଉଥିଲେ । ଯାହା ଫଳରେ ଲୁଗା ଖସୁ ନ ଥିଲା । ଉପେନ୍ଦ୍ର ଭଞ୍ଜଙ୍କ ଲେଖାରୁ ଜଣାଯାଏ ଫିଟିଗଲା ନୀବି ବନ୍ଧ ।

(ଖ) ଚୋଳକ ବା ବକ୍ଷୋବାସ - ଆଜିକାଲିର ଗଞ୍ଜିକକୁ ଚୋଳକ କହନ୍ତି ସ୍ତ୍ରୀମାନଙ୍କ ବ୍ଲାଉଜକୁ ଚୋଳକ କହନ୍ତି । ହିନ୍ଦିରେ ଏହାକୁ ଚୋଲି କହନ୍ତି । ଏହି ବକ୍ଷୋବାସ ସ୍ତ୍ରୀ ଲୋକମାନଙ୍କର ପଛପଟେ ବନ୍ଧା ଯାଉଥିଲା । ବୁଦ୍ଧଦେବଙ୍କ ସମୟରେ ବୌଦ୍ଧ ଭିକ୍ଷୁଣୀମାନେ ବିନା ବକ୍ଷୋବାସରେ ବାହାରକୁ ଯାଉନଥିଲେ । ମୋଟାମୋଟି କହିବାକୁ ଗଲେ ବର୍ତ୍ତମାନ ଯୁଗରେ ଯେମିତି ବେଶଭୂଷା ଥିଲା ସେତେବେଳେ ସେମିତି ବ୍ୟବହାର ହେଉଥିଲା ।

ବୈଦିକ ଯୁଗରେ ଉଷ୍ଣିଷ ବା ପଗଡ଼ି ବ୍ୟବହାର କରୁଥିଲେ । ପୁରୁଷ ସ୍ତ୍ରୀ ଉଭୟ ମୁଣ୍ଡରେ ବାଳ ରଖୁଥିଲେ । ସ୍ତ୍ରୀଲୋକମାନେ ମୁଣ୍ଡରେ ବେଣୀ ପକାଉଥିଲେ । ଯେଉଁ ସ୍ତ୍ରୀମାନେ ବେଣୀ ବାନ୍ଧୁ ନଥିଲେ ସେମାନଙ୍କୁ ରୋଦସି ବା ବିଷିତ-ସ୍ତୁକ ବା ବେଣୀ ନଥିବା ନାରୀ ବୋଲି କୁହାଯାଉଥିଲା । ଯେଉଁମାନେ ଭଲ ବେଣୀ ରଖୁଥିଲେ ସେମାନଙ୍କୁ ସୁକପର୍ଦା ସୁକୁରୀରା ଓ ସ୍ୱୋପାଶା କୁହାଯାଉଥିଲା । କୁରରୀ ଅର୍ଥ ହରିଣୀ । ହରିଣୀର ଯେମିତି ଦୁଇଟି ଶିଙ୍ଗ ଥାଏ ସେମିତି ଯେଉଁ ନାରୀ ବାଳ ବାନ୍ଧେ ତାକୁ ସୁକୁରୀରା କହନ୍ତି । ସ୍ୱୋପାଶା ଅର୍ଥ ମାୟା ବେଣୀ ବା ବର୍ତମାନର ଟ୍ୟାସିଲ୍ । ସ୍ତ୍ରୀଲୋକମାନେ ଏକ ପ୍ରକାର ବାଳ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ବାନ୍ଧୁଥିଲେ ତାକୁ କମ୍ବୁ ବୋଲି କହୁଥିଲେ । କମ୍ବୁ ସ୍ତ୍ରୀ ମାନେ ଅର୍ଥ ଶଙ୍ଖ । ଏହି ବାଳ ଶଙ୍ଖପରି ବାନ୍ଧୁଥିଲେ । ଆଉ ମଧ୍ୟ କେହି କେହି କୁମ୍ଭ ପରି ବାନ୍ଧୁଥିଲେ ତାକୁ କୁମ୍ଭ କହୁଥିଲେ ।  ସ୍ତ୍ରୀମାନେ ଏକ ପ୍ରକାର ପ୍ରସାଧାନ ସାମଗ୍ରୀ ବ୍ୟବହାର କରୁଥିଲେ ଯାହା ଚେରମୂଳୀରେ ତିଆରି ତାକୁ କେଶ-ବର୍ଦ୍ଧନ କହୁଥିଲେ । ସ୍ତ୍ରୀମାନେ ଆଖିରେ କଜ୍ଜ୍ୱଳ ଲଗାଉଥିଲେ । ଦେହରେ ଚନ୍ଦନ ଲଗାଉଥିଲେ । ସ୍ତ୍ରୀମାନେ ବାହାରକୁ ଗଲେ ମୁଣ୍ଡରେ ପଗଡ଼ି ପିନ୍ଧୁଥିଲେ । ପୁରୁଷମାନେ ବାଳ ବାନ୍ଧିବାର ପଦ୍ଧତିକୁ କପର୍ଦ୍ଦ କହନ୍ତି । ମୁନି ଋଷିମାନେ ଜଟା ରଖୁଥିଲେ । ବୁଦ୍ଧଦେବ ତାଙ୍କ ମୁଣ୍ଡରେ ରୁଦ୍ରାକ୍ଷମାଳା ଗୁଡ଼ାଇକି ବାନ୍ଧିକି ରଖୁଥିଲେ । ଯେମିତି ବିଭାବେଦୀରେ ଉଭୟ ବରକନ୍ୟା ପଗଡ଼ି ମୁକୁଟ ପିନ୍ଧୁଥିଲେ । ଏ ହେଉଛି ବୈଦିକ ପରମ୍ପରା । ପରେ ଏହାକୁ ଶିରସ୍ତ୍ରାଣ କହିଲେ । ଏବେ ହେଲ୍‌ମେଟ୍ ।

ପୁରଷ ଲୋକମାନେ ନିଶଦାଢ଼ି ରଖାଉଥିଲେ । ନିଶ ରଖିବାକୁ ଶ୍ମଶ୍ରୁ କହୁଥିଲେ ।

ବୈଦିକ ଯୁଗରେ ଉପାନହ୍,  ପସ୍ତଙ୍ଗଣୀ କୁହାଯାଉଥିଲା । ବୈଦିକ ଯୁଗରେ ମୁନି ଋଷିମାନେ କଠଉ ବ୍ୟବହାର କରୁଥିଲେ । ଏହା କାଠରେ ତିଆରି ହୋଇଥିବାରୁ ଏହାକୁ କଠୋଉ କହୁଥିଲେ । ଏହା କାଠରେ ବ୍ୟବହାର ଜିନିଷ ଥିଲା । କୁଶାଣମାନେ ଆସିଲା ପରେ ଏହାକୁ ଶିରସ୍ତ୍ରାଣ ଭଳି ପଦତ୍ରାଣ କହିଲେ । ମୁସଲମାନ ଆସିଲା ପରେ ଏହାକୁ ଯୋତା ଚପଲ କହିଲେ । ଆମର ଦେଶୀୟ ଭାଷା ପାଣ୍ଡେଇ କହନ୍ତି । ପାଦରେ ବ୍ୟବହାର ହେଉଥିବାରୁ ପାଣ୍ଡେଇ କହୁଥିଲେ । ଏହା ବର୍ତ୍ତମାନ ଯୋତା କୁହାଯାଉଛି ।

ସ୍ତ୍ରୀ ପୁରୁଷ ଉଭୟ ସୁନାର ଜିନିଷ ପିନ୍ଧୁଥିଲେ । ଏହାକୁ ନିଷ୍କ କୁହାଯାଉଥିଲା । ଯିଏ ନିଷ୍କ ପିନ୍ଧୁନଥିଲା ତାକୁ ନିଷ୍କଗ୍ରୀବା କହୁଥିଲେ । ଏହି ନିଷ୍କ ହେଉଛି ସେତେବେଳର ମୁଦ୍ରା । ଏହି ମୁଦ୍ରାକୁ ହାରକରି ପିନ୍ଧୁଥିଲେ । ଆଉ ମଧ୍ୟ ସ୍ତ୍ରୀଲୋକମାନେ ରୁକ୍ମ ପିନ୍ଧୁଥିଲେ । ଏହା

To read the complete magazine, Download it for FREE from www.aahwaan.com

ସୂତାରେ ବନ୍ଧା ଯାଇ ବେକରେ ପକାଯାଉଥିଲା । ଏହାକୁ ରୁକ୍ମପାଶ କହୁଥିଲେ । ସ୍ତ୍ରୀମାନେ ବର୍ତ୍ତମାନର ରିଙ୍ଗ୍‌ପରି କର୍ଣ୍ଣଶୋଭନ ପିନ୍ଧୁଥିଲେ । ସୁନା ଜିନିଷକୁ ହିରଣ୍ୟ କହୁଥିଲେ । ତେଣୁ ଏହି ଦେଶକୁ ଅନେକ ବିଦେଶୀ ଚାଲି ଆସିଥିଲେ । ସେହିପରି ପୁରୁଷମାନେ ବେକରେ ସ୍ରକ ସୁନାର ମାଳ ପିନ୍ଧୁଥିଲେ । ହାତରେ କଙ୍କଣ ବାହୁରେ ବାଜୁବନ୍ଧ ପିନ୍ଧୁଥିଲେ ।

ବୈଦିକ ସାମାଜିକ ନୀତି ନୟମକୁ ବୁଦ୍ଧଦେବ ବିରୋଧ କଲେ । କିନ୍ତୁ କିଛି ନୂଆ ଜିନିଷ ବାହାର କରି ସାମାଜିକ ପରିବର୍ତ୍ତନ କରିପାରିଲେ ନାହିଁ । ଖ୍ରୀ. ପୂ. ପ୍ରଥମ ଶତାବ୍ଦୀ ବେଳକୁ ଭାରତକୁ କୁଷାଣମାନେ ଆସିଲେ । ଏମାନେ ବିଭିନ୍ନ ଦିଗରେ ପରିବର୍ତ୍ତନ କଲେ । ବ୍ରାହ୍ମୀଲିପିରୁ ନାଗରୀ ଲିପିକୁ ରୂପାନ୍ତରିତ କଲେ । ଶିଳା ଲେଖରୁ ତମ୍ବାପଟାରେ ଲେଖିବା ଆରମ୍ଭ କଲେ । ମୁଦ୍ରା ପ୍ରଚଳନ କଲେ । କୁଷାଣମାନେ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ । ଏହି ସମୟରେ ବେଶ ପୋଷାକ ଲୁଗାରୁ ଟ୍ରାଉଜରରେ ବା ପାଇଜାମାରେ ପରିବର୍ତ୍ତନ ହେଲା ।  ଏଇ ହେଲା ବେଶ ପୋଷାକର ଇତିବୃତ ।

ଏଲ୍-୨୪୨/ଫେଜ-୧, ଡୁମୁଡୁମା ହା.ବୋ. କଲୋନୀ

ଭୁବନେଶ୍ୱର - ୭୫୧୦୧୯, ଓଡ଼ିଶା

(ଭ୍ରାମ୍ୟଭାଷ : ୯୭୭୭୧ ୪୩୪୮୫)

To read the complete magazine, Download it for FREE from www.aahwaan.com

# ପ୍ଲାଟ୍‌ଫର୍ମ



ସୁଧାଂଶୁ ଦ୍ୱିବେଦୀ

ପ୍ଲାଟଫର୍ମରେ ଯାତ୍ରୀମାନଙ୍କର ଆତଯାତ । ରେଳଗାଡ଼ିର ଘରର୍ ଘରର୍ ଶବ୍ଦ । ଗାଡ଼ି ପହଞ୍ଚିବା ଓ ଛାଡ଼ିବା ସମୟର ଘୋଷଣାବାଜି । ଯାତ୍ରୀମାନଙ୍କର ପ୍ରତୀକ୍ଷା । ପୁଣି ନିଜ ନିଜ ପରିଚିତ ସ୍ଥାନରେ ପହଞ୍ଚିବାର ଉତ୍କଣ୍ଠା । ନିଜ ଗାଁ-ମାଟି ପରିବେଶକୁ ଯିବାର ସ୍ମୃତିରେ ଆନନ୍ଦିତ ଆନ୍ଦୋଳାୟିତ । ସେହି ମନର ଆନନ୍ଦ ଭିତରେ ହୃଦୟର କୋହ ଓ ଆଖିର ଲୁହରେ ଆପଣାର ଲୋକଙ୍କୁ ବିଦାୟ ଦେବାବେଳର ଟ୍ରେନ୍ ଛାଡ଼ିବାର ଦୃଶ୍ୟ । ସତରେ ଯେମିତି ଆନନ୍ଦ ଓ ଦୁଃଖର ସମ୍ମିଶ୍ରଣରେ ପ୍ଲାଟଫର୍ମଟି ଏକ ଚଳଚ୍ଚିତ୍ର କାହାଣୀର କଥାବସ୍ତୁ ହୋଇଯାଇଛି ।

ପୁନଶ୍ଚ ଟ୍ରେନ୍ ପହଞ୍ଚିବା ଓ ଛାଡ଼ିବାର ଅବ୍ୟବହିତ ପୂର୍ବରୁ କୁଲି ମାନଙ୍କର ଲଗେଜ ବୋହିବାର ଉପକ୍ରମଣିକା । ପାଣି, ଚା, ପାନ, ବିସ୍କୁଟ୍, ଫଳ, ମ୍ୟାଗାଜିନ୍, ପେପର୍ ଆଦି ବିକାଳୀମାନଙ୍କର ମର୍ମଭେଦୀ ନିବେଦନ । ଯାତ୍ରୀଠୁ କୁଲି, ବୁଲାବିକାଳୀଠୁ ଭିକାରୀ ପର୍ଯ୍ୟନ୍ତ ସମସ୍ତେ ଯେମିତି କର୍ମତତ୍ପର ହୋଇଉଠନ୍ତି ପ୍ଲାଟଫର୍ମରେ ଟ୍ରେନଟି ଲାଗିବା କ୍ଷଣି... ।

To read the complete magazine, Download it for FREE from www.aahwaan.com

ସମୟ... ! ଜୀବନ ଆରମ୍ଭରୁ ଶେଷଯାଏ ତା ସହ ସାମିଲ ହେବାକୁ ପଡ଼ିଥାଏ ସଭିଁଙ୍କୁ । ସେହି ସମୟର ଛକା-ପଞ୍ଝା ଭିତରେ ଦିନ ଗଣିବାକୁ ହୁଏ ପ୍ରତି ମୁହୂର୍ତ୍ତରେ । ଆଉ ସମୟ ସହିତ ସାମିଲ ହୋଇ ପ୍ଲାଟଫର୍ମର ଗୋଟିଏ କୋଣରେ ପଲିଥିନ ପକେଇ ନିଜର ବିକ୍ରୀ ଜିନିଷକୁ ବିକ୍ରୀକରେ ଦୁଃଖୀ ମଣିଷଟା । କୌଣସି ଏକ ମୁହୂର୍ତ୍ତରେ ଜନୈକ ପୋଲିସବାବୁ ଚାରିଟା କଲମର ଦାମ ମାତ୍ର ଦଶଟଙ୍କା ନ ଦେଇ ନାଲି ଆଖି କାଢ଼େ, ରୋଲବାଡ଼ି ଉଞ୍ଚାଏ ବିଚରାଟା ଉପରେ । ରୋଲବାଡ଼ିର ଭୟରେ ପଲିଥିନ ସହ ଦୋକାନ ଉଠାଇ ଉଭାନ ହୋଇଯାଏ ସେ । ହୁଏତ ଆଉ କେଉଁଠି ପସରା ମେଲାଇ ବସିବାପାଇଁ ଜାଗା ଖୋଜେ, ନିଜ ପରିବାର, ଦୁଃଖକଷଣର ସଂସାରକୁ ମୁଠେ ଦାନା ଯୋଗାଡ଼ କରିବାପାଇଁ... ।

ପ୍ଲାଟଫର୍ମ ଟିକେଟ୍ କାଉଣ୍ଟରରେ ପୁରୁଷ ଓ ମହିଳାଙ୍କ ପାଇଁ ତିଆରି ହୋଇଥିବା ସ୍ୱତନ୍ତ୍ର ଧାଡ଼ି ସ୍ଥାନରେ ଅଭାବ ଦାସର ଅଭାବୀ ପିଲାମାନେ ଲୁହା ରୋଲକୁ ଧରି ଝୁଲରେ ହାତୀ ଝୁଲ ହୁଅନ୍ତି । ସେମାନଙ୍କ ସହ ପୋଲିଓ ରୋଗାକ୍ରାନ୍ତ ପିଲାଟା ରୋଲକୁ ଧରି ଝୁଲିବାକୁ ବାରମ୍ବାର ପ୍ରୟାସ କରେ । ଦି, ତିନିଥର ଚଟାଣରେ ପଡ଼ି ଯନ୍ତ୍ରଣାକ୍ତ ସ୍ଥାନରେ ହାତ ଘଷି ହୁଏ । ପୁଣି ଚେଷ୍ଟାକରେ ପଡ଼ିଉଠି ଝୁଲରେ ହାତୀ ଝୁଲ୍ ହେବାପାଇଁ ।

ଦିବ୍ୟାଙ୍ଗ ଲୋକଟା ଆଶାବାଡ଼ି ଦ୍ୱାରା ଛୋଟେଇ ଛୋଟେଇ ପ୍ଲାଟଫର୍ମର ଯାତ୍ରୀମାନଙ୍କୁ ନିଜ ପେଟର ଭୋକ ମାରିବାକୁ ହାତ ପତାଏ । କିଛି ପାଇବା ଆଶାରେ ନିରାଶିତ ହୁଏ । ପୁଣି ଯେବେ କିଛି ପାଏ ମହାମନିଷୀଙ୍କ ପରି ଡାହାଣ ହାତ ଉଠାଇ ଆଶୀର୍ବାଦ କରି କହେ, "ଭଗବାନ ତୁମର ମଙ୍ଗଳ କରନ୍ତୁ ।"

To read the complete magazine, Download it for FREE from www.aahwaan.com

ଛୋଟା ଗୋଡ଼ରେ ଏପଟ ସେପଟ ହେଉ ହେଉ ଥକି ପଡ଼ିଲେ ଘଡ଼ିଏ ବସିପଡ଼େ ସେଇ ପ୍ଲାଟଫର୍ମର ଧୁଳିଧୁସରିତ ଚଟାଣ ଉପରେ । ସେତିକିବେଳେ କାଖରେ ଛୁଆଟିଏ ଧରି ତା ପାଖରେ ପହଞ୍ଚିଯାଏ ସ୍ତ୍ରୀ ଲୋକଟାଏ । ଛୋଟାର ଆଉଁଆ ଚୂଳକୁ ସାଉଁଳିଦିଏ । ଅଖଞ୍ଜି ଗୋଡ଼ରେ ହାତମାରି ମାଲିସ କରେ । ସାତ ସିଁଆ ଥଳିରୁ ମଇଳା ପାନିଆ କାଢ଼ି ଛୋଟାର ମୁଣ୍ଡ କୁଣ୍ଡେଇ ଦିଏ । ମୁଣ୍ଡରୁ ଉକୁଣୀ ବାହାର କରି ଦୁଇହାତର ବୁଢ଼ା ଆଙ୍ଗୁଠିର ନଖ ମଝିରେ ରଖି ଜୋରରେ ଚିପିଦିଏ । ପଚ୍ କରି ଶବ୍ଦଟିଏ ହୁଏ । ଦାନ୍ତକୁ ଦାବି ମନେ ମନେ କଣ ସବୁ କହେ ସ୍ତ୍ରୀ ଲୋକଟା । ସେତିକିବେଳେ କାଖରେ ଥିବା ଛୁଆଟା ତା ସ୍ତନରୁ କ୍ଷୀର ପିଉଥାଏ ଆନନ୍ଦରେ ।

କ୍ରମଶଃ ସନ୍ଧ୍ୟା ନଇଁ ଆସେ । ସାରା ଜଗତର ଅନ୍ଧାର ଘନେଇ ପଡ଼େ । ପ୍ଲାଟଫର୍ମର ଅନେକ ସ୍ଥାନରେ ବତୀ ଜଳୁଥିଲେ ବି ପୂର୍ବନିର୍ଦ୍ଧାରିତ ସ୍ୱତନ୍ତ୍ର ଅନ୍ଧାର ଜାଗାରେ ଦୁହେଁ ଦିହକୁ ଦିହ ଲାଗିହୋଇ ଶୁଅନ୍ତି । ଦେହର ଭୋକ ମାରିବାକୁ ଚିରନ୍ତନ ଖେଳରେ ମସଗୁଲ୍ ହୁଅନ୍ତି ।

ସେହି ପ୍ଲାଟଫର୍ମରେ ନିଜର ବୋଲି ଚାରି ଆଙ୍ଗୁଳି ଜାଗା ନଥିବା ଅଭାବ ଦାସ ତା ପରିବାରର ଅନ୍ୟମାନେ ମାର୍ବଲ ଚଟାଣରେ ନିଘୋଡ଼ ନିଦରେ ଶୋଇ ନିଜର ସଂସାରର ସୁଖଦୁଃଖର ସ୍ୱପ୍ନ ଦେଖନ୍ତି । ଟ୍ରେନର କର୍କଶ ଶବ୍ଦ, ଯାତ୍ରୀ ଓ ବୁଲାବିକାଳୀଙ୍କର କୋଳାହଳ ସେମାନଙ୍କ ସ୍ୱପ୍ନକୁ ଭାଙ୍ଗିପାରେନି । ଯେମିତି ପ୍ଲାଟଫର୍ମ ହିଁ ସେମାନଙ୍କର ନିଜ ସମ୍ପତ୍ତି, ନିଜ ତେଲ-ଲୁଣ ସଂସାରର ଚକବନ୍ଦୀ ଜମି... ।

ତଥାପି ପ୍ଲାଟଫର୍ମର ଅନ୍ୟ ଏକ ଝାପସା ଆଲୁଅ ଅଞ୍ଚଳରେ ପାଞ୍ଚଛଅ ଜଣ ବସି ସିଗାରେଟ୍ ଆଉ ଗଞ୍ଜେଇ ଟାଣୁଥିଲେ ବେଧଡ଼କ୍ । ସେମାନଙ୍କ ମଧ୍ୟରେ କଥା ଓ

To read the complete magazine, Download it for FREE from www.aahwaan.com

କାହାଣୀର ଫୁଆରା ଛୁଟିଥିଲା ଦିଲ୍ଲୀରୁ ଦୌଲତାବାଦ ଯାଏଁ । ପୁଣି କେହିଜଣେ ପେଟେ ନାଲିପାଣି ପିଇ ବେହାଲ୍ ଅବସ୍ଥାରେ ପଡ଼ିଥିଲା ସିମେଣ୍ଟ ବେଞ୍ଚ୍ ଉପରେ । ପୋଲିସ ବାବୁ ତା ପେଟକୁ ରୁଲ୍ ବାଡ଼ିରେ ଖେଞ୍ଚୁଥିଲା । ବିଚରା ସ୍ୱପ୍ନରୁ ଉଠିପଡ଼ି ମାଡ଼ଖିଆ କୁକୁର ପରି ହାତଯୋଡ଼ି କୁଁ କୁଁ ହୁଏ । ଦୁଇତିନିଜଣ ପୋଲିସ ତାକୁ ତନ୍ ତନ୍ କରି ଖୋଜିଥିଲେ କାଳେ କୌଣସି ମାରଣାସ୍ତ୍ର ଧରିଥିବ କିମ୍ବା ଆତଙ୍କବାଦୀ ହୋଇଥିବ ବୋଲି ଭାବି ।

ରାତିର ଅନ୍ଧାର ଭିତରେ ଅନ୍ୟମାନଙ୍କ ପାଇଁ ନିଜକୁ ସଜାଉଥିବା ସ୍ତ୍ରୀଟି ପ୍ଲାଟଫର୍ମର ଏକ ଅନ୍ଧାରୀ ମୂଲକରେ ଛିଡ଼ା ହୋଇ କେଉଁ ଏକ ଅପରିଚିତ / ପରିଚିତ ଲୋକ ସହ ପ୍ରେମରସରେ ମାତିଥିଲା । ଲୋକଟି କିଛି ଟଙ୍କା ଯାଚୁଥିଲା ତାକୁ । ବୋଧେ ସେଇତକ ତା ଦେହର ଦାମ ନୁହେଁ ବୋଲି ଅସନ୍ତୁଷ୍ଟ ସଂକେତରେ ମୁଣ୍ଡ ହଲାଉଥିଲେ ସେ । ତା ମୁଣ୍ଡ ହଲେଇବାରେ ସମ୍ମତି ଜଣେଇ ଲୋକଟି ଆଉ କିଛି ଟଙ୍କା ମିଶେଇ ତା ବ୍ଲାଉଜ୍ ଭିତରେ ଖୁଞ୍ଚିଦେଇଥିଲା । ଆବୃତ ଅବୟବରେ ଜଣେ ମରଦ ହାତର ସ୍ପର୍ଶପାଇ ଉଲ୍ଲସି ଉଠିଥିଲା ସ୍ତ୍ରୀ ଲୋକଟି । କିନ୍ତୁ ମରଦଟା ତାକୁ ଛାତିରେ ଭିଡ଼ିଧରି ତା ଗାଲ, ଓଠ, କପାଳ ଏବଂ ଅନ୍ୟ ଅବୟବରେ ଚୁମା ଦେଉଥିଲା କାଙ୍ଗାଳଙ୍କ ପରି । ଅଥଚ ପଚାଶ କି ଶହେ ଟଙ୍କାରେ ନିଜ ଦେହକୁ ବିକିଦେଇଥିବା ସ୍ତ୍ରୀ ଲୋକଟିର ଛୁଆଟା ପ୍ଲାଟଫର୍ମର ଅନତି ଦୂରରେ ମା'ର ସ୍ତନ୍ୟପାନ ବଦଳରେ ହାତରେ ଫାଳେ ବିସ୍କୁଟ୍ ଧରି କାନ୍ଦୁଥିଲା ରାହା ମେଲେଇ... ।

ଠିକ୍ ସେହି ସମୟରେ ଜଣେ ସ୍ମଶ୍ରୁଧାରୀ ଅଦୂରରେ ଯାଉଥିଲା ପାଗଳିକୁ ଡାକୁଥିଲା ପାଗଳ ପ୍ରଳାପରେ । ତା ଡକରା ଶୁଣି ପାଗଳି ତା ପାଖକୁ ଆସିଲା । ମନେ ମନେ କଣ ସବୁ ଗୁଣୁଗୁଣେଇଲା ସେ । ପୁଣି ଆଖି ଲାଲ-ଲାଲ କରି ଦୁଇହାତର ମୁଠାରେ ପାଗଳିର ଚୁଳକୁ ଧରି ଝିଙ୍କିଲା । ବିଚାରୀ ପାଗଳି କଷ୍ଟ ସହିନପାରି ଚିତ୍କାର କଲା । ତା ଚିତ୍କାର ଓ ପାଗଳର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପ୍ରଳାପରେ ପ୍ଲାଟଫର୍ମରେ ଉପସ୍ଥିତ ସଭିଏଁ ତଟସ୍ଥ-ସ୍ତମ୍ଭାକାର ହୋଇଗଲେ ଯେମିତି । କେତେଜଣଙ୍କ କର୍କଶ ସ୍ୱର ଆହୁରି ବ୍ୟତିବ୍ୟସ୍ତ କରିପକାଇଲା ପାଗଳକୁ । ତା ମୁହଁରେ ଗୋଟିଏ ଶବ୍ଦଥିଲା, "ତୁ ମୋ ସ୍ୱପ୍ନ ନୁହେଁ ।"

କେତେକ୍ଷଣ ଏହିଭଳି ପ୍ରତାରଣାର ଝିଙ୍କାଟଣା ଚାଲିଲା । ତା'ପରେ ମନକୁ ମନ ପାଗଳିର ଚୁଳକୁ ଛାଡ଼ିଦେଲା ସେ । ଚିତ୍ ହୋଇ ଶୋଇଗଲା ଚଟାଣରେ ଅନାବୃତ ହୋଇ । ସେଇଠି କେତେକଙ୍କ ଭିତରେ ଗୁଞ୍ଜରଣ ଶୁଭୁଥିଲା ସେ କୁଆଡ଼େ ପ୍ରେମରେ ହାରି ପାଗଳ ହୋଇଯାଇଛି । ପରାସ୍ତ ଓ ପ୍ରତାରିତ ହୋଇ ପାଗଳ ଭାବେ ଘୁରିବୁଲୁଛି ଏଣେ ତେଣେ ।

ଅଥଚ ମୁଁ ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ଯିବାପାଇଁ ଟ୍ରେନର ଦୀର୍ଘ ଆଠଘଣ୍ଟାର ବିଳମ୍ବକୁ ଅପେକ୍ଷା କରୁଥିଲି ସେହି ପ୍ଲାଟଫର୍ମରେ, ଏବଂ ସମ୍ମୁଖରେ ଦେଖୁଥିଲି ଏତେଗୁଡ଼ିଏ ଚରିତ୍ର ଆଉ ମନେ ମନେ ଚିନ୍ତା କରୁଥିଲି ଏମାନଙ୍କୁ ମୋ ଗଳ୍ପରେ କେମିତି ସ୍ଥାନ ଦେବି ବୋଲି... ।

ଯୋଗ ଫର୍ ଲାଇଫ୍

ବି.ସି. - ୭୪, ସେକ୍ଟର - ୧, ସଲ୍ଟଲେକ୍, କୋଲକାତା - ୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

To read the complete magazine, Download it for FREE from www.aahwaan.com

# ଚୁପ୍... ଦେଖ କିଏ ଆସୁଛି !



ଅରବିନ୍ଦ ଆଚାର୍ଯ୍ୟ

(ଡର କଣ ? କୌଣସି ଏକ ଅଦ୍ଭୁତ କିମ୍ବା ଆଶ୍ଚର୍ଯ୍ୟ ଘଟଣାକୁ ଦେଖି, ଶୁଣି, ଭାବି କିମ୍ବା ଅନୁଭବ କରିବାର କଳ୍ପନା କରି ନିଜକୁ ଅସହାୟ ମନେକରିବାର ମାନସିକତା ହିଁ ଡର । ଆପଣ ଡରନ୍ତି ? ନିଶ୍ଚୟ ଡରୁଥିବେ । କିନ୍ତୁ ବେଳେବେଳେ କେହି କେହି ନିଜକୁ ଡରୁନଥିବା କହି ଦୁଃସାହସିକ କାମ କରି ଦେଖାଇଥାନ୍ତି । ଅନେକ ସମୟରେ ଯୁବକମାନେ ନିଜକୁ ଅନ୍ୟଠାରୁ ଅଧିକ ସାହାସୀ ବୋଲି ପ୍ରମାଣିତ କରିବାକୁ କିଛି ଅଦ୍ଭୁତ କାମ କରିବାକୁ ପଛାନ୍ତି ନାହିଁ । ସେଇ ସନ୍ଦର୍ଭରେ ମୁଁ ଶୁଣିଥିବା ଅନେକ ଘଟଣାକୁ ନେଇ ଏ ଅଧ୍ୟାୟ ।)

## ମେଡିକାଲ କଲେଜ୍ ରେ ଚ୍ୟାଲେଂଜ୍ :

ଚାରିଜଣ ସାଂଗ ଥିଲେ । ମିଥିଲେଶ୍, ସ୍ପୃହା, ତନ୍ମୟ ଓ ବିରଂଚି । ଛୁଆବେଳୁ ଏକା ସାଂଗରେ ପାଠ ପଢା । ଭାଗ୍ୟକୁ ଚାରିଜଣ ଯାକ ଏକାସାଂଗରେ ମେଡିକାଲ୍ ପଢ଼ିବାର ସୁଯୋଗ ମଧ୍ୟ ପାଇଲେ । ଗୋଟିଏ କଲେଜରେ ପଢିଲେ । ସବୁବେଳେ ଥଟ୍ଟା ତାମସା, ମୌଜ ମଜଲିସରେ ସମୟ କଟି ଯାଉଥାଏ । ଥରେ ଏମିତି କଥା ପଡୁ ପଡୁ କିଏ

To read the complete magazine, Download it for FREE from www.aahwaan.com

ବେସି ସାହସୀ ବୋଲି କଥା ପଡିଲା । ବିରଂଚି କୁ ଆର ତିନିଜଣ ଡରୁଆ ବୋଲି ଚିଡେଇଲେ । ସିଏ କିନ୍ତୁ ଡରୁଆ ନୁହେଁ ବୋଲି ସଫେଇ ଦେଲା । ଯାହା ଚ୍ୟାଲେଂଜ୍ ଦେବ ,ସବୁ କରିକି ଦେଖେଇବକୁ ରାଜି ହେଲା । ଶେଷ ରେ ଠିକ୍ ହେଲା ରାତି ୧୨ ଟା ରେ ଏକୁଟିଆ ସେ ମୁର୍ଦାର ଥିବା ଘରକୁ ଯିବ ଆଉ ସେ ମୁର୍ଦାର ହାତ ରେ ଲୁହା କଣ୍ଟା। ଟିଏ ପିଟି ଆସିବ ।

ରାତି ୧୨ ଟା ହେଲା । ମୁର୍ଦାର ଘର ସାମନା ରେ ବିରଂଚି କୁ ଆର ତିନିହେଁ ବିଦାୟ କଲେ । ବିରଂଚି ହାତରେ ଲୁହା କଂଟା ଆଉ ହାତୁଡି  ଧରି ଏକୁଟିଆ ଭିତରେ ପସିଲା । ହାଲକା  ହାଲକା ଆଲୁଅ ଜଳୁଥାଏ । ଭିତର ଟା ପୁରା ଫର୍ମାଲିନ୍ ଗନ୍ଧ ରେ ପୁରି ଉଠୁଥାଏ । ସବୁ ଡିସେକସନ୍ ଟେବୁଲ୍ ଉପରେ ମୁର୍ଦାର ନଥାନ୍ତି । ଆରପଟ କଣ ଆଡକୁ ଗୋଟିଏ ଥାଏ । ସାହାସ କରି ତା ପାଖକୁ ଯାଇ ପହଂଚିଲା  ବିରଂଚି । ମୁହାଁ ଟି  ବିକୃତ ଦିସୁଥାଏ ସେ ମୁର୍ଦାର ଟି ର । ତରତର୍ ହେଇ କଂଟା ଟି କାଢି ଅନ୍ୟ ମନସ୍କ ଭାବରେ ହାତୁଡିରେ ପିଟି ଦେଲା ସେ । ଠିକ୍ ଏତିକିବେଳକୁ ଲାଇନ୍ କଟିଗଲା । ସିଏ ଚମକି ପଡି ଦୌଡି କି ବାହାରକୁ ଆସିବାକୁ  ବୁଲିପଡିଲା .........................

ତା ସାର୍ଟ କୁ ଭିଡି ଧରିଥିଲା କିଏ ?

"ଇଲୋ ....ବୌଲୋ......ମରିଗଲି ....।"

ଚିତ୍କାର କରି  ରକ୍ତ ବାନ୍ତି କରି ମରିଗଲା ବିରଂଚି । ଲାଇନ୍ ଆସିଲା ପରେ ବିରଂଚିର ସଂଗ ତିନିଜଣ ଭିତରକୁ ଯାଇ ଦେଖିଲେ, ବିରଂଚି ମରି ପଡିଚି । ପାଟିରୁ ପୁଳାଏ ରକ୍ତ ବାହାରି ପଡିଚି । ଆଖି ଢିମା ଢିମା କରି ପଡିଥିଲା । କଥା କଣ କି, କଂଟାଟା ପିଟିଲା ବେଳେ ତା ନିଜ ସାର୍ଟକୁ ମିଶେଇ ପିଟି ଦେଇଥିଲା।

To read the complete magazine, Download it for FREE from www.aahwaan.com

ନନ୍ଦୁ ମୌସା :

ସବୁଦିନ ପରି ସନ୍ଧ୍ୟାରେ ଗାଡି ଟି ଧରି ଘରକୁ ଫେରିଲି । ବହୁତ ଥକା ଲାଗୁଥିଲା । ଘରେ ପହଞ୍ଚି ବ୍ୟାଗ ଟାକୁ କାନ୍ଥ ଆଲମୀରା ରେ ଫୋପାଡିଦେଇ ବେଡ ଉପରେ ଗଡି ପଡିଲି । ଲାପଟପ ରେ ହନୁମାନ ଚାଳିଶା ଲଗେଇ ଶୁଣିଲି । ଧୋଇଧାଇ ହେଇ ନିଜ ଘରୁଆ କାମରେ ଲାଗିଗଲି ।

ଏତିକି ବେଳେ କଲିଂବେଲ ଟା ବାଜି ଉଠିଲା ।

କାମ ଅଧା ରୁ ଛାଡି କବାଟ ଖୋଲିଲି । ଆମ ପଡିଶା ଘର ନନ୍ଦୁ ମଉସା ଆସିଥିଲେ । ହାତରେ ଗୋଟେ ଟିଫିନ । କଣ କରୁଛି ବୋଲି ପଚାରିଲେ । ମୁଁ ରୋଷେଇ ରେ ଲାଗିଥିବା ଜାଣି କହିଲେ , ଆରେ ଆଜି ପରା ବିଶ୍ୱକର୍ମା ପୂଜା , ମୁଁ ଆମ ଅଫିସ ରୁ ପ୍ରସାଦ ଆଣି ଆସିଛି ନିଅ । ଆଉ କାହିଁକି ଏତେ କଷ୍ଟ କରୁଛ ? ଏତିକି ରେ କଣ ହେଇ ଯିବନି ? ମୁଁ ହସି ହସି , ହଁ ମାରିଲି । ସିଏ ଟିକେ ଗପୁଡା ଲୋକ , ନ ଗପିଲେ ଯିବା ର ନାଁ ଧରନ୍ତି ନି । ତେଣୁ ମୁଁ ମୋ କାମ କୁ ଶୀଘ୍ର ଶୀଘ୍ର ସାରି ତାଙ୍କ ସହ ଗପ କରିବାକୁ ଆସିଗଲି ।

"ଆଚ୍ଛା ରାକେଶ ତୁମେ ଏକୁଟିଆ ରହୁଛ , ଡର ମାଡେ ନି ?" ନନ୍ଦୁ ମଉସା ପଚାରିଲେ ।

"ନାଁ , କଣ ଡର ? " ଠାକୁରେ ଅଛନ୍ତି ଚଉବାହାକୁ । ମୁଁ ଏମିତି କହି କଥା କୁ ହାଲ୍କା କରିବାକୁ ଚେଷ୍ଟା କଲି । କିନ୍ତୁ ସିଏ ନାଛୋଡ ବନ୍ଧା ,ଆରମ୍ଭ କଲେ ତାଙ୍କ କାହାଣୀ ପେଡି .....

ଆଜି ଗୋଟେ ସତ କଥା କହିବି , ମୋ ପିଲା ଦିନ କଥା......

To read the complete magazine, Download it for FREE from www.aahwaan.com

ଆମେ ସେତେବେଳେ ଚାଟଶାଳୀରେ ପଢୁଥାଉ । ମୁଁ , ଜଗନ , ରାଧୁଆ ଆଉ ବିପିନ । ଏଇ ପାଞ୍ଚ ଛ ବର୍ଷର ହେଇଥିବୁ ସମସ୍ତେ । ଆମ ଗାଁ ରେ ଲାଇନ ନଥାଏ । ରାତି ହେଲେ ଆମେ ସବୁ ଏକାଠି ହେଇ ଆମ ଘର ସାମନା ମଣ୍ଡପ ରେ ବସି ଲଣ୍ଠନ ଲଗେଇ ପଢୁ । ଆମ ଘର ଟି ଗାଁ ର ପୁରା ଗୋଟେ ମୁଣ୍ଡରେ । ଆମ ଘର ସାମ୍ନା ରୁ ନଈ ଆଡକୁ ରାସ୍ତା । ସେ ନଈ କୁ ଯିବା ରାସ୍ତା ଦୁଇ ପାଖ ରେ ଚାଳଘର ସବୁ ଧାଡି ଧାଡି ହେଇ ଥାଏ । ଘର ର ଛାଇରେ ନଈ କୁ ଯିବା ରାସ୍ତା ତା ପୁରା ଅନ୍ଧାରିଆ ହେଇଥାଏ । ପୁର୍ଣାମୀ ରେ ବି ନଈ କୁ ଯିବା ରାସ୍ତା ରେ ଲଣ୍ଠନ ଧରି ସମସ୍ତେ ଯିବା ଆସିବା କରନ୍ତି । ତା ସାଙ୍ଗକୁ ସବୁ ଚାଳଘର କୁ ଲାଗି ବାଡି ରେ ତାଳ ଗଛ । ସେଦିନ ଆମେ ବସି ପଣକିଆ ମୁଖସ୍ଥ କରୁଥାଉ । ଜଗନ, ରାଧୁଆ, ବିପିନ ମୋ ଆଡକୁ ମୁହଁ କରି ବସିଥାନ୍ତି । ମୁଁ ସିଧା ସେ ନଈ ରାସ୍ତା କୁ ମୁହଁ କରି ବସିଥାଏ । ସମସ୍ତେ ପଣକିଆ ବୋଲିବାରେ ମସଗୁଲ । ହଠାତ ମୋ ଆଖି ପଡିଗଲା , ସେ ନଈ ରାସ୍ତା ଆଡେ ...ଛାଇଛାଇଆ ଜହ୍ନ ଆଲୁଅ ଥାଏ .... ସେଥିରେ ଦେଖିଲି ......ବିରାଟ ଡେଙ୍ଗା ହେଇ କିଏ ଗୋଟେ ଠିଆ ହେଇଛି ସେଠି । ଏତେ ଡେଙ୍ଗା ଯେ , ତା ର ଦୁଇ ହାତ ଦୁଇ ପଟରେ ଥିବା ଚାଳ ଘର ଉପରେ ଅଛି । ମୁଣ୍ଡ ଟି ବହୁତ ବଡ ...ଠିକ ତାଳ ଗଛ ର ପତ୍ର ପରିକା । ମୁଁ ତ ତାକୁ ଚାହିଁ ଚାହିଁ ପଣକିଆ ଭୁଲ କରି ବୋଲିବାରେ ଲାଗିଲି । ଏ ତିନିଟା ତ କିଛି ଜାଣି ପାରୁ ନଥାନ୍ତି , କାରଣ ସେମାନେ ସେ ପାଟକୁ ପଛ କରି ବସିଛନ୍ତି । ମୋ ମୁହଁ କୁ ଚାହିଁ ଖାଲି ପଚାରୁଥାନ୍ତି , କଣ କିବେ ନନ୍ଦୁ , କଣ ହେଲା ? ଆରେ କହ .....

ମୋର ସେତିକିବେଳକୁ ଅସମ୍ଭାଳ ........ ମୁଁ ଗୋଟାପଣ ଝାଳ ରେ ଗାଧେଇ ସାରିଲିଣି । ଶେଷ ରେ ମୁଁ.....ହାଉଳି ଖାଇ କହିଲି ,

To read the complete magazine, Download it for FREE from www.aahwaan.com

"ଆବେ ! ଦେଖନି .... ସେ ନଇ ରାସ୍ତା ରେ କିଏ ? "...... ଏତିକି କହି ମୁଁ ଦଉଡିକି ଘରଭିତରକୁ ପଳେଇଲି | ସେ ତିନିଟା .....ଖାଲି କହୁଥାନ୍ତି ....." କାହିଁ ? କୌଠି ? କିଏ ବେ ?".......ତାଙ୍କୁ କିଛି ଦିଶୁନଥିଲା .....

ତା ପର ଦିନ ଠୁ ମୋତେ ଚାରିଦିନ ଜର ହେଲା ..... ଆଉ .....

"ବଡବାପା, ଚାଲ । ବାପା ଡାକୁଛନ୍ତି ," ହଠାତ କାହା ଡାକ ଶୁଣି ନନ୍ଦୁ ମଉସା ପଛକୁ ଦେଖିଲେ | ତାଙ୍କ ଝିଆରୀ ଆସିଥିଲା ତାଙ୍କୁ ଡାକିବା ପାଇଁ | ସେଇ ଉଠି ଘରକୁ ଗଲେ | ମୁଁ କବାଟ ବନ୍ଦ କରି ଶୋଇବାକୁ ଗଲି |

ଘୋଡା ଟାପୁ :

ବିଛାଣା ରେ ଗଡିପଡିଲି ସିନା , ନିଦ ଆସୁନଥିଲା | ପାଖରେ ମ୍ୟାଗାଜିନ ଟେ ପଡିଥିଲା , ତାକୁ ନେଇ ପୃଷ୍ଠା ଲେଉଟେଇଲି .....କହନ୍ତି ନିଦ ନ ଆସିଲେ ,କିଛି ପଢାପୁଢି କଲେ ଶୀଘ୍ର ନିଦ ମାଡିଆସେ | ଏମିତି ଏମିତି ଦେଖୁ ଦେଖୁ ଗୋଟେ ପୃଷ୍ଠା ରେ ମୋ ଆଖି ଲଟକି ରହିଗଲା | ସେଠି ଲେଖା ଯାଇଥିଲା " ଚୁପ ......ଦେଖ କିଏ ଆସୁଚି !"

ମୁଁ ପଢିବାକୁ ଲାଗିଲି ,

ଦୁଇଜଣ ପଡୋଶୀ ଥିଲେ , କିନ୍ତୁ ସେମାନଙ୍କ ଭିତରେ ଜମା ଭଲ ପଡେନି | ସବୁବେଳେ କଳି ଝଗଡା | କେବେ ଛୁଆ ଙ୍କ କଥା କୁ ନେଇ ,ତ କେବେ ନାଳି ରେ ପାଣି କୁ ନେଇ | ଏମିତି କି ଦିନେ ଦିନେ ଠେଙ୍ଗାବାଡି ବି ଧରି ବାହାରି ପଡନ୍ତି | ଖରାପ ଅଭ୍ୟାସ ବି ଥାଏ , ମଦ ଗଞ୍ଜେଇ ସବୁ ଚାଲେ | ଦିନେ ଏତେ ଜୋରରେ ଗଣ୍ଡଗୋଳ ହେଲା ଯେ

To read the complete magazine, Download it for FREE from www.aahwaan.com

ଜଣେ ଆର ଜଣଙ୍କୁ ଠେଙ୍ଗା ରେ ପାହାରେ ଦେଲା । ବାସ କଥା ସରିଲା । ସେଇଠି ରକ୍ତ ଜୁଡୁବୁଡୁ ହେଇ ଜଣେ ଆରପାରିକୁ ଟିକଟ କାଟିଲା । କିନ୍ତୁ ରାଗ ଏତେ ଥାଏ ଯେ , ସେଇ ମଲା ବେଳେ ବି କହିଥାଏ ...."ରହ.........ତତେ ....ବି .........ଦେଖି ଦେବି ..........."

"ହଁ .....ଯା....ଯା ....ନିଜେ ମରୁଛୁ ....ମୋତେ କଣ ଦେଖିବୁ ....ବେ ?"

ସେ ଯାହା ହଉ , ପୋଲିସ ଆସି ପିଟିଥିବା ଲୋକ ଟାକୁ ବାନ୍ଧିନେଲା । କେସ ଚାଲିଲା । କୋଟ କଚେରୀ ରେ ମିଛ ସତ କହି ସେ ଲୋକ ଖସି ଆସିଲା । ସମସ୍ତେ କିଛିଦିନ ପରେ ସବୁ ଭୁଲିଗଲେ । ଏଭିତରେ ଦୁଇ ବର୍ଷେ ବି ପୁରିଯାଇଥିଲା ।

ମାରିଥିବା ଲୋକଟି ଆଉ କାହାକୁ ମାନୁ ନଥାଏ । ସବୁ ହାତ ବଜାର ରେ ଦାଦା ବଟି ବି ଆଦାୟ କରିବାକୁ ଲାଗିଲା । ଦିନରାତି ମଦ ,ଜୁଆ ରେ ବୁଡିରହିଲା ।

ସେଦିନ ଥାଏ କାଳୀପୂଜା ଅମାବାସ୍ୟା । ପାଖ ଗାଁ ରେ ମେଳା ପଡିଥାଏ । ସେ ଲୋକଟି ଯାତ୍ରା ବୁଲି ଯାଇଥାଏ । ବୁଲୁବୁଲୁ ...ବହୁତ ରାତି ହେଇଗଲା । ଯାତ୍ରା ରେ ଆଉ ତାକୁ ଭଲ ଲାଗିଲାନି । ଘରକୁ ଫେରିବାକୁ ଚାହିଁଲା । ସେଠୁ ଫେରିଲା ବେଳକୁ ଏ ଲୋକଟା ଯାତ୍ରା ର ଶେଷ ମୁଣ୍ଡ ରେ ଗୋଟେ ବାଦାମ ଦୋକାନ ପାଖରୁ କିଛି ବାଦାମ କିଣିକି ,ଖାଇ ଖାଇ ଘରକୁ ଯିବ ବୋଲି ଚିନ୍ତା କଲା । ଯାତ୍ରା ର ଶେଷ ମୁଣ୍ଡ ରେ ଯେଉଁ ବାଦାମ ଦୋକାନ ସେଠି ଗୋଟେ ଲୋକ କମ୍ବଳ ଘୋଡିହେଇ ବସି ବାଦାମ ବିକୁଥାଏ । ଗୋଟେ ବି ଗ୍ରାହକ ନଥାନ୍ତି । ରାସ୍ତା ଟା ବି ସୁନଶାନ । ସମସ୍ତେ ତ ଯାତ୍ରା ରେ ଭିଡ କରିଥାନ୍ତି ।ଏଆଡେ ଆସିବ କିଏ ? ଏ ଲୋକଟା ଯାଇ ସେ ବାଦାମ ଦୋକାନୀ କୁ ବାଦାମ ଦବାକୁ କହିଲା । ପୁରା କମ୍ବଳ ଟା ଘୋଡିହେଇଥାଏ ସେ ବାଦାମ ଦୋକାନୀ । ମୁହଁ ଦେହ

To read the complete magazine, Download it for FREE from www.aahwaan.com

କିଛି ଦିଶୁନଥାଏ । ପାଖରେ ଛୋଟ ଡିବିରି ଟେ ଜଳୁଥାଏ । ଅମାବାସ୍ୟା ରାତି । ପୁରା କିଟି କିଟି ଅନ୍ଧାର । ଏ ଲୋକଟା  କହିଲା,

"ହେୟ ! ବାଦାମ ଦେଲୁ   ୧୦ ଟଙ୍କା ର   !"

ଦୋକାନୀ ସେମିତି ସେଇ କମ୍ବଳ ଭିତରୁ କହିଲା ...." ହୁଁ   !"

ପଲିଥିନ ରେ ପୁଡିଆ କରି ସେ ୧୦ ଟଙ୍କିଆ ବାଦାମ ଭାଗ ରଖିଥାଏ ।

ଏ ଲୋକଟା ନିଜେ ବାଛି କି ଭଲ ପୁଡିଆ ଟେ ଆଣିଲା ।

ପଇସା ଦେବାକୁ ପକେଟ ରୁ ୧୦ ଟଙ୍କିଆ ଟେ କାଢି ବାଦାମ ଦୋକାନୀ କୁ ବଢେଇଲା , ଆଉ କହିଲା , "ନେ   !"

ଦୋକାନୀ ସେମିତି ସେଇ କମ୍ବଳ ଭିତରୁ କହିଲା ...." ହୁ   !"

"ନଉନୁ .... ହୁଁ , ହୁଁ  କଣ ହଉଛୁ ?  ନେ   !"

ଏତିକିବେଳେ ବାଦାମ ଦୋକାନୀ କମ୍ବଳ ଭିତରୁ ତାର ହାତ ଟା କାଢି ପଇସା ରଖିବା ଜାଗାକୁ ଦେଖେଇଦେଲା ....

ସେ ଦୋକାନୀ ର ହାତ କୁ ଦେଖି ଏଲୋକ ଟା ର ଆଖି ଖୋସି ହେଇଗଲା ।

ସେ ହାତ ଟା ରେ ପାପୁଲି ନଥିଲା .....ଥିଲା ଘୋଡା ଟାପୁ   !

"ଇଲୋ ...ବୋପାଲୋ   !......"   ରଡି ଛାଡି  ଉଠି ପଡି ଧାଇଁ ଲା ଲୋକଟା   । କୁଆଡେ ଯିବ କିଛି ଜାଣିପାରିଲାନି । କେତେବାଟ ଏମିତି ଦୌଡୁ ଦୌଡୁ ପୁରା ନିର୍ଜନ ରାସ୍ତା କୁ କେତେବେଳେ ଚାଲିଆସିଛି ସ ଜାଣିନି । ସେଠି ଗୋଟେ ପଥର ଉପରେ ଘଡିଏ

To read the complete magazine, Download it for FREE from www.aahwaan.com

ବସିଲା । ଏଆଡେ ସିଆଡେ ଚାହିଁଲା । କେହି କୁଆଡେ ନାହାନ୍ତି । କେମିତି ଘରକୁ ଯିବ । ଏମିତି ଭାବୁଛି , ଦେଖିଲା ଦୂରରୁ ଗୋଟେ ଶଗଡ ଗାଡି ଟେ ଆସୁଛି । ଅପେକ୍ଷା କଲା । ପାଖକୁ ଆସିଲାରୁ ସେ ଶଗଡିଆ କୁ କହିଲା , "ଭାଇ ମୋତେ ଟିକେ ନେଇଯିବ ?"

"ଆସ !"

"ଯାହା ହେଉ ଭାଇ ତୁମେ ଆସିଲା ପରେ ମୋର ପିଣ୍ଡ ରେ ପ୍ରାଣ ପସିଲା !"

"କାଇଁ ? କଣ ହେଲାକି ?"

"କୁହନି କୁହନି ଭାଇ , ମୋ ଜୀବନରେ ଏମିତି ହାତ କାହାର ମୁଁ ଦେଖିନି , !"

"କୌ ହାତ ?"

"ସେ ଯାଉ ବାଦାମ ଦୋକାନୀ କମ୍ବଳ ଘୋଡିହେଇ ବସିନି , ତା' ର..............ଅଧା ମଣିଷ ଅଧା ଘୋଡା ଟାପୁ , ମୋ ବୌଲୋ ! ସେଟା ମଣିଷ ନା ଭୁତ ?"

ଶଗଡିଆ ହସିଲା ,

ଆଉ କହିଲା , "ଓହୋ ! ଏଇ କଥା ? ଏଇ ଭଳିଆ ହାତ ତ ?"

ଏତିକି କହି ସେ ତା ହାତ ତା ଚାଦର ଭିତରୁ ବାହାର କରି ଦେଖେଇଲା ,

ଆରେ ! ଏ କଣ ? ଏ ବି ସେମିତି ,,,,,, ଅଧା ମଣିଷ ଅଧା ଘୋଡା ଟାପୁ !

ସେଇଠି ସେ ଲୋକଟା ରକ୍ତ ବାନ୍ତି କରି ମରିଗଲା । ଶଗଡିଆ ହସି ହସି କହୁଥିଲା , ମୋତେ ମାରିଥିଲୁ ....ନାଁ । ଅନ୍ଧାର ରେ ମିଳେଇଗଲା ସେ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଅଚିହ୍ନା ପ୍ରତିବିମ୍ବ



ଅନିରୁଦ୍ଧ ସାମନ୍ତରା

କଳ୍ପନା ସକାଳ ପହରୁ କଲେଜ ବାହାରୁ ବାହାରୁ ଦ୍ୱାର କାନ୍ଥରେ ଓହଳୁଥିବା ଦର୍ପଣ ନିକଟରେ ଅଳ୍ପ ଅଟକିଯାଏ । ସବୁଦିନ ଭଳି ତା ଚନ୍ଦ୍ରବଦନୀ ମୁହଁରେ ବାହାରିଥିବା ବ୍ରଣକୁ ନେଇ ଅଭିଯୋଗ କରେ ତା ମାଆ ପାଖେ । ଏହାର କାରଣ ବୁଝାନ୍ତି ମାଆ ତଥାପି ମନ ମାନେନି । ବାହାରିପଡ଼େ କଲେଜ ଅଭିମୁଖେ ।

ବସପାଇଁ ଘର ପାଖ ଛକରେ ଅପେକ୍ଷା କରିଥାଏ । ପ୍ରତିଦିନ ଭଳି ତା ଚାରିପଟେ ଆଜି ମଧ୍ୟ ଆଧୁନିକ ପ୍ରେମିକ ସବୁ ଘେରିଯାଆନ୍ତି । କିନ୍ତୁ ଆଜିକାଲିକା ପ୍ରେମର ମାନେ କଣ, କଳ୍ପନା ଭଲଭାବରେ ଜାଣେ, ପ୍ରେମର ନାଁରେ କଣ ସବୁ ଘଟେ ସେସବୁ ତା ପାଇଁ ଅଛପା ନାହିଁ । ତଥାପି ସେମାନଙ୍କ ହରକତକୁ ସମ୍ଭାଳିନିଏ । ଅନେକ ପ୍ରେମ ପ୍ରସ୍ତାବ ଆସେ, ସବୁକୁ ଅଗ୍ରାହ୍ୟ କରେ ସେ । କିଛି ଅଧାରୁ ଉଭେଇ ଯାଆନ୍ତି, ତ କିଛି ପ୍ରେମିକା ଅଠାପରି ପଛରେ ପଡ଼ିଥାଆନ୍ତି । ପୁଣି ପ୍ରତିଦିନ ନୂଆ ନୂଆ ପ୍ରେମିକ ସବୁ ଉଭା ହୁଅନ୍ତି ।

ପାଖ ଗଳିର ଅନ୍ୱେଷ ସବୁଦିନ ଭଳି ଆଜି ବି ହାଜର ଛକରେ । ତା' ପ୍ରକୃତି କଳ୍ପନା ଭଲଭାବରେ ଜାଣେ ।

To read the complete magazine, Download it for FREE from www.aahwaan.com

ପ୍ରେମରେ ଫସେଇ ଅନେକ ଝିଅଙ୍କ ଜୀବନ ସହ ଖେଳେ । ଅନେକ ଦିନହେଲା କଳ୍ପନା ପଛରେ ପଡ଼ିଛି । ହେଲେ କଳ୍ପନା ବେଳସୁ ସାବଧାନ ହୋଇଥାଏ । ବହୁତ ପ୍ରକାର ଚେଷ୍ଟା କରେ ଅନ୍ୱେଷ, କିନ୍ତୁ କଳ୍ପନା କୌଣସି ପ୍ରଶ୍ରୟ ଦିଏ ନାହିଁ । ଅନେକ ଥର ଏମିତି ଘଟିଥାଏ, ଆଜି କିନ୍ତୁ ଅନ୍ୱେଷର ବ୍ୟବହାରରେ ଥିଲା ବ୍ୟତିକ୍ରମ, ଶୁଣିବାକୁ ନକାରାତ୍ମକ ଉତ୍ତର ସେ ନଥିଲା ପ୍ରସ୍ତୁତ । ନିଶାସକ୍ତ ଅବସ୍ଥାରେ ପୁଣିଥରେ କଳ୍ପନାକୁ ପ୍ରେମ ନିବେଦନ କରିଥିଲା, କଳ୍ପନା ପୂର୍ବବତ ମନା କରିଦେଉ ଦେଉ ପକେଟରୁ କାଚ ଶିଶିଟିଏ ବାହାର କରି କଳ୍ପନାର ମୁହଁକୁ ଫୋପାଡ଼ି ଦେଇଥିଲା ସେ ।

ନିସ୍ତବ୍ଧ ହୋଇଯାଇଥିଲା ପରିବେଶ । ନିର୍ବାକ ହୋଇଯାଏ ପ୍ରକୃତି । କଣ ହୋଇଛି ଜାଣିବା ପୂର୍ବରୁ ଶୁଭେ ପ୍ରବଳ କୋଳାହଳ, ଚେତା ହରାଏ ସେ...

କିଛି ଦିନପରେ,

ହଠାତ୍ ଚେତା ଫେରିଆସେ, ମା' ମା' ଡାକ ଦିଏ ସେ । ମା ଦୌଡ଼ି ଆସନ୍ତି ନିକଟକୁ । ପୁଣି ପ୍ରଶ୍ନକରେ, ମା' ମୋର କଣ ହୋଇଛି ? ମା ନିରୁତ୍ତର ହୋଇପଡ଼ନ୍ତି । ଯେତେ ଚେଷ୍ଟା କଲେବି ତାଙ୍କ ଆଖିରୁ ଲୁହର ଧାର ବନ୍ଦ ହୁଏନାହିଁ । ନିଜ ମୁହଁରେ ହାତ ବୁଲେଇ ଆଣୁ ଆଣୁ କହେ, ମୋତେ ଏମିତି କାହିଁକି ଲାଗୁଛି ? ମାଆ ମୋ ମୁହଁକୁ କଣ ହୋଇଛି ? ମାଆ ନିର୍ବାକ ରହିଯାଆନ୍ତି । ନିଜକୁ ସମ୍ଭାଳି ଟାଣି ହୋଇ ଯାଏ ଦର୍ପଣ ପାଖକୁ, ନିଜର ମୁହଁକୁ ଦେଖି ଭୟଭୀତ ହୋଇପଡ଼େ । ଇୟେ କାହାର ପ୍ରତିବିମ୍ବ ? ଚିହ୍ନିପାରେନା । ହାତରୁ ଖସିଯାଏ ଦର୍ପଣ । ପୁଣି ସେଇ ଭଙ୍ଗା ଦର୍ପଣର ପ୍ରତ୍ୟେକଟି ଖଣ୍ଡରେ ଦେଖେ ନିଜର ବିବର୍ଣ୍ଣ ପ୍ରତିବିମ୍ବ । ମନେ ପଡ଼େ ସେଇ ପ୍ରେମର ପ୍ରତିବିମ୍ବ ଓ ପ୍ରତିଧ୍ୱନୀ । ମନେପଡ଼େ ସେ ଦିନର ସମସ୍ତ ଘଟଣା । ଶେଷରେ ବୁକୁଫଟା କାନ୍ଦରେ ପ୍ରକମ୍ପିତ ହୁଏ କୋଠରୀ ।

ହେଲେ ଆଜି ନା ଅଛି ସେ ଚନ୍ଦ୍ରବଦନୀ ମୁଖ ନା ମିଛ ଅଭିଯୋଗ । କଳ୍ପନା ଆଜି ବି ବଞ୍ଚିଛି କଳ୍ପନାରେ, ବଞ୍ଚିବ, ନା ଲଢ଼ିବ ନା ମରିବ ? ? ? ?

To read the complete magazine, Download it for FREE from www.aahwaan.com

# କଷଟି



ଆଶୁତୋଷ ମେହେର

ସହରର ଏ ଏରିଆରେ ବାଙ୍କାବାବୁଙ୍କ ଟେଲିଫୋନ ବୁଥ୍ ବହୁତ ଜଣାଶୁଣା । ଆଜିକୁ ତିରିଶ ବର୍ଷ ତଳେ ବାଙ୍କାବାବୁ କାମ ଖୋଜିବାକୁ ଯେବେ ଗାଁରୁ ଏ ସହରକୁ ଆସିଥିଲେ,ଏଠି ଛୋଟ ଦୋକାନ ଘରଟେ ନେଇ ଏ ବୁଥ୍‌ଟା ଖୋଲିଥିଲେ । ସେତେବେଳେ ଏ କାରବାର ଭଲ ରୋଜଗାରର ବାଟ ଥିଲା । ଏବେ ସିନା ସମୟ ବଦଳିବା ସହ ଏହାର କାଟତି ବହୁତ କମିଯାଇଛି, ତଥାପି ବାଙ୍କାବାବୁ ଏହାକୁ ବନ୍ଦ କରି ଦେଇ ନାହାନ୍ତି କାହିଁକି ନା ଏ ଦୋକାନ ଲାଭରୁ ବଡ ପୁଅ ପାଇଁ ଗୋଟାଏ ଭଲ ତେଜରାତି ଦୋକାନ ଓ ସାନପୁଅ ପାଇଁ ଗୋଟାଏ ଷ୍ଟେସନାରୀ ଦୋକାନ କରି ସାରିଛନ୍ତି । ଟେଲିଫୋନ୍ ବୁଥସହ କିଛି ଅନ୍ୟ ଜିନିଷ ଯୋଡି ଏ ଦୋକାନକୁ ଏବେ ନିଜେ ସମ୍ଭାଳୁଛନ୍ତି ଯେଉଁଥିରେ ମନ ବି ବୁଝେ,ସମୟ ବି କଟିଯାଏ ।

ବହୁତ କମ୍ ଲୋକ ଆସିଲେ ବି ବିଭିନ୍ନ କିସମର ଗରାଖ ଆସନ୍ତି ତାଙ୍କରି ଏ ଟେଲିଫୋନ ବୁଥକୁ.....ପ୍ରାୟ ସମସ୍ତେ ଗରିବ ଶ୍ରେଣୀର ।ଆଜି କାଲି ସମସ୍ତଙ୍କ ହାତରେ

To read the complete magazine, Download it for FREE from www.aahwaan.com

ତ ମୋବାଇଲ ହେଲା...ଖାଲି ଯାହାର କ୍ଷମତା ନାହିଁ କି ଅପାଠୁଆ ସେଇମିତି ଲୋକହିଁ ତାଙ୍କର ଗରାଖ ।କିଂତୁ ସେଇମାନଙ୍କ କଥାବାର୍ତ୍ତ,ଚାଲିଚଳଣି ଓ ଜୀବନଚର୍ଯ୍ୟା ତାଙ୍କୁ ଥରେ ଥରେ ବିମୋହିତ କରେ...ନୂଆଁ ନୂଆଁ ଅନୁଭୂତି ଦିଏ ।

ଏଇ କିଛି ଦିନ ହେଲା ବାଙ୍କାବାବୁଙ୍କ ବୁଥ୍‌କୁ ଗୋଟାଏ ଅଠର/କୋଡିଏ ବର୍ଷ ପାଖାପାଖିର ଟୋକାଟି ଆସିବା ଆରମ୍ଭ କରିଛି ।ବୋଧହୁଏ ନୂଆଁକରି ଏ ଏରିଆରେ ରହୁଛି,କିଛି କାମଦାମ ଖୋଜିବା ଉଦ୍ଦେଶ୍ୟରେ ।ସକାଳୁ ସକାଳୁ ସାତଟା ପାଖାପଖି ବାହାରିଯାଏ କାମକୁ,ଫେରେ ସାଧାରଣତଃ ସଂଧ୍ୟାବେଳା ପାଖାପାଖି ।ସପ୍ତାହକୁ ଥରେଦୁଇଥର ସଂଧ୍ୟା ବେଳାଆସି ଟେଲିଫୋନ କରିଛି ଘରେ ବନ୍ଧୁବାନ୍ଧବଙ୍କୁ...ତାଙ୍କ ସହ ମଧ୍ୟ ସୁଖଦୁଃଖ ହୁଏ କେବେ କେମିତି ।ମନେହୁଏ ଓଡିଶାର ପଶ୍ଚିମାଞ୍ଚଳର ଟୋକାଟା... ଜଣାପଡେ ତା'କଥାବାର୍ତ୍ତାରୁ । ପରେ ସେ ଜାଣିଲେ ତା ନାଁ..ଏକାଦଶିଆ ଭୋଇ..ଘର କଳାହାଣ୍ଡି ଜିଲ୍ଲାରେ ।କିଂତୁ ଏକାଦଶିଆର ଚାଲିଚଳନରେ ଓ ଆଖିଠାଣିରେ ଦେଖନ୍ତି ଏକ ନୂଆଁ ଉନ୍ମାଦନା ଓ ଚମକ....ଚୁମ୍ବକପରି କେମିତି ଏକ ଆର୍କଷଣ ଆଣିଦିଏ ଅଜାଣତରେ ।

ହଠାତ୍ ଦିନେ ସକାଳୁ ସକାଳୁ ଏକାଦଶିଆ ପହଞ୍ଚି କହିଲା ଟେଲିଫୋନ କରିବ,କେବେ ବି କରେନି ସାଧାରଣତଃ ।ବାଙ୍କାବାବୁଙ୍କ ନିୟମ, କଥା ହେଲା ବେଳକୁ ଫୋନର ମାଇକ୍ ଅନ୍ ରହିବ,ଯେମିତିକା ଗରାଖ ଏଆଡୁ ସେଆଡୁ କଥା ହେବନି ଆରପଟ ଲୋକସହ ।କାଗଜରେ ଟିପିଆଣିଥିବା ନମ୍ବରକୁ ଡାଏଲ କରି ଏକାଦଶୀଆକୁ ଫୋନ୍ ବଢାଇଦେଲେ ବାଙ୍କାବାବୁ.....

.....ମାଡାମ୍ ନମସ୍କାର ମୁଁ ଏବେ ଏବେ ଭୁବନେଶ୍ୱର ଆସି ମାଳିକାମ ଖୋଜୁଛି ।ଶୁଣିଲି ଆପଣ କୁଆଡେ ଜଣେ ଭଲ ମାଳି ଦରକାର..

To read the complete magazine, Download it for FREE from www.aahwaan.com

ଆରପଟୁ ଜଣେ ମହିଳାଙ୍କ କଂଠ ଆସିଲା

...ହଁ..ହଁ.. ଯେ ଏଇ ଦୁଇମାସ ହେଲା ଆମର ଜଣେ ପିଲା ମିଳିଯାଇଛି..ଏବେ ଆଉ ଦରକାର ନାହିଁ...

....ଶୁଣନ୍ତୁ ମାଡାମ,ମୁଁ ବହୁତ ଭଲ କାମ କରିବି...ସକାଳୁ ସଂଜ ଯାଏ ଅଧିକ ସମୟ ଦେଇ ଆପଣଙ୍କ କାମକୁ ମନଧ୍ୟାନ ଦେଇ କରିବି.....

....ହଁ ଯେ,ଆମର ନୂଆଁ ପିଲାଟା ମଧ୍ୟ ବହୁତ ଭଲ କାମ କରୁଛି,ତାକୁ ହଟାଇବାର ଆମ ମନ ନାହିଁ ଏବେ...

....ଶୁଣନ୍ତୁ ମାଡାମ,ମୁଁ ସେ ପିଲା ନେଉଥିବା ଦରମାର ଅଧା ଦରମାରେ ବି କାମ କରିବି....

.....ନାଁ ନାଁ ସେମିତି କେମିତି ହେବ...ଆମେ ସେ ପିଲାର କାମରେ ପୁରାପୁରି ଖୁସ୍...ଦରମା କମ୍ ଦେଇ ପିଲା ରଖିବାର ଆମ ଉଦ୍ଦେଶ୍ୟ ନୁହେଁ..ସେ ପିଲା ଆମର କାମ ଆମର ମନଚାହିଁ କରୁଛି.. .ବାସ୍ ଆମେ ତାକୁ କୌଣସି ପରକାରେ ବି ବଦଳାଇବୁ ନାହିଁ..ତୁ ଆଉ କେଉଁଠି କାମ ଦେଖିନେ ବାବା..ଏଠି ଭୁବନେଶ୍ୱରରେ ବହୁତ କାମ ମିଳିଯିବ ଯେ.....

ଆରପଟୁ ମହିଳା ଜଣକ ଟେଲିଫୋନ ରଖିବାର ଶବ୍ଦ ହେଲା ଯେମିତି

ବାଙ୍କାବାବୁ ଚିନ୍ତାରେ ପଡିଗଲେ ।ତେବେ ଏକାଦଶିଆ ଏ ପର୍ଯ୍ୟନ୍ତ କାମ ପାଇନି ଗତ ଦୁଇମାସ ହେଲା, ଚେଷ୍ଟାରେ ଅଛି ।ତାଙ୍କ ମନରେ ଆସିଲା ଯଦି ଏ ପିଲାଟା ଶସ୍ତାରେ କାମ କରିବାକୁ ରାଜିଅଛି ତେବେ ତାଙ୍କ ଘରେ ରଖି ଦେଲେ କେମିତି ହୁଅନ୍ତା ।

To read the complete magazine, Download it for FREE from www.aahwaan.com

ଟେଲିଫୋନ ବାବଦ ପଇସା ଏକାଦଶିଆ ଠୁଁ ରଖିଲା ବେଳକୁ ବାଙ୍କାବାବୁ କହିଲେ....ହଇରେ ଟୋକା ତୁ କଣ ଅଧା ଦରମାରେ କାମ କରିବାକୁ ରାଜି... କଣ କାମଧାମ ମିଳିନି ବୋଲି କି ଏଯାଏଁ ...ତେବେ କାଲିଠୁଁ ଆସିଯା ଆମ ଘର ବାଡିବଗିଚାରେ କାମ କରିବୁ

ଖୁଚୁରା ପଇସାତକ ପକେଟରେ ପୁରାଉ ପୁରାଉ ଏକାଦଶିଆ କହିଲା.....

ନାଇଁ ମଉସା.ମୁଇଁ ପରା ନିଜ ମାଲିକାଣୀଙ୍କ ସହ କଥାହେଉଥିଲି ଟିକିଏ ଅଲଗା ସ୍ୱରରେ...ନିଜ କାମକୁ ପରୀକ୍ଷା କରୁଥିଲି ତାଙ୍କ ଅଜାଣତରେ...ଦେଖୁଥିଲି ମୋର କାମରେ ସେ ଖୁସି ଅଛନ୍ତି କି ନାହିଁ...ତାଙ୍କ ଦରମା ଅନୁସାରେ ମୋ କାମ ତାଙ୍କୁ ପୋଶାଉଛି କି ନାହିଁ.... ଏତିକି କହି ସେ ହସିହସି ଦଉଡିଯାଇ ରାସ୍ତାରେ ଲାଇନ୍ ଅଟୋରେ ଯାଇ ବସି ପଡିଲା.... ।

ବାଙ୍କାବାବୁ ତାଙ୍କ ଦୋକାନର ବସିବସି ଭାବୁଥିଲେ...ଏଇମିତିକା ପିଲା କା'ଣ ସହଜେ ମିଳିବ କାମ କରିବାକୁ.... ନିଜକୁ ନିଜେ ଘସିମାଜି ପରଖି ନେଉଛି କଷଟି ପଥର ଉପରେ.... ଜୀବନରେ ନିଶ୍ଚୟ ଆଗକୁ ଯିବ ଏ ଟୋକାଟା ।

୫୪, ଆର୍ଯ୍ୟପଲ୍ଲୀ, କିଟ ଛକ, ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

To read the complete magazine, Download it for FREE from www.aahwaan.com

# ଚାଷ ଅଛି ଯାହାର



ସୁବଳ ମହାପାତ୍ର

ସକାଳୁ ସକାଳୁ ଗାଧୋଇ ପାଧୋଇ, ସତ୍ୟ ରେଡି ହୋଇଗଲା ଅଫିସ ଯିବାକୁ । ବାଟରେ ପୁଅକୁ ସ୍କୁଲ ରେ ଛାଡି ସିଧା ଅଫିସ ରେ ପହଞ୍ଚିଗଲା । ମେଲ ଖୋଲି ଆଜି ର କାମ କଣ ଦେଖିନେଲା । ଜୁନିଅର ମାନଙ୍କୁ କାମ ବାଣ୍ଟି ଦେଇ ଟିକେ ନିଶ୍ୱାସ ନେଲା । ହଠାତ ତାର ମନେ ପଡିଲା, ଆରେ ଆଜି ତ ୧୫ ତାରିଖ । କ୍ରେଡିଟ କାର୍ଡ ବିଲ ଆଉ ଇଲେକ୍ଟ୍ରିବିଲ ଦେବାର ଅଛି, ହୋମ ଲୋନ ଆଉ କାର ଲୋନ ର ଇ.ଏମ.ଆଇ ଦେବାର ଅଛି । ସେ ପେମେଣ୍ଟ ସାଇଟ ଖୋଲି ସବୁ ପେମେଣ୍ଟ କରିଦେଲା । ଓହୋ, ଏବେ ମାସେ ପାଇଁ ଚିନ୍ତା ଗଲା । ଏତିକି ବେଳେ ତା ଡେସ୍କ କୁ ଫୋନ ଆସିଲା ।  କ୍ରିଙ୍ଗ କ୍ରିଙ୍ଗ । ସେ ଫୋନ ଉଠେଇଲା । ଆଉ ଫୋନ ରଖି ସାରିବା ପରେ ମୁଣ୍ଡରେ ହାତ ଦେଇ ବସି ରହିଲା ।

ସତ୍ୟଜିତ ସାମନ୍ତରାୟ । ବାଙ୍ଗାଲୋର ର ଏକ ନାମୀ ଦାମୀ ସଫ୍ଟୱାର କମ୍ପାନୀରେ କାର୍ଯ୍ୟରତ । ଟେକନିକାଲ ଟିମ ଲିଡର ସେ, ମାସିକ ଦରମା ୯୦୦୦୦ ଟଙ୍କା । ଘରେ ଏଜୁକେଟେଡ଼ ସ୍ତ୍ରୀ, ପୁଅ ଇଂଲିଶ ମିଡ଼ିଅମ ସ୍କୁଲ ରେ ପଢେ ।

To read the complete magazine, Download it for FREE from www.aahwaan.com

ଘର ଗୋଟେ କିଣିଛି ମାସିକ କିସ୍ତି ରେ । ଆହୁରି ୨୪ ଟା କିସ୍ତି ବାକି ଅଛି । କାର ବି ଲୋନ୍ ରେ । କାର ର ଆଉ ୫ ଟା କିସ୍ତି ବାକି ଅଛି । ପୁଅ ର ସ୍କୁଲ ରିଆଡ଼ମିଶନ ଅଛି ଆର ମାସରେ, ବର୍ଷକର ପଇସା ଦେବାକୁ ପଡିବ । ଏତିକି ବେଳେ କଣ ସବୁ ଘଟି ଗଲା । ସେ ନିଜ ସିଟ ରୁ ଉଠି ଏଚ.ଆର. ପାଖକୁ ଗଲା । ଏଚ.ଆର. ତାକୁ ଗୋଟେ ପିଙ୍କ ସ୍ଲିପ ଧରେଇ ଦେଲା । ଆଉ ସେ ପୁଣି ସିଟ ପାଖକୁ ଫେରି ଆସି ବିନା କିଛି ବାକ୍ୟ ବ୍ୟୟ ରେ ନିଜ ଜିନିଷ ଧରି ଅଫିସ ରୁ ବାହାରି ଗଲା ।

ସତ୍ୟଜିତ ସାମନ୍ତରାୟ fired from his company ? ଏକଥା ସେ ନିଜେ ବି ବିଶ୍ୱାସ କରିପାରୁ ନଥିଲା । କ'ଣ କରିନି ସେ ଏ କମ୍ପାନୀ ପାଇଁ । ତା ନିଜ ଜୀବନର ୧୫ ବର୍ଷ ଏଇଠି ହିଁ କାଟି ସାରିଛି । ଆଉ ଆଜି ସେ fired ? ରିସେସନ ଆସିଲାନି ଯେ ଚିହ୍ନଇ ଦେଲା, କମ୍ପାନୀ କେବେ ବି କାହାର ନୁହେଁ । ମ୍ୟାନେଜମେଣ୍ଟ କେତେ ବେଳେ ବି କାହାକୁ ବି ବାହାର କରି ଦେଇ ପାରିବ । କିନ୍ତୁ ସେ ଏବେ କରିବ କଣ ? ଆର ମାସ ଟା ତ ଚଳିଯିବ, କିନ୍ତୁ ତା'ପରେ । ସେ ଏବେ ଘରକୁ ଫେରି ସ୍ତ୍ରୀ ସୁଲଗ୍ନାଙ୍କୁ କହିବ କଣ ? କିଛି ଦିନ ପୂର୍ବରୁ ହିଁ ସେ ନିଉଜ ଦେଖି ପଚାରୁ ଥିଲେ infosys, accenture, capgemini ଭଳି କମ୍ପାନୀ ଲୋକଙ୍କୁ ବାହାର କରୁଛନ୍ତି । ତମ କମ୍ପାନୀ ଅବସ୍ଥା କଣ । ସେ ହିଁ କହିଥିଲା, "ହଁ, କିନ୍ତୁ ମୋର ଡର ନାହିଁ, ମୋ ନାଁ ଲିଷ୍ଟ ରେ ନଥିବ" । ଏ କମ୍ପାନୀ ରେ ମୁଁ ୧୫ ବର୍ଷ ହେଲା କାମ କରୁଛି, କମ୍ପାନୀ କଣ ମୋତେ ବାହାର କରି ଦେବ ? କେବେ ନୁହଁ । ସେ କାର ଚଳେଇ ଆସିଲା ବେଳେ ଅନ୍ୟ ମନସ୍କ ହୋଇ ପଡୁଥିଲା । ବାଦଲ ଫଟା ବର୍ଷା ହେଲା ପରି ତା ମୁଣ୍ଡ ଭିତରେ ଟେନସନ ଗୁଡା ଅଜାଡି ହୋଇ ପଡୁଥିଲେ ।

ନିଜକୁ ସମ୍ଭାଳି ନେଇ ସେ ଘରେ ଆସି ପହଁଚି ଗଲା । ସୁଲଗ୍ନା ସତ୍ୟ କୁ ଦେଖି ଚମକି ପଡିଲା ଆଉ ତା ମୁହଁ ଦେଖି ସବୁ କଥା ଜାଣି ପାରିଲା । ସତ୍ୟ କିଛି ନ କହି ବେଡ଼ରୁମ କୁ

To read the complete magazine, Download it for FREE from www.aahwaan.com

ପଶିଗଲା ଆଉ ଜୋତା ନଖୋଲି ବେଡ଼ ରେ ଶୋଇ ପଡିଲା । ସତ୍ୟ ଆଉ ସୁଲଗ୍ନା କାହାକୁ କିଛି ନକହିଲେ ବି ବୁଝି ପାରୁଥିଲେ ଏବେ ଅବସ୍ଥା କେଉଁ ଆଡକୁ ଗତି କରୁଛି । ଦିହେଁ ପରସ୍ପର ସହ କଥା ହେବାକୁ ଚାହୁଁଥିଲେ ବି କାହା ପାଟିରୁ ବି କଥା ସ୍ଫୁରୁ ନଥିଲା । କ'ଣ ହବ ଏବେ ? ଏ ପ୍ରଶ୍ନ ଦୁହିଁଙ୍କ ମୁଣ୍ଡରେ ଉଙ୍କି ମାରୁଥିଲା କିନ୍ତୁ ତା ର ଉତ୍ତର କାହା ପାଖରେ ବି ନଥିଲା ।  ଦିନ ଆସି ଚାରିଟା ବାଜିଲାଣି କିନ୍ତୁ କେହି ବି ଆଜି ମଧ୍ୟାହ୍ନ ଭୋଜନ କରି ନାହାନ୍ତି । ଭାତ ହାଣ୍ଡିରେ ଭାତ ଶୁଖି ସାରିଥିଲା, ଆଉ ସତ୍ୟ ର ଟିଫିନ ବାକ୍ସ, ବ୍ୟାଗ ରୁ ବାହାରି ନଥିଲା । ଅନ୍ୟ ଦିନ ହୋଇ ଥିଲେ ଏତେ ବେଳକୁ ସୁଲଗ୍ନା ଖାଇ ସାରି ଖଟରେ ଶୋଇ ସତ୍ୟ କୁ ଫୋନ କରି ଥାନ୍ତା ଆଉ ୧୫ ମିନିଟ କାଳ ଗେଲ୍‌ହଇ ହେଇ ଥାନ୍ତା । ଯାହା କି ସେ ୧୨ ବର୍ଷ ହେଲା କରି ଆସିଛି । ଆଜି ର କଥା କିନ୍ତୁ ଅଲଗା ଥିଲା । ଆଜି ନା ମୁହଁରେ ଥିଲା ହସ ନା ଗେଲ୍‌ହଇ ହେବାର ମନ । ପୁଅ ରିଣ୍ଟୁ ସ୍କୁଲ ରୁ ଆସିବାର ସମୟ ହେଇ ସାରିଥିଲା । ଦୁହେଁ ଦୁହିଁଙ୍କୁ ବୁଝେଇବା ଅବସ୍ଥା ରେ ଥିଲେ କିନ୍ତୁ କେହି କିଛି ବି କହି ପାରୁ ନଥିଲେ । ରିଣ୍ଟୁ ସ୍କୁଲ ରୁ ଆସି ବାପାଙ୍କୁ ଘରେ ଥିବା ଦେଖି ଖୁସି ହେଇ ଗଲା ଆଉ ଖେଳିବାକୁ ଡାକିଲା । ସତ୍ୟ ର ମନ ନଥିଲେ ବି ସେ ରିଣ୍ଟୁ ସହ ଖେଳିବାକୁ ଗଲା, କିନ୍ତୁ ସୁଲଗ୍ନା ର କୌଣସି କାମରେ ମନ ନଥିଲା । ସେ ଭାବି ପାରୁ ନଥିଲା ଯେ ଆଗକୁ କଣ ହେବ ? ଘର ଆଉ ଗାଡି ର ଇ.ଏମ୍.ଆଇ , ରିଣ୍ଟୁ ର ସ୍କୁଲ ଫିସ, ଘର ଚାଲିବାକୁ ପଇସା ତ ଦରକାର ନା ?

ସନ୍ଧ୍ୟା ରେ ବି ସତ୍ୟ ଆଉ ସୁଲଗ୍ନା ଚୁପ ଚାପ, କାହା ମୁହଁରେ କଥା ନାହିଁ । ରିଣ୍ଟୁ କିଛି ବୁଝି ପାରୁ ନଥାଏ । କିନ୍ତୁ ଜାଣି ପାରୁ ଥାଏ ଯେ କିଛି ଗୋଟେ ଘଟି ଯାଇଛି । ସେ ଆଉ ଛୋଟ ପିଲା ନୁହଁ । କ୍ଲାସ six  ରେ ପଢୁଛି ସେ । କିନ୍ତୁ ସେ ବା କ'ଣ କରି ପାରିବ  ?

To read the complete magazine, Download it for FREE from www.aahwaan.com

ଏଇ ଭିତରେ ଦୁଇ ଦିନ ବିତି ଗଲାଣି । ସତ୍ୟ ଆଉ ସୁଲଗ୍ନା, ରିଣ୍ଟୁ ଆଗରେ କଥା ନ ହେଲେ ବି ରିଣ୍ଟୁ ଟିକେ ଟିକେ ବୁଝି ପାରୁ ଥାଏ । ବାପା ଦୁଇ ଦିନ ହେଲାଣି ଅଫିସ ଯାଉ ନାହାନ୍ତି । ସେ ଜନ୍ମ ହେବା ପରଠୁ ଏମିତି କେବେ ବି ଦେଖିନି । ଘରେ ବି ସମସ୍ତେ ଚୁପ ଚାପ । ସମସ୍ତେ କହିଲେ ବାପା ଓ ମା । ଜେଜେ ଜେଜୀ ତ ସେ ଛୋଟ ଥିଲା ବେଳେ ଆର ପାରିକୁ ଚାଲି ଯାଇଛନ୍ତି । ବାପା, ଜେଜେଙ୍କ ଗୋଟିଏ ବୋଲି ପୁଅ । ଜେଜେ ଥିଲା ଯାଏ, ସେମାନେ ସାଙ୍ଗ ହୋଇ ଗାଁ କୁ ଯାନ୍ତି । କିନ୍ତୁ ଜେଜେ ଗଲା ପରଠୁ, ଆଉ ସେମାନେ ଆଜି ଯାଏ ଯାଇ ନାହାନ୍ତି ଗାଁ କୁ । ତା ସ୍କୁଲ ରେ ଏବେ ଖରା ଛୁଟି ହେଇ ଯିବ । ସେ ମନେ ମନେ କିଛି ଚିନ୍ତା କରି, ବାପାଙ୍କ ପାଖରେ ଯାଇ କି ବସିଲା ।

ସତ୍ୟ କିନ୍ତୁ ଅନ୍ୟ ମନସ୍କ, ଡେଣେ ଟିଭି ଚାଲି ଥାଏ । ସତ୍ୟ ଟିଭି କୁ ଚାହିଁ କଣ ସବୁ ଭାବୁଥାଏ । ମୁଣ୍ଡରେ ଟେନସନ ଭର୍ତି । ପଇସା କୁଆଡୁ ଆସିବ । ଏବେ ତ ସବୁ କମ୍ପାନୀ ରୁ ଲୋକଙ୍କୁ ବାହାର କରୁଛନ୍ତି । କେଉଁ କମ୍ପାନୀ ରେ ବି ଭ୍ୟାକାନସି ନାହିଁ । High Salaried ଲୋକଙ୍କୁ କେହି ବି ନେବାକୁ ଚାଁହୁ ନାହାନ୍ତି । ଦି ଦିନ ଭିତରେ ସେ ପାଖା ପାଖି ୨୫ ଟା କମ୍ପାନୀ ବୁଲି କି ଆସିଲାଣି କିନ୍ତୁ ସମସ୍ତେ ନାହିଁ କରୁଥାନ୍ତି । ତେବେ ସେ କରିବ କଣ ?

ରିଣ୍ଟୁ ଆସି ପାଖରେ ବସିଲା । ସତ୍ୟ କିନ୍ତୁ ରିଣ୍ଟୁ ମୁହଁକୁ ସିଧା ଚାହିଁ ପାରୁ ନଥାଏ । ରିଣ୍ଟୁ କହିଲା ବାପା, ଗୋଟେ କଥା କହିବି ?

– ହଁ କଣ କହ ।

– ମୋ ସ୍କୁଲ ଆଉ ଦି ଦିନ ପରେ ଛୁଟି ହୋଇଯିବ । ଚାଲନା ଏଥର ଗାଁ ଆଡୁ ଟିକେ ବୁଲି ଆସିବା ।

– ହଉ ଦେଖିବା ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ରିଣ୍ଟୁ ଆଉ କିଛି ନକହି ତା ରୁମ କୁ ଚାଲିଗଲା । ସତ୍ୟ ମୁଣ୍ଡରେ କିନ୍ତୁ ଛାଡି ଦେଇ ଗଲା ନୂଆ ଗୋଟେ ଭାବନା । ସତ୍ୟ ଟିଭି ବନ୍ଦ କରି ଦେଇ ଆଖି ବନ୍ଦ କରି ଭାବିବାକୁ ଲାଗିଲା । ୨୦୦୭ ମସିହା ରେ ଏମିତି ଗୋଟେ ସମୟ ଆସିଥିଲା ୨୦୧୧ ଯାଏ । ସେତେବେଳେ ବି ବହୁତ କମ୍ପାନୀ ବହୁତ ଲୋକଙ୍କୁ ବାହାର କରିଥିଲେ, କିନ୍ତୁ କୌଣସି ମତେ ବଞ୍ଚି ଯାଇଥିଲା ସତ୍ୟ । ଆଉ ସମାନ ଜିନିଷ ପୁଣି ଥରେ ୨୦୧୭ ରେ । ଆମେରିକା ଲୋକ ମାନେ କ'ଣ ଠିକା ନେଇଛନ୍ତି ଆମ ଭବିଷ୍ୟତର ?  ଆମେ କଣ ସେମାନଙ୍କ ଇଚ୍ଛାରେ ଚାଲିବୁ ? ୧୫ ବର୍ଷର ସେବା କଣ କମ୍ପାନୀ ପାଇଁ ଯଥେଷ୍ଟ ନଥିଲା, କିନ୍ତୁ କମ୍ପାନୀ ପଲିଟିକ୍ସ ତାକୁ ବର୍ବାଦ କରିଦେଲା । ମ୍ୟାନେଜମେଣ୍ଟ ଶେଷରେ କଲା କ'ଣ ? ତାକୁ ହିଁ କମ୍ପାନୀ ରୁ ବାହାର କରିଦେଲା । କିଛି ତ ତ୍ରୁଟି ସେ ରଖି ନଥିଲା । କିନ୍ତୁ ହଁ ତୋଷାମଦିଆ ହେଇ ପାରିଲାନି । ବସ ର ଜୋତା ଚାଟି ପାରିଲାନି । ତାକୁ ତେଲ ମାରି ପାରିଲାନି । ସତ୍ୟ ଯାହା କହେ ମୁହଁରେ । ଠିକ ତ ଠିକ, ଭୁଲ ତ ଭୁଲ । ହେଲେ ଆଉ ନୁହଁ । ଯେଉଁ କମ୍ପାନୀ ଗଲେ ବି ତ ଏମିତି ବସ ଆଉ ସିନିଅର ମିଳିବେ । ତେବେ କଣ ଚାକିରୀ ଆଉ କରିବନି ? ଗାଁ ରେ ଯାଇ ଚାଷ କରିବ ?

ହଁ, ଗାଁ ରେ ଚାଷ କରିବାରେ ଅସୁବିଧା କ'ଣ ? ଆଗରୁ ସିନା ପାରମ୍ପରିକ ପଦ୍ଧତି ରେ ଚାଷ ହେଉଥିଲା, ଏବେ ତ କେତେ ନୂଆ ଯନ୍ତ୍ରପାତି ବାହାରିଲାଣି, କେତେ କେତେ ନୂଆ ଜିନିଷ ସବୁ ଆସିଲାଣି । ସେ ତ ପୁଣି ଛୋଟ ଥିଲା ବେଳେ ବାପା ଚାଷ କରୁଥିଲେ, ଚାଷ ବାସ ସବୁ ବୁଝୁଥିଲେ । ସେ କାହିଁକି ପାରିବନି ? ପର ପାଖରେ ମୁଣ୍ଡ ବିକି ରହିବା ଅପେକ୍ଷା ନିଜେ ଚାଷ କରିବା ଭଲ ।

ଭାବି ଭାବି ସେ ସୁଲଗ୍ନା ପାଖକୁ ଗଲା । ସୁଲଗ୍ନା କୁ ଏଇ ବିଷୟରେ କହିଲା ପରେ ସୁଲଗ୍ନା ଭୀଷଣ ଭାବରେ ଚିଡି ଉଠିଲା । କାହିଁ ଏ ମେଟ୍ରୋ ସହରର ଚାକଚକ୍ୟ ଭରା

To read the complete magazine, Download it for FREE from www.aahwaan.com

ଦୁନିୟା ଆଉ କାହିଁ ଗାଁ ର ସେ ଧୂଳି ମଳି ଭରା ଜୀବନ । ଜେଜେ ଅମଳର ଚାଳ ଖଣ୍ଡେ ଥିଲା ଯେ ସେଟା ବି ୧୨ ବର୍ଷ ହେଲା ଛାଉଣି ହୋଇନି । ବାପା ବୋଉ ତ ମଲା ଯାଏ ଏଠି ରହୁଥିଲେ । ଗାଁ ସହ ତ ଆଉ ସେମିତି କିଛି ବି ସମ୍ପର୍କ ନାହିଁ । କେବଳ ରାମୁ କାକା ବର୍ଷ କୁ ବର୍ଷ କିଛି କିଛି ପଇସା ଭାଗ ର ପଠେଇ ଦିଅନ୍ତି । ନହେଲେ ଗାଁ କିଏ ଆଉ ସେମାନେ କିଏ ? ଇଏ ପୁଣି ଜଣେ ସଫ୍ଟୱେର ଇଞ୍ଜିନିଅର, ଗାଁ ରେ ଯାଇ ଚାଷ କରିବେ । ଚାଷ ବିଷୟରେ ତମକୁ କ'ଣ ଜଣା ? ଏଠି ଦଶ ଲକ୍ଷ ର ପ୍ୟାକେଜ ଛାଡି ଯିବେ ଗାଁ କୁ ଚାଷ କରିବାକୁ । ତମେ ଯାଆ, ମୁଁ ଆଉ ମୋ ପୁଅ ଏଇଠି ରହିବୁ । ଗାଁ ରେ ଇଂଲିଶ ମିଡ଼ିଅମ ସ୍କୁଲ ନାହିଁ । ଘର ନାହିଁ । ଡାକ୍ତର ଖାନା ନାହିଁ । ହୋଟେଲ ନାହିଁ । କଣ ଅଛି ଗାଁ ରେ ?

ସୁଲଗ୍ନା ଠୁ ଏସବୁ ଆଶା କରି ନଥିଲା ସତ୍ୟ । ଚାକିରୀ ର ଟେନସନ ଯାହା, ସେଥିରେ ପୁଣି ପଲିଟିକ୍ସ । ଏବେ ଚାକିରୀ ନାହିଁ । ମିଳିବ କି ନମିଳିବ ତା ବି ଜଣା ନାହିଁ । କେତେଦିନ ଯାଏ ଏ ରିସେସନ ଚାଲିବ ତାର କିଛି ଠିକ ଠିକଣା ନାହିଁ । ସେଥିପାଇଁ ସେ ଏପରି ଚିନ୍ତା କରିଥିଲା । ହେଲେ ସେ ୟାକୁ ତ ସଜେସନ ବୋଲି ଭାବି ସୁଲଗ୍ନା କୁ କହିଥିଲା । ଫାଇନାଲ ତ କରି ନଥିଲା । ଅଗତ୍ୟା ବାଧ୍ୟ ହୋଇ ଆଉ କିଛି ବି ନକହି ସେ ପୁଣି ଟିଭି ରୁମ କୁ ପଳେଇ ଆସିଲା । ରାଗରେ ସୁଲଗ୍ନା ନାକରୁ ଗରମ ନିଶ୍ୱାସ ବାହାରୁ ଥାଏ । ସୁଲଗ୍ନା ଚିନ୍ତା କରି ପାରୁ ନଥାଏ ଯେ ଏସବୁ ବାଜେ ଚିନ୍ତା କେମିତି ୟାଙ୍କ ମୁଣ୍ଡକୁ ଆସୁଛି । କଣ ନା, ଚାଷ କରିବେ ଗାଁ ରେ । ଯେଉଁଠି ଦୈବୀ ଦୁର୍ବିପାକ, ମରୁଡି, ନଇବଢି, ଖରାପ ବିହନ ସବୁ ପାଇଁ ହଜାର ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି, ସେଠି ଜଣେ ସଫ୍ଟୱେର ଇଞ୍ଜିନିଅର ଯିବ ଚାଷ କରିବାକୁ । ଯାହାକୁ ଚାଷ ର ଚ ବି ଜଣା ନାହିଁ ।

ସତ୍ୟ କିଛି ସମୟ ମୁଣ୍ଡରେ ହାତ ଦେଇ ବସି ରହିଲା । ହଉ, ଦେଖିବା କଣ ହଉଚି ! କହି ସେ ଇଣ୍ଟରନେଟ ରେ ଚାକିରୀ ଖୋଜିବାକୁ ଲାଗିଲା । naukri, monster ଭଳି ଆଉ

To read the complete magazine, Download it for FREE from www.aahwaan.com

କେତେ ସାଇଟ ଖୋଜି ସାରିଲା ପରେ କିଛି ନପାଇ ରାଗରେ ଲାପଟପ କୁ ବନ୍ଦ କରିଦେଲା ଆଉ ଆଖି ବୁଜି ବସି ରହିଲା ।

ଦୁଇ ଦିନ ପରେ ରିଣ୍ଟୁ ର ସ୍କୁଲ ଛୁଟି ହେଲା । ସେ ସତ୍ୟକୁ ଲଗେଇଲା ଚାଲ ଗାଁ ଆଡେ ବୁଲି ଯିବା । ସତ୍ୟ ବି ରାଜି ହେଲା । ବାପା ମଲା ପରଠୁ ସେ ଗାଁ କୁ ଯାଇ ନଥିଲା । ସୁଲଗ୍ନା ରୋକଠୋକ ମନା କରିଦେଲା ସେ ଗାଁ କୁ ଯିବନି । ସତ୍ୟ ଠିକ କଲା ଯେ ଯାହା ବି ହେଉ ସେ ଗାଁ କୁ ଯିବ । ରିଣ୍ଟୁ କୁ କିନ୍ତୁ ନେବା ପାଇଁ ଚାହିଁଲାନି । କାରଣ ସୁଲଗ୍ନା ନଗଲେ ରିଣ୍ଟୁ ହଇରାଣ ହେବ । ରିଣ୍ଟୁ ମନ ଦୁଃଖ କଲେ ବି ସୁଲଗ୍ନା ତା ଜିଦ ରେ ଅଟଳ ଥିଲା ।

ସତ୍ୟ ବାଙ୍ଗାଲୋର ରୁ ଟ୍ରେନ ଯୋଗେ ଭୁବନେଶ୍ୱର ପହଞ୍ଚି ବସ ରେ ଗାଁ କୁ ଗଲା । ଗାଁ ରେ ତାଙ୍କ ସବୁ ଘର ଭାଙ୍ଗି ଯାଇ ଥାଏ । ମାଟି ଘର, ରକ୍ଷଣା ବେକ୍ଷଣ ଅଭାବରୁ ଯାହା ହୁଏ । କିଛି ଦିନ ରାମୁ କାକାଙ୍କ ଘରେ ରହିଲା । ତାଙ୍କ ଜମି, ବାଡ଼ି, ଘର ଡିହ, ଆମ୍ବ ତୋଟା, ଗହିରି ବିଲ ସବୁ ଦେଖି ସାରିଲା ପରେ ଠିକ କଲା ଯେ ସେ ଗାଁ ରେ ହିଁ ରହିବ ଆଉ ଚାଷ କରିବ । ତେଣିକି ସୁଲଗ୍ନା ଗାଁ କୁ ଆସିଲେ ଆସୁ ନହେଲେ ନାହିଁ । ସୁଲଗ୍ନା କୁ ସେ ଫୋନ ରେ ତା ଡିସିସନ ଶୁଣେଇ ଦେଲା । ସୁଲଗ୍ନା ବି ରାଗିକି ତା ଡିସିସନ ଶୁଣେଇଲା । ଯାହା ବି ହେଇଯାଉ ସେ ଗାଁ କୁ ଆସିବ ନାହିଁ । ତମେ ତେଣିକି ସିଆଡେ ରୁହ, ମୁଁ ଆଉ ମୋ ପୁଅ ଏଠି ରହିବୁ । ଆମ ପାଖକୁ ପଇସା ବି ପଠେଇବା ଦରକାର ନାହିଁ । ଯେତେବେଳେ ତମକୁ ଲାଗିବ ଯେ ତମେ ଭୁଲ ରାସ୍ତା ରେ ଅଛ, ଅଥବା ବଢି, ମରୁଡି ପରେ ଦେବାଳିଆ ହୋଇଯିବ, ସେତେବେଳେ ଫେରିବ ଆମ ପାଖକୁ । ଆମେ ତମକୁ ଅପେକ୍ଷା କରିବୁ । ସୁଲଗ୍ନା ଫୋନ କାଟିଦେଲା ଆଉ ସୁଇଚ ଅଫ କରିଦେଲା । ସତ୍ୟ ଚାହିଁଲେବି ଆଉ ସୁଲଗ୍ନା ସହ କଥା ହୋଇ ପାରିଲାନି କି ନିଜ ମନ କୁ ବଦଳେଇ ପାରିଲାନି । ହଉ ପଛେ ଦୈବୀ ଦୁର୍ବିପାକ, ହଉ ପଛେ ବଢି ଆଉ ମରୁଡି, ମିଳୁ କମ ପଇସା କିନ୍ତୁ ଏଠି ଶାନ୍ତି

To read the complete magazine, Download it for FREE from www.aahwaan.com

ତ ଅଛି । ନା ଅଛି ପଲିଟିକ୍ସ ନା ଅଛି ବସ ର ଡର । ପଲିଟିକ୍ସ, ଟେନସନ, ଆଉ ପ୍ରେସର ରୁ ସେ ଦୁରେଇ ଯିବାକୁ ଚାହୁଁଥିଲା ।

ସୁଲଗ୍ନା ବି ଏଜୁକେଟେଡ୍ । ବାଙ୍ଗାଲୋର ରେ ଇଂଲିଶ ମିଡ଼ିଅମ ସ୍କୁଲ ରେ ଚାକିରୀ ଖଣ୍ଡେ ତାକୁ ମିଳିଗଲା । ମାସକୁ ୩୫୦୦୦ ଦରମା । ସୁଲଗ୍ନା ଆଉ ରିଣ୍ଟୁ ବାଙ୍ଗାଲୋର ରେ ରହିଲେ ଆଉ ସତ୍ୟ ଗାଁ ରେ । ସତ୍ୟ ବେଳେ ବେଳେ ମନେ ପଡନ୍ତି ସୁଲଗ୍ନା ର । ଝଗଡା ନାହିଁ, ମାରପିଟ ନାହିଁ, କେତେ ଶାନ୍ତି ରେ ଚାଲୁଥିଲା ତାଙ୍କ ଘର, କିନ୍ତୁ ଗୋଟେ ଡିସିସନ ହିଁ ବଦଳେଇ ଦେଲା ତାଙ୍କ ଜୀବନ । ସେଥିପାଇଁ ସତ୍ୟ କୁ ଦାୟୀ କରନ୍ତି ସେ । ସତ୍ୟ ର ବି ମନେ ପଡନ୍ତି ସୁଲଗ୍ନା ଆଉ ରିଣ୍ଟୁ, କିନ୍ତୁ ସେ ନାଚାର । ବହୁତ ଥର କଥା ହେବା ପାଇଁ ଚାହିଁଛି ସେ, ସବୁଥର ସୁଲଗ୍ନା ତା ଫୋନ କାଟି ଦିଅନ୍ତି, ଆଉ କିଛି ଦିନ ପରେ ନମ୍ବର ହିଁ ବଦଳେଇ ଦେଲେ । ପଡିସା ଘରକୁ ଫୋନ କରି ସେ କଥା ହେବାପାଇଁ ଚାହିଁଥିଲା, କିନ୍ତୁ ପଡୋଶୀ ଙ୍କୁ ସୁଲଗ୍ନା କଡା କଥା ଶୁଣେଇଲା ପରେ ସେ ଆଉ ଫୋନ କରି ନଥିଲା । ପଡୋଶୀ ଠୁ ଏତିକି ଶୁଣିଥିଲା ଯେ ସୁଲଗ୍ନା ଏବେ ଇଂଲିଶ ମିଡ଼ିଅମ ସ୍କୁଲ ରେ ଟିଚର ଅଛି । ସେ ବି ରାଣ ଖାଇଲା ଯେ, ଯେବେ ଯାଏ ମୁଁ ଜଣେ ଭଲ ଚାଷୀ ନହେଇ ପାରିଛି, ସେବେ ଯାଏ ସୁଲଗ୍ନା ଆଉ ରିଣ୍ଟୁ କୁ ମୁହଁ ବି ଦେଖେଇବିନି ।

ସତ୍ୟ କିଛି ଦିନ ରାମୁ କାକାଙ୍କ ଘରେ ରହିଲା ପରେ ତା ନିଜ ଚାଳ ଘରଟିକୁ ଆଜବେଷ୍ଟସ କଲା । ବାଡ଼ି ଆଉ ଜମି ରେ କିଛି କିଛି ପନିପରିବା ଚାଷ ଆରମ୍ଭ କଲା । ଗାଁ ରେ ମୁଲିଆ ଆଉ କୋଠିଆ ମିଳି ଗଲେ । ନିଜକୁ ଚାଷ ଜଣା ନଥିଲେ ବି ସେ ଦେଖି ଦେଖି କିଛି କିଛି ଶିଖିଲା । ରାମୁ କାକାଙ୍କ ଠୁ ଜାଣିଲା ତାର ୪୦ ଏକର ଜମି କିନ୍ତୁ ସବୁ ଏକାଠି ନଥିଲା । ଗାଁ ଲୋକଙ୍କ ସହ କଥା ହେଇ ଜମି ଅଦଳବଦଳ କରି ସବୁ ଜମି ଏକାଠି କଲା । ଉପର, ତଳ, ଢିପ, ଖାଲ ଜମି ସବୁ ମିଶେଇ ଏବେ ତା ପାଖରେ ୩୫ ଏକର ଥିଲା ।

To read the complete magazine, Download it for FREE from www.aahwaan.com

ଗହିରି ବିଲ କୁ ଆହୁରି ଖୋଳି ତାକୁ ପୋଖରୀ କଲା । ପୁରା ଜାଗା କୁ ତାରବାଡ ଦେଇ ବନ୍ଦ କରିଦେଲା । ପୋଖରୀ ଚାରି ପଟେ ନଡ଼ିଆ ଗଛ ଲଗେଇଲା । ଜାଗା ର ଚାରି କଡେ ଆମ୍ବ ଆଉ ପଣସ ଗଛ, ମଝିରେ ଗୋଲାପ ଆଉ ଗେଣ୍ଡୁ ଫୁଲ, ଫୁଲ ଚାରି ପଟେ ସିଜିନାଲ ପନି ପରିବା ଯେମିତିକି ବାଇଗଣ, ଟମାଟୋ, ଲଙ୍କା, ଭେଣ୍ଡି ଆଦି, ଆଉ କିଛି କିଛି ଜମିରେ ଧାନ, ବାଦାମ ଆଦି ଚାଷ କଲା । ରାମୁ କାକା ସବୁଦିନ ତା ସହ ଥାନ୍ତି । କେତେବେଳେ କଣ ବୁଣା ଯିବ, କେଉଁଟା ଅମଳ ହବ ଇତ୍ୟାଦି କଥା ସେ ବୁଝା ବୁଝି କରୁଥାନ୍ତି ।

କିଛି ସମୟ ଏମିତି ବି ଆସିଲା ଯେତେବେଳେ ସତ୍ୟ କୁ କୃଷି ଋଣ ନେବା ପାଇଁ ବ୍ୟାଙ୍କ ଆଗରେ ଗୋଡ ଭାଙ୍ଗି ଠିଆ ହେବାକୁ ପଡିଲା । ତା ପାଖରେ ପଇସା ସବୁ ସରି ସରି ଆସୁଥାଏ । ଏପଟେ ଗୋଟେ ପରେ ଗୋଟେ ଜମି ବୁଣା ଚାଲି ଥାଏ, ଅମଳ ହେଲେ ସିନା ପଇସା ଆସିବ, କିନ୍ତୁ ତା ପୂର୍ବରୁ ମୁଲିଆ ପଇସା, ବିହନ, ସାର, ପୋକମରା ଔଷଧ ଆଉ ସବୁ ଆନୁସାଙ୍ଗିକ ପାଇଁ ତ ପଇସା ଦରକାର । ବାଧ୍ୟ ହୋଇ ତାକୁ ତା ବାଙ୍ଗାଲୋର ର ଘର ବନ୍ଧା ପକେଇବାକୁ ପଡିଲା । ସେମିତି ବି ୧୬-୧୮ ମାସ ହେଲା ତା ଇ.ଏମ.ଆଇ. ଦିଆ ହୋଇ ନଥିଲା । ବ୍ୟାଙ୍କ ରୁ ଘନ ଘନ ଫୋନ ଆସୁଥାଏ । କିନ୍ତୁ ତା ପାଖରେ କରିବା ପାଇଁ କିଛି ନଥିଲା । ମାଟି ସହ ମାଟି ହୋଇ ସେ ମୁଲିଆ ହୋଇ ଯାଇଥିଲା । ତାକୁ ଦେଖିଲେ କେହି ବି କହିବେନି ଯେ ସେ ଜଣେ ସଫ୍ଟୱେର ଇଞ୍ଜିନିଅର ।

କିଛି ଦିନ ପରେ ସତ୍ୟ ପୋଖରୀ ରେ ମାଛ ଆଉ ଚିଙ୍ଗୁଡ଼ି ଚାଷ ଆରମ୍ଭ କଲା । ପୋଖରୀ କୂଳରେ ଘର ତିଆରି କରି କୁକୁଡ଼ା ଫାର୍ମ ବି କଲା, ଆଉ ତା ଜମିରେ ଗୋଟେ ଛୋଟ ଚାଳିଆ କରି ସେଠି ରହିଲା । ପଇସା ନଥିବାରୁ ସେ ଦେବାଳିଆ ହୋଇ ଯାଇଥିଲା । ବାଙ୍ଗାଲୋର ରେ ଥିବା ସାଙ୍ଗ ମାନଙ୍କଠୁ ବି ସେ ହାତ ଉଧାରୀ ରେ ୮-୧୦ ଲକ୍ଷ ଟଙ୍କା

To read the complete magazine, Download it for FREE from www.aahwaan.com

ଆଣି ସାରିଥିଲା । ବେଳେ ବେଳେ ଭାବେ ଏସବୁ ଠାରୁ ତ ସଫ୍ଟୱେର ଚାକିରୀ ଭଲ ଥିଲା । ସୁଲଗ୍ନା ଠିକ କହୁଥିଲେ । ଏବେ ସେ ଜାଣି ପାରୁଛି ଯେ ଅସୁବିଧା କଣ । ତାକୁ ସବୁ ଜିନିଷ ଆସ୍ତେ ଆସ୍ତେ କରିବାର ଥିଲା । ମାଛ ଚାଷ, କୁକୁଡ଼ା ଫାର୍ମ, ଘର ସବୁ ଏକାବେଳେ କରି ପକେଇବା ତାର ଭୁଲ ଥିଲା । ପିଲା ବେଳେ ଶୁଣିଥିବା ଗପ ଶିବେଇ ସାନ୍ତରା କଥା ତାର ଏବେ ମନେ ପଡୁଥିଲା, ତା ସହ ମନେ ପଡୁଥିଲା ସୁଲଗ୍ନା ର ରାଗ, ରିଣ୍ଟୁ ର କନକନିଆଁ ମୁହଁ ଆଉ ବାପା ଡାକ, ସୁଲଗ୍ନା ର ଭଲ ପାଇବା, ଅଫିସ ର କଲିଗ, ବ୍ୟାଗ ଭିତରେ ଟିଫିନ ବକ୍ସ, ରବିବାର ବୁଲାବୁଲି ଆଉ ସିନେମା ଦେଖା, ଏସି କାର, ଅଫିସ ଟ୍ରିପ, ଜୁନିଅର ଝିଅ ମାନଙ୍କର କୁନୁମୁନିଆଁ ଚାହାଣି, ବସ ର ଗାଳି, ଏଚ.ଆର. ର ପିଙ୍କ ସ୍ଲିପ, ଆଉ ଚାକିରୀ ଖୋଜା । ଅଫିସ କଥା ମନେ ପଡିବା କ୍ଷଣି ତା ମୁହଁ ଲାଲ ହୋଇ ଆସିଲା ଆଉ ସେ ନିଜକୁ ସହଜ କରିବାକୁ ଯାଇ ଆହୁରି ପରିଶ୍ରମ କଲା ।

କହନ୍ତି ମାଟି ସହ ମାଟି ହେଲେ ଯାଇ ସୁନା ଫଳେ । ପୋତା ଧନ ବୋଲି କିଛି ବି ନଥାଏ, ମାଟି ଖୋଳି ଦେହରୁ ଝାଳ ନିଗିଡ଼ିଲେ ଯାଇ ମାଟି ମା ତମ ମନ ରଖେ ଆଉ ତା ମାନ ବି ରଖେ । ସତ୍ୟ ଦିନ ରାତି ଏକ କରି ଦେଲା । ଆସ୍ତେ ଆସ୍ତେ ତା ଜମିରେ ସୁନା ଫଳିବାକୁ ଲାଗିଲେ । ଦି ବର୍ଷ ପରେ ସେ ପୋଖରୀ ଉପରେ ମଝା ମଝି ଗୋଟେ ଘର ତିଆରି କଲା ଆଉ ପୋଖରୀ ଉପରେ ବ୍ରିଜ କଲା, ସେ ଘରକୁ ଯିବା ପାଇଁ । ମାଛ ଆଉ ଚିଙ୍ଗୁଡ଼ି ଚାଷ ରୁ ବି ତାର ବହୁତ ଲାଭ ହେଲା । ଏପଟେ ଫୁଲ ବି ବହୁତ ବିକ୍ରି ହେଲା ବିଶେଷ କରି ବାହାଘର ସିଜିନ ଆଉ ଫେଷ୍ଟିଭାଲ ସିଜିନ ରେ । ଆସ୍ତେ ଆସ୍ତେ ତା ହାତକୁ ପଇସା ଆସିବାରେ ଲାଗିଲା । ନୂଆ ନୂଆ instrument use କରି ସେ କମ ଖର୍ଚ୍ଚରେ ଅଧିକ ଉପାର୍ଜନ କରୁଥିଲା । ଫୁଲ, ମାଛ ଆଉ ଚିଙ୍ଗୁଡ଼ି, ପନିପରିବା, ସବୁଥିରୁ ତାକୁ ଲାଭ ମିଳିବାରେ ଲାଗିଲା । ନଡ଼ିଆ, ଆମ୍ବ ଆଉ ପଣସ ର ସବୁ କଲମୀ ଚାରା ଥିବାରୁ ସେଗୁଡିକ

To read the complete magazine, Download it for FREE from www.aahwaan.com

ବି ଫଳ ଧରିବାରେ ଲାଗିଲା । ମୋଟା ମୋଟୀ ଏବେ ତା ପାଖକୁ କିଛି କିଛି ପଇସା ଆସିଲା ପରେ ତା ପରିଶ୍ରମର ଫଳ ମିଳିଲା ପରି ତାକୁ ଲାଗୁଥିଲା । ସତ୍ୟ ସବୁ ହାତ ଉଧାରୀ ସୁଝା ସୁଝି କରି ବ୍ୟାଙ୍କ ଲୋନ ବି ସୁଝି ଦେଲା । ଆସ୍ତେ ଆସ୍ତେ ବନ୍ଧା ପକେଇଥିବା ଘରକୁ ମୁକୁଳେଇ ଆଣିଲା ।

ଏଇ ଭିତରେ ବିତି ଯାଇଛି ୬ ବର୍ଷ । ସୁଲଗ୍ନା ଆଉ ସତ୍ୟ ବହୁ ବାଧା ବିଘ୍ନ ର ସମ୍ମୁଖୀନ ହେଲା ପରେ ବି କେହି କାହା ପାଖକୁ ଫୋନ କରି ନାହାନ୍ତି । ସୁଲଗ୍ନା କୁ ବି ଅସୁବିଧା ର ସାମ୍ନା କରିବାକୁ ପଡିଛି । ସକାଳୁ ରୋଷେଇ ସାରି ସ୍କୁଲ, ସନ୍ଧ୍ୟାରେ ରୋଷେଇ ସହ ରିଣ୍ଟୁ ର ପାଠ ପଢା । ଏକା ଏକା ମଣିଷ । ବଜାର ସଉଦା ଠୁ ରୋଷେଇ ଯାଏ, ଘରକାମଠୁ ବାହାର ଯାଏ, ସବୁ ତାଙ୍କୁ ହିଁ କରିବାକୁ ପଡ଼େ । ରିଣ୍ଟୁ ର ପାଠ ପଢା, କୁ ନେଇ ସେ ସିରିଏସ ଥାନ୍ତି । ରିଣ୍ଟୁ, ଏ ବର୍ଷ +2 ପାସ କଲା ଆଉ ଇଞ୍ଜିନିଅରିଂ ଏଣ୍ଟ୍ରାନ୍ସ ପାଇ ଇଞ୍ଜିନିଅରିଂ ପଢିବାକୁ ଗଲା । ତା କଲେଜ ଫିସ, ହଷ୍ଟେଲ ଫିସ, ଆଉ ସବୁ ବାବଦରେ ଟଙ୍କା ଦରକାର ଥିଲା, କିନ୍ତୁ ସୁଲଗ୍ନା ଫୋନ ବି କଲାନାହିଁ ସତ୍ୟ କୁ, ନିଜର ସୁନା ବନ୍ଧା ପକେଇ ବ୍ୟାଙ୍କ ରୁ ଟଙ୍କା ଆଣି ତା ନାଁ ଲେଖେଇଲା । ରିଣ୍ଟୁ ହଷ୍ଟେଲ କୁ ପଳେଇଲା ପରେ ସୁଲଗ୍ନା ଏକା ହୋଇଗଲା । ଏଥର ସବୁବେଳେ ସତ୍ୟ ମନରେ ଆସିବାକୁ ଲାଗିଲେ । କିନ୍ତୁ ସୁଲଗ୍ନା କେଉଁ ମୁହଁ ରେ ଫୋନ କରିବେ ? ଯେତେବେଳେ ସତ୍ୟ ଫୋନ କରୁଥିଲେ ଆଉ କଥା ହେବାକୁ ଚାହୁଁଥିଲେ ସେତେବେଳେ ତ ସୁଲଗ୍ନା ନିଜେ ଇଗନୋର କରିଛି ଏବେ ଆଉ ମୁହଁ ଅଛି ? ସତ୍ୟ ଅବସ୍ଥା ଏବେ କ'ଣ, ସେ କଥା ବି ସୁଲଗ୍ନା ଜାଣିନି । କିନ୍ତୁ ଏକା ଏକା ଘର ତାଙ୍କୁ ଖାଇ ଗୋଡାଉ ଥିଲା । ନାଁ ଆଉ ନୁହଁ, ସୁଲଗ୍ନା ଏବେ ସତ୍ୟ କୁ ହିଁ ଝୁରି ହେଉଥିଲେ । ଯେମିତି ହେଲେ ସତ୍ୟ ବିଷୟରେ ଜାଣିବା ଦରକାର । ସେ ତ ଏମିତି ଜିଦିଆ ଲୋକ ଯେ ଯେତେ ଅସୁବିଧାରେ ଥିଲେ ବି ପଦେ କହିବେନି । ଯେତେ କଷ୍ଟ ହେଲେ ବି ଉଁ କି ଚୁଁ

To read the complete magazine, Download it for FREE from www.aahwaan.com

କରିବେନି । ଏତେ ଥର ଫୋନ ନଉଠେଇଲେ ପରେ ବି ସେ ଫୋନ କରୁଥିଲେ କିନ୍ତୁ ଭୁଲ ତ ସୁଲଗ୍ନା କରିଛି ସିମ ବଦଳେଇ । ନୂଆ ନମ୍ବର ତ ତାଙ୍କ ପାଖେ ନାହିଁ । ସେ ଅବା ଫୋନ କରିବେ କେମିତି । ସୁଲଗ୍ନା ଏଥର ସତ୍ୟ ର ନମ୍ବର ଡାଏଲ କଲେ ।

ସତ୍ୟ ପାଖରେ ଏବେ ପଇସା ଥିଲା । ମାଛ, ଚିଙ୍ଗୁଡ଼ି, ଫୁଲ, ପନିପରିବା, ଧାନ,ବାଦାମ ବିକ୍ରି କରି ଏବେ ପାଖା ପାଖି ୨୪ ଲକ୍ଷ ଟଙ୍କା ସେ ଇନକମ କରୁଛି ବର୍ଷକୁ । ମୁଲିଆ, କୋଠିଆ ଆଉ ସବୁ ଜିନିଷ ମିଶେଇ ୬-୭ ଲକ୍ଷ ଗଲା ପରେ ବି ଲାଭ ପାଖାପାଖି ୧୫-୧୭ ଲକ୍ଷ । ଏବେ ସେ ଟ୍ରାକଟର କିଣି ନିଜେ ଚାଷ କରୁଛି । ପୋଖତ ଚାଷୀ ହେଇ ଯାଇଛି ଏଇ ୬ ବର୍ଷ ଭିତରେ । ହାଟରେ ତ ତା ପରିବା ପାଇଁ ବାଡିଆ ପିଟା, କାରଣ ସେ ରାସାୟନିକ ସାର ବ୍ୟବହାର କରେ ନାହିଁ । pure organic ରେ ଚାଷ କରେ । ତା ପୋଖରୀ ର ମାଛ ଆଉ ଚିଙ୍ଗୁଡ଼ି ଟେଷ୍ଟ ବି ଭଲ । ଏବେ ତାକୁ ଆଉ ବଜାର କୁ ଯିବାକୁ ପଡୁନି । ବେପାରୀ ମାନେ ଆସି ତା ଜମିରୁ ହିଁ ନେଇ ଯାଉଛନ୍ତି । ସବୁ କାମ ପାଇଁ ମ୍ୟାନେଜର ଅଛନ୍ତି । ସେ ଏବେ ଜଣେ ସଫଳ ଚାଷୀ ।

ପୋଖରୀ ମଝାମଝି ଥିବା ଘର ର ଚଉତରା ଉପରେ ବସି ସତ୍ୟ ପଛ କଥା ସବୁ ମନେ ପକାଉଥିଲା । ସୁଲଗ୍ନା କାହିଁକି ଆଜି ବେଶୀ ବେଶୀ ମନେ ପଡୁଥିଲେ । ରିଣ୍ଟୁ ତ କେତେ ବଡ ହୋଇ ଯିବଣି । କଣ ପଢୁଥିବ ଏବେ, କିଛି ବି ଖବର ନାହିଁ ତା ପାଖରେ । ବାପା ହେଇ ପୁଅ ର ଖବର ରଖିନି । କିନ୍ତୁ ସେ ତ ଚେଷ୍ଟା କରିଥିଲା । ସୁଲଗ୍ନା ନମ୍ବର ବଦଳେଇ ଦେଲା । ପଡୋଶୀ କୁ ଗାଳି କଲା, ସେ ଅବା କଣ କରି ପାରିବ ? ଏତିକି ବେଳେ ତା ଫୋନ ରିଂ ହେଲା । ସେ ଫୋନ ଉଠେଇ ହାଲୋ ବୋଲି କହିଲା ।

– କିଛି ସଁ ସଁ ଶବ୍ଦ ।

To read the complete magazine, Download it for FREE from www.aahwaan.com

– ହାଲୋ, କିଏ କହୁଥିଲେ ?

– (କେବଳ ନିଶ୍ୱାସ ର ଶବ୍ଦ ଶୁଭୁ ଥାଏ)

ସେପଟୁ କେହି କିଛି କହୁ ନଥିଲେ ବି ନିଶ୍ୱାସ ରୁ ସେ ଜାଣି ପାରିଲା ସୁଲଗ୍ନା ଫୋନ କରିଛି ।

– ସୁଲଗ୍ନା !

– (ଏବେ, ସୁଲଗ୍ନା ଆଉ କୋହ ସମ୍ଭାଳି ପାରିଲେ ନାହିଁ । କଇଁ କଇଁ ହୋଇ କାନ୍ଦି ଉଠିଲେ )

ସତ୍ୟ ର ଦେହରେ ପର ଲାଗିଗଲା ଯେମିତି । ତଡ଼ିତ ବେଗରେ ତା ଦେହରେ ୧୦୦୦ ଭୋଲ୍ଟ ର ବିଜୁଳି ପ୍ରବାହିତ ହେଇ ଗଲା । ସେ ବସିବା ଜାଗାରୁ ଉଠି ଆସିଲା ଆଉ କହିଲା, "ସୁଲଗ୍ନା, ମୁଁ .. ମୁଁ ସତ୍ୟ କହୁଛି । କେମିତି ଅଛ ? ଏଇ ଗୋଟିଏ ଦିନକୁ ମୁଁ ଛଅ ବର୍ଷ ହେଲାଣି ଅପେକ୍ଷା କରିଛି । ରିଣ୍ଟୁ, କେମିତି ଅଛି ? କଣ କରୁଛି ସେ ? ସବୁ ଭଲ ? କେମିତି ଅଛ ଦି ଜଣ ? ମୋ ଫୋନ କାହିଁକି ଉଠାଉ ନଥିଲ ? "

ଫୋନ କଟିଗଲା । ସତ୍ୟ ଏଥର ସେ ଫୋନ କୁ ଡାଏଲ କଲା । ଆଉ ସୁଲଗ୍ନା ସେପଟୁ ଫୋନ ଉଠେଇଲା ।

–ସୁଲଗ୍ନା, ପ୍ଲିଜ, ଫୋନ କାଟନି । ମୁଁ ଛଅ ବର୍ଷ ହେଲାଣି ଅପେକ୍ଷା କରିଛି ତମ କଥା ପଦେ ଶୁଣିବା ପାଇଁ । ରିଣ୍ଟୁ ଠାରୁ ବାପା ଡାକ ଶୁଣିବାକୁ ପାଗଳ ହେଇ ଗଲିଣି । ପ୍ଲିଜ୍, କଥା ପଦେ କୁହ । କେମିତି ଅଛ । ସତ୍ୟ କଥା ହେଲା ବେଳେ କାନ୍ଦ କାନ୍ଦ ହେଇ ଯାଇଥିଲା । ପଛ ଆଡକୁ ତା କଥା ଗୁଡା କଇଁ କଇଁ ଶୁଭୁ ଥାଏ ।

To read the complete magazine, Download it for FREE from www.aahwaan.com

କିଛି ସମୟ ନୀରବତା ପରେ, ଦୁହେଁ ଦୁହିଁ ଙ୍କୁ କ୍ଷମା ମାଗିବା ସହ ନିଜ ନିଜ କୃତ କର୍ମ ର ବିସ୍ଲେସଣ ପୂର୍ବକ କଥା ଦେଲେ ଯେ ସେମାନେ ବହୁତ ଶୀଘ୍ର ଏକାଠି ହେବେ । ସୁଲଗ୍ନା ବି ଏକଥା ରିଣ୍ଟୁ କୁ ଜଣେଇ ଦେଲେ । ରିଣ୍ଟୁର ତ ଖୁସି ଦେଖେ କିଏ ।

ଉଡ଼ାଜାହାଜ ରେ ଟିକେଟ କରି ସତ୍ୟ ଏବେ ବାଙ୍ଗାଲୋର ଅଭିମୁଖେ । ସୁଲଗ୍ନା ଆଉ ରିଣ୍ଟୁ ବି ଅପେକ୍ଷା କରି ଥାନ୍ତି airport ରେ । ସତ୍ୟ ବାଙ୍ଗାଲୋର ରେ ପହଁଚିଲା ପରେ, airport ରୁ ବାହାରକୁ ଆସିଲା ।  ସତ୍ୟ କୁ ଦେଖି ରିଣ୍ଟୁ ଧାଇଁ ଆସି କୁଣ୍ଢେଇ ପକେଇଲା । ସୁଲଗ୍ନାଙ୍କ ଆଖି ରୁ ଧାର ଧାର ଲୁହ ବୋହି ଯାଉଥାଏ । ସତ୍ୟ ଆଉ ସୁଲଗ୍ନା ର ଆଖି ରେ ଆଖି ମିଶିଗଲା । ଏଇ ମୁହୂର୍ତ୍ତ ରେ ଯେମିତି କି ପୁରା ଦୁନିଆ ସ୍ତବ୍ଧ ହୋଇ ଯାଇଥାଏ । ପବନ ଅଟକି ଯାଇଥାଏ । ଲୋକ ଗୁଡିକ ଚାଲୁ ଚାଲୁ ଅଟକି ଯାଇ ଥାନ୍ତି । କେବଳ ସତ୍ୟ ଆଉ ସୁଲଗ୍ନା କୁ ଛାଡି ବାକି ପୁରା ଦୁନିଆ ମୂର୍ତ୍ତି ହୋଇ ଯାଇ ଥାଏ । ଏଇ ଦୁଇ ଜଣଙ୍କୁ ନା କିଛି ଦେଖା ଯାଉ ଥାଏ ନା କିଛି ଶୁଣା ଯାଉଥାଏ । ଦୁନିଆ ର ଦୁଇଟି ପ୍ରେମପକ୍ଷୀ ର ମହାମିଳନ ଆଜି ଛଅ ବର୍ଷ ପରେ ହେଉଥାଏ । ଦୁହେଁ ଦୁହିଁଙ୍କୁ ଦେଖୁ ଥାନ୍ତି । ଦୁହିଁଙ୍କ ଆଖିରୁ ଲୁହ ବୋହି ଯାଉଥାଏ ...

ଦୁଇ ଦିନ ପରେ ସମସ୍ତେ ଗାଁ କୁ ଆସିଲେ । ସୁଲଗ୍ନା ତ ଜମି ଆଉ ଫସଲ ଦେଖି କାବା ହେଇ ଯାଉଥାନ୍ତି । ଏତେ ବଡ ଜାଗା । ଫସଲ ରେ ଭରପୁର । ହଳିଆ ମୁଲିଆ ସବୁ କାମ ରେ ଲାଗିଥାନ୍ତି । ପୋଖରୀ ଉପରେ ଘର ତାଙ୍କୁ ସ୍ୱର୍ଗରେ ଥିଲା ପରି ଲାଗୁ ଥାଏ । ଘରୁ ପୁରା ଜମି ଦେଖା ଯାଉ ଥାଏ । ବିଭିନ୍ନ ପ୍ରକାର ଫସଲ, ପୋଖରୀ ରେ ମାଛ, ଫାର୍ମ ରେ କୁକୁଡ଼ା, ନଡ଼ିଆ ଗଛ ସବୁ ଦେଖି ସୁଲଗ୍ନା ବୁଝି ପରୁଥାନ୍ତି ଯେ ସତ୍ୟଙ୍କୁ କେତେ ପରିଶ୍ରମ କରିବାକୁ ପଡ଼ିଥିବ । ନିଜକୁ ନିଜେ ଦୋଷ ଦେଉଥାନ୍ତି ଯେ ସତ୍ୟଙ୍କ ଏ ସଂଘର୍ଷ ବେଳରେ ସେ ତାଙ୍କ ପାଖେ ନଥିଲେ । ସୁଲଗ୍ନା ଏବେ ବୁଝି ପାରୁଥିଲେ ଯେ କୌଣସି କାମ ଛୋଟ ନୁହଁ

To read the complete magazine, Download it for FREE from www.aahwaan.com

। ନିଜ ମନ ପ୍ରାଣ ଢାଳି ଚାଷ କଲେ ବି ଏ ଧରିତ୍ରୀ ମା ତମକୁ କେବେ ବି ହତାଶ କରିବନି । ବରଂ ତମେ ଅଧିକ ଉପାର୍ଜନ କରି ପାରିବ । ପର ପାଖରେ ମୁଣ୍ଡ ବିକି ଡରି ଡରି ଜୀବନ ସାରା ଚଳିବା ଅପେକ୍ଷା ନିଜେ ଚାଷ କରି ଉପାର୍ଜନ କରି ସମାଜରେ ମୁଣ୍ଡ ଟେକି ଚାଲିବା ଶ୍ରେୟସ୍କର । ଆହୁରି ବି ବୁଝି ପାରିଥିଲେ ଯେ ଖାଲି ସଫ୍ଟୱେର ଇଣ୍ଡଷ୍ଟ୍ରି ରେ ପଇସା ଅଛି ସେକଥା ନୁହଁ, ଜୀବନ ଯିବାର ଭୟ ବି ଅଛି । କିଛି ଲୋକ ତ ଚାକିରୀ ଯିବା ପରେ ଆତ୍ମହତ୍ୟା କରିଛନ୍ତି ଆଉ କିଛି ଘର ଆଉ କାର ର ଲୋନ ସୁଝି ନପାରି ପଳାତକ ସାଜିଛନ୍ତି । କିଛି ଜଣ ତ ଏବେ ଯାଏ ବି ଚାକିରୀ ଆଉ ଥରେ ନପାଇ ବାଙ୍ଗାଲୋର ରେ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି । ସତ୍ୟ ଯାହା ବି ଡିସିସନ ନେଇଥିଲେ ତାହା ଠିକ ଥିଲା ବୋଲି ସେ ଏବେ ହୃଦୟଙ୍ଗମ କରୁଥିଲେ ।

ସୁଲଗ୍ନା, ସତ୍ୟ କୁ କ୍ଷମା ମାଗିବା ପାଇଁ, ତାଙ୍କ ଗୋଡ ଧରି ପକେଇଲେ । କିନ୍ତୁ ସତ୍ୟ ତାଙ୍କୁ ଧରି ପକେଇ କୋଳେଇ ନେଲେ ଆଉ କହିଲେ, ସୁଲଗ୍ନା, ତମ ପାଇଁ ହିଁ ମୁଁ ଆଜି ଏଠାରେ ପହଞ୍ଚିଛି । ତମେ ସେଦିନ ଯଦି ମୋତେ କଡା କଥା କହି ନଥାନ୍ତ, ଆଉ ଫୋନ ବନ୍ଦ କରି ନଥାନ୍ତ, ମୁଁ ମୋ ଜିଦି ରେ ରହି ଏତେ ବାଟ ପହଞ୍ଚି ପାରି ନଥାନ୍ତି । ତେଣୁ ମୋ ଗୋଡ ଧରି ମୋତେ ଛୋଟ କରି ଦିଅନି । ଏସବୁ ତୁମ ତ୍ୟାଗ ର ଫଳ ।

ରିଣ୍ଟୁ ସବୁ ଦେଖି କହିଲା, "ବାପା ମୁଁ ବି ଇଞ୍ଜିନିଅରିଂ ସାରିଲା ପରେ ଏଇଠି ରହିବି, ପର ପାଖରେ ଚାକିରୀ କରି ମୁଣ୍ଡ ବିକ୍ରି କରି ପାରିବି ନାହିଁ । ସତ୍ୟ ଆଉ ସୁଲଗ୍ନା ଦୁହେଁ ଦୁହିଁଙ୍କୁ ଚାହିଁ ହସୁଥିଲେ ଆଉ ପୁଅ କୁ କୋଳେଇ ନେଲେ ।

ସତ୍ୟ ଏବେ ଗାଁ ର ମଉଡମଣୀ । ଗାଁ ର ପାଖା ପାଖି ୧୦୦ ଲୋକଙ୍କୁ ସେ କାମ ଯୋଗେଇ ଦେଇଛି । ନୂଆ ନୂଆ କିସମର ବିହନ ଆଉ କମ ଖର୍ଚରେ ବେଶୀ ଫଳୁଥିବା

To read the complete magazine, Download it for FREE from www.aahwaan.com

ବିହନ ସେ ଆଣି ନୂଆ ନୂଆ ଏକ୍ସପେରିମେଣ୍ଟ ବି କରୁଛି । ଗାଁ ରେ କିଛି ବି ହେଲେ ସତ୍ୟ ବାବୁ । ସତ୍ୟ ଏବେ ଗାଁ ରେ ଗୋଟେ ଇଂଲିଶ ମିଡ଼ିଅମ ସ୍କୁଲ ବି ଖୋଲିଚି, ଯେଉଁଠି ଗାଁ ର ସବୁ ଛୁଆ ମାଗଣା ରେ ପାଠ ପଢୁଛନ୍ତି । ସ୍କୁଲ ତରଫରୁ ବହି ଆଉ ୟୁନିଫର୍ମ ବି ବିନା ମୂଲ୍ୟ ରେ ଯୋଗେଇ ଦିଆ ଯାଉଛି । ସୁଲଗ୍ନା ହେଲେ ସେ ସ୍କୁଲ ର ମାଷ୍ଟ୍ରାଣୀ । ୩ ବର୍ଷ ହେଲା ଗାଁ ରେ କେହି ଜଣେ ବି ଋଣ ଭାରରେ ବୁଡି ନାହାନ୍ତି । ସତ୍ୟ ବାବୁ ସମସ୍ତଙ୍କୁ ବିନା ସୁଧରେ ପଇସା ଦିଅନ୍ତି ଆଉ ଅମଳ ପରେ ସେମାନେ ସତ୍ୟ ବାବୁଙ୍କୁ ପଇସା ଫେରାନ୍ତି ।

ଆହୁରି ବି ସତ୍ୟ ଏବେ ଗାଁ ରେ ଗୋଟେ ଫାର୍ମ ଭିଲା ହୋଟେଲ ଖୋଲିଛି । ଯେଉଁଠି ଲୋକମାନେ ରହିବା ସହ ନିଜେ ବନିସୀ ପକେଇ ମାଛ ଧରି ପାରିବେ । ନିଜେ ନିଜେ ଜମିରୁ ପନିପରିବା ତୋଳି ରୋଷେଇ କରି ପାରିବେ । ନଡ଼ିଆ ଆଉ ଆମ୍ବ ତୋଳି ଖାଇ ପାରିବେ ଆଉ ଚାହିଁଲେ ପୋଖରୀ ମଝିରେ ସନ୍ଧ୍ୟାରେ କ୍ୟାମ୍ପ ଫାଇଆର କରି ମଉଜ ମଜଲିଶ କରି ପାରିବେ । ସତ୍ୟ ର ଏବେ ର ରୋଜଗାର ବର୍ଷକୁ ୩୬ ଲକ୍ଷ ଟଙ୍କା ।

ସେଦିନ ସନ୍ଧ୍ୟା ରେ ଦିହେଁ ଏକାଠି ବସି, ଛୋଟ ବେଳେ ସାହିତ୍ୟ ବହିରେ ପଢିଥିବା ଗୀତ "ଚାଷ ଅଛି ଯାହାର, କି ଆନନ୍ଦ ତାହାର" କୁ ମନେ ପକାଉ ଥିଲେ ।

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ମୁକ୍ତ



ପରମିତା ମିଶ୍ର

ପିଲାଟି ଦିନରୁ ଗୋଟିଏ ସ୍ୱପ୍ନ ଦେଖି ଦେଖି ବଡ ହୋଇଛି ଶୋଇକି ବି ଆଉ ଚେଇଁ କି ବି, ଯେ ଦିନେ ବଡ ହେବି ଆଉ ବାହାହୋଇ ଯିବି, କାହା ଅଗଣାର ତୁଳସୀ ଆଉ ମାଣବସାର ଲକ୍ଷ୍ମୀଟିଏ ହେବି, ସୁଂଦର ପୁଅ ଆଉ ଝିଅଙ୍କୁ ଜନ୍ମ ଦେବି, ଆଉ ସ୍ୱାମୀ ଶାଶୁ ଶ୍ୱଶୁରଙ୍କ ସେବାରେ ମୋର ଜୀବନ ଧନ୍ୟ ହେଇଯିବ । ପାଠ....... ମୋ ଅଭିଧାନରେ ପାଠର ଅର୍ଥ କେବଳ ଚୁଲିମୁଣ୍ଡରୁ ଘର ଅଗଣା ଦେଇ ସ୍ୱାମିର ସୋଇବା ଘର ଯାଏଁ । ମୋର ଆଦର୍ଶ ଆମ ସାହି ପଡିଶା ଝିଅ ଆଉ ଆମ ସମ୍ପର୍କିୟ ବଡ ଭଉଣୀ ମାନେ । ସେମାନଙ୍କ ପରି ହେବା ହିଁ ମୋର ଲକ୍ଷ୍ୟ । ଆଉ ଏଥିରେ ବା ଭୁଲ କଣ ?

ପାଠ ପଢାରେ ପୁର୍ନଚ୍ଛେଦ ପକାଇ ମୋ ପାଇଁ ପ୍ରସ୍ତାବ ଖୋଜା ଚାଲିଥାଏ । ଝିଅଟିଏକୁ କାଳେ ୧୦୦ରୁ ୧୦୦ ହେବାର ଥାଏ, ରୁପରେ ଆଉ ଗୁଣରେ । ଝିଅଟିଏକୁ ଯଦି ରୁପରେ ହାଙ୍କାଯାଏ ତେବେ ମୋର ସ୍ଥାନ ନିଶ୍ଚୟ ଶେଷରୁ ଆରମ୍ଭ ହେବ, ଏଠି ପୁଣି ଗୁଣ କଥା ଆଉ ଶୁଣୁଛି କିଏ ?

To read the complete magazine, Download it for FREE from www.aahwaan.com

ବଡ ଯତନ କଲା ପରେ ଯାଇ ବହାଘର ଠିକ ହେଲା,ବେଶ୍` କିଛି ଛାନଭିନ କରିବାକୁ ଆଉ ଡର କାହାକୁ !ସଅଳ ସଅଳ ବାହାଘର କାମ ଛିଡି ଗଲା ।ସରକାରି ଚାକିରି ଟିଏ କରିଛନ୍ତି ସେ ,ୟା ଠୁ ଅଧିକା ଅଶା କରିବା. ସିମା ବାହାରକୁ ଜିବା ଭଳି । ପିଲା ଦିନ ରୁ ଦେଖି ଥିବା ସ୍ୱପ୍ନ ଶେଷ ରେ ସତ ହୋଇଆସିଲା ।ମୁଁ ସତରେ ବାନ୍ଧି ହୋଇଗଲି ଏକ ଅଦୃଶ୍ୟ ଡୋରି ରେ,ବୋଧେ ସାରା ଜିବନ ପାଇଁ ।

ମତେ ବାହାହୋଇ କରିଥିବା ଉପକାର ର ବହୁତ ବଡ ମୁଲ୍ୟ ଦେଇଥିଲେ ମୋ ବାପା ମା ।ପିଲାଦିନୁ ମୁ ଦେଖି ଆଉ ଶୁଣି ଆସିଛି ,ମା ବଡ ପା ଦେଇ କୁ କହିଲାବେଳେ,ପୁରୁଷ ଙ୍କ ର କେବେ କୌଣସି ଭୁଲ ନଥାଏ,ଏହି କଥା କୁ ଆଖି ଆଗରେ ରଖି ମୁ ପ୍ରତି ଟି କାର୍ଯ୍ୟ ପାଇଁ ପ୍ରଥମରୁ ହିଁ କ୍ଷମା ମାଗିନିଏ କିଂତୁ ସେ ଅଲଗା କଥା ଯେ ସେ କେବେ ମତେ କ୍ଷମା କରିନାହାନ୍ତି ।ସ୍ୱାମି ବିରୋଧ ରେ କାହା ଅଗରେ ଆଉ କଣ ବୋଲି ଅଭିଯୋଗ କରିଥାଂତି ମୁଁ !ସେ ମତେ ମାରନ୍ତିନି କିଂତୁ ତାଂକ ଚିମୁଟା ରେ ମୋ ଦେହ ର କୌଣସି ଅଂଶ ବି ବଂଚିତ ନାହିଁ ଏୟା କହିବି ?ଥରେ ମୋ ଗାଲ ର ନାଲି କୁ ଦେଖି ମୋ ନଣ ନ୍ଦ କହିଲେ ତାଙ୍କ ଭାଇ କାଳେ ମତେ ଭାରି ଭଲପାଆନ୍ତି ।ଭାବିଲି ହଁ ନିଷ୍ଚୟ ସାରାଦେହ ରେ ତାଙ୍କ ଭଲ ପାଇବାର ଚିହ୍ନକୁ ବଡ ଜତ୍ନ ରେ ସାଇତି ଆଉ ଲୁଚାଇ ରଖେ ମୁ ।

ମା କେବେ ମତେ ପଚାରିନି ତୁ କେମିତି ଅଛୁ ବୋଲି, କେବେ ଥରେ କହିନି ଫେରିବାକୁ ଘରକୁ ।ଆଉ ମୁ ବି କେବେ ମା ଆଗରେ ଫରିୟାଦ କରିନି  କିଂତୁ ମନରେ ବେଳେର୍ବେଳେ ଭବେ ମୋ ଆଖିର କଥା  ମୋ ମା କଣ ବୁଝି ପାରୁନି ?

କିଛି ଦିନ ପରେ ମୋ ଜିବନ ରେ "ଖୁସି"ଆସିଲା ।ତାର କୁନି କୁନି ହାତ ରେ ସେ ଯେତେବେଳେ ମତେ ସ୍ପର୍ଷ କରେ ମତେ ଲାଗେ ମୋ ଦେହ ର ସମସ୍ତ କ୍ଷତ ରେ ସତେକି

To read the complete magazine, Download it for FREE from www.aahwaan.com

ଶିତଳ ଚଂଦନ ଲେପ ।ତା ହସ ରେ ମୋର ସବୁ ଯନ୍ତ୍ରଣା ର ଅଂତ ହୋଇଯାଏ ।କିଂତୁ ଏତେ ବର୍ଷ ଯାଏଁତ ଛୁଆ ଜନ୍ମ ନପାରି ସେଶ ରେ ଝିଅ ଜନ୍ମକରି କରିଥିବା ପାପ ର ଦଣ୍ଡ ଭୋଗିବା ଏବେ ବାକି ଥିଲା ମୋର ।

ପ୍ରଥମେ ପ୍ରଥମେ ଲୁଚାଇ ରଖୁଥିବା କ୍ଷତ ଏବେ ଆଉ ଲୁଚାଇ ବାକୁ ପଡୁନଥିଲା,ମେଡିକାଲ ଖଟ ଉପରେ ଖୁସି କୁ ଧରି ପଡିଥିବା ବେଳେ ପୋଲିସ୍ ମୋ ହାତ ଭାଙ୍ଗିବାର କାରଣ ପଚାରିଥିଲେ,କେମିତି ଯେ ମୁ ନିଜକୁ ରୋକୋଛି ମୁ ହିଁ ଜାଣେ ।ଖୁସି ର ରାଣ ଦେଇ ମାଁ ସେଦିନ ବି ମୋ ପାଟି ବନ୍ଦ କରିନେଲା ।ମୁଁ ମୋର ସେଇ ଭଙ୍ଗା ହାତ କେବଳ ମୋର ଏକ ଭୁଲ ବୋଲି କହି କେତେ ସୁଂଦର ଅଭିନୟ କରି ନେଲି ଆଉ ମୋର ସ୍ୱାମି ତଥାପି ରାଗ ଗରଗର ହୋଇ ମତେ ଚେତବନି ଦେଇ ଗଲେ”ତୁ ଘରକୁ ଫେର୍,ତୋ କଥା ବୁଝୁଛି”।

ସେତେବେଳେ ମୋ ଖୁସି କୁ ମାତ୍ର ୩ବର୍ଷ ହୋଇଥାଏ ଆଉ ଭାଗ୍ୟ ର ଅକାଳମେଘ ମୋ ଉପରେ ଏମିତି ବର୍ଷି ବାର ଥିଲା।ମୁ ଏମିତି ଜଣେ ଲୋକ ର ହାତ ଧରି ଥିଲି ଯାହାର ଭଲ ଗୁଣ ଗଣିଲେ କମ ପଡିଯିବ।ସୋମ ରସ ରେ ବୁଡି ରହିବା ତାଙ୍କ ର ଭାରି ପସନ୍ଦ କିନ୍ତୁ ସେଦିନ ମୋର ସହିବାର ସବୁ ସିମା ଶେଷ ହୋଇଗଲା ଜେତେବେଳେ ମୋ ଖୁସି ତା ବାପା କୁ ନିଜ ହାତ ରେ ସୁରା ର ଗିଲାସ ବଢେଇ ଦେବାକୁ ଗଲା।ମୁ ମନ ରେ ସ୍ଥିର କରିନେଲି ମୋ ଖୁସି କେବେ ତା ମା ର ପ୍ରତିଛବି ହେବନି ,ମୁ ତା ହାତ ରୁ ଗିଲାସ ଟି ଛଡେଇ ଖୁସି ବାପା ଉପରକୁ ଫୋପାଡି ଦେଇଥିଲି ବଦଳ ରେ ସେ ମୋ ଉପରେ ନିଜର ହାତ ସଫା କରି ରାଗିକି ଘରୁ ଚାଲିଗଲେ,ଆଉ ଯେଉଁ ରାଗ ଓ ନିଶାରେ ସେ ଘରୁ ଜାଇଥିଲେ ତାପରେ ଆଉ ଫେରି କି କେବେ ବି ଆସିଲେନି,ଆସିଲା ତ ତାଙ୍କର ନିର୍ଜିବ ଶରୀର ଟି।

To read the complete magazine, Download it for FREE from www.aahwaan.com

ମୁ ବୁଝିପାରୁନଥିଲି ଯେ ଏମିତି ପରିସ୍ଥିତି ରେ ମୁ  କଣ ପ୍ରତିକ୍ରିୟା କରିବି,କିଂତୁ ମୋ ଆଖିରେ ଟିକେ ବି ପାଣି ନଥିଲା।ମୋ କାନ ରେ ପଡୁଥିଲା "କେଡେ ଅଲକ୍ଷଣି ଏ ବୋହୁ ବାହାଘର ର ଦଶ ଟି ବର୍ଷ ରେ ସ୍ଵାମି କୁ ଗିଳି ଗଲା" ।ଦଶ ବର୍ଷ୍ !ମୁଁ ନିଆଁ କୁ ମୋ ଛତି ଉପ୍ରେ ଧରି  ବଂଚି ଥିଲି ।କିଂତୁ ଏବେ ତ ମୋର ଭୁଲ ଆହୁରି ବଢି ଯାଇଥିଲା।ଏ ଏଂବ ବର୍ତମାନ ମୁ ସମ୍ପୁର୍ଣ ପାପି ହୋଇସାରିଥିଲି ।ମୋ ସମ୍ପୁର୍ଣ ପରିଚୟ ମୋ ଠୁ ଛଡାଇ ନିଆଗଲା ।ମୋ ଦେହ ର ସବୁ ରଙ୍ଗ ମୋ ଠୁ କାଢି ନେଇ କଲଙ୍କ ଙ୍କୁ ଧଳା ରଙ୍ଗ ରେ ରଙ୍ଗାଇ ମୋତେ ଢାଙ୍କି ଦିଆ ଗଲା ।ସମାଜ ରୁ ଅବାଂଛିତ କରି ମତେ ଅସମଜିକ ବୋଲି ଘୋଷଣା କରି ଦିଆଗଲା ।ଆଉ ସେହିଦିନ ହିଁ ମତେ ସେ ସୁନସାନରାତି ରେ ଏକାକି ବାହାରକୁ ତଡି ଦେଲେ ମୋ ନିଜର ଶାସୁ ଆଉ ଶ୍ଵଶୁର୍ ।

ଏତେ ବର୍ଷ ଦୁଃଖ ରେ ବିତାଇ କେବେ କାହାକୁ ଫରିୟାଦ କରିନଥିଲି ଆଉ ଆଜି ବା କଣ କରିବି ତେଣୁ ମୋ ଖୁସି କୁ ସାଥିରେ ନେଇ ଶୁନ୍ୟ ରାସ୍ତା ରେ ପାଦକୁ ଆଗକୁ ବଢାଉ ହିଁ ଥିଲି କି, କେହି ଜଣେ ମୋ ହାତ କୁ  ପଛପାଖୁ ଧରିନେଲା ,ତା ପଣତ କାନି ରେ ମୋ ଉଜୁଡି ଜାଇଥିବା ମଥା କୁ ପୋଛିଦେଲା,ଆଉ ମତେ ଭିଡିଧରି  ଧରି କହିଲା ଚାଲ ମୋ ସହ ।"ମାଁ" ମୋ ଆଗରେମାଆ ଠିଆ ହୋଇଥିଲା ମୋ ମୁହଁ ରୁ ବାହାରିଆସିଲା" ମାଁ ତମେ ?"ଇଛ ହେଉଥିଲା ମା କୁ ଭିଦି ଧରି ବହୁତକାଂଦିବାକୁ କିଂତୁ ମୋ ଭିତରେ ଯେ ଆଉ ଲୁହ ପାଇଁ ଜାଗା ନାହି ।ମୁ ରୋକଠୋକ ମନ କରିଦେଲି ତା ଙ୍କ ସହ ଜିବା ପାଇଁ କିଂତୁ ହଠାତ ମୋ ନଜର ପଡିଲା ତା ଗାଲ ର ନାଲି ଦାଗ ଉପରେ ।ସ୍ଵତଃ ପାଟିରୁ ବାହାରି ଆସିଲା ମାଁ ଏ ମାଡ,ମାଆ ତାସ୍ଛଲ୍ୟ ର ହସ ହସି କହିଲା ଆଉ ନୁହଁ ଚାଲ ମୋ ସହ ।ମୁ ଅବାକ ହୋଇ ମା ସହ ଚାଲିବାକୁ ଲାଗିଲି ,ଜାଣିନି କେତେବେଳେ ଆମେ ଟ୍ରେନରେ ବସିଲୁ

To read the complete magazine, Download it for FREE from www.aahwaan.com

ଆଉ କୁଆଡେ ବା ଗଲୁ ।ମୁ ହୋଶ ସମ୍ଭଳିଲା ବେଳକୁ ମୋ ଆଖିରୁ ଅଜାଡି ହୋଇପଡିଲା ମୋ ଭିତର ର ସମସ୍ତ ଦୁଃଖ ଯଂନ୍ତ୍ରଣା ର ଅସଂଶାରି ନଦୀର ଧାର,ମୋ ଆଗରେ ଯେ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ । ମା କହିଲେ କାନ୍ଦ୍,ଜେତିକି କାଂଦିବାର ଅଛି ତୁ କାଂଦ,ତୋ ମନ ରେ ଜାହା ଅଛି ସବୁ ଏଇ ବଡ ଠାକୁର ଆଗରେ  କହିଦେ ଆଉ ସତରେ ମୋ ଲୁହ ସହ ମୋ ଭିତର ର ସମସ୍ତ ଯନ୍ତ୍ରଣା ଧିରେ ବୋହି ବୋହି ବାହାରକୁ ଚାଲିବାକୁ ଲାଗିଲା,ମୁ ସେମିତି ଚାହିଁ ରହିଥିଲି ସେ କାଳିଆ ର ଚକା ଚକା ଆଖି ଜୁଗଲ କୁ ,ନା ମୋ ମନ ରେ କିଛି ପ୍ରଶ୍ନ ଥିଲା ନା କିଛି ଉତ୍ତର ।ହଠାତ ମାଆ ମୋ ସାମ୍ନା କୁ ଆସି ମୋ ମୁଣ୍ଡରେ ଭରି ଦେଇ ଗଲା କିଛି ମୁ ଚମକି ପଡି ଦେଖେ ତ ମୋ ମୁହ ଦେହ ରଙ୍ଗିନ ହୋଇ ଜାଇଛି  ,ମୁ ଚିତ୍କାରକରି କହିଲି ମା ତମେ ଏକଣ କଲ ମୁ ଯେ ବିଧବା ।ଏ ଅପରାଧ ଠାକୁରେ କେବେ କ୍ଷମା କରିବେନି ।ମୋ ସ୍ୱାମି....

ମା ଜଗନ୍ନାଥ ଙ୍କୁ ଚାହି କହିଲେ ଏଇ ଦୁନିଆ ରେ ଏ  ଜଣେ ହିଁ ପୁରୁଷ ଆଉ କେହି ନୁହଁ,ମୋତେ କ୍ଷମା କର ମା ମୁ ତତେ ଗୋଟେ ରାକ୍ଷ୍ୟାଶ ହାତ ରେ ଟେକିଦେଇଥିଲି ହେଲେ ଠାକୁରେ ମତେ ଗୋଟେ ମଉକା ଦେଇଛନ୍ତି ଆଜି ମୁ ସେ ଭୁଲ ସୁଧାରୁଛି ।କିଏ କହିଲା ତୁ ବିଧବା  ଏଇ ଦେଖ ଏ ଚକା ଆଖି କୁ ଏ ହେଲେ ତୋର ସ୍ୱାମି ,ଆଜିଠୁ ତୁ ସାରା ଜିବନ ପାଇଁ ତୁ ଅହ୍ୟ ରାଣି ।ଆଜି ଜାଏଁ ଜେଉଁ ଅଦେଖା ଦଦଉଡି ରେ ତୁ ବଂଧା ହୋଇଥିଲୁ ଆଜି ତୁ ମୁକ୍ତ ହେଲୁ ।ଜା ଆଜିଠୁ ତୁ ସେ ରାକ୍ଷ୍ୟାସ ର ବିଧବା ବେଡି ରୁ ଆଜାଦ ହେଲୁ ।ମୁଁ ତୋ ମାଆ ତୋ ସହ ଅଛି ।

ମଥାରେ ଝଟକୁ ଥିବା ସିଂଦୁର ଛୁଇଁ ଦେଖିଲା ପରେ ମୁ କେବଳ ଜଗନ୍ନାଥ ଙ୍କୁ ଚାହି ରହିଥିଲି ଆଉ ମୋ କାନ ରେ ମାଆ କହିଥିବା ପଦକ କଥା ହିଁ ଅହରହ ବାଜୁଥିଲା

To read the complete magazine, Download it for FREE from www.aahwaan.com

"ଆଜିଠୁ ତୁ ମୁକ୍ତ"

କଣ ସତରେ ? ? ? ? ? ? ? ? ? ? ? ?

ହାଉସିଂ ବୋର୍ଡ୍ କଲୋନୀ, ଆମ୍ବପୁଆ,

ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଅସରନ୍ତି ରହସ୍ୟ



ସୁଶାନ୍ତ ପୁରୋହିତ

(ଏକ ଇଂରେଜୀ ରହସ୍ୟ ଲୋକକଥାର ଛାୟାରେ ଲିଖିତ )

ଜନ ସେଦିନ ସ୍କୁଲରେ କାହିଁକି କେଜାଣି ଟିକେ ଅନ୍ୟମନସ୍କ ରହୁଥିଲା । ସାର ପଢ଼ାଉଥିବାବେଳେ କଣ ମନେ ହେଲା କେଜାଣି ତା ସାମନା ବେଞ୍ଚରେ ବସିଥିବା ତନୁ ପାତଳୀ ଝିଅ ଆଡ଼କୁ ଝୁଙ୍କି ଯାଇ ତାକୁ କହିଲା " red rose" ।

ଝିଅଟି ଉଠିଯାଇ ଜନକୁ ଠୋ କିନା ଚାପୁଡ଼ାଟିଏ ବଜେଇ ସାରଙ୍କ ପାଖକୁ ଯାଇ ନାଲିସ ବି କରିଦେଲା । ସାର ଜନକୁ ଡାକିଲେ । ପଚାରିଲେ "ତୁ ତାକୁ କଣ କହିଲୁ ?"

"Red rose", ଜନ ଡରିକି କହିଲା ।

ବାସ ଏତିକିରେ ସାର ରାଗିକି ତାକୁ ଧୁମ ବାଡେଇଲେ ଆଉ ଟାଣିକି ପ୍ରିନ୍ସିପାଲଙ୍କ ଚାମ୍ବରକୁ ନେଇଗଲେ । ସେଇଠି ବାହାରେ ଡାକରାକୁ ଅପେକ୍ଷା କଲା ବେଳେ ଜନ ଭାବୁଥାଏ କଣ ଏମିତି ଭୁଲ କଲା ଯେ ଏତେ ମାଡ଼ ଖାଇଲାଣି ?

To read the complete magazine, Download it for FREE from www.aahwaan.com

ପୁଣି ପ୍ରିନ୍‌ସିପାଲ କଣ କରିବେ କେଜାଣି ?

ଅନେକ ବେଳ ପରେ ଡାକରା ଆସିଲା । ଇଙ୍ଗିତରେ ପ୍ରିନ୍‌ସିପାଲ ତାକୁ ବସିବାକୁ କହି କାଗଜ ପତ୍ର ଦେଖୁଥାନ୍ତି ।

କିଛି ସମୟ ପରେ ସେ ଜନ ଆଡ଼େ ଦେଖିକି କହିଲେ, "କୁହ ଜନ, ତୁମେ ସେ ଝିଅକୁ କଣ କମେଣ୍ଟ ଦେଲ ? "

ଡରି ଡରି ଜନ କହିଲା, "ସାର, ମୁଁ ଖାଲି red rose କହିଲି । "

ହଠାତ୍ ଚିହିଁକି ଯାଇ ପ୍ରିନ୍‌ସିପାଲ ବଡ଼ ପାଟିରେ କହିଲେ, "ହଇରେ ବଜ୍ଜାତ, ତତେ ସ୍କୁଲରୁ ବାହାର କରାଗଲା ଏହି ମୁହୂର୍ତ୍ତରୁ । ତୁ ଜଲ୍‌ଦି ପଳା ଏଠାରୁ । ଆଉ କେବେ ସ୍କୁଲ ଭିତରକୁ ଆସିଲେ ତତେ ପୋଲିସରେ ଦେଇଦେବି । "

ଜନ ଆଉ କଣ କରିବ । ଗେଟ ପାଖକୁ ଆସି ସ୍କୁଲ ବସକୁ ଅପେକ୍ଷା କଲା । ଏତିକି ବେଳେ ବସର ହେଲ୍ପର ତାକୁ ଆସି ପଚାରିଲା କାହିଁକି ସେ ସ୍କୁଲଛୁଟି ହେବା ଆଗରୁ ଆସିଛି ବୋଲି । ଜନ ତାକୁ ତା ଦୁଃଖର କାହାଣୀ କହିବାରୁ ସେ ପଚାରିଲା, " ତୁ ସେ ଝିଅକୁ କଣ କହିଥିଲୁ ? "

ଯେମିତି ଜନ ତାକୁ ସତ କଥାଟି କହିଦେଲା ହେଲ୍ପର ତାକୁ ଗାଳି ଦେଇ ତଡ଼ିଦେଲା ଓ ବସରେ ଯାଇ ପାରିବୁନି କହିଲା ।

ବିଚରା ଜନ ଉପାୟ ନ ପାଇ ଚାଲି ଚାଲି ଘର ଆଡ଼େ ଗଲା । ଘରେ ଜନର ମା ତାକୁ ପଚାରିଲେ, "ଆରେ ଜନ ଆଜି କଣ ତୋ ଦେହ ଭଲନାହିଁ କି ? ଶୁଖିଲା ଦିଶୁଛୁ, କଣ ହେଲା କି ? "

To read the complete magazine, Download it for FREE from www.aahwaan.com

ଜନ ଭାବିଲା କେହି ନ ବୁଝିଲେ ବି ତା ମା ତ ବୁଝିବେ ସେ କିଛି ଭୁଲ କରିନି ବୋଲି !!!

ସେ ତାର ଅବସ୍ଥା ବିଷୟ କହିବାରୁ ତା ମା ତାକୁ ପଚାରିଲେ ତୁ ସେ ଝିଅକୁ କଣ କହିଲୁ ଯେ ତତେ ତଡିଦେଲେ ? "

ଜନ ନିରୀହ ଭାବେ କହିଲା, "ମା ମୁଁ ତ ତାକୁ ଖାଲି ମଜାରେ କହିଲି red rose ବୋଲି । ଆଉ କିଛି କହିନି । "

Red rose ନା ଶୁଣୁ ଶୁଣୁ ତା ମାଁ ରାଗିଗଲେ ଓ ଜନକୁ ଖୁବ ବାଡେଇ ରୁମ ଭିତରେ ବନ୍ଦ କରିଦେଲେ । ଜନ ଆହୁରି ହତାଶ ହେଇଗଲା । ମା ଯଦି ଏତେ ରାଗିଲେ ବାପା ତ ତାକୁ ଘରୁ ତଡି ଦେବେ ।

ସନ୍ଧ୍ୟାରେ ଜନର ବାପା ଆସିବା ଶବ୍ଦ ଶୁଣିଲା ଓ ତା ମା' ସଂଗେ କିଛି ଯୁକ୍ତି କରୁଥିବାର ଶୁଣିଲା । ତା ବାପା ତାପରେ ଦରଜା ଖୋଲି ତା ପାଖରେ ବସି ପଚାରିଲେ, "କେହି କିଛି ବୋଧେ ଭୁଲ ବୁଝିଛି । ଆମେ ବାପ ପୁଅ ତାକୁ ସମାଧାନ କରିଦେବା ଯେ । କହ ତୁ ସେ ଝିଅକୁ କଣ ଏମିତି କହିଲୁ ଯେ ତତେ ସ୍କୁଲରୁ ତଡି ଦେଲେ ? "

ଡରି ଡରି ଜନ କହିଲା, " ମୁଁ କେବଳ red rose କହିଲି ଆଉ କିଛି ନୁହେଁ । "

ଏଇ ଶବ୍ଦ ଶୁଣୁ ଶୁଣୁ ଜନର ବାପା ରାଗିଗଲେ ଓ କହିଲେ, "କୁଳାଙ୍ଗାର, ତୁ ଆଉ ମୋ ପୁଅ ନୋହୁ । ଯା ଏଇ ମୁହୁର୍ତ୍ତରେ ଘରୁ ବାହାରି ଯା । ତୋ ମୁହଁ ଆଉ ଏଠି ଦେଖାନି । "

ଜନ ଫେର ରାସ୍ତାକୁ ଆସିଗଲା । ଚାଲି ଚାଲି ବହୁ ଦୂର ଗଲାପରେ ତାକୁ ଜାଣିଥିବା ଦୋକାନୀଟିଏ ତା ଗାଡିରେ ଆସୁ ଆସୁ ତାକୁ ଦେଖିଲା । ତାକୁ ଗାଡିରେ ବସେଇ ନେଲା

To read the complete magazine, Download it for FREE from www.aahwaan.com

ସହର ଆଡେ । ବାଟରେ ସେ ପଚାରିଲା, "ଏକା କୁଆଡେ ଯାଉଛୁ ? ବାପା ଆସି ନାହାନ୍ତି କି ? "

ଜନ ତାକୁ ତା ଦୁଃଖ କାହାଣୀ କହିଲା କିପରି ସ୍କୁଲରୁ ତଡି ଦେଲେ ଓ ଘରୁ ବି ବାପା ବି ତଡିଲେ ଖାଲି ଝିଅଟେକୁ କିଛି କହିଦେଲା ବୋଲି । ଦୋକାନୀ କହିଲା, "ତୋତେ କମେଣ୍ଟ ଟିକେ ମାରିଛୁ ବୋଲି ତଡି ଦେଲେ ? ଏଇଟା ତ ଭାରି ଅନ୍ୟାୟ କଥା । ଚାଲ ଘରକୁ ଯିବା । ମୁଁ ତୋ ବାପାକୁ ବୁଝେଇ ଦେବି ଆଉ ତୁ ଅଲଗା ସ୍କୁଲରେ ପଢ଼ିବୁ । ତେବେ ତୁ ସେ ଝିଅ କୁ କଣ କହିଲୁ ? "

ଜନ ଯେମିତି ନାଁ ଟି ଧରିଛି ଜୋର ଚାଲୁଥିବା ଗାଡିକୁ ସେ ଦୋକାନୀ ହାଠାତ୍ ବ୍ରେକ ମାରି ରୋକି ଦେଲେ ଆଉ ଜନ ପଟର କବାଟ ଖୋଲି ଜନର କାନ ଧରି ଗାଡିରୁ ଓହ୍ଲେଇ ଦେଇ ଗାଡି ଧରି ବେଗେ ପଳେଇଲେ ।

ଜନ ସେଇଠି ଅବାକ ହେଇ ଛିଡ଼ା ହେଇ ଭାବିଲା ଏ କଣ ହେଉଛି ? ସେ ସ୍ୱପ୍ନ ଦେଖୁନି ତ । ଏଇ red rose କଥା ଶୁଣିଲେ ହିଁ ସମସ୍ତେ ତାର ଶତ୍ରୁ ପାଲଟି ଯାଉଛନ୍ତି । ଏବେ ଆଉ କଣ କରିବ ? ଚାଲି ଚାଲି ସହରକୁ ଗଲା । ପକେଟ ମନିରୁ କିଛି ଥିଲା ସେଥିରେ କିଛି କିଣି ଖାଇ ଗୋଟେ ଘର ବାରଣ୍ଡାରେ ଶୋଇଗଲା ।

ଜନ ସେତେ ବଡ଼ ପିଲା ହେଇ ନଥିଲେ ବି ଚାଲାକ ଥିଲା ଓ ପରିଶ୍ରମୀ । ତେଣୁ ସେ ଖୋଜି ଖୋଜି ଗୋଟିଏ ପେଟ୍ରୋଲ ପମ୍ପରେ କାମ ବି ପାଇଗଲା । ନିଜର ପରିଶ୍ରମ ଓ ଭଲ ବ୍ୟବହାର ଯୋଗୁଁ ସେ ପେଟ୍ରୋଲ ପମ୍ପ ମାଲିକଙ୍କ ସବୁଠୁ ବିଶ୍ୱାସ ଭାଜନ ହେଇଗଲା । ତାକୁ ମାଲିକ ତାଙ୍କ ଘର ଗେରେଜ ଉପରେ ଥିବା ଘର ବି ରହିବାକୁ ଦେଲେ । ଏବେ କେଇ ମାସ ପରେ ଜନର ମୁହଁରେ ହସ ଟିକିଏ ଦେଖିବାକୁ ମିଳିଲା । ଦରମା ପଇସାରେ

To read the complete magazine, Download it for FREE from www.aahwaan.com

ସେ ଆରାମରେ ରହିଲା ।

ଦିନେ ମାଲିକ ତାକୁ ରାତିରେ ଫେରିବା ବେଳେ ତାଙ୍କ ଗାଡ଼ିରେ ଲିଫ୍ଟ ଦେଇ ଆଣିଲେ । ବାଟରେ ତାକୁ ତା ନିଜ ବିଷୟରେ କହିବାକୁ କହିଲେ । ଜନ ତା ଦୁଃଖ କହିଲା । ମାଲିକଙ୍କ ଆଖି ଓଦା ହେଇଗଲା ତାର ଦୁଃଖ କାହାଣୀ ଶୁଣି । ତାଙ୍କର ପୁଅ ଝିଅ ନଥିଲେ । ସେ ଜନକୁ ତାଙ୍କ ପୁଅ ଭାବେ ଗ୍ରହଣ କରିବାକୁ କହିଲେ । ଜନ ଭାରି ଖୁସି ହେଇଗଲା । ତେବେ ମାଲିକ ହଠାତ ପଚାରିଲେ, "ଆଚ୍ଛା ଜନ, ତୁ ସେ ଝିଅକୁ ଏମିତି କଣ କହିଲୁ ଯେ ତୋର ଏ ଅବସ୍ଥା ହେଲା ? "

" red rose" ଜନ କହିଲା ।

ମାଲିକ ସେଇଠି କାର ରୋକିଦେଇ ଜନକୁ କହିଲେ, "ବଜ୍ଜାତ ଟୋକା, ତୁ ଏଇଠି ବାହାର । ତତେ ଚାକିରୀରୁ ବି ବାହାର କଲି । ତୋ ମୁହଁ ବି ଆଉ ଦେଖା ନି । "

ଅବାକ ଜନ ଆଉ କଣ କରିବ ? ସେଇଠି ଗଛ ମୂଳେ ଖାଡା ଉପାସରେ ଶୋଇଗଲା । ସକାଳେ ସେଇ ବାଟ ଦେଇ ଗୋଟେ ବସ ଯାଉଥିଲା । ସେଥିରେ ଚଢି ଗୋଟେ ବୁଢ଼ୀ ବସିଥିବା ସିଟ ପାଖେ ବସିଲା । କିଛି ସମୟ ପରେ ବୁଢ଼ୀ ଟି ତା ସହିତ କଥା ହେଇ ତା ବିଷୟ ପଚାରିଲା । ସେ ସବୁ କହିଲା ପରେ ବୁଢ଼ୀ ପଚାରିଲା

" ତୁ ସେ ଝିଅ କୁ କଣ କହିଲୁ ?"

ଯେମିତି ଜନ "red rose" କହିଛି, ବୁଢ଼ୀ ଉଠିପଡ଼ି ତା ବାଡ଼ିରେ ଜନକୁ ବାଡ଼େଇବା ଆରମ୍ଭ କରିଦେଲା ଓ ପାଟି କଲା । ବସ ବି ରହିଗଲା । ଜନ ଡରିକି ବସରୁ ଉତୁରି ରାସ୍ତା ଆର ପଟକୁ ଦୌଡ଼ିଲା । ସେତେବେଳେ ଗୋଟିଏ ଟ୍ରକ ଜୋରରେ ଆସୁଥିଲା । ଆଉ.....

To read the complete magazine, Download it for FREE from www.aahwaan.com

ସବୁ ଶେଷ ।

( ସେହି ଅଂଚଳ ଲୋକ ମୁଖରେ କଥାଟିଏ ଚାଲେ । ବହୁ ଆଗରୁ red rose ନାଁ ରେ ଗୋଟେ ଝିଅ ଥିଲା । ସେହି ଅଂଚଳର କିଛି ଦୁଷ୍ଟ ଲୋକ ତା ଉପରେ ବ୍ୟଭିଚାର କରିବାରୁ ସେ ପାହାଡ଼ ଉପରକୁ ଚଢିଯାଇ ଅଭିଶାପ ଦେଲା ଯେ ଯିଏ red rose ନାଁ ନେବ ତାର ଶୋଚନୀୟ ଭାବେ ମୃତ୍ୟୁ ହେବ । ଏହି କଥା ଟି କିମ୍ବଦନ୍ତୀ ଭାବେ ରହିଗଲା ଯେତେବେଳେ ପର ସମୟରେ  ସତକୁ ସତ ଜଣେ ଲୋକର  ବଡ଼ ଦୟନୀୟ ଭାବେ ମୃତ୍ୟୁ ହେଲା ଓ ଜଣା ଗଲା ଯେ ସେ red rose ବୋଲି ଗୋଟିଏ ଝିଅକୁ ଡାକି ଦେଇଥିଲା । ସେଇ ଦିନ ଠୁ ସେଇ ସହର ଓ ଆଖ ପାଖରେ କେହି ଭୁଲରେ ବି red rose ନା ଧରନ୍ତିନି । ଜନ ଏ କଥା ଜାଣି ନଥିଲା  ।)

ସୁଶାନ୍ତ ପୁରୋହିତ
ଅବସରପ୍ରାପ୍ତ ଅଧ୍ୟାକ୍ଷ୍ୟ
ସମ୍ବଲପୁର

To read the complete magazine, Download it for FREE from www.aahwaan.com

# ଅନ୍ତିମ ସଂସ୍କାର



ପ୍ରଣତି ମହାପାତ୍ର

ଦିନ ସାରା ପଥଚଲା ପରିଶ୍ରମ ତଥା ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ଶାରୀରିକ କ୍ଲେଶଯୁକ୍ତ ଶରୀରଟାକୁ ଅସଜଡା ଶେଯରେ ଗଡ଼ାଇ ଦେଇଥାଏ । ଏକ ବିଶେଷ କାରଣରୁ ଜଣକ ସହିତ ଭେଟିବାକୁ ଯାଇଥାଏ । ଗନ୍ତବ୍ୟ ସ୍ଥଳରେ ପହଞ୍ଚିଗଲି ଏବଂ ଅପେକ୍ଷା କଲି ଆସିବାକୁ ଉପରିସ୍ଥ ଅଧିକାରୀଙ୍କ ଆସିବାକୁ । ବାରମ୍ବାର ଫୋନ୍ କରି କରି ଥକିଗଲି । କାରଣ ଅଧିକାରୀ ଜଣକ ୧୦ମିନିଟ ମଧ୍ୟରେ ପହଞ୍ଚିଯିବେ ବୋଲି କହୁଥାନ୍ତି । କିଛି ଉପାୟ ନପାଇ ଠିକଣା ସ୍ଥାନରେ ନିର୍ଘାତିଆ ଖରାରେ ଠିଆ ହୋଇଥାଏ । ଏତେ ସମୟ ଅପେକ୍ଷା ମୋ ପକ୍ଷରେ ଅସହ୍ୟ ହୋଇପଡ଼ିଲା । ଉଠେଇଲି ଫୋନ୍ । ଏଥରକ କିନ୍ତୁ ଆରପଟୁ ନୀରବ, କେହି ହେଲେ ଉତ୍ତର ଦେଲେନାହିଁ । ବଡ଼ କଷ୍ଟ ଲାଗୁଥାଏ । ହୁଏତ କୌଣସି କାରଣରୁ ଅଧିକାରୀ ଜଣକ ବ୍ୟସ୍ତତା ଭିତରେ ଥିବେ ଭାବି ପୁନର୍ବାର ଅପେକ୍ଷା କଲି । ଗନ୍ତବ୍ୟ ସ୍ଥଳରେ ଯିଏ ବି ଦେଖୁଥାନ୍ତି କହୁଥାନ୍ତି, କାହିଁକି ଏଠି ଠିଆ ହୋଇଛ ? ହେଲେ ମୁଁ ନୀରବ ଥାଏ । ଅସହ୍ୟ ଖରାରେ ଦିନ ୧୦ରୁ ଆସି ଦିନ ୧.୪୦ ହେଲା । ପାଖରେ ଗୋଟିଏ ଝୁମ୍ପୁଡି ଘରଥାଏ । ମୁଁ ସେଇଠି ଠିଆ ହୋଇଥାଏ । ଏତେ ସମୟ ଠିଆ ହେବା ଜଣେ ମହିଳା ଦେଖୁଥାନ୍ତି । ପ୍ରଥମରୁ କହି ରଖେ ପେଶାରେ ଜଣେ

To read the complete magazine, Download it for FREE from www.aahwaan.com

ଶିକ୍ଷୟତ୍ରୀ, ଶିକ୍ଷକ ଜାତି ଭାରି ସ୍ୱାଭିମାନୀ । ମୁଁ ତନ୍ମଧ୍ୟରୁ ଜଣେ । ହଁ, ମହିଳା ଜଣକ ଆସି ତାଙ୍କ ଘରକୁ ଡାକିଲେ ଅତି ଭଦ୍ର ଓ ନମ୍ରତାରେ । ମାଆ, ମୁଁ ଅନେକ ବେଳୁ ଦେଖୁଛି, ତୁମେ ଏ ତହତହ ଖରାରେ ଠିଆ ହୋଇଛ । ଆସ ମୋ ଘରେ ବସିବ । ହେଲେ ମୁଁ ଯାଉ ନଥାଏ । ପ୍ରଥମରୁ କହିଛି ମୁଁ ବଡ଼ ସ୍ୱାଭିମାନୀ । ମୁଁ ଗଲିନି । କିଛି ବାଟ ଆଗକୁ ଗଲି । ସେହି ଖରାରେ ଖରାରେ ଚାଲୁଥାଏ । ଭାରି ଶୋଷ ଲାଗିଲା । ରାସ୍ତା ପାଖ ଦୋକାନରୁ ପାଣି ମାଗି ପିଇଲି । ଖରାରେ ମୁଣ୍ଡଟା ଝାଇଁ ଝାଇଁ ହେଉଥାଏ । ଦୋକାନୀ ଭାଇର ଅନୁରୋଧରେ ତାଙ୍କ ଦୋକାନର ସାମ୍ନାରେ ପଡିଥିବା ବେଞ୍ଚରେ ବସିଲି । ଦୋକାନୀ ଜଣକ ଭାରି ଭଦ୍ର । ବାରମ୍ବାର ଅପେକ୍ଷା କରିବାର କାରଣ ପଚାରୁଥାନ୍ତି । ମୋର ନିମ୍ନରକ୍ତଚାପ ରୋଗ ଅଛି । ଆରମ୍ଭ ହୋଇଗଲା ବେମାର । ଆଉ ପାଦେ ଯିବା ପାଇଁ ସାହସ ନ ଥାଏ । କିନ୍ତୁ ଯିବାକୁ ହେବ । ମୋ ଘର ଆନୁମାନିକ ୬/୭ କିଲୋମିଟର । ସେ ଜାଗାରୁ ଆସିବାକୁ ନା ଅଟୋ କି ରିକ୍ସାର ଏଭଳି ସମୟରେ ଏକମାତ୍ର ଉପାୟ ପାଦ । ଶାରୀରିକ କ୍ଳେଶଯୁକ୍ତ ଯନ୍ତ୍ରଣା ମଧ୍ୟରେ ପାଦେ ପାଦେ ଚାଲି ଚାଲି ଘର ଅଭିମୁଖେ ଯାତ୍ରା ଆରମ୍ଭ କଲି । ଯାହାହେଉ ପ୍ରଚଣ୍ଡ ଖରାର ପ୍ରକୋପ ସାଙ୍ଗକୁ ଆସି ଥିବା କାର୍ଯ୍ୟ ନ ହୋଇ ପାରିବାର ଦୁଃଖ ମଧ୍ୟରେ ଘୋଷାରି ଘୋଷାରି ଶରୀର ଆଗକୁ ଯାଉଥାଏ । ଅନେକ ବାଟ ଖରାରେ ଚାଲି ଚାଲି ଆସିବାବେଳେ ମନରେ ଦୁଃଖ ଅନୁଭବ କରୁଥାଏ । ଲାଗୁଥାଏ ସତେ ଯେମିତି ମୁଁ ମୋ ନିଜ ଶବକୁ ନିଜ କାନ୍ଧରେ ବୋହି ଚାଲୁଛି । ଆଉ କିଛି ବାଟ ଗଲାପରେ ହୁଏତ ନିଜ ଶବକୁ ନିଜେ ସଂସ୍କାର କରିବି । ହେଲେ ନିଛାଟିଆ ରାସ୍ତାରେ ଗୋଟିଏ ହେଲେ ବି ଗଛଲତାର ଛାଇ ନ ଥାଏ । ସେ ଯାହାହେଉ ଏମିତି ଭାବୁଭାବୁ ଗୋଟିଏ ଅଟୋ ପହଞ୍ଚିଗଲା । ୩୦ଟଙ୍କା ଦେଇ କିଛି ବାଟ ଆସିଲି । ପୁନର୍ବାର ଆଉ ଏକ ଅଟୋ ଉଦ୍ଦେଶ୍ୟରେ ଚାଲିବା ଆରମ୍ଭ କଲି । ଏ ନିସ୍ୱାର୍ଥପର ମଣିଷ ମାନଙ୍କର ଅମାନୁଷିକ କାର୍ଯ୍ୟ ଚିନ୍ତାକରି ନିଜ ଉପରେ ବି ରାଗ ଆସୁଥାଏ । ବୃକ୍ଷ ଶୂନ୍ୟ ଧରାଧାମରେ ମଣିଷର ଅନ୍ତିମ ପର୍ଯ୍ୟାୟରେ କ'ଣ ହେବ ? ସେଥିପାଇଁ ତ ଏ ଧରାକୁ ସବୁ ସମୟରେ କିଛି ନା କିଛି ଘୋର ବିପତ୍ତି ପଡୁଅଛି । ପରବର୍ତ୍ତୀ ପିଢ଼ି ନିଶ୍ୱାସ ନେବାକୁ ଅମ୍ଳଜାନ ଟିକେ ପାଇବେ ତ;

To read the complete magazine, Download it for FREE from www.aahwaan.com

ପରିବେଶ ପ୍ରଦୂଷଣ ଓ ଅନିୟମିତ ଋତୁଚକ୍ର ପାଇଁ କିଏ ଦାୟୀ ହେବ ? ସବୁଠାରୁ ବଡ଼ କଥା, ମଣିଷର ମୃତ୍ୟୁ ପରେ ଅନ୍ତିମ ସଂସ୍କାର କିପରି ହେବ । ଆଜିକାଲି ତ ଏଥିପାଇଁ ଆଉ କାଠର ଆବଶ୍ୟକ ହେଉନାହିଁ । ବିଦ୍ୟୁତ ଚାଳିତ ଚୁଲିରେ କିଛି କ୍ଷଣରେ ସବୁ ଶେଷ । ମନେ ମନେ ଚିନ୍ତା କଲି ଜୀବନର ଅଧା ସମୟ ତ ଚାଲିଗଲାଣି । ପିଲାମାନଙ୍କୁ ପାଠପଢାଇବା ଛଡା ଅନ୍ୟ କିଛି କରିପାରିଲିନି । ଏଣିକି କିଛି ଗୋଟେ କରିବାର ପ୍ରବଳ ଇଚ୍ଛା ହେଲା । ନିଜର ନିତ୍ୟନୈମିତିକ କାର୍ଯ୍ୟ ସମ୍ପାଦନ ପରେ କଛି ସମୟ ବୃକ୍ଷ ରୋପଣ କାର୍ଯ୍ୟ କରିବି । ସେଥିପାଇଁ ନିଜକୁ ପ୍ରସ୍ତୁତ କଲି । ଆମ ଘର ପାଖରେ ଗୋଟିଏ ବିସ୍ତୀର୍ଣ୍ଣ ପଡିଆ ଅଛି । ତା ଚାରିପାଖରେ ଏବଂ ଗାଁ ମୁଣ୍ଡ ପଡିଆଜମି । ନିଶ୍ଚିତ ଭାବରେ ବୃକ୍ଷ ରୋପଣ କରି, ତାର ଲାଳନପାଳନ ଓ ଯତ୍ନ ନେଇ ବିରାଟ ଜଙ୍ଗଲ ସୃଷ୍ଟି କରିପାରିବି । ଅନ୍ତତଃ ପକ୍ଷେ ମୋ ମୃତ୍ୟୁ ପରେ ମୋ ଶବ ବିଦ୍ୟୁତ ଚାଳିତ ଚୁଲିରେ ନୁହେଁ, ଶୁଖିଲା କାଠରେ ହିଁ ସଂସ୍କାର ହେବ । ତତ୍ ସହିତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରାଯାଇପାରିବ ଏବଂ ପ୍ରଚୁର ପରିମାଣରେ ଅମ୍ଳଜାନ ମିଳିବ । ମୋ କାମ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବ । ମୋ ଦେଖାଦେଖି ଅନ୍ୟମାନେ ମଧ୍ୟ ବୃକ୍ଷ ରୋପଣ ପାଇଁ ଆଗ୍ରହୀ ହେବେ । ତା ହେଲେ ମୁଁ ଯେଉଁଳି କଷ୍ଟଭୋଗକଲି ହୁଏତ ଆଉ କେହି ସେମିତି ଅସୁବିଧା ର ସମ୍ମୁଖୀନ ହେବେନାହିଁ । ଏମିତି ଭାବି ଭାବି କେତେ ବେଳେ ଆସି ଘର ପାଖରେ ପହଞ୍ଚି ଯାଇଥାଏ ।

To read the complete magazine, Download it for FREE from www.aahwaan.com

# ସ୍ୱପ୍ନିଳ ସାଗର



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଯୌବନର ସ୍ପର୍ଶରେ ସେ ଦେଖାଯାଉଥିଲା ସବୁଠୁ ସୁନ୍ଦର । କଲେଜ ରାସ୍ତାରେ ଗଲାବେଳେ ସବୁ ଟୋକାଙ୍କ ନଜର ତା'ରି ଉପରେ । ସତେ କିବା ସ୍ୱର୍ଗର ଅପସରୀ । ଅପୂର୍ବ ରୂପ ଲାବଣ୍ୟମୟୀ କଲେଜରେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ସେଇ ଝିଅଟି । କିଏ ସେ ଚିତ୍ରକର ଯିଏ ଗଢିଛି ତା ତୁଳୀରେ ଏ ସୁନ୍ଦରୀ ତରୁଣୀକୁ । ଆଗ ସିଟରେ ବସିଥିବା ଝିଅଟି ଝର୍କାରେ କହୁଣୀ ଭରା ଦେଇ ଟ୍ରେନ ବାହାରକୁ ଚାହିଁ ନିଜ ଭାବନାରେ ହଜି ଯାଇଥିଲା ବେଳେବେଳେ ମୁହଁ ଉପରେ ପଡୁଥିବା କେଶକୁ ସଜାଡୁଥିଲା – ଯେମିତି ଏକଦା ସଜାଡୁଥିଲା ସ୍ୱପ୍ନା । ତା ଭଳି ବି ମନେ ମନେ ହସୁଥିଲା ଓ ସାମ୍ନାରେ ବସିଥିବା ସାଗରକୁ ଦେଖୁଥିଲା ଏକ ପ୍ରେମ ଭିଜା ଚାହାଣୀରେ । ସେ ସମୟରେ ସାଗର ନିଜର କଳ୍ପନାସୃତ ନୟନରେ ମନେ ପକାଉଥିଲା ତା'ର ଅତୀତକୁ ଓ ଅନୁଭବ କରୁଥିଲା ସ୍ୱପ୍ନାର ଭିଜା ଓଠର ସେଇ ଚୁମ୍ବନକୁ...... ଓ ଶରୀରର ସେଇ ଉଷ୍ମତାକୁ । ସବୁଦିନ ଭଳି ସ୍ୱପ୍ନା, ସରିତା ଓ ସାଗର ଟ୍ରେନରେ ଏକାଠି ଯାଆନ୍ତି କଲେଜକୁ । ଏଇ ନୂଆନୂଆ

To read the complete magazine, Download it for FREE from www.aahwaan.com

କଲେଜ ଜୀବନ । ନାହିଁ ଆଉ ବିଦ୍ୟାଳୟର କଠିନ ଶୃଙ୍ଖଳା, ନାହିଁ ଆଉ ଶିକ୍ଷକଙ୍କ ଓ ପିତାମାତାଙ୍କ ଭୟ । ଲାଗୁଥାଏ ଯେମିତି ସେମାନେ ରଙ୍ଗୀନ ପ୍ରଜାପତି ପ୍ରାୟ ଡେଣା ମେଲେଇ ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲୁଛନ୍ତି । ପାଇଛନ୍ତି ଏକ ନୂତନ ସ୍ୱାଧୀନତାର ସ୍ୱାଦ । ସବୁ ଦିନର ଯିବା ଆସିବା ଭିତରେ ସେମାନଙ୍କର ଘନିଷ୍ଠତା ବଢିଥାଏ ଓ ସମସ୍ତେ ଦେହ, ମନ ଓ ଭାବରେ ହୋଇଛନ୍ତି ଆହୁରି ନିକଟତର । ତାଙ୍କ ନିକଟତର ସାଥୀ ହୋଇଥାଏ ସ୍ମାର୍ଟଫୋନ ଓ ଫେସବୁକ । ଦିନ ସମୟ କଟିଯାଏ କଲେଜ ଓ ଯିବା ଆସିବାରେ ଓ ରାତି ସମୟ କଟେ ଫେସବୁକରେ ଚାଟିଂରେ । ସେମାନେ ଭାସି ବୁଲୁଥାନ୍ତି ଏକ ମୁକ୍ତ ଆକାଶର ମେଘମାଳା ପରି, ନୃତ୍ୟରତ ହରିଣପରି । ସବୁ କିଛି ନୂଆ ନୂଆ ଲାଗୁଥାଏ । ଭାରି ଭଲ ଲାଗୁଥାଏ । ମନରେ ସୃଷ୍ଟି ହେଉଥାଏ ଏକ ନୂତନ ଉନ୍ମାଦନା । ସମୟର ସ୍ରୋତରେ ସବୁ କିଛି ଠିକ ଠାକ ଚାଲିଥିଲେ ବି ଅଦୃଶ୍ୟରେ ତାହା ଆଣିଥାଏ ଏକ ଦୁଃଖର ଝଡ଼ । ଏ ଭିତରେ ସାଗର ମନରେ ସୃଷ୍ଟି ହୋଇଛି ସ୍ୱପ୍ନା ପାଇଁ ଦୁର୍ବଳତା । ଚାହିଁଛି ମନ କଥା କହିଦେବ ସ୍ୱପ୍ନା ଆଗରେ । ଦେଖିଛି ସେ ସ୍ୱପ୍ନାକୁ ନେଇ କେତେ ସୁନେଲି ସ୍ୱପ୍ନ । କିନ୍ତୁ ଡରିଯାଇଥାଏ ସେ । ଭାବୁଥାଏ କାଳେ ସେ ତା ଠାରୁ ଦୂରେଇଯିବ । ମନ ମଧ୍ୟ ରେ ସୃଷ୍ଟି ହେଉଥିବା ଦ୍ୱନ୍ଦରେ ପୂର୍ଣ୍ଣଛେଦ ପକାଇ ଆଗକୁ ପାଦ ଥାପେ ସେ, ପଠାଇ ଦିଏ ସେ ଫେସବୁକରେ ଭଲ ପାଇବାର ସନ୍ଦେଶ କିନ୍ତୁ ପୁଣି ଭୟରେ କରିପକାଏ ସେ ନିଜ ଫୋନ ବନ୍ଦ । ରାତି ସାରା ଚିନ୍ତାମଗ୍ନ ରହେ । ଭାବୁଥାଏ କାଲି ସକାଳେ କଣ ହେବ ପୁଣି ସ୍ୱପ୍ନା ସହ ଆଉଥରେ ଦେଖା ହେଲା ବେଳେ । ମନରେ ଥାଏ ସ୍ୱପ୍ନା ଠୁ ଦୂରେଇ ଯିବାର ଭୟ କିନ୍ତୁ ହୃଦୟରେ ସାହସ ସଞ୍ଚୟ କରି ପୂର୍ବବତ ଦେଖା ହୁଏ ତାର ଟ୍ରେନରେ ସ୍ୱପ୍ନା ସାଥିରେ, ସେ ଦିନ ସ୍ୱପ୍ନା ଏକୁଟିଆ ଆସିଥାଏ । ଥାଏ ଫେବୃଆରୀ ୧୪ ତାରିଖ – ପ୍ରେମଦିବସ । ସ୍ୱପ୍ନା ସାଗରକୁ କିଛି କଥା କହିଲାନି । ସାଗର ବି ତାକୁ ଭୟରେ କିଛି ପଚାରୁନଥାଏ । ଖାଲି

To read the complete magazine, Download it for FREE from www.aahwaan.com

ସ୍ୱପ୍ନାକୁ ବାରମ୍ବାର ଚାହୁଁଥାଏ । ତାର ସେ ଜହ୍ନ ପରି ମୁହଁକୁ ଦେଖୁଥାଏ । ବାରମ୍ବାର ସଜାଡୁଥାଏ ସେ ତାର ଅସଜଡା କେଶକୁ । ସ୍ମିତହାସ୍ୟ ବଦନରେ ଝରକା ସେ ପାଖ ବଣଜଙ୍ଗଲକୁ ଦେଖୁଥାଏ । ସତେ କିବା ଭାସିବୁଲୁଥିଲା କେଉଁ ଏକ ସ୍ୱପ୍ନିଳ ସାଗର ଭିତରେ । ଟ୍ରେନ ଷ୍ଟେସନରେ ଆସି ପହଞ୍ଚିଗଲା । ସ୍ୱପ୍ନା ସାଗରକୁ ଓହ୍ଲାଇବା ବେଳେ କହିଲା ଆଜି କଲେଜ ପଛ ସାଇକେଲ ଷ୍ଟାଣ୍ଡରେ ଟିକେ କ୍ଲାସ୍ ସରିବା ପରେ ଦେଖା ହେବ ପାଇଁ । ନୂଆ ନୂଆ ଭାଲେଣ୍ଟାଇନ୍ ଡେ ପ୍ରେମ । ସାଗର ଭୟ ଓ ଆଶଙ୍କା ଦେଇ ଗତି କରୁଥାଏ । ଶରୀର ସହିତ କ୍ଲାସରେ ଥିଲେ ବି ମନ ତାର ଘୂରିବୁଲୁଥାଏ ସ୍ୱପ୍ନାର ଚିନ୍ତାରେ । କ୍ଲାସ ସରିଲା । ସାଇକେଲ ଷ୍ଟାଣ୍ଡରେ ଯାଇ ସ୍ୱପ୍ନାକୁ ଅପେକ୍ଷା କଲା । କାହିଁ ସ୍ୱପ୍ନା ନାହିଁ । କେଉଁ ଆଡ଼େ ଗଲା ସେ । ଏମିତି ଭାବୁଭାବୁ ସ୍ୱପ୍ନା ପଛପଟୁ ଆସି ତାକୁ ଜଡ଼ାଇ ଧରିଲା ତା ଦେହରେ କରି ଚାଲିଲା ଚୁମ୍ବନ ଓ କହି ଚାଲିଲା ଆଇ ଲଭ ୟୁ । ଏ ସତେ ଯେମିତି ସରଗର ଚାନ୍ଦ ମିଳିଗଲା ସାଗରକୁ । ରୋମାଞ୍ଚରେ ଭରିଗଲା ତା ହୃଦୟ । ଖୁସିରେ ତା ମନ ନାଚି ଉଠୁଥାଏ । ସେ ମଧ୍ୟ ଜଡାଇ ଧରିଲା ସ୍ୱପ୍ନାକୁ ନିଜ ଛାତିରେ ଦେଲା ତା କପାଳରେ ଗୋଟେ ଚୁମ୍ବନ । ଯାଇଥାନ୍ତି ଉଭୟେ ହାତ ଧରାଧରି ହୋଇ ନିଜର ଘରକୁ ଟ୍ରେନର ଚଲାପଥରେ ସବୁଦିନିଆ ପଥିକ ହୋଇ । ସେ ଦିନ ରାତିରେ ଦୁହିଁଙ୍କର ନିଦ ହଜିଯାଇଥାଏ ଓ କରୁଥାନ୍ତି ସେମାନେ ଚାଟିଂ ରାତିସାରା । ଏହି ସମୟରେ ସରିତା ମଧ୍ୟ ଚାଟ୍ ରେ ଥାଏ । ଏତେ ଦିନର ବନ୍ଧୁତା ଭିତରେ ସରିତାର ମଧ୍ୟ ବଢିଥାଏ ସାଗର ପ୍ରତି ଦୁର୍ବଳତା । କିନ୍ତୁ, ସ୍ୱପ୍ନା ଠାରୁ ଦୂରେଇଯିବାର ଭୟରେ ସେ ପଛଘୁଞ୍ଚା ଦେଉଥାଏ । ମନେମନେ ଭଲ ପାଉଥାଏ ସାଗରକୁ କିନ୍ତୁ କିଛି କହିପାରୁନଥାଏ ତାକୁ । ରାତି ସାରା ତିନି ସାଙ୍ଗ ଚାଟିଂ କରୁଥାନ୍ତି । କେମିତି ରାତି କଟିଯାଏ ଜଣାପଡ଼େନି । ଏ ଭିତରେ ସେମାନେ ବିଭିନ୍ନ ପାର୍କରେ, ମନ୍ଦିରରେ, ରେଷ୍ଟୁରାଣ୍ଟରେ ବୁଲିଛନ୍ତି ଓ ବହୁତ ସାରା ଫୋଟୋ

To read the complete magazine, Download it for FREE from www.aahwaan.com

ଉଠେଇଛନ୍ତି , ସେଲ୍ଫି ନେଇଛନ୍ତି ଓ ସେ ଗୁଡିକ ଫେସବୁକରେ ଅପଲୋଡ କରି ଦେଉଥାନ୍ତି । ଏ ସବୁକୁ ସ୍ୱପ୍ନାକୁ ମନେମନେ ଭଲ ପାଉଥିବା ଭିକି ସହିପାରୁନଥାଏ । ତାର କେବଳ ଗୋଟିଏ ଲକ୍ଷ୍ୟ ଥାଏ ସ୍ୱପ୍ନାକୁ କିପରି ନିଜର କରିବ । ବାରମ୍ବାର ଚେଷ୍ଟା କରୁଥାଏ, ପ୍ରପୋଜ୍ କରୁଥାଏ, ଉପହାର ଦେଉଥାଏ, ଫ୍ରେଣ୍ଡ ରିକ୍ୱେଷ୍ଟ ପଠେଇଥାଏ । କିନ୍ତୁ, ଏ ସବୁକୁ ସ୍ୱପ୍ନା କରିଥାଏ ତୀବ୍ର ପ୍ରତ୍ୟାଖ୍ୟାନ । କାରଣ ସେ ମନର ମଣିଷ ହିସାବରେ ବାଛି ନେଇଥିଲା ସାଗରକୁ । ଏ ସବୁର କଡ଼ା ଜବାବ ଦେବାକୁ ଯାଇ ଭିକି ତା ସାଙ୍ଗମାନଙ୍କୁ ନେଇ ରଚିଥିଲା ସ୍ୱପ୍ନା ସହିତ ଏକ ଷଡ଼ଯନ୍ତ୍ର । ଏମିତି ଅନେକ ଦିନ ବିତିଯାଏ । ହଠାତ ଦିନେ ସ୍ୱପ୍ନାପାଖକୁ ଏକ ମେସେଜ ଆସିଲା ଯେ, ତୁମେ ଯଦି ମୋତେ ପ୍ରକୃତରେ ଭଲ ପାଅ ତେବେ ଆଜି କଲେଜ ସରିବା ପରେ ସାଇକେଲ ଷ୍ଟାଣ୍ଡକୁ ଆସିବ । ସାଇକେଲ୍ ଷ୍ଟାଣ୍ଡରେ ତ ସେ କେବଳ ସାଗର ସହିତ ଦେଖା ହୁଏ । ସେ କିଛି ନ ଭାବି ସାଗର ସହିତ ଦେଖା କରିବାକୁ ସ୍ଥିର କଲା । ଅଦୃଶ୍ୟ ଭାବରେ ସ୍ୱପ୍ନା ଜୀବନରେ ଆସି ଯାଇଥାଏ ସାମୁଦ୍ରିକ ଝଡ । ସାଇକେଲ ଷ୍ଟାଣ୍ଡରେ ସେମାନେ ତା ବିବସନ ଶରୀରକୁ କରିଥିଲେ କ୍ଷତ ବିକ୍ଷତ । ସ୍ୱପ୍ନା ଚିତ୍କାର କରି କରି ହାଲିଆ ହୋଇଯାଇଥାଏ । ଜଣକ ପରେ ଜଣେ ନିଜର ବାସନା ଚରିତାର୍ଥ କରୁଥାନ୍ତି, ମେଣ୍ଟାଉଥାନ୍ତି ତାଙ୍କ କାମନାର ତୃଷ୍ଣାକୁ, ଆଖିରୁ ଝରିଯାଉଥାଏ ତା' ଦି ଧାର ଲୁହ ... । କରି ଦେଇଥିଲା ଭିକି ସ୍ୱପ୍ନାକୁ ସବୁଦିନ ପାଇଁ ସାଗରଠୁ ଅଲଗା । ସାଇକେଲ ଷ୍ଟାଣ୍ଡରେ ସ୍ୱପ୍ନା ସହିତ କରିଥିବା ଦୁଷ୍କର୍ମର ଚିତ୍ରୋତଳନ କରୁଥାଏ ଭିକି । ତାକୁ ବାରମ୍ବାର କହୁଥାଏ ତୁ ଯଦି ମୋର ହେଲୁନି, ତତେ ମୁଁ ଆଉ କାହାର ହେବାକୁ ଦେବିନି । ଲୋକ ଲଜ୍ୟାର ଭୟରେ କଲେଜ୍ ପାଖ ପୋଖରୀରେ ଡେଇଁ ସ୍ୱପ୍ନା କରିଥିଲା ଆତ୍ମହତ୍ୟା । ସ୍ୱପ୍ନାର ବିରହରେ ସାଗର ପାଗଳପ୍ରାୟ ହୋଇଗଲା । ଦୁଃଖ ଯନ୍ତ୍ରଣାରେ ସେ ଭାଙ୍ଗି ପଡ଼ିଥିଲା । ନିର୍ଜୀବପ୍ରାୟ ନୀରବ ପାଲଟିଗଲା ସେ । ସରିତା ତାକୁ ବହୁତ ବୁଝେଇବାକୁ

To read the complete magazine, Download it for FREE from www.aahwaan.com

ଚେଷ୍ଟା କଲେବି ସେ କିଛି ପ୍ରତିକ୍ରିୟା ପ୍ରକାଶ କରୁନଥାଏ । ଏବେ ସରିତା ଅନୁଭବ କରୁଥାଏ ଅତୀତର ସ୍ମୃତି । ମନେ ପଡୁଥାଏ ତା ପ୍ରିୟ ବାନ୍ଧବୀ ସ୍ୱପ୍ନାର କଥା । ପିଲାବେଳୁ ସେମାନେ ସାଙ୍ଗ । ଅନ୍ତରଙ୍ଗ ବନ୍ଧୁତା ତାଙ୍କ ଭିତରେ । କେମିତି ସ୍ୱପ୍ନା ତା'ର ସବୁ କିଛି ଉତ୍ସର୍ଗ କରିଦିଏ ସରିତା ପାଇଁ । ଆଜି ସ୍ୱପ୍ନା ନାହିଁ କିନ୍ତୁ, ତା ସାଗରକୁ ଛାଡ଼ିଯାଇଛି ସରିତା ହାତରେ । ଏ ଭିତରେ ସାଗର ପାଲଟି ଯାଇଛି ସମ୍ପୂର୍ଣ୍ଣ ଅବସାଦଗ୍ରସ୍ତ । ସରିତା ମନେମନେ ଚିନ୍ତା କରିଛି ସାଗରକୁ ଫେରି ପାଇବା ପାଇଁ ଓ ଆରମ୍ଭ କରିଛି ସେ ସ୍ୱପ୍ନା ଭଳି ହେବାପାଇଁ । ତା ଭଳି କରିଛି କେଶ ସଜ୍ଜା, ପିନ୍ଧି ଆସେ ତା ଭଳି ଡ୍ରେସ, ହାତରେ ଧରିଥାଏ ସ୍ମାର୍ଟ ଫୋନ, କରୁଥାଏ ଚାଟିଂ ଫେସବୁକରେ, ଶୁଣୁଥାଏ ସେ ଇୟର ଫୋନରେ ଗୀତ । ଝର୍କା ପାଖରେ ମନେମନେ ହସୁଥାଏ ଓ ବାରମ୍ବାର ତା ଅସଜଡା କେଶକୁ ସଜାଡୁଥାଏ । ଏମିତି କିଛି ଦିନ ଗଲା ପରେ ସାଗର ଦେଖେ ସ୍ୱପ୍ନାକୁ ସରିତା ଭିତରେ ....

To read the complete magazine, Download it for FREE from www.aahwaan.com

# ସନ୍ଥ କବୀରଦାସ



ଡା ସୁବାସ ଚନ୍ଦ୍ର ରାଉତ

ସନ୍ଥ କବୀରଙ୍କ (ଖ୍ରୀ: ୧୩୯୮-୧୫୧୮) ଜୀବନଗାଥା ଯେ କୌଣସି ସୁନ୍ଦର କାହାଣୀଠାରୁ କମ ନୁହେଁ । ପୃଥିବୀର ବିଖ୍ୟାତ କବିମାନଙ୍କ ମଧ୍ୟରେ ଗଣ୍ୟ ହେଉଥିବା କବୀରଙ୍କ ବିଷୟରେ ଅଧିକାଂଶ ଭାରତୀୟମାନଙ୍କର ସମ୍ୟକ ଜ୍ଞାନ ଥିବା ଜଣାଯାଏନାହିଁ ଓ ଏହା ଏକ ବିସ୍ମୟ । ଓଡ଼ିଶାର ଶିକ୍ଷିତ ଶ୍ରେଣୀ ଅତି ବେଶୀରେ ତାଙ୍କୁ ଜଣେ ସନ୍ଥ ଭାବରେ ଜାଣିଛନ୍ତି । ସମଗ୍ର ଭାରତରେ ଲୋକମାନଙ୍କଦ୍ୱାରା କୌଣସି ଜଣେ ବ୍ୟକ୍ତିର କବିତା ପଂକ୍ତି ଉଦ୍ଧୃତ ହେବାରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି, ପ୍ରଥମ ସ୍ଥାନରେ ତୁଳସୀ ଦାସ ଅଛନ୍ତି । କୌଣସି ଶିକ୍ଷାୟତନରେ ଶିକ୍ଷା ଲାଭ କରିନଥିଲେ ଓ ଶ୍ରୀ ଅକ୍ଷର ବିବର୍ଜିତ ହୋଇଥିଲେ ମଧ୍ୟ ହଜାର ହଜାର କବିତା ତାଙ୍କ ମୁଖରୁ ସ୍ଫୁରିତ ହେଉଥିଲା । ତାଙ୍କର ଭକ୍ତ ଓ ପ୍ରଶଂସକମାନେ ଏହି କବିତା ଶୁଣି ଲିପିବଦ୍ଧ କରିଛନ୍ତି । ତାଙ୍କର କବିତା ଶୁଣି ନୋବେଲ ପୁରସ୍କାର ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଭଳି ବ୍ୟକ୍ତି ପ୍ରଭାବିତ ଓ ଅନୁପ୍ରେରିତ ହୋଇ ସେହି ରଚନା ଗୁଡ଼ିକ ଇଂରାଜୀରେ ଅନୁବାଦ କରିଥିଲେ ।

କଥା କଥାରେ ଆମେ ତାଙ୍କର କବିତାର ଅଂଶ ଉଦ୍ଧାର କରି ଆମ ପାଣ୍ଡିତ୍ୟ ଦେଖାଉ, କିନ୍ତୁ ଏହା ତାଙ୍କର

To read the complete magazine, Download it for FREE from www.aahwaan.com

ରଚନା ବୋଲି ଜାଣୁନାହିଁ । ଉଦାହରଣ ସ୍ୱରୂପ "କାଲ କରେ ସୋ ଆଜ କର, ଆଜ କରେ ସୋ ଅବ, ପଲମେ ପରଲୟ ହୋଗୀ, ବହୁରୀ କରେଗା କବ ।" ଯାହାକୁ ଅନୁବାଦ କଲେ ଏହିଭଳି ହେବ –

କାଲିର କାମ ଆଜି ହିଁ କର, ଆଜିକାର କାମ ଏବେ,

ପଲକ ମଧ୍ୟେ ପ୍ରଳୟ ହେବ, କର୍ତ୍ତବ୍ୟ କରିବୁ କେବେ ।

ଅନ୍ୟ ଏକ ପଦ – ପୋଥି ପଢ଼ ପଢ଼ ଜଗ ମୁଆଁ, ପଣ୍ଡିତ ଭୟା ନ କୋୟ, ଢାଇ ଅକ୍ଷର ପ୍ରେମ କା, ପଢେ ସୋ ପଣ୍ଡିତ ହୋଇ ।

ଯାହାକୁ ଅନୁବାଦ କଲେ ଏହିଭଳି ହେବ –

ପୋଥୀ ପଢ଼ି ପଢ଼ି ସଭିଏ ଗଲେ, କେହି ହେଲେ ନାହିଁ ଜ୍ଞାନୀ,

ଅଢେଇ ଅକ୍ଷର ପ୍ରେମର ଭାଷା ଯେ ପଢ଼ିପାରେ ସେ ଜ୍ଞାନୀ ।

ଉତ୍ତର ଭାରତର ଗ୍ରାମମାନଙ୍କରେ ତାଙ୍କ କବିତା ଘରେ ଘରେ ଆଦୃତ ହୁଏ । ଅନେକ ସିନେମାରେ ତାଙ୍କର କବିତାର ଚର୍ଚ୍ଚା ହୁଏ ଓ ଗୋଟିଏ ଫିଲ୍ମ ମଧ୍ୟ ତାଙ୍କର ଜୀବନୀ ଉପରେ ଆଧାରିତ ହୋଇ ତିଆରି ହୋଇଛି । ସୁବିଖ୍ୟାତ ଗାୟକ ଅନୁପ ଜଲୋଟା ତାଙ୍କର ଗୀତଗୁଡ଼ିକର ଅପୂର୍ବ ସ୍ୱର ସଂଯୋଜନା କରି ଗାଇଛନ୍ତି ଓ ସେ ଗାଇଥିବା ରେକର୍ଡ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରି ହୋଇଛି । କବୀରଙ୍କର ଏକ କୋଟିରୁ ଊର୍ଦ୍ଧ୍ୱ ଅନୁଗାମୀ ଆଜି ବି ଅଛନ୍ତି ଓ କବିରପନ୍ଥୀ ନାମରେ ପରିଚିତ ଅଛନ୍ତି ।

ଏତେ ବଡ଼ କବି ହେଲେ କ'ଣ ହେବ, ସନ୍ଥ କବୀରଙ୍କ ଜନ୍ମ ଓ ମୃତ୍ୟୁ ବୃତ୍ତାନ୍ତ ଉଭୟ ରହସ୍ୟ ଓ ମତଭେଦରେ ପରିପୂର୍ଣ୍ଣ । ତାଙ୍କର ପିତାମାତା କିଏ, ସଠିକ ଜନ୍ମ ତାରିଖ ଓ ସ୍ଥାନର ନାମ ମଧ୍ୟ ଅଜ୍ଞାତ । ତେବେ ଗବେଷଣା ଅନୁସାରେ ଖ୍ରୀ: ୧୩୯୮ର ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଜନ୍ମ ଗ୍ରହଣ କରିଥିବା ସ୍ଥିର କରାଯାଇଛି । ଜନଶ୍ରୁତି ଅନୁସାରେ କାଶୀରେ

To read the complete magazine, Download it for FREE from www.aahwaan.com

ରହୁଥିବା ଗୋଟିଏ ତନ୍ତି ମୁସଲମାନ ଦମ୍ପତି (ସ୍ୱାମୀ – ନିରୁ, ମୁସଲମାନ ଜାତି ଓ ସ୍ତ୍ରୀ – ନିମା, ତୁର୍କୀ ଝିଅ) ବିବାହର ଏକ ବର୍ଷ ପରେ ପ୍ରଥା ଅନୁସାରେ ପ୍ରଥମ କରି କନ୍ୟାପିତାଙ୍କ ଗୃହକୁ ଯାଇଥିଲେ । ଗ୍ରୀଷ୍ମ କାଳରେ ଶଗଡ଼ରେ ଫେରିବା ସମୟରେ ବାଟରେ ଅନେକ ଘନ ବୃକ୍ଷ ଛାୟା ଥିବା ଗୋଟିଏ ସ୍ଥାନ ଓ ଅନତି ଦୂରରେ ଗୋଟିଏ ଜଳାଶୟ ଦେଖି ଖରାବେଳଟା ବିଶ୍ରାମ କରିବାକୁ ରହିଲେ । ନିରୁ ପୋଖରୀ ଜଳରେ ପ୍ରକ୍ଷାଳିତ ହୋଇ ଫେରିବା ବେଳେ ଗୋଟିଏ ଶିଶୁର କ୍ରନ୍ଦନ ଧ୍ୱନି ଶୁଣିବାକୁ ପାଇଲେ । କୌତୁହଳବଶତଃ ଧ୍ୱନି ଆସୁଥିବା ଦିଗକୁ ଯାଇ ବୃକ୍ଷମୂଳେ ଗୋଟିଏ ନବଜାତ ଶିଶୁକୁ ଦେଖିଲେ । ଅନ୍ୟ ଏକ ଜନଶ୍ରୁତି ଅନୁସାରେ ଶିଶୁଟି ଗୋଟେ ପଦ୍ମ ଫୁଲ (ବା ପଦ୍ମପତ୍ର) ଉପରେ ଶୋଇ କାନ୍ଦୁଥିବା କଥା ଜଣାଯାଏ । ବଡ଼ ପାଟିରେ 'ଇଏ କାହାର ଛୁଆ' କହି ଡାକ ଦେଲେ, କିନ୍ତୁ କେହି ଉତ୍ତର ଦେଲେନି । କିଛି ସମୟ ଅପେକ୍ଷା କଲା ପରେ ସେହି ଶିଶୁଟିକୁ ଛାତିରେ ଜାକିଧରି ସେ ସ୍ୱାମୀଙ୍କ ପାଖକୁ ଫେରିଆସିଲେ । ପ୍ରଶ୍ନିଳ ଆଖିରେ ନିରୁକୁ ଦେଖି ନିମା ସବୁକଥା କହିଲେ ।

ଶିଶୁକୁ ସାଥିରେ ନେଇଯିବାକୁ ନିରୁ ଅନିଚ୍ଛୁକ ଥିଲେ ମଧ୍ୟ ନିମାର ବାତ୍ସଲ୍ୟ ମମତା ଆଗରେ ମୁଣ୍ଡ ନୋଇଁଲେ ଓ ତାକୁ ଧରି ଉଭୟ ନିଜ ଗ୍ରାମକୁ ଫେରିଲେ । ନିରୁର ପିତାମାତା ଏହି ଅଜ୍ଞାତ କୁଳଶୀଳ ଶିଶୁକୁ ରଖିବାକୁ ମଧ୍ୟ ଅନିଚ୍ଛୁକ ଥିଲେ । ଅବଶେଷରେ ମରିବାକୁ ଛାଡ଼ି ନ ଦେଇ ଅଶେଷ ଆହ୍ଲାଦରେ ସେହି ମୁସଲମାନ ପରିବାର ଶିଶୁକୁ ପାଳିଲେ । ନାମକରଣ ନିମନ୍ତେ ସେହି ଗ୍ରାମର କାଜି କୋରାନ ଖୋଲିବା ବେଳେ ପ୍ରଥମେ ଚାରୋଟି ନାମ ବାହାରିଥିଲା ଓ ସେ ସବୁ ଆଲ୍ଲାଙ୍କର ନାମ ଥିଲା । ଗୋଟିଏ ତନ୍ତି ସଂପ୍ରଦାୟର ପିଲାର ନାମ ସହିତ ଆଲ୍ଲାଙ୍କ ନାମ ଯୋଡ଼ିବାକୁ ଅନିଚ୍ଛା ସେ ପ୍ରକାଶ କରିଥିଲେ କିନ୍ତୁ ଯେତେଥର କୋରାନ ଖୋଲିଲେ ସେତେଥର ସେହି ଏକା ନାମ ଆସିଲା । ବ୍ୟସ୍ତ ହୋଇ ଆଉ ଜଣେ କାଜିଙ୍କୁ ଡକାହେଲା, କିନ୍ତୁ ସେହି ଏକା ନାମ ବାହାରିଲା । ଅବଶେଷରେ ତାଙ୍କର ନାମ 'କବୀର' ରଖାଗଲା ଯାହାର ଅର୍ଥ 'ବିରାଟ' । ତାଙ୍କର ସମ୍ଭାବ୍ୟ ଜନ୍ମ ସମୟ ଅନୁସାରେ ସେହି ଗୋଟେ ନାମ ତାଙ୍କ ଧର୍ମ ଗ୍ରନ୍ଥରେ ଉଲ୍ଲେଖ ଥିଲା ।

To read the complete magazine, Download it for FREE from www.aahwaan.com

ସେଭଳି ଛୋଟ ଜାତିର ପିଲାକୁ ବିଦ୍ୟା ଶିକ୍ଷା ଦେବା ପ୍ରଥା ସେତେବେଳେ ନଥିଲା । ତେଣୁ ସେ ଅନ୍ୟମାନଙ୍କ ଭଳି ବିଦ୍ୟାଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ସର୍ବଦା ଜଣକୁ ଗୁରୁ କରିବାକୁ ଇଚ୍ଛା କରୁଥିଲେ । କିନ୍ତୁ ତାଙ୍କୁ ଶିଷ୍ୟ କରିବାକୁ କେହି ଇଚ୍ଛା କରୁନଥିଲେ । ସ୍ୱାମୀ ରାମାନନ୍ଦ ତାଙ୍କୁ ଶିଷ୍ୟ କରିନଥିଲେ ମଧ୍ୟ ସ୍ୱାମୀ ରାମାନନ୍ଦଙ୍କୁ ସେ ନିଜର ଗୁରୁ କହି ପ୍ରଚାର କରିଥିଲେ । ଯେଉଁ ପରିସ୍ଥିତିରେ ଏହା ସମ୍ଭବ ହେଲା ତାହା ଆଉ ଗୋଟିଏ କାହାଣୀ । କିଏ ଜାଣିଥିଲା, ସେହି ଅଜ୍ଞାତ ଜାତି କୁଳ ଧର୍ମର ପରିତ୍ୟକ୍ତ ଶିଶୁ ଦିନେ ସଂସାରର ଏକ ସୁବିଖ୍ୟାତ କବି ହୋଇ ସୁନାମ ଅର୍ଜନ କରିବ !

ସୁପ୍ରସିଦ୍ଧ ଗୁରୁ ଗୋରଖନାଥ ତାଙ୍କୁ ଥରେ ପ୍ରଶ୍ନ କରିଥିଲେ, "ଆପଣଙ୍କର ଆବିର୍ଭାବ (ଜନ୍ମ ନୁହେଁ) କେବେ ହୋଇଥିଲା ?" କବୀର ଉତ୍ତର ଦେଇଥିଲେ, "ମୋର ଆବିର୍ଭାବ ସମୟରେ କେବଳ ଏକ ଈଶ୍ୱର ଥିଲେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି କେହି ନଥିଲେ ।" ଏଥିରୁ ଜଣାଯାଏ, ସେ ଜଣେ ଅଲୌକିକ ଶକ୍ତିଧାରୀ ଐଶ୍ୱରିକ ପୁରୁଷ ଥିଲେ ।

ବଡ଼ ହେବା ପରେ ସେ ତାଙ୍କର ପିତାଙ୍କର ଲୁଗାବୁଣା ବେଉସା ଚଳେଇଲେ । ତନ୍ତ ଚଳେଇବା ସମୟରେ ତାଙ୍କ ମୁଖରୁ ଅନର୍ଗଳ ଭକ୍ତି ସଙ୍ଗୀତ ବାହାରୁଥିଲା । ଲୋକମାନେ ତାକୁ ଶୁଣି ଜ୍ଞାନ ତଥା ଆନନ୍ଦ ଲାଭ କରୁଥିଲେ । ସେହି ବେପାରରୁ ଯାହା ଆୟ ହୁଏ ସେଥିରେ ସେ ନିଜର ଗୁଜୁରାଣ ମେଣ୍ଟାନ୍ତି । ଅବିବାହିତ ଥିଲେ ମଧ୍ୟ ଜଣେ ନିରାଶ୍ରୟା ମହିଳାଙ୍କୁ ନିଜର ସ୍ତ୍ରୀର ପରିଚୟ ଦେଇ ରଖିଥିଲେ କିନ୍ତୁ ତାଙ୍କ ସହିତ କୌଣସି ଶାରୀରିକ ସମ୍ପର୍କ ରଖିନଥିଲେ । ଠିକ ସେହିଭଳି ଗୋଟିଏ ବାଳକ ଓ ଗୋଟିଏ ବାଳିକାକୁ ନିଜର ପୁଅ ଓ ଝିଅର ପରିଚୟ ଦେଇ ରଖିଥିଲେ । ସେ ନିଜେ ଅତି ଗରିବ ଥିଲେ ମଧ୍ୟ କୌଣସି ଅଭାବୀ ଦୁଃଖୀ ରଙ୍କି ଦେଖିଲେ ପିତାଙ୍କ ବିରୋଧ ସତ୍ତ୍ୱେ ତାଙ୍କ ସଞ୍ଚିତ ଅର୍ଥ ଦେଇ ଲୋକମାନଙ୍କୁ ପାରୁପର୍ଯ୍ୟନ୍ତ ସାହାଯ୍ୟ କରୁଥିଲେ ।

ଧୀରେ ଧୀରେ ତାଙ୍କର କବି ପ୍ରତିଭା ଚାରିଦିଗରେ ବ୍ୟାପିଗଲା । ତାଙ୍କର ଭକ୍ତି କବିତା ଶୁଣି ଲକ୍ଷ ଲକ୍ଷ ଲୋକ ଆକର୍ଷିତ ହୋଇ ତାଙ୍କୁ ଦେଖିବାକୁ ଓ ତାଙ୍କର କବିତା

To read the complete magazine, Download it for FREE from www.aahwaan.com

ଶୁଣିବାକୁ ଦୂରଦୂରାନ୍ତରରୁ ଆସିବାକୁ ଲାଗିଲେ । ତାଙ୍କର ଖ୍ୟାତି ବ୍ୟାପିବାକୁ ଲାଗିଲା । ତାଙ୍କର ଭକ୍ତି ସଙ୍ଗୀତ କୌଣସି ଗୋଟିଏ ଧର୍ମକୁ ଅନୁସରଣ କରୁନଥିଲା । ଯେ କୌଣସି ଧର୍ମର କୁଅର୍ଥ ଦେଖିଲେ ସେ ତୀବ୍ର ସମାଲୋଚନା କରୁଥିଲେ । ମୁସଲମାନଙ୍କ ସୁନ୍ନତ ପ୍ରଥା ଓ ହିନ୍ଦୁଙ୍କ ପଇତା ଧାରଣକୁ ସେ ସମାଲୋଚନା କରୁଥିଲେ । ପ୍ରାତଃ କାଳରେ ମୁସଲମାନ ପରମ୍ପରା ଅନୁଯାୟୀ 'ଆଲ୍ଲା ହୋ ଆକବର' ଡାକ ଶୁଣି ସେ କବିତାରେ ଲେଖିଛନ୍ତି – ମସଜିଦ ଉପର ମୁଲ୍ଲା ପୁକାରେ, କ୍ୟା ସାହେବ ତେରା ବେହରା ହାଏ, ଚିଣ୍ଟିକେ ପଗ ନେଭର ବନ୍ଧେ, ସୋ ଭି ସାହିବ ସୁନତା ହାଏ । ଏହାର ଅର୍ଥ – ତୁମର ଆଲ୍ଲା କଅଣ କାଲା କି, ମସଜିଦ ଉପରେ ମୁଲ୍ଲା ଏତେ ଜୋରରେ କାହିଁକି ଚିତ୍କାର କରୁଛି, ପିମ୍ପୁଡ଼ି ଗୋଡ଼ରେ ବନ୍ଧା ଘଣ୍ଟି ଶବ୍ଦ ମଧ୍ୟ ସାହିବ (ଭଗବାନ) ଶୁଣିପାରନ୍ତି ।' ଏହା ଶୁଣି ମୁସଲମାନ ସମ୍ପ୍ରଦାୟ ତାଙ୍କ ଉପରେ କ୍ରୋଧ ପ୍ରକାଶ କରୁଥିଲେ । ସେହିଭଳି ଗଙ୍ଗାଜଳରେ ସ୍ନାନକଲେ ସବୁ ପାପକ୍ଷୟ ହୋଇଯିବା କଥାକୁ ସମାଲୋଚନା କରୁଥିଲେ । ଗୋଟିଏ ମାଟି ପାତ୍ରରେ ଗଙ୍ଗା ଜଳ ଆଣି ସେ ଜଣେ ବ୍ରାହ୍ମଣକୁ ପିଇବାକୁ ଦେବାରୁ ବ୍ରାହ୍ମଣ ମନାକଲେ । କାରଣ ଦର୍ଶାଇ କହିଲେ, "ଛୋଟ ଜାତିର ଲୋକ ଛୁଇଁବାରୁ ତାହା ଅପବିତ୍ର ହୋଇଗଲା ।" କବୀର କହିଲେ, "ଯଦି ଜଣେ ଛୋଟ ଜାତି ଲୋକର ସ୍ପର୍ଶରେ ଗଙ୍ଗା ଜଳ ନିଜେ ଅପବିତ୍ର ହେଉଛି, ତା'ହେଲେ ତାହା ମନୁଷ୍ୟର ପାପକୁ କିପରି କ୍ଷୟ କରିପାରିବ ?" ଏହିପରି କଥା ଯୋଗୁଁ ସେ ଲୋକଙ୍କର ଥଟ୍ଟା ପରିହାସର ପାତ୍ର ହୋଇଥିଲେ । ବିଭିନ୍ନ ଧର୍ମମାନଙ୍କୁ ସମାଲୋଚନା କରିବା ଫଳରେ ସେହି ଧର୍ମାବଲମ୍ବୀଙ୍କର ମୁଖିଆମାନଙ୍କର ଶତ୍ରୁ ପାଲଟି ଯାଇଥିଲେ । କିନ୍ତୁ ଠିକ ସେହି କାରଣମାନଙ୍କ ଯୋଗୁଁ ସେ ସାଧାରଣ ଲୋକଙ୍କର ଅତି ପ୍ରିୟଭାଜନ ହୋଇ ତନ୍ତିରୁ ସନ୍ଥରେ ପରିଣତ ହୋଇଥିଲେ । ସେ ନମ୍ର ସ୍ୱଭାବର ପ୍ରତୀକ ଥିଲେ ଓ ନିଜର ନାମ କବୀର ଦାସ ରଖିଥିଲେ, ଯାହାର ଅର୍ଥ ବିରାଟ ଦାସ (ସେବକ) ।

ସେତେବେଳେ ଦିଲ୍ଲୀରେ ମୁସଲମାନ ସୁଲତାନ ସିକନ୍ଦର ଲୋଦୀ ରାଜତ୍ୱ କରୁଥିଲେ । ଈର୍ଷାନ୍ୱିତ ଧର୍ମ ରଖୁଆଳମାନେ କବୀରଙ୍କ ବିରୁଦ୍ଧରେ ଲୋଦୀଙ୍କ ଆଗରେ

To read the complete magazine, Download it for FREE from www.aahwaan.com

ଫେରାଦ କଲେ । କବୀରଙ୍କୁ ଆଣି ଲୋଦୀଙ୍କ ଆଗରେ ଠିଆ କରାଗଲା । ନବାବଙ୍କ ଆଗରେ ମୁଣ୍ଡ ନୋଇଁବାକୁ କହିବାରୁ ସେ କହିଥିଲେ, "ମୁଁ କେବଳ ଭଗବାନଙ୍କ ଆଗରେ ମୁଣ୍ଡ ତଳକୁ କରେ" । କ୍ରୋଧ ଓ ଅପମାନରେ ଲୋଦୀ ତାଙ୍କୁ ଶିକୁଳୀରେ ବାନ୍ଧି ନିଆଁରେ, ପୋଖରୀରେ ଓ ପାଗଳ ହାତୀ ଆଗରେ କ୍ରମାନ୍ୱୟରେ ରଖିଲେ ମଧ୍ୟ ତାଙ୍କର କୌଣସି କ୍ଷତି ହେଲାନାହିଁ । ତା'ପରେ ଆଶ୍ଚର୍ଯ୍ୟଚକିତ ଲୋଦୀ କବୀରଙ୍କର କ୍ଷମା ଭିକ୍ଷା କରି ତାଙ୍କୁ ମୁକ୍ତ କରିଥିଲେ ।

ତାଙ୍କ କବିତାଗୁଡ଼ିକୁ ସୁଫି ସଙ୍ଗୀତ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି । ଆଶ୍ଚର୍ଯ୍ୟର ବିଷୟ, ବିଭିନ୍ନ ଶାସ୍ତ୍ରୀୟ ରାଗ ରାଗିଣୀ ଅନୁସାରେ ସବୁ କବିତା ସେ ଗାଇଥିଲେ । ଗୁରୁ କାହାକୁ କହନ୍ତି, ସଂସାରରେ ଭଲ କଏଣ ଓ ମନ୍ଦ କଏଣ, ଭଗବାନଙ୍କ ସହିତ କିପରି ମିଳନ ହୋଇପାରିବ ଇତ୍ୟାଦି ଅନେକ ଭକ୍ତି ସମ୍ପର୍କୀୟ ବିଷୟ ତାଙ୍କ କବିତାରେ ସ୍ଥାନ ପାଇଥିଲା । ଏହି ସମସ୍ତ କାରଣରୁ ତାଙ୍କୁ ଇଂରାଜୀରେ ମିଷ୍ଟିକ ପୋଏଟ (mystic poet) କୁହାଯାଏ ।

ସେତେବେଳେ ଲୋକମାନେ ବିଶ୍ୱାସ କରୁଥିଲେ, କାଶୀରେ ମୃତ୍ୟୁ ବରଣ କଲେ ସ୍ୱର୍ଗ ଓ 'ମଘର'ରେ ମୃତ୍ୟୁ ବରଣ କଲେ ନର୍କ ପ୍ରାପ୍ତି ହୁଏ । ଏହି ବିଶ୍ୱାସକୁ ଭାଙ୍ଗିବାକୁ ସେ ମୃତ୍ୟୁ ପୂର୍ବରୁ 'ମଘର' (ଜିଲ୍ଲା – ଗୋରଖପୁର) ଗ୍ରାମକୁ ଯାଇ ସେଠାରେ ରହିଥିଲେ ଓ ଅବଶେଷରେ ସେହି ସ୍ଥାନରେ ତାଙ୍କର ଅନୁଗାମୀଙ୍କ ମତରେ ସନ ୧୫୧୮ରେ ମୃତ୍ୟୁ ବରଣ କରିଥିଲେ କିନ୍ତୁ ହଜାରି ପ୍ରସାଦ ତ୍ରିବେଦୀଙ୍କ ଗବେଷଣା ଅନୁଯାୟୀ ଏହା ୧୪୪୮ ହୋଇପାରେ ।

ତାଙ୍କର ମୃତ୍ୟୁ ମଧ୍ୟ ଆହୁରି ରହସ୍ୟମୟ । ତାଙ୍କର ମର ଶରୀରକୁ ଗୋଟିଏ ଚାଦର ସାହାଯ୍ୟରେ ଢାଙ୍କି ଦିଆଯାଇଥିଲା । ନିକଟ ଓ ଦୂରରୁ ହଜାର ହଜାର ଲୋକ ତାଙ୍କ ଶେଷଦର୍ଶନ ନିମନ୍ତେ ଆସିବାକୁ ଲାଗିଲେ । ଜୀବଦ୍ଦଶାରେ ଅନେକ ଲୋକଙ୍କର ଅପ୍ରିୟ ଥିଲେ ମଧ୍ୟ ମୃତ୍ୟୁପରେ ତାଙ୍କର ଲୋକପ୍ରିୟତା ଚିହ୍ନା ପଡ଼ିଥିଲା । ଭକ୍ତ ହିନ୍ଦୁମାନେ ତାଙ୍କ

To read the complete magazine, Download it for FREE from www.aahwaan.com

ମତ ଓ ମୁସଲମାନମାନେ ତାଙ୍କ ମତ ଅନୁସାରେ ଶେଷ କୃତ୍ୟ କରିବାକୁ ଜିଦ୍ ଧରିବସିଲେ । କିଛି ସମାଧାନ ନ ହୋଇପାରିବାରୁ ଓ ଅସଂଖ୍ୟ ଭକ୍ତ ତାଙ୍କର ଶେଷ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ଅବଶେଷରେ ତାଙ୍କର ମର ଶରୀର ଉପରୁ ଚାଦର କାଢ଼ି ଦିଆଯାଇଥିଲା । ଆଶ୍ଚର୍ଯ୍ୟର ବିଷୟ, ଚାଦର ତଳେ କବୀରଙ୍କର ମରଶରୀର ନଥିଲା ଓ ତା' ବଦଳରେ ଅସଂଖ୍ୟ ସତେଜ ଫୁଲ ଜମା ହୋଇ ରହିଥିଲା । ସେହି ଫୁଲରୁ ଅଧା ହିନ୍ଦୁମାନେ ନେଇ ଦାହ ସଂସ୍କାର ଓ ଅଧା ମୁସଲମାନମାନେ ନେଇ କବର ଦେଇଥିଲେ । ମୀରାବାଇଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କର ମର ଶରୀର ମିଳିନଥିଲା ଓ ଭଗବାନ କୃଷ୍ଣଙ୍କର ମୂର୍ତ୍ତିରେ ଲୀନ ହୋଇଯାଇଥିବା ବିଶ୍ୱାସ କରାଯାଏ । ଅଗଣିତ ଶତ୍ରୁ ଶେଷରେ ତାଙ୍କ ଆଚାର, ବ୍ୟବହାର, ଧର୍ମୋପଦେଶ ଓ କବିତାଦ୍ୱାରା ପ୍ରଭାବିତ ହୋଇ ତାଙ୍କର ପ୍ରଶଂସକ ପାଲଟିଯାଇଥିଲେ ।

ସନ୍ଥ କବୀରଙ୍କ ଜୀବନ, ଦର୍ଶନ, ଉପଦେଶ ଓ କବିତାମାନଙ୍କର ମର୍ମ ଅତିମାନବୀୟ ଓ ଅତି ବୃହତ ଯାହା ଏହି କ୍ଷୁଦ୍ର ରଚନାରେ ସଂପୂର୍ଣ୍ଣ କରିବା ସମ୍ଭବ ନୁହେଁ । ଭାରତ ଓ ଭାରତ ବାହାରେ ଅନେକ ବ୍ୟକ୍ତି ତାଙ୍କର କବିତାର ଯଥାର୍ଥ ଅର୍ଥ ତଥା ମର୍ମ ବୁଝିବାକୁ ଗବେଷଣା କରିଚାଲିଛନ୍ତି ଓ ବହିମାନ ପ୍ରକାଶ କରିଚାଲିଛନ୍ତି । ଏହା ଏକ ପ୍ରବହମାନ ପ୍ରଚେଷ୍ଟା ଯେଉଁଥିରେ ମୁଁ ସାମାନ୍ୟ ଅଂଶ ଗ୍ରହଣ କରିଛି ।

* ବି:ଦ୍ର: ତାଙ୍କର କବିତା ପଢ଼ିବାକୁ ଇଚ୍ଛୁକ ବନ୍ଧୁମାନେ ଗୃପରେ ଲେଖିଲେ ଏହି ଆହ୍ୱାନ ଇ-ପତ୍ରିକାରେ ସମୟକ୍ରମେ କବିତା ସହ ଆଲୋଚକମାନଙ୍କର ସମୀକ୍ଷା ପ୍ରକାଶ କରିବି ।

ପୂର୍ବତନ ସହଯୋଗୀ ପ୍ରଫେସର, ଅସ୍ଥି ଶଲ୍ୟ ବିଭାଗ,

କିମ୍ସ ମେଡିକାଲ କଲେଜ

ଭ୍ରାମ୍ୟଭାଷ – ୭୯୭୮୦୫୯୮୫୧

To read the complete magazine, Download it for FREE from www.aahwaan.com

# ଇପ୍‌ସିତ ସକାଳ ଉପନ୍ୟାସରେ ଜୀବନ ଜୀବିକାର କଥା



ରଞ୍ଜିତା ପାତ୍ର

୨୦୦୪ ମସିହାର ଶେଷ ଆଡକୁ 'ଗ୍ରନ୍ଥ ମନ୍ଦିର' ଦ୍ୱାରା ପ୍ରକାଶ ପାଇଛି 'ଇପସିତ ସକାଳ' ଉପନ୍ୟାସ । ଉପନ୍ୟାସଟି ଅତୀତରେ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା 'କସ୍ତୁରୀ' ପତ୍ରିକାରେ 'ସୁନାକଳସ' ନାମରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଏହା ଔପନ୍ୟାସିକା କବିତା ବାରିକଙ୍କ ରଚିତ ପଞ୍ଚମ ଉପନ୍ୟାସ ।

ମୟୂରଭଞ୍ଜର ଠାକୁରମୁଣ୍ଡା ଗାଁକୁ ପୃଷ୍ଠଭୂମି କରାଯାଇ ଉପନ୍ୟାସଟି ଲେଖାଯାଇଛି । ଶାଳ ବଣର ଜଙ୍ଗଲ, ଶିଳିଳି ପାଳ ପାହାଡ ପାଦ ତଳେ ଛୋଟକାଟିଆ ଗାଁ, ଯାହା ସହରରେ ବଦଳିବାକୁ ଆରମ୍ଭ କରିଛି । ପୋଷ୍ଟ ଅଫିସ, ବ୍ୟାଙ୍କ, ସ୍ୱାସ୍ଥ୍ୟ କେନ୍ଦ୍ର, କେତୋଟି ତେଜରାତି ଦୋକାନ, ଚା, ଜଳଖିଆ ଦୋକାନ । ସେଇଠି ହିଁ ଉପନ୍ୟାସର ନାୟକ ମନୋଜର ପୋଷ୍ଟିଂ ହୋଇଛି । ସେଠିକା ଷ୍ଟେଟ ବ୍ୟାଙ୍କରେ ଚାକିରି କରୁଥିବା ବନ୍ଧୁ ଅରୁଣ ବସାରେ ସେ ଓହ୍ଲାଇଛି । ଅବଶ୍ୟ ପ୍ରଥମରୁ ଏଭଳି ମଫସଲ ଜାଗାକୁ ନ ଆସିବା ପାଇଁ ଚାହୁଁଥିବା ମନୋଜ, ଆସିବାର ପ୍ରଥମ ଦିନରେ ହିଁ ଏହି

To read the complete magazine, Download it for FREE from www.aahwaan.com

ସ୍ଥାନର ପ୍ରାକୃତିକ ଶୋଭାର ପ୍ରେମରେ ପଡିଯାଇଛି । ଗୋଟିଏ ସୁନ୍ଦର ଅଜଣା ପକ୍ଷୀର ଡାକରେ ବଡି ଭୋରୁ ତାର ନିଦ ଭାଙ୍ଗି ଯିବା ସହିତ ପାହାଡି ଜାଗାରେ ବଇଁଶୀର ଧୁନ, ମାଦଳର ତାଳ ତାକୁ ଅଭିଭୂତ କରିଛି । ପିଲାଦିନେ ଜେଜୀମା ବଞ୍ଚିଥିଲା ବେଳେ ସେ ରହୁଥିଲା ଗାଁରେ । ତାପରେ ମନୋଜ ସହରରେ ପଢିଛି, ବଡ ହୋଇଛି, ତେଣୁ ଏଇ ଗାଁର ଛେଳି ଛୁଆର ମେଁ ମେଁ ଶବ୍ଦ, ପାରାର ଘୁମୁରା, ନାଲି ସଡକ, ବଳଦ ଗାଡିର କେଁ କେଁ କଟର, ପାଣି ଗରାର ଟୁଂ ଟୁଂ ଶବ୍ଦ, ଧାନବିଲ, ଧାନରୁଆ, ଡାଳମାଙ୍କୁଡି ଖେଳ ସବୁ କିଛି ସତେ କି ତାର ପିଲାଦିନକୁ ଛୁଇଁ ଯାଇଛି ।

ମନୋଜ କ୍ୟାମେରା ଧରି ତାପରେ ସମୟ ପାଇଲେ ଘୁରି ବୁଲିଛି ଜଙ୍ଗଲ, ଝରଣା, ହାଣ୍ଡିଆ ହାଟ, ମେଳା, ମଉଛବ, ବାହାଘର ଠୁ ଆରମ୍ଭ କରି ଗାଁ ପରେ ଅନେକ ଗାଁ ସୂର୍ଯ୍ୟର ସୁନେଲି କିରଣ କଞ୍ଚା ଶାଳବଣ ପତ୍ର ଭିତରେ ଦେଇ ଯେତେବେଳେ ଛିଟିକି ପଡିଥାଏ, ବାଇନା କୁଲାର ଭିତରେ ତାକୁ ଦେଖି ସେ ମନ୍ତ୍ରମୁଗ୍ଧ ହୋଇଛି । ମନୋଜ ଆସିଛି ସରକାରଙ୍କ ପ୍ରତିନିଧି ସାଜି ଲୋକଙ୍କୁ ବୁଝାଇବ ସ୍ୱାସ୍ଥ୍ୟ, ପରିବାର ନିୟନ୍ତ୍ରଣ, ଋଣ, ଚାଷ, ଉନ୍ନତି ଜୀବନ ପ୍ରଣାଳୀ ସଂପର୍କରେ । ପ୍ଲାନିଂ ଅଫିସର ଭାବରେ ସରକାରଙ୍କୁ ରିପୋର୍ଟ ଦେବ । ଏଠିକାର ଅଭାବ, ଦାରିଦ୍ର, ସ୍ୱାସ୍ଥ୍ୟ, ଶକ୍ଷା ସଂପର୍କରେ । ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇବ । ତେଣୁ ମାସ ମାସ ଧରି ବିଭିନ୍ନ ଗାଁକୁ ଟୁରରେ ଗଲାବେଳେ ମଫସଲର ଦାରିଦ୍ର, ସରଳ, ନିଷ୍ପାପ ମଣିଷକୁ ଅନାବିଳ ପ୍ରକୃତି ଭିତରେ ଆବିଷ୍କାର କରିଛି । ଯେତେ ନିକଟ ହୋଇଛି, ସେତେ ସେତେ ସେମାନଙ୍କ ହୃଦୟର ଭାଷା, ଚେତନା, ଅନ୍ଧବିଶ୍ୱାସ, ସରଳତା, ସଂସ୍କୃତି, ସଭ୍ୟତା, ଚେତନା ସହିତ ସେ ପରିଚିତ

To read the complete magazine, Download it for FREE from www.aahwaan.com

ହୋଇଛି । ଅର୍ଦ୍ଧନଗ୍ନ ମଣିଷଙ୍କ ଭିତରେ ଆଶାର ସଂଚାର ତିଆରି ହେବ । ଲେଖିକାଙ୍କ ଭାଷାରେ, ମନୋଜ ଭାବୁଥିଲା ଏହାହିଁ ପ୍ରକୃତ ଭାରତ ବର୍ଷର ଚିତ୍ର । ଖାତାପତ୍ରରେ ଆମେ ଆଜି ଖୁବ ଉନ୍ନତି କରିଛୁ । ଅଥଚ ଶହେ ବର୍ଷ ତଳେ ଗାଁ ଯେମିତି ଥିଲା ସେମିତି ରହିଛି । ପିଇବା ପାଣିର ସୁବିଧା ନାହିଁ, ଇଲକଟ୍ରି ଯାଇନାହିଁ, ସଭ୍ୟତା ପଶି ନାହିଁ । ଦାରିଦ୍ର, ଅଜ୍ଞାନତା, ଅନ୍ଧବିଶ୍ୱାସ, କଣ୍ଟ୍ରାକ୍ଟର ଶୋଷଣର ସୀମା ନାହିଁ ।

ସେଠି ତାର ଦେଖା ହୋଇଛି କଳାବତୀ ସହିତ । ବନ୍ଧୁ ଅରୁଣଠୁ ଶୁଣିଛି କଳାବତୀ ଜୀବନର କାରୁଣ୍ୟ କଥା । ଉଆଁସୀ କନ୍ୟା କଳାବତୀ ଦୁଇଥର ବେଦୀରେ ବସିଛି ଆଉ ଦୁଇଥର ବିଧବା ହେଇ ଯାଇଛି । ସ୍ଥାନୀୟ ସ୍କୁଲର ଶିକ୍ଷୟିତ୍ରୀ ସେ । ତାର ଜୀବନ କାହାଣୀ, ଉଦାସ ଚେହେରା, ଆୟତ ଆଖିର କାରୁଣ୍ୟ, କୃଷ୍ଣଚୂଡା ଫୁଲ ଗୋଟାଇଲା ବେଳେ ଖୋଲାବାଳର ସୌନ୍ଦର୍ଯ୍ୟରେ ମୁଗଧ ହୋଇଯାଇଛି ମନୋଜ । ମନେମନେ ଭଲ ପାଇଛି । ମୃତ୍ୟୁକୁ ତାର ଡର ନାହିଁ । ମୃତ୍ୟୁ କଣ ଭଲପାଇବାଠୁ ବଡ ? ସବୁଅନ୍ଧ ବିଶ୍ୱାସ । କୁଆ ବୋବାଇ ବାକୁ ତାଳ ପଡିବା ନ୍ୟାୟରେ ତଉଲା ଯାଉଛି । କଳାବତୀ ଜୀବନରେ ସେ ବସନ୍ତ ଭରିଦେବ । ଘରେ ରାଜି ନହେଲେ ବୁଝାଇବ, ଦରକାର ହେଲା ଘର ଛାଡିବହେଲେ କଳାବତୀ ସବୁ ଶୁଣି ମନୋଜର ପ୍ରସ୍ତାବରେ ରାଜି ହୋଇ ନାହିଁ । ଶେଷରେ ମନୋଜର ପାଗଳାମି ଓ ଦୃଢ ନିସ୍ପତ୍ତି ଦେଖି ବିବ୍ରତ ହୋଇ ବାଧ୍ୟ ହୋଇ ସେ ନିଜର ବଦଳି କରି ନେଇଛି ଅନ୍ୟତ୍ର ଓ ମନୋଜ ଜୀବନରେ ଏକ ବେଦନା ଭରା ସ୍ମୃତି ହୋଇ ରହିଯାଇଛି ।

ମନୋଜ, ପୋଷ୍ଟିଂ ହେଲାପରେ ସହର ଛାଡି ଯେଉଁ ଗାଁକୁ ଆସିବାକୁ ଅରାଜି ଥିଲା

To read the complete magazine, Download it for FREE from www.aahwaan.com

ସେ ଗାଁର ମଣିଷ, ପରିବେଶ, ପ୍ରକୃତି ତାକୁ ବାନ୍ଧି ପକାଇଛି । ଗାଁର ମଣିଷମାନଙ୍କ ପ୍ରତି ଦୟା ଆସିଛି । ହେଲେ ସେମାନଙ୍କର ଦାରିଦ୍ର, ଅସହାୟତା ତାକୁ ଦୁଃଖି କରି ଦେଇଛି । ବ୍ୟବସାୟୀ ମାନେ ଟ୍ରକ ଆଣି କମ ଦାମରେ ଶାଳମଞ୍ଜି, ମହୂଲ, କେନ୍ଦୁପତ୍ର, ଚେରିକୋଳି ମଞ୍ଜି ନେଇ ଯାଉଛନ୍ତି । କନ୍ଦମୂଳ, ଆଳୁ, କଦଳି ଆଦି ବିଭିନ୍ନ ଋତୁରେ ଉତ୍ପାଦିତ ପନିପରିବା ବି ଚାଲାଣ ହୋଇ ଯାଉଛି । ୟୁନିସେଫ ଯୋଗାଉଥିବା ଖାତା, ଓଜନ ମେସିନ, ଗୁଣ୍ଡଦୁଗଧ, ଖେଳଣା ପ୍ରଭୃତିର ଚୋରାଚାଲାଣ ହେଇ ଯାଉଛି । କାଠ ମାଫିଆମାନେ ମୂଲ୍ୟବାନ ଗଛସବୁ ହାଣି ନେଇ ଯାଉଛନ୍ତି । ଫରେଷ୍ଟର, ରେଞ୍ଜରଙ୍କୁ ହାତଗୁଞ୍ଜା ଦୋ । ଡାକ ବଙ୍ଗଳାକୁ ଯାଞ୍ଚ ପାଇଁ ଆସୁଥିବା ଅଫିସରମାନଙ୍କୁ ଆଦିବାସୀ ଝିଅ ରାତ୍ରିଯାପନ ପାଇଁ ଯୋଗାଇ ଦିଆଯାଉଛି । ନିଜେ ବାପ ଟଙ୍କା, ମଦବୋତଲ ପାଇ ଝିଅକୁ ଉପଭୋଗ ପାଇଁ ସେଠି ଛାଡି କବାଟ ବନ୍ଦ କରି ମଦବୋତଲ ଧରି ଜଗୁଆଳ ସାଜିଛି । ଦାରିଦ୍ର ଯୋଗୁଁ ସ୍ୱାମୀ ସ୍ତ୍ରୀକୁ, ବାପ ଝିଅକୁ ଦଲାଲ ହାତରେ କିମ୍ବା ଦେହ ବ୍ୟବସାୟ ପାଇଁ ବାଧ୍ୟ କରୁଛି । ଲେଖିକା ଅତି ସ୍ୱଷ୍ଟ ଭାବରେ ସମାଜରେ ଘଟୁଥିବା ଦୁର୍ନୀତିକୁ ଦର୍ଶାଇଛନ୍ତି । ସରକାରୀ ଗାଡିର ଅପବ୍ୟବହାର, ଲାଞ୍ଚ, ସରକାରୀ କଳର ଶକ୍ତି, ଅର୍ଥ ତୋଷାର ପାତ, ଗାଁରେ ଟ୍ୟୁବେଲ, ପୋଖରୀ ଖୋଳାଇବାରେ ମିଛ ରିପୋର୍ଟ, ଟିପଚିହ୍ନ ନେଇ ବାର୍ଦ୍ଧକ୍ୟ ଉତ୍ତାର ଆତ୍ମସାତ, ଦାମୀ କାଠ, କୁକୁଡା, ଛେଳି ଲାଞ୍ଚଏମିତି କେତେକଣ ଦିଗ ପ୍ରତି ଆଲୋକପାତ କରା ଯାଇଛି । ଏକ ଦୁର୍ନୀତିପୂର୍ଣ୍ଣ, କଳୁଷିତ ଦିଗପ୍ରତି ଆଲୋକ ପାତ କରାଯାଇଛି । ଏକ ଦୁର୍ନୀତିପୂର୍ଣ୍ଣ, କଳୁଷିତ ସମ୍ମାନ କେମିତି ସରଳ ଗାଁକୁ ଗ୍ରାସ କରିଯାଇଛି ତାହା ଦେଖାଇ ଦେବାକୁ ଚେଷ୍ଟା କରିଛନ୍ତି ଲେଖିକା । ସମୟ ବଦଳିବା ସହିତ

To read the complete magazine, Download it for FREE from www.aahwaan.com

ନାରୀ ଶିକ୍ଷିତା ହେଲେ ବି ବିଭିନ୍ନ ଅନ୍ଧ ବିଶ୍ୱାସ, ନିର୍ଯ୍ୟାତନା ବି ବଢି ଚାଲିଛି । ସେସବୁର ବର୍ଣ୍ଣନା ଦେବାକୁ କାର୍ପଣ୍ୟ କରି ନାହାନ୍ତି ଔପନ୍ୟାସିକା

ପୂର୍ବଭଳି ଅନାମଧେୟ କୋହ୍ଲ କବି ଭିତରେ କେମିତି ଦେଶ ପ୍ରୀତିର ଭାବ ରହିଛି ଓ ମୁହେଁ ସେ ତା ମାତୃଭାଷାରେ ପଦ ପକେଇ ଦେଶ ବନ୍ଦନାର କବିତା ଲେଖୁଛି, ଯାହା ସଭ୍ୟ, ଶିକ୍ଷିତ ସମାଜ ପାଖରେ ବିରଳ ବା କେବେ ବି ସେଠି ପହଞ୍ଚାଇ ପାରିବ ନାହିଁ । ପୂର୍ତ୍ତି ତାର ମାତୃ ଭାଷା କୋହ୍ଲ କବି ଗାଉଥିଲା-

ନାବୁ ଜନମ ଦିଶୁମ୍ ଲେକା କାରେମ ନାମେୟା

ଚାରୁ କେତେ ଗାଡା କେତେ ବାକୟା କାନ୍ହା

ଅର୍ଥାତ - ଆମର ଜନ୍ମଭୂମି ସବୁଠୁ ସୁନ୍ଦର । ଆମର ଜନ୍ମଭୂମି ଭଳିଆ ଦେଶ କେଉଁଠି ମିଳିବ ନାହିଁ । ତାର ଅର୍ଥ ଜାଣି ମନୋଜ ଦେଶ ପ୍ରୀତିର ଭାବ ଓ ଉଚ୍ଛାସ ଅନୁଭବ କରିଛି । ଦେଶକୁ ଭଲ ପାଇବାର ବିହ୍ୱଳତା ପୂର୍ତ୍ତି କବି ଭିତରେ ଦେଖିଛି । ଏଠି ଲିଙ୍ଗା, ଫୁଲମଣି, ଅହଲ୍ୟା ଦିଦି, ଝୁମୁର, ଡେଲାଙ୍କ ଗୋଟିଏ ଗୋଟିଏ ଚମତକାର ଚରିତ୍ର । ଏମାନେ ଠକିଛନ୍ତି, ହଜାଇଛନ୍ତି, ଶୋଷଣ, ନିର୍ଯ୍ୟାତନାର ଶିକାର ହୋଇଛନ୍ତି ।

ଉତ୍କଟ ଦାରିଦ୍ର୍ୟ ଯୋଗୁଁ ଡେଲାଙ୍କ ହୋ ତା ସ୍ତ୍ରୀ ଫୁଲମଣୀକୁ ବାଧ୍ୟ ହୋଇ ଦେହ ବ୍ୟବସାୟରେ ଲଗାଇଛି । ମନୋଜକୁ ଡେଲାଙ୍କ ଭେଟି ଦେଇଛି ତାର ଚିରାଚରିତ ରୀତିରେ (ଫୁଲମଣିକୁ ଭେଟି ଦେଇଛି), ଯେମିତି ଏଠକାର ବି.ଡି.ଓ, ଓଭରସିଓର, ଡାକ୍ତର ପ୍ରଭୃତିକୁ ଭେଟିଦିଏ । ମନୋଜ ଆଶ୍ଚର୍ଯ୍ୟ ହୋଇଛି । ମନୋଜ ଆଶ୍ଚର୍ଯ୍ୟ ହୋଇଛି, ଯେତେବେଳେ ଜାଣିଛି ଯେ ଫୁଲମଣି ହେଉଛି ଡେଲାଙ୍କର ସ୍ତ୍ରୀ । ସେମାନଙ୍କ କରୁଣ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କାହାଣୀ ସେ ଶୁଣିଛି । ସେମାନଙ୍କୁ ଆର୍ଥିକ ସହାୟତା ଦେଇ ଦୋକାନଟିଏ କରାଇ ଦେଇଛି । ଫୁଲମଣିକୁ ବୁଝାଇ ଏହି ନର୍କର ରାସ୍ତା ଛଡାଇ ଦେଇଛି । ଫୁଲମଣି କହିଛି, ବାସନମାଜି, ପାଣି ଦି ଓଳା ଦେଇ, ମାଟି କାମ କରି ଚଳିଥାନ୍ତି ବାବୁ, ହେଲେ ତମ ବାବୁମାନେ ତ ମୋତେ ଅଇଁଠା କରି ଦେଲେ । ଗିରସ୍ତକୁ କହିଲି ସେ ତ ଫେଁ ଫେ ହସିଲା । ତୋର ଆଉ କି ଅଛି, ଛୁଆର ମା ତୁ ହୋଇ ସାରିଛୁ । ମନୋଜର ଆଖିରେ ଠିଆ ହେଲା ଶୀକାର ଗଳ୍ପର ଘିନୁଆ । ସବୁ ଯୁଗରେ, ସବୁ କାଳରେ ଫୁଲମଣିମାନେ ହିଁ ପ୍ରାୟଶ୍ଚିତ କରନ୍ତି । ଏହାର କାରଣ ହେଲା ସେମାନେ ନାରୀ ।

ଏହି ଉପନ୍ୟାସରେ ନନ୍ଦ ମଉସା ଆଉ ଏକ ଚରିତ୍ର । ସେ ଲୋକମାନଙ୍କୁ ଭାଗବତ ପଢି ଶୁଣାନ୍ତି ଓ ସଂସାରର ଅନିଶ୍ଚତା କଥା ବୁଝିଛନ୍ତି । ଦିନେ ତାଙ୍କର ମଧ୍ୟ ଥିଲା ମାୟାର ସଂସାର । ପୁଅ ଭିମ କୁଣ୍ଡରେ ଗାଧଉ ଗାଧଉ ଭାସିଗଲା । ପୁତ୍ର ଶୋକରେ ସ୍ତ୍ରୀ ବିଛଣା ଧରିଲେ ଆଉ ଉଠଲେ ନାହିଁ । ଗୋଟିଏ ବୋଲି ଝିଅ ଥିଲା ତାକୁ ମଧ୍ୟ ସାପ ଦଂଶି ଦେଲା । ପାଗଳ ପ୍ରାୟ ହୋଇଗଲା ନନ୍ଦ ମଉସା । ପୁଣି ଦିନେ ଶ୍ରୀମଦ ଗୀତା ତାଙ୍କର ସାହାରା ପାଲଟି ଗଲା, ବଞ୍ଚିବାର ରାସ୍ତା ଦେଖାଇଲା । ସେ ଲୋକଙ୍କୁ ଶ୍ରୀକୃଷ୍ଣଙ୍କ ବାଣୀ ଶୁଣାଇଲେ । ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ମନୋଜ ଭାବିଛି ଏହି ଦେଶରେ ଗୀତାଭଳି ପୁସ୍ତକ ଥିବାସତ୍ତ୍ୱେଓ ଲୋକେ ଏମିତି ଲାଞ୍ଚ, ମିଛ, ପାପ, ହିଁସାରେ ପଡୁଛନ୍ତି କିପରି ?

ସେହିଭଳି ମୁଗୁଲୀ ଓ ଲିଙ୍କା । ଆଦିବାସୀ ଯୁବକ ଯୁବତୀ ଭିତରେ ଅଦ୍ଭୁତ ପ୍ରେମ ଦେଖା ଯାଇଛି । ଲିଙ୍କା ଚମତ୍କାର ବଇଁଶୀ ବଜାଏ । ଶାଳବଣର ଜୀବଜନ୍ତୁ ସତେ କି

To read the complete magazine, Download it for FREE from www.aahwaan.com

ମୁଗଧ ହୋଇ ଶୁଣନ୍ତି । ବଇଁଶୀ ବାଜିଲେ ଅନ୍ୟ ପାଞ୍ଚଜଣଙ୍କ ପରି ହସି ହେଁ ହେଁ ପାରେନି ମୁଗୁନି । ଧିରେ ଆସି ଶାଳ ବଣ ଛାଇରେ ଠିଆ ହୋଇ ବଇଁଶୀ ଶୁଣେ, ତାର ଭାଷା ବୁଝେ । ଖଡିଆଳ ଲିଙ୍କା ଶାଳପତ୍ର, ଝୁଣା, ପାଳୁଅ, ମହୁ, ପିତାଆଳୁ, ଶାଳ ଦାନ୍ତ କାଠି ବିକି ଚଳେ । ତାର ସଉକ ବଇଁଶୀ ବଜାଇବା । ମୁଗୁନି ଚିକ୍କଣ କଳଅ ହେଲେ ମଧ୍ୟ ନିଖୁଣ ପ୍ରତିମାଟିଏ । ହେଲେ ଲିଙ୍କା, ମୁଗୁନି ବାପାକୁ ତାର ମନମୁତାବକ କନ୍ୟାଟଙ୍କା ଦେଇ ପାରିଲାନି । ମୁଗୁନିକୁ ଯୋର ଜବରଦସ୍ତ ବେଶି ଟଙ୍କ ପାଇ ବାପା ତେର ଆଉ ଜଣକୁ ବିକି ଦେଲା । ସେହି ଦିନ ଠାରୁ ମୁଗୁନି ମୁକ ଲାପଟି ଗଲା । ବଇଁଶୀ ବଜାଇ ଚାଲିଲା । ଅନେକ ଜାତି ଝିଅ ତାର ହାତ ଧରିବାକୁ ଅନେଇ ବସିଥିଲେ ମଧ୍ୟ ସେ କାହାକୁ ଚାହିଁଲାନି । କେହ୍ଲ ଜାତିରେ ଫୁଣି ଏମିତି ପ୍ରେମ ଥାଇପାରେ ? ଇାପା ମାଆ ଗୋଟି ଗୋଟି ହୋଇ ଆର ପାରିକୁ ଚାଲିଗଲେ । ମୁଗୁନୀର ସ୍ମୃତିକୁ ପାଥେୟ କରି ଲିଙ୍କା କେବଳ ବଇଁଶୀ ବଜାଇ ଚାଲିଲା । ସତେକି ବଇଁଶୀ କାନ୍ଦୁଛି । ଶାଳ ଜଙ୍ଗଳ, ବାଘ, ହରିଣ, ବସ୍ତିର ବୁଢାବୁଢୀ ସମସ୍ତେ ଥମକି ଠିଆ ହେଇ ଯାଉଥିଲେ ।

ଦିନେ ବସ୍ତିରେ ନିଆଁ ଲାଗିଲା । ସାଉରାଣୀର କୁନି ପୁଅ ନିଆଁ ଭିତରେ ରହିଯାଇଥିଲା ନିଆଁକୁ ଡରି କେହି ପଶିଲେ ନାହିଁ । ହେଲେ ଜୀବନକୁ ପାଣି ଛଡାଇ ପଶିଥିଲା ଲିଙ୍କା । ବରଷକର ପୁଅକୁ ନିଆଁରୁ ଉଦ୍ଧାର କରି ଆଣିଲା ସତ ହେଲେ ସେ ତାର ବଇଁଶୀ ସହ ଅଶୀ ଭାଗ ପେଡି ଯାଇଥିଲା । ଦୁଇ ମାସ ମୃତ୍ୟୁ ସହ ସଂଗ୍ରାମ କରି ଆଖି ବୁଜି ଦେଲା । ତା ପରଠୁ ଶାଳ ବଣ ନିସ୍ତବ୍ଧ । ଲୋକେ କିନ୍ତୁ ତାର ସ୍ମୃତିରେ ଗୋଟେ ବଡ ମୁଗୁନି ପଥର ଥୋଇଲେ । ଯେଉଁଠ ତାକୁ ପୋଡା ଯାଇଥିଲା । ଯେଉଁ ସାଉରାଣୀର

To read the complete magazine, Download it for FREE from www.aahwaan.com

ବର୍ଷକର ପୁଅକୁ ସେ ଦିନେ ଉଦ୍ଧାର କରିଥିଲା, ତାର ବୟଷ ଏବେ ଅଶୀ ବର୍ଷ । ଲିଙ୍କା ଏଠି ଏବେ ମଧ୍ୟ ଜୀବନ୍ତ କିମ୍ବଦନ୍ତୀ । କେଉଁ ଦିନୁ ସେ ମଣିଷ ଆସନରୁ ଓହ୍ଲାଇ ଦେବତା ପାଲଟି ଯାଇଛି ।

ଆଉ ଦୁଇଟି ଚରିତ୍ର ହେଲେ ଝୁମୁର ଓ ଅଲାଙ୍କ । ଏଗାର ବର୍ଷର ଝୁମୁରୁକୁ ତାର ମାଆ, ପାଞ୍ଚଶହ ଟଙ୍କାରେ ବୁଢାଡାଇଭର ଚଙ୍କୁକୁ ଦେଇଦେଇଛି । ଯିଏ ଦୁଇ ଦୁଇ ଥର ବାହା ହୋଇ ସାରିଛି ଓ ତାର ବୟସ ପଚାଶରୁ ଅଧିକ । ତାର ନାତି ନାତୁଣୀମାନେ ଝୁମୁର ବୟସର । ଅଲାଙ୍କ ଭଲ ପାଉଥଲା ଝୁମୁରକୁ । ହେଲେ ବହୁ କଷ୍ଟରେ ତିନି ଶହ ଟଙ୍କା ଯୋଗାଡ କରିପାରିଥିଲା । ହେଲେ ମଟରବାଲି ଶୁଣିଲାନି । ଏତେ ବକଟେ ଝୁମୁରକୁ ବୁଢା ମଦୁଆ ଡ୍ରଇଭର ସହ ବାହା କରି ଦେଲା । ଝୁମୁର ବାହା କରିଦେଲା ପରେ ମଧ୍ୟ ବୁଝୀ ନଥିଲା ଯେ ତାର କେତେ ବଡ ସର୍ବନାଶ ହେବାକୁ ଯାଉଛି । ପ୍ରତିବାଦ ଶିଖିନାହିଁ କେବେ । ହେଲେ ବାହାଘର କେଇଟା ଦିନ ପରେ ସେ ମରି ଯାଇଛି ବାପ ସମାନ ମଦୁଆ ଚଙ୍କୁର ଅତ୍ୟାଚାରକୁ ତାର କୁନି ଦେହ ସହି ପାରି ନାହିଁ । ଲାଖିକାଙ୍କ ଭାଷାରେ-ଝୁମୁର ଭଳି ଅନେକ ଝିଅ ଦୁନିଆକୁ ଭଲରେ ଶହିନେବା ଆଗରୁ ଅତ୍ୟାଚାରର ଶିକାର ହୋଇଯାଉଛନ୍ତି । ଏ ଝୁମୁରମାନଙ୍କ ପାଇଁ ସକାଲ ଆସେନି । ସକାଳ ହେବାର ବହୁ ଆଗରୁ ଏମାନଙ୍କ ଜୀବନ ଗଙ୍ଗଶିଉଳି ଭଳି ଝଡି ପଡିଥାଏ ।

ଅନ୍ୟଏକ ଚରିତ୍ର ଅସିତ । ସେ ସଚୋଟ ଅଫିସର ରୂପେ କାର୍ଯ୍ୟ କରିଛି । ଲାଞ୍ଚ, ମିଛ, ଦୁର୍ନିତୀର ବହୁ ଦୁରରେ । ନଲେକ୍ଟର ଚୋରାଚାଲାଣ, କାଜୁ ବାଦାମ ଚାଷର ଦୁର୍ନିତୀ ପ୍ରଭୃତିର ପ୍ରକୃତ ସତ୍ୟ ରିପୋଟ ଦେଇଥିଲା ମାଫିଆମାନେ ଲକ୍ଷ୍ୟାଧିକ ଟଙ୍କା ଜାଚିଥିଲା ।

To read the complete magazine, Download it for FREE from www.aahwaan.com

କିଛି ଶୁଣି ନଥିଲା ଅସିତ । ହାଲା ସଚୋଟତାର ପରିଣତି ଥିଲା ଭୟଙ୍କର । କାଜୁ ବାଦାମ ବଗିଚାରେ ତାଙ୍କର କ୍ଷତବିକ୍ଷତ ଶରୀର ମିଳିଲା । ଏହା କଣ ଥିଲା ଅସୀତଙ୍କ ସଚୋଟ ପଣର ପୁରସ୍କାର । କଣ ପାଇଲେ ତାର ସ୍ତ୍ରୀ ଆଉ ଆଲୋକ ଦେଖିବାକୁ ଅପେକ୍ଷା କରୁଥିବା ଅବୋଧ ଗର୍ଭସ୍ତ ଶିଶୁ ? ।

ଏଠିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ଦିଦି । ତାଙ୍କ କାହାଣୀ ମଧ୍ୟ ବଡ କରୁଣ । ବିବାହ ଆଗରୁ ଯୌତୁକ ଦାବି କରି ବର ବେଦୀରୁ ଉଠିଗଲା । ବାପ ବରର ଗୋଡତଳେ ପଡି କାକୁତି କଲାବେଳେ ଅହଲ୍ୟା ଦିଦି ଯୌତୁକ ଲୋଭୀ ସମୀର ଦାସର ଗାଲରେ ଚାପୁଡାଟିଏ ମାରି ନିଜେ ଉଠି ଯାଇଥିଲା ବାସ୍ ସେହି ଦିନଠୁ ସେମିତି ରହିଯାଇଛନ୍ତି ଅହଲ୍ୟା ଦିଦି । ତଥାପି ସିନ୍ଦୁର ଲଗାନ୍ତି ଯାହାର କିଛି ମାନେ ନାହିଁ । ତଥାପି ଏହି ସିନ୍ଦୁର କିଛି ଅର୍ଥ ନରଖିଲେ ସୁଦ୍ଧା, ଏହା ତାଙ୍କୁ ଦିଏ ଅନେକ ଲୋଲୁପଙ୍କଠୁ ନିରାପତ୍ତା । ଘଟଣା କ୍ରମେ ବହୁ ବର୍ଷ ପରେ ତାଙ୍କର ସ୍କୁଲକୁ ସମୀର ଦାସ ଆସେ ନିଜ ପୁଅର ଅଡମିସନ ପାଇଁ ।

ସୁଲୋମଣି, ତୁକାରାମଙ୍କ ଜୀବନ କାହାଣୀରେ ମଧ୍ୟ କରୁଣ ପରିଣତି ଆଣିଛନ୍ତି ଔପନ୍ୟାସିକା । ସୁଲୋମଣିକୁ ନେଇ ତୁକାରାମ ସ୍ୱପ୍ନ ଦେଖୁଥିଲା । ହେଲେ ତାର ଜନ୍ମ କଲା ବାପ ରାତିକ ପାଇଁ ହାକିମ ପାଖରେ ବିକି ଦେଇଛି । ନିର୍ଜନ ଡାକ ବଙ୍ଗଳାରେ ଫୁଲମଣିର ଚିତ୍କାର ଶୁଣିବାକୁ କେହି ନଥିଲେ । ଫୁଲମଣିର ବାପା ଠେଙ୍ଗା ଧରି ଦୁଆର ମୁହରେ ଜଗି ବସିଥିଲା । ତିନିତିନିଟା ହାକିମ ସୁଲୋମଣି ଉପରେ ଡାହାଳ କୁକୁର ପରି ଝାମ୍ପି ପଡିଲା ବେଳେ ବୁଢା ମଦ ବୋତଲ ଓ ଟଙ୍କ ଗଣିବାରେ ବ୍ୟସ୍ତ ଥିଲା । ପାଞ୍ଚ ଦିନ

To read the complete magazine, Download it for FREE from www.aahwaan.com

ପରେ ପାହାଡି ଝିଲିର ପଥର ଖୋଲରେ ସୁଲୋମଣିର ସଢାଶବ ମିଳିଥିଲା । ତୁକାରାମ ଜାଣିଲା ଏସବୁ ତାର ବାପାର କାମ । ଟାଙ୍ଗିଆ ଚୋଟରେ ବୁଢାକୁ ଦିଗଡ କରି ଦେଲା । ଜେଲ ଗଲା ତୁକାରାମ । ପୁଣି ସାକ୍ଷୀ ଅଭାବରୁ ମୁକୁଳି ଗଲା । ଜେଲରୁ ବାହାରି ଆସିଲା ଏକ ଭିନ୍ନ ମଣିଷ ହୋଇ । ହସ ନଥିଲା, କ୍ରୋଧ ନଥିଲା, କାନ୍ଦ କି ଦୁଃଖ ନଥିଲା । ଏକବାର ମୁକ ଆଉ ଉଦାସ । ସୁଲୋମଣିର ଶବ ଯେଉଁଠି ମିଳିଥିଲା ସେଇଠି ଶୁଭିଲା ତା ବ୍ୟଥାର ବଇଁଶୀ । ସେଇଠି ସେ ବସୁଥିଲା, ହସୁଥଲା, ମଣିଷ ସଂସାରରୁ ଧୀରେ ଧୀରେ ଦୂରେଇ ଗଲା । ନିଜ ଭିତରେ ହଜିଗଲା । ଏବେ ବି ତୁକାରାମ ବଞ୍ଚିଛି, ସେହି ଝିଲିପାଖରେ ତାର ରହଣୀ । ସୁଲୋମଣି ତା ଆତ୍ମାର ଗୀତ ଶୁଣୁଛି । ମନୋଜ କୌତୂହଳୀ ହେଇ ଆପେ ଆପେ ଟାଣି ହୋଇ ଯାଇଥିଲା ଝିଲି ପାଖକୁ । ମଣିଷତ ନୁହେଁ, କଙ୍କାଳଟିଏ । ପଥର ଭଳୀ ଭଳି ସ୍ଥାଣୁ । ବଇଁଶୀ ଫୁଙ୍କି ଚାଲିଥଲା । ଆମ ସେ ସ୍ୱରର ଲହରରୀରେ ସ୍ଥିର ହୋଇ ଯାଇଥିଲା ପକ୍ଷୀର ସ୍ୱର, ଗଛର ପତ୍ର, ଆଖପାଖର ଜୀବଜନ୍ତୁଙ୍କ ଚରାବୁଲା । (ପୃ-୮୦)

ମନେଜର ସଚୋଟତା, ଦକ୍ଷତାର ପୁରସ୍କାର ସ୍ୱରୂପ ମିଳିଛି କୋରାପୁଟକୁ ବଦଳି ଅର୍ଡର । ଉପନ୍ୟାସର ଶେଷରେ ମନୋଜର ଗାଁ ଛାଡିବାର ଅନୁଭୂତି, ସ୍ମୃତି ବିଜଡିତ ସକାଳର ବର୍ଣ୍ଣନା କରାଯାଇଛି । ତାର ଦୁଃଖ ଯେ ଯେଉଁମାନେ ଦାରିଦ୍ର ସହିତ ଯୁଦ୍ଧ କରୁଛନ୍ତି, ତାଙ୍କ ସପକ୍ଷରେ ଯିଏ ଆସିଲା ତାକୁ ଅସିତ ପରି ମାରି ଦିଆ ଯାଇଛି କିମ୍ବା ତା ଭଳି କୋରାପୁଟ ଓ କଳାହାଣ୍ଡିକୁ ବଦଳି କରି ଦିଆଯଇଛି । ଏମାନଙ୍କ ଜୀବନରେ ସତରେ କଣ ଇପସିତ ସକାଳ ଆସିବ ? ନା ଅଶିକ୍ଷା, ଦାରିଦ୍ର୍ୟ, ଅତ୍ୟାଚାର, ଅନ୍ଧବିଶ୍ୱାସ,

To read the complete magazine, Download it for FREE from www.aahwaan.com

ନିର୍ଯ୍ୟାତନାରେ ବର୍ଷ ବର୍ଷ ଧରିସହୁଥିବେ ? । ସରକାରଙ୍କ ସବୁ ଯୋଜନା, ପାଣ୍ଠି ଏମିତି ବାଟମାରଣା ହୋଇ ଯାଉଥିବ ? ।

ଉପନ୍ୟାସର ଶେଷରେ ମନୋଜ ବସ୍ ଷ୍ଟାଣ୍ଡକୁ ଯିବା ବାଟରେ ତାର ସ୍ମୃତି ବିଜଡିତ ଦିନଗୁଡିକୁ ରୋମାନ୍ଥନ କରିଛି । ଭୋର ହୋଇ ଯାଇଛି, ଗାଈର ହମ୍ବାରଡି, ଶଗଡ ଗାଡିର କେଁ କଟର, ପାଣି କଳ ପାଖରେ ଭିଡ, ଶାଳ ବଣର ସବୁଜ ପ୍ରକୃତି, ହଳଦୀ ବସନ୍ତର କୁରୁଳୁ କୁରୁଳ ଶବ୍ଦ, ମନ୍ଦିରର ଘଣ୍ଟି ଧ୍ୱନି, ଲଙ୍ଗଳା ଶିଶୁର କିରି କିରି ହସ ଭିତରେ ତାର ମନ ହୋଇଛି- ଏଯାଏଁ ମଣିଷ ଜୀବନରେ ତାର ଇପସିତ ସକାଳ ହଜି ଯିବ ନାହିଁ । ଜୀବନରୁ ସବୁ ଆକର୍ଷଣ ଚୋରି ହୋଇ ନାହିଁ । ସବୁ କିଛି ବିଷାକ୍ତ ପାଲଟିନି । ରଙ୍ଗଛଡା କାଗଜ ଫୁଲ ହୋଇ ନାହିଁ । ଏ ଯାଏଁ ଆଶାର ଦୀପ ମଣିଷ ଭିତରୁ ହଜିଯାଇ ନାହିଁ । ସେଥିପାଇଁ ସକାଳ ନିଶ୍ଚୟ ଆସିବ। ନିଶ୍ଚୟ ସେହି ଇପସିତ ଦିନଟିଏ ଏ ମାଟିରେ ଦିନେନା ଦିନେ ଜନ୍ମ ନେବ । ଯେତେ ବିଳମ୍ବ ହେଉ ପଛେ ମଣିଷ କିନ୍ତୁ ତାକୁ ଅପେକ୍ଷା କରିବ । ସେହି ନୂଆ ସକାଳରେ, ସୁନେଲି କଅଁଳ ଖରାରେ ସେ ଜୀବନର ପ୍ରଥମ ସ୍ମରଣୀୟ କବିତା ଲେଖିବ । ତାହାହିଁ ହେବ ମଣିଷ ଜୀବନର ମାଷ୍ଟରପିସ୍. . .ହଁ ମାଷ୍ଟରପିସ୍ ।

ଅଧ୍ୟାପିକା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ
ବାରିପଦା, ମୟୁରଭଞ୍ଜ, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ଶ୍ରୀକାକୁଲମ ଜିଲ୍ଲାରେ ଜଗନ୍ନାଥ ମନ୍ଦିର



ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ଉତ୍ତର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଓଡ଼ିଶାର ଅତି ନିକଟବର୍ତ୍ତୀ ହେବା ସହ ଅତୀତରେ ଐତିହାସିକ ମଧ୍ୟକଳିଙ୍ଗର ଅଂଶ ଥିଲା ବୋଲି ଜଣାଯାଇଛି । ପବିତ୍ର ମହେନ୍ଦ୍ରଗିରିରୁ ଉଦ୍ଭବ ଜଗନ୍ନାଥ ସଂସ୍କୃତି ଅତୀତରେ ଉତ୍କଳୀୟ ସାମ୍ରାଜ୍ୟକୁ ବ୍ୟାପିଥିଲା ବୋଲି ଅନେକ ଇତିହାସକାର ମତ ଦିଅନ୍ତି । ଏଠାରେ ମିଳିଥିବା ଅନେକ ମୌଳିକ ମନ୍ଦିର, ଶିଳା ସ୍ଥାପତ୍ୟରୁ ଜଗନ୍ନାଥ ସଂସ୍କୃତିର ଉଦ୍ଭବ ଏଠାରେ ହୋଇଥିବାର ଅନେକ ପ୍ରମାଣ ଏହି ଗବେଷକ ନିଜର ଅନେକ ଆଲେଖ୍ୟରେ ଅତୀତରେ ଉପସ୍ଥାପନ କରିଛନ୍ତି । ଏହି ଅଞ୍ଚଳରେ ଅତୀତରେ କେବଳ ଜଗନ୍ନାଥଙ୍କୁ ପୂଜା କରାଯାଉଥିବାର ଉଦାହରଣ ମିଳେ, ପରେ ପରେ ଜଗନ୍ନାଥଙ୍କ ସହ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ପୂଜା ପାଇଥିବା କୁହାଯାଏ । ବିଷ୍ଣୁ, ଶୈବ ଓ ଶାକ୍ତ ଭକ୍ତିସୂତ୍ରର ପ୍ରମାଣ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ପୂଜାରେ ଦେଖାଯାଏ । ବିଶିଷ୍ଟ ଐତିହାସିକ ଗବେଷକ ଡ: ଏସ୍ ଏନ୍ ରାଜଗୁରୁ, ଡ: ବେଣୀମାଧବ ପାଢ଼ୀ ଏବଂ ଡ: ଭାରତ ପଣ୍ଡାଙ୍କ ମତରେ ଜଗନ୍ନାଥ ସଂସ୍କୃତି ସମ୍ପୂର୍ଣ୍ଣତଃ

To read the complete magazine, Download it for FREE from www.aahwaan.com

ଶବର ସଂସ୍କୃତି ଦ୍ୱାରା ପ୍ରଭାବିତ ପରେ ପରେ ଏଥିରେ ବୈଦିକ ରୀତିନୀତିର ଅବଲୋପନ ହୋଇ ଏହା ପରିବର୍ତ୍ତିତ ହୋଇଛି ।

ରାଜା ଚୋଡ଼ଗଙ୍ଗଦେବ ନିଜ ରାଜଧାନୀ ମୁଖଲିଙ୍ଗମ୍ ଅଞ୍ଚଳରୁ ତତ୍କାଳୀନ ବାରଣାସୀ କଟକକୁ ସ୍ଥାନାନ୍ତରିତ କରିବାପରେ ଜଗନ୍ନାଥଙ୍କୁ ଅବସ୍ଥାପିତ କରିବା ଉଦ୍ଦେଶ୍ୟରେ ପୁରୀରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ସେ ହିଁ ଏହି ଧାର୍ମିକ ବ୍ୟବସ୍ଥାକୁ ବ୍ୟାପକ କରିବା ଉଦ୍ଦେଶ୍ୟନେଇ ଅନେକ ପୂଜା ପର୍ବପର୍ବାଣୀର ଅବଧାରଣା ସୃଷ୍ଟି କରିବା ସହ ଶ୍ରୀମନ୍ଦିରକୁ ନେଇ ଅନେକ ବ୍ୟବସ୍ଥା ଆରମ୍ଭ କରିଥିଲେ । ଏହା ଦ୍ୱାରା ସେ ଜନପ୍ରିୟ ହେବା ସହ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦପ୍ରାପ୍ତ ହୋଇ ଶାସନକଳ ସୁଚାରୁରୂପେ ଚଳାଇ ପାରିଥିଲେ ବୋଲି କୁହାଯାଏ ।

ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ ଅନେକ ମନ୍ଦିରରେ କେବଳ ଜଗନ୍ନାଥଙ୍କ ପ୍ରତିମା ହିଁ ପୂଜା ପାଉଥିବା ଦେଖାଯାଏ, ଯାହା ଅତୀତର ଶବର ସଂସ୍କୃତିର ପରିଚାୟକ ବୋଲି କୁହାଯାଏ । ଆଶ୍ଚର୍ଯ୍ୟର ବିଷୟ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଅଂଶ ହୋଇଥିବା ସତ୍ତ୍ୱେ ଏବଂ ପୁରୀ ଶ୍ରୀମନ୍ଦିରଠାରୁ ଅନେକ ଦୂରରେ ରହିଥିବା ସତ୍ତ୍ୱେ ଏହି ଅଞ୍ଚଳରେ ଜଗନ୍ନାଥ ମନ୍ଦିରର ବହୁଳତା ଅନେକ ଗବେଷକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । ମହେନ୍ଦ୍ରଗିରିରେ ସ୍ଥିତ ଅନେକ ମନ୍ଦିରରେ ପ୍ରାକ୍ତନ ଉତ୍କଳୀୟ ମନ୍ଦିର ସ୍ଥାପତ୍ୟକଳାର ଉପସ୍ଥିତି ଏହି ଉକ୍ତିକୁ ଦୃଢ଼ ଭାବରେ ପ୍ରମାଣିତ କରେ ଯେ, ଜଗନ୍ନାଥ ସଂସ୍କୃତି ଏହି ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିବାପରେ ଅନ୍ୟତ୍ର ସ୍ଥାନାନ୍ତରିତ ବା ପ୍ରସାରିତ ହୋଇଛି ।

ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ ପଟ୍ଟାଙ୍ଗୀ, ତର୍ଲାକୋଟା, ସୂର୍ଯ୍ୟନାରାୟଣସ୍ୱାମୀ, ଶ୍ରୀକୂର୍ମମ୍ ଏବଂ ମେଲିଆପୁଟୀ ମନ୍ଦିର ସବୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ବହୁ

To read the complete magazine, Download it for FREE from www.aahwaan.com

ପୁରାତନ । ଏବଂ ଏହି ସବୁ ମନ୍ଦିରର ସ୍ଥାପତ୍ୟକଳାରେ ଉତ୍କଳୀୟ ମନ୍ଦିର ନିର୍ମାଣ କଳାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । ତେଣୁ ଏହି ସବୁ ମନ୍ଦିର ଯେ ଅତୀତରେ ଉତ୍କଳର ଅଂଶ ଥିଲେ କହିବା ଉଚିତ ହେବ ।

ଲେଖକଙ୍କର ପୁରାତନ ଅନେକ ଆଲେଖ୍ୟରେ ମହେନ୍ଦ୍ରଗିରି ଅଞ୍ଚଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦ୍ଭବ ବିଷୟ ଉଲ୍ଲେଖ ରହିଛି ।

ଗବେଷକ ଗୌରୀ ଶଙ୍କର ମିଶ୍ରଙ୍କ ମତରେ ଉତ୍କଳରେ ଅତୀତରେ ହୋଇଥିବା ବୈଦେଶିକ ଶତ୍ରୁ ଆକ୍ରମଣ (କଳାପାହାଡ଼) ସମୟରେ ସମ୍ଭବତଃ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଗଞ୍ଜାମ ଏବଂ ଏହି ଅଞ୍ଚଳରେ ଆଣି ଲୁଚେଇ ରଖାଯାଇଥିବ । ଏହି ତଥ୍ୟକୁ ସମର୍ଥନ କରୁଥିବା ଅନେକ ତଥ୍ୟ ଏଠାରେ ଉପଲବ୍ଧ । ଅତୀତରେ ଚିଲିକା, ସୋନପୁର, ଇଚ୍ଛାପୁର, ବରୁଆ ଆଦି ସ୍ଥାନରୁ ବଣିକମାନେ ବାଣିଜ୍ୟ କରିବାପାଇଁ ସୁଦୂର ବାଲି ସୁମାତ୍ରା ଆଦି ଦେଶକୁ ଯାଉଥିଲେ । ତେଣୁ ପୁରୀରୁ ସମୁଦ୍ର ପଥ ଦେଇ ତ୍ରିମୂର୍ତ୍ତିଙ୍କୁ ଡଙ୍ଗା ବା ପୋତ ସାହାଯ୍ୟରେ ସୋନପୁର, ଇଚ୍ଛାପୁର ଦେଇ ଅଣା ଯାଇଥିବ । ଉତ୍କଳ ଉପରେ ହୋଇଥିବା ଆକ୍ରମଣ ସମୂହ ଉତ୍ତର ଦିଗରୁ ହେଉଥିବା ବେଳେ ଦେବତାମାନଙ୍କୁ ଦକ୍ଷିଣରେ ନେଇ ସୁରକ୍ଷିତ ରଖିବା ଭଳି ବ୍ୟବସ୍ଥା ହୋଇଥାଇପାରେ । ମହେନ୍ଦ୍ରଗିରି ସଂଲଗ୍ନ ଅଞ୍ଚଳରେ ଦକ୍ଷ, ନିର୍ଭୀକ, ଶବର ପ୍ରଜାତି ସର୍ବଦା ରାଜାଙ୍କ ଆନୁଗତ୍ୟକୁ ସ୍ୱୀକାର କରି ସୁରକ୍ଷାର ପ୍ରତିଶୃତି ଦେଇଥିବେ ଏବଂ ଚତୁର୍ଦ୍ଦିଗରେ ଘନ ବନରାଜିରେ ଆଚ୍ଛାଦିତ ଏହି ଅଞ୍ଚଳରେ ଦେବତା ମାନଙ୍କୁ ଲୁଚାଇ ରଖିବା ସମ୍ଭବ ହୋଇଥିବ । ସମ୍ଭବତଃ ଏଥିପାଇଁ ହିଁ ଏହି ଅଞ୍ଚଳରେ ଏକାଧିକ ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ ବୋଲି ଅନେକେ ମତ ଦିଅନ୍ତି ।

ଗଞ୍ଜାମ ଏବଂ ଉତ୍କଳର ଦକ୍ଷିଣରେ ଥିବା ଶ୍ରୀକାକୁଲମ୍ ଜିଲ୍ଲାର ସାଧାରଣ ଅଧିବାସୀ

To read the complete magazine, Download it for FREE from www.aahwaan.com

ଧାର୍ମିକ, ନିର୍ଭୀକ ଏବଂ ଯୋଦ୍ଧା ହେବା ସହିତ ଅନେକ ସ୍ୱାତନ୍ତ୍ୟରେ ପରିପୂର୍ଣ୍ଣ ଅଟନ୍ତି । ସମ୍ଭବତଃ ସେମାନେ ଦେବତା ମାନଙ୍କୁ ସୁରକ୍ଷିତ ରଖିଥିବେ ଏବଂ ସେମାନଙ୍କ ଦ୍ୱାରା ହିଁ ପରେ ନୂତନ ମନ୍ଦିର ସବୁ ନିର୍ମାଣ ହୋଇଥିବ । ଜଗନ୍ନାଥଙ୍କ ଉତ୍ପତ୍ତିକୁ ନେଇ ଶୁଣାଯାଉଥିବା ଅନେକ ଜନରବରେ ଶବର ରାଜା ଓ ନୀଳମାଧବଙ୍କ କଥା ସମସ୍ତେ ଜାଣନ୍ତି । କିଛି ଐତିହାସିକ ଗବେଷକଙ୍କ ମତରେ ସେ ସବୁ ଏହି ମହେନ୍ଦ୍ରଗିରି ଅଞ୍ଚଳରେ ହିଁ ହୋଇଥିବା କଥା କୁହାଯାଏ ।

ଏହି ଲେଖକ ନିଜର ଗବେଷଣା ସମୟରେ ଜାଣିବାକୁ ପାଇଛନ୍ତି ଯେ କେବଳ ଶ୍ରୀକାକୁଲମ୍ ଜିଲ୍ଲାରେ ଅନ୍ୟୁନ ପଚାଶଟି ଜଗନ୍ନାଥ ମନ୍ଦିର ରହିଛି । ବର୍ତ୍ତମାନର ଓଡ଼ିଶାର କୌଣସି ଜିଲ୍ଲାରେ ସମ୍ଭବତଃ ଏତେ ସଂଖ୍ୟାରେ ଜଗନ୍ନାଥ ମନ୍ଦିର ଥିବାର ଉଦାହରଣ ବିରଳ । ତେଣୁ ଲେଖକଙ୍କ ମତରେ ଜଗନ୍ନାଥ ସଂସ୍କୃତିର ଉତ୍ସ ଏହି ଅଞ୍ଚଳ ନିଶ୍ଚୟ ଭାବରେ ହୋଇଥାଇପାରେ ।

## କାବିଟି ଜଗନ୍ନାଥ ମନ୍ଦିର

ଏହି ମନ୍ଦିରକୁ ସ୍ଥାନୀୟ ମତ୍ସ୍ୟଜୀବି (କଣ୍ଡରା) ମାନେ ନିର୍ମାଣ କରିଥିଲେ । ଲୋକକଥାରୁ ଶୁଣାଯାଏ ଯେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ମାଛଜାଲରେ ଏକ ବିଶାଳ କାଠଗଣ୍ଡି ଲାଗିଥିଲା । ଜଣେ ବୟସ୍କ ମତ୍ସ୍ୟଜୀବି ସ୍ୱପ୍ନରେ ସେଥିରୁ ଜଗନ୍ନାଥ ଉଭା ହେଉଥିବା ଦେଖିଥିଲେ । ଏବଂ ତାଙ୍କରି ନିର୍ଦ୍ଦେଶରେ ଏହି କାଠଗଣ୍ଡିରୁ ଜଗନ୍ନାଥ, ଲକ୍ଷ୍ମୀ ଏବଂ ହନୁମାନଙ୍କ ପ୍ରତିମା ନିର୍ମାଣ




oad it for FREE from www.aahwaan.com




କରାଯାଇ ପୂଜା କରାଯାଉଛି । ଏହି ମନ୍ଦିରରେ ଉତ୍କଳୀୟ କାରୁକାର୍ଯ୍ୟ ଦେଖିବାକୁ ମିଳେ । ବର୍ତ୍ତମାନ ଏହି ମନ୍ଦିରର ସମୁଦାୟ ସମ୍ପତ୍ତିର ମୂଲ୍ୟ ଦୁଇ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି ।

## ଟେକାଲି ଜଗନ୍ନାଥ ମନ୍ଦିର

ଆଶ୍ଚର୍ଯ୍ୟଜନକ ଭାବରେ ଏଠାରେ କୌଣସି ମନ୍ଦିର ନାହିଁ । ଏକ ଟାଇଲ୍ ଛପର ଘରେ ଜଗନ୍ନାଥଙ୍କୁ ପୂଜା କରାଯାଉଛି । ଏହି ମନ୍ଦିର ବିଷୟରେ ସ୍ଥାନୀୟ ଅଧିବାସୀଙ୍କ ପାଖରୁ ମିଳିଥିବା ସୂଚନା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ସେମାନଙ୍କ କହିବା ଅନୁସାରେ, ଯେତେବେଳେ ଉତ୍କଳ ବା ତତ୍କାଳୀନ କଳିଙ୍ଗ ଉପରେ ବାହ୍ୟଶତ୍ରୁ ଆକ୍ରମଣ ହେଉଥିଲା, ପ୍ରାୟତଃ ସମସ୍ତ ଆକ୍ରମଣ ଉତ୍ତର ଦିଗରୁ ହେଉଥିଲା । ସେହି ସମୟରେ ଚିଲିକା ହ୍ରଦ ବର୍ତ୍ତମାନର ସୋମପେଟା ବା ସୋମପେଣ୍ଟ ପର୍ଯ୍ୟନ୍ତ ବ୍ୟାପ୍ତଥିଲ । ପରେ ପରେ ମୃତ୍ତିକା କ୍ଷୟ ହୋଇ ହ୍ରଦର ଆକାର ସଂକୁଚିତ ହେବାରେ ଲାଗିଲା । ବର୍ତ୍ତମାନମଧ୍ୟ, ଚିଲିକା ପରେ ତାମ୍ପରା, ଇଚ୍ଛାପୁର, ସୋମପେଟା ଆଦି ଆର୍ଦ୍ରଭୂମି






To read the complete magazine, Downl

ରହିଛି ଏବଂ ଶୀତଦିନେ ଏହି ସବୁ ଅଞ୍ଚଳକୁ ବିଦେଶାଗତ ପକ୍ଷୀମାନଙ୍କ ଆଗମନ ହେଉଛି । ଆକାରରେ ବିଶାଳ ଏବଂ ଉତ୍ତରକୁ ଉପସ୍ଥିତ ହୋଇଥିବା ହେତୁ ଚିଲିକାରେ ପକ୍ଷୀମାନଙ୍କ ସଂଖ୍ୟା ଅଧିକ ରହୁଥିବା ବେଳେ ଏହି ସବୁ ଅଞ୍ଚଳରେ ଅପେକ୍ଷାକୃତ ଭାବରେ କମ ରହୁଛି ।

ବାହ୍ୟଶତ୍ରୁ ଆକ୍ରମଣ ସମୟରେ ଶ୍ରୀମନ୍ଦିରରୁ ତ୍ରିମୂର୍ତ୍ତିଙ୍କୁ ନାବଦ୍ୱାରା ଚିଲିକାରେ ବିହାର କରାଯାଇ ଦକ୍ଷିଣରେ ସୋମପେଟା ପର୍ଯ୍ୟନ୍ତ ଅଣାଯାଇ, ଟେକାଲି ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମନ୍ଦିରରେ ଲୁଚାଇ ରଖାଯାଇଥିଲା । ପରେ ଆକ୍ରମଣକାରୀଙ୍କୁ ପରାଜିତ କରିବାପରେ ଦେବତାମାନଙ୍କୁ ସେହି ରାସ୍ତାଦେଇ ପୁଣିଥରେ ନେଇ ଶ୍ରୀମନ୍ଦିରରେ ଅଧିସିକ୍ତ କରାଯାଇଥିଲା । ଦେବତାମାନେ ଚାଲିଯିବାପରେ ସେହି ମନ୍ଦିରରେ ଖାଲିସ୍ଥାନରେ ସ୍ଥାନୀୟ ଅଧିବାସୀଙ୍କ ଅନୁରୋଧରେ ତତ୍କାଳୀନ ଟେକାଲି ରାଜା ଜଗନ୍ନାଥଙ୍କ ପ୍ରତିମା ସ୍ଥାପନ କରାଇଥିଲେ ।

ଟେକାଲିର ରାଜାଙ୍କ ଆନୁଗତ୍ୟ ଓ ସେବାରେ ମୁଗ୍ଧ ହୋଇ ପୁରୀ ଗଜପତି ମହାରାଜ ଶ୍ରୀମନ୍ଦିରର ସେବା ନିର୍ଘଣ୍ଟରେ ଏକ ବିଶେଷ ପ୍ରାବଧାନ କରିଥିଲେ । ବର୍ଷର ଏକ ଏକାଦଶୀରେ ପୁରୀ ଶ୍ରୀମନ୍ଦିର ଶିଖରରେ ଉଠୁଥିବା ମହାଦୀପ ଟେକାଲି ରାଜାଙ୍କ ସମ୍ମାନରେ ପ୍ରଚଳନ କରିଥିଲେ । ଏହାର ଉଲ୍ଲେଖ ଶ୍ରୀମନ୍ଦିର ସ୍ୱତଲିପିରେ ମଧ୍ୟ ଦେଖିବାକୁ ମିଳେ ।

ଲେଖକ ଏହି ବିଷୟରେ ଅଧିକ ଜାଣିବାପାଇଁ ଗବେଷକ ଶ୍ରୀ ମହିମୋହନ ତ୍ରିପାଠୀଙ୍କୁ ଯୋଗାଯୋଗ କରିଥିଲେ ଏବଂ ସେ ମଧ୍ୟ ଏହି ତଥ୍ୟର ସତ୍ୟତା ରହିଛି ବୋଲି ଜଣାଇଥିଲେ ।

To read the complete magazine, Download it for FREE from www.aahwaan.com

# କୋଜିରିଆ ଇଚ୍ଛାପୁର ମଣ୍ଡଳ ଜଗନ୍ନାଥ ମନ୍ଦିର

ଇଚ୍ଛାପୁର ମଣ୍ଡଳର କୋଜିରିଆ କିଛି ଶହ ବର୍ଷତଳେ ଏକ ସାମାନ୍ୟ ଗ୍ରାମ ଥିଲା ।




ଏଠାରେ ବିଶେଷତଃ ଓଡ଼ିଆ ଶ୍ରମିକ ଓ କୃଷକ ଶ୍ରେଣୀର ବ୍ୟକ୍ତିମାନେ ବସବାସ କରୁଥିଲେ । ଗ୍ରାମଠାରୁ ଅନତି ଦୂରରେ ଏକ ପୋଖରିଥିଲା । ଗାଁର କିଛି ଗାଇ ଚରାଳି ପିଲାମାନେ ପ୍ରତିଦିନ ଗାଇମାନଙ୍କୁ ସେଇ ଆଡ଼େ ନେଇ ଯାଉଥିଲେ । ସେମାନେ ଗାଇ ଚରାଇବା ସମୟରେ ଏକ ଅଦ୍ଭୂତ ବାଳକର ଉପସ୍ଥିତି ସେମାନେ ଦେଖୁଥିଲେ । ସନ୍ଧ୍ୟାରେ ସେମାନେ ଗାଁକୁ ଫେରିବା ବେଳେ ସେ ବାଳକ କିଛି ବାଟ ସେମାନଙ୍କ ସହ ଆସିବା ପରେ ଅନ୍ତର୍ଧ୍ୟାନ ହୋଇଯାଉଥିଲା । ଗାଁର ବାଳକ ମାନଙ୍କ ଏହି ସୂଚନା ପାଇବା ପରେ ଏହି ବିଷୟରେ ଅନେକ ଚିନ୍ତା କରିଥିଲେ । ସେହି ସମୟରେ ଗ୍ରାମର ଜନୈକ ଧାର୍ମିକ ବ୍ୟକ୍ତି ତୁଳସୀଦାସ ବାବାଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ ମିଳିଥିଲା ଯେ ପୋଖରିରେ ଜଗନ୍ନାଥଙ୍କ ମୂର୍ତ୍ତି ରହିଛି ।



ଏହି ସୂଚନା ପାଇବାପରେ ଗ୍ରାମବାସୀଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ପୋଖରୀ ଭିତରୁ ମୂର୍ତ୍ତି ମିଳିଥିଲା, କିନ୍ତୁ ସେମାନଙ୍କ ଶତଚେଷ୍ଟା ପରେ ମଧ୍ୟ

To read the complete mag

କେହି ସେହି ପ୍ରତିମାକୁ ସ୍ଥାନାନ୍ତରିତ କରିବାରେ ସକ୍ଷମ ହୋଇନଥିଲେ । ତେଣୁ ଶେଷରେ ତୁଳସୀଦାସ ବାବା ପୂଜାର୍ଚ୍ଚନା କରି ନିଜ କାନ୍ଧରେ ପ୍ରତିମାକୁ ଧରି ନିଜ ଘରକୁ ଆଣିଥିଲେ ଏବଂ ସେଠାରେ ସ୍ଥାପନ କରି ପୂଜା କରିଥିଲେ ।

ଏହି ସମୟରେ ଏହି ଅଞ୍ଚଳରେ ଜଣେ ବିଶିଷ୍ଟ ବ୍ୟକ୍ତି ବୁଦାଲା ନାଇଡୁ କୌଣସି ଏକ ମକଦ୍ଦମା ପାଇଁ ପ୍ରାୟତଃ ବ୍ରହ୍ମପୁର ଯିବା ଆସିବା କରୁଥିଲେ । ସେ ଏହି ଗ୍ରାମ ଦେଇ ଯାଉଥିବା ବେଳେ ତୁଳସୀଦାସ ବାବାଙ୍କ ପାଖରୁ ଆଶୀର୍ବାଦ ପାଇବା ପାଇଁ ଆସିଥିଲେ । ସେ ଜଣାଇଥିଲେ ଯେ ସେ ଲଢୁଥିବା ମକଦ୍ଦମାରେ ହାରିବା ଧାର୍ଯ୍ୟ । ତୁଳସୀଦାସ ବାବା ନିର୍ଭୟ ଦେଇ କହିଥିଲେ ଭଗବାନଙ୍କ ଶରଣରେ ଯାଅ, ତୁମେ ନିଶ୍ଚୟ ବିଜୟୀ ହେବ । ସେଇ ସମୟରେ ବୁଦାଲା ନାଇଡୁ ଶପଥ କରି କହିଥିଲେ ଯେ ଯଦି ସେ ମକଦ୍ଦମା ଜିତିଯାଆନ୍ତି ତେବେ ଠାକୁରଙ୍କ ଉଦ୍ଦେଶ୍ୟରେ ମନ୍ଦିର ଟିଏ ନିର୍ମାଣ କରାଇବେ । ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ସେ ଜିତିଯାଇଥିଲେ ଏବଂ ନିଜ କଥା ରଖି ସେ ମନ୍ଦିରଟିଏ ନିର୍ମାଣ କରାଇଥିଲେ । ଏହି ଲୋକକଥା ଅନ୍ୟୁନ ସାଢ଼େ ତିନିଶହ ବର୍ଷ ତଳର କଥା ।

ବର୍ତ୍ତମାନ ତୁଳସୀଦାସ ବାବାଙ୍କ ଅନୁଗତମାନେ ଠାକୁରଙ୍କ ବିଗ୍ରହକୁ ମନ୍ଦିରରେ ରଖି ପୂଜା କରୁଛନ୍ତି । ଏଠାରେ ଜଗନ୍ନାଥଙ୍କୁ ଦଧିବାମନ ବେଶରେ ଦେଖିବାକୁ ମିଳେ ଏବଂ ବର୍ଷର ଅନେକ ପର୍ବପର୍ବାଣୀ ଯଥା ରାମ ନବମୀ, ଭୀଷ୍ମ ଏକାଦଶୀ, ରଥଯାତ୍ରା, ଦୋଳ ପୂର୍ଣ୍ଣିମା ଆଦି ଏଠାରେ ମହା ସମାରୋହରେ ପାଳିତ ହୁଏ ।

ଗ୍ରାମବାସୀମାନେ ଏକ କମିଟି ସ୍ଥାପନ କରି ପ୍ରତି ପରିବାରରୁ ଏକ ଶହଟଙ୍କା ହିସାବରେ ପ୍ରାୟ ଷାଠିଏ ହଜାର ଟଙ୍କା ବ୍ୟାଙ୍କରେ ଜମା କରିଥିଲେ । ସେଥିରୁ ମିଳୁଥିବା ସୁଧରେ ମନ୍ଦିରର ସମସ୍ତ କାର୍ଯ୍ୟ ସମାପନ ହୁଏ ।

To read the complete magazine, Download it for FREE from www.aahwaan.com

## ସୋମପେଟା ଜଗନ୍ନାଥ ମନ୍ଦିର




ଏହି ମନ୍ଦିର ୧୮୭୯-୮୦ ମସିହାରେ ନିର୍ମିତ ହୋଇଥିଲା । ଜଳନ୍ତ୍ରାକୋଟା ରାଜା ଏହି ମନ୍ଦିର ନିର୍ମାଣ ହୋଇଥିବା ସାହିକୁ ମାତ୍ର ଦୁଇଟଙ୍କା ମୂଲ୍ୟରେ ଏଲ୍ ନରସିଂହାଲୁ ଗାରୁଙ୍କୁ ବିକ୍ରୟ କରିଥିଲେ । ସେଇ ଅଞ୍ଚଳର ଲୋକମାନେ ଏଠାରେ ଏକ ଛୋଟିଆ କୁଡ଼ିଆରେ ଏକ ଭଜନକୀର୍ତ୍ତନ ମଣ୍ଡଳୀ କରିଥିଲେ । ପରେ ଏଠାରେ ଲୋକମାନଙ୍କ ଦ୍ୱାରା ଏକ ମନ୍ଦିରର ନିର୍ମାଣ ହୋଇଥିଲା ।

ମନ୍ଦିରର ପରିଚାଳନା ଦାୟିତ୍ୱ ସ୍ୱର୍ଗୀୟ ବୁଙ୍ଗା ୟେରାନାଙ୍କ ବାପା ଏବଂ ତାଙ୍କ ବନ୍ଧୁ ନେବାପରେ ମନ୍ଦିରରେ ସବୁ ରୀତିନୀତି ସୁଚାରୁରୂପେ ପରିଚାଳନା ହୋଇଥିଲା । ବୁଙ୍ଗା ୟେରାନାଙ୍କ ପିତାଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ ମିଳିଥିଲା ଯେ ମହେନ୍ଦ୍ରତନୟା ନଦୀ ଏବଂ ବଙ୍ଗୋପସାଗରର ମିଳନସ୍ଥଳୀରେ ଦାରୁ ମିଳିବ, ଏବଂ ସେ ଏଥିରେ ଜଗନ୍ନାଥଙ୍କ ପ୍ରତିମା ନିର୍ମାଣ କରାଇ ପୂଜା କରିବେ । ଏବଂ ସେ ଏହାକୁ ପାଳନ କରିଥିଲେ । ଗଞ୍ଜାମର ଚିକିଟି ଗଡ଼ର ମହାରଣାଙ୍କ ଦ୍ୱାରା ସେ ପ୍ରତିମା ନିର୍ମାଣ କରାଇଥିଲେ । ଆଜିଯାଏଁ ସେହି ପ୍ରତିମା ଏଠାରେ ପୂଜା ପାଉଛନ୍ତି ।



କୁହାଯାଏ ଯେ ଏକଦା ଏହି ମନ୍ଦିରର ଧନ ସମ୍ପତ୍ତି ବହୁତ ଅଧିକ ଥିଲା, ପ୍ରାୟ ଦେଢ଼ଶହ ତୋଳା ସୁନା ଏବଂ ତିନିଶହ ତୋଳା ରୂପା ଥିଲା,

for FREE from www.aahwaan.com

କିନ୍ତୁ କାଳକ୍ରମେ ପୂଜାରୀମାନଙ୍କ ଅବହେଳା ହେତୁ ସେ ସବୁ କେଉଁଆଡ଼େ ଚାଲିଗଲା କେହି ଜାଣିପାରିଲେ ନାହିଁ । ୧୯୮୭ରୁ ୧୯୯୦ ମସିହା ପର୍ଯ୍ୟନ୍ତ ମନ୍ଦିରର ପୂଜାରୀମାନଙ୍କ ପରିଚାଳନା ତ୍ରୁଟି ହେତୁ ମନ୍ଦିରର ବେଷ୍ଟନୀକୁ ଅସାମାଜିକଙ୍କ ବାସସ୍ଥଳୀରେ ପରିଣତ କରିଦିଆଗଲା । କିନ୍ତୁ ଲୋକମତରେ ଭଗବାନଙ୍କ ଅଭିଶାପରେ ପୂଜାରୀଙ୍କ ପରିବାର ନିଶ୍ଚିହ୍ନ ହୋଇଗଲା ଏବଂ ମନ୍ଦିରକୁ ଛଅ ମାସ ପାଇଁ ବନ୍ଦ କରିଦିଆ ଯାଇଥିଲା ।

୧୯ ଜାନୁଆରୀ ୧୯୯୧ ମସିହାରେ ବୁଙ୍ଗା ୟେରାନାଙ୍କ ନେତୃତ୍ୱରେ ପ୍ରାୟ ଦୁଇଶହ ବ୍ୟକ୍ତିଙ୍କ ସହଯୋଗରେ ଏକ ଗ୍ରାମସଭାର ଆୟୋଜନ କରାଗଲା । ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟ ଗଠନ କରାଗଲା । ବର୍ତ୍ତମାନ ମନ୍ଦିରକୁ ତେଲୁଗୁ ଶ୍ରୀବୈଷ୍ଣବ ପୂଜାରୀ ମାନଙ୍କ ଦ୍ୱାରା ପରିଚାଳନା କରାଯାଉଛି ।

## ମଞ୍ଜୁଷା ଜଗନ୍ନାଥ ମନ୍ଦିର




ମଞ୍ଜୁଷାରେ ସ୍ଥିତ ଜଗନ୍ନାଥ ମନ୍ଦିରକୁ ସ୍ୱର୍ଗୀୟ ମହାରାଜ ଛତ୍ରପତି ସିଂଦେଓ ନିର୍ମାଣ କରାଇଥିଲେ । ଏଠାରେ କେବଳ ଜଗନ୍ନାଥଙ୍କ ପ୍ରତିମା ପୂଜାପାଏ । ମନ୍ଦିରର ରତ୍ନବେଦୀରେ ଜଗନ୍ନାଥଙ୍କ ପାର୍ଶ୍ୱରେ ତ୍ରିବିକ୍ରମ, ମଦନମୋହନ, କାର୍ତ୍ତିକେୟ ଏବଂ ବିଷ୍ଣୁ (ବରାହ ଅବତାର) ପୂଜା ପାଆନ୍ତି ।



To read the complete magazine, Downl

# ଏଲ୍ ଏନ୍ ପେଟା ମନ୍ଦିର

ଏଲ୍ ଏନ୍ ପେଟାର ମନ୍ଦିର ପ୍ରାୟ ଦୁଇଶହ ବର୍ଷ ତଳେ ନିର୍ମାଣ ହୋଇଥିଲା । କିନ୍ତୁ ଏହା ଅବକ୍ଷୟମୁଖୀ ହେବାପରେ ବିଗତ ପଞ୍ଚାବନ ବର୍ଷତଳେ ଏହାକୁ ପୁନଃନିର୍ମାଣ କରାଯାଇଥିଲା । ଏହି ମନ୍ଦିରକୁ ଓଡ଼ିଆ ଭକ୍ତମାନେ ନିର୍ମାଣ କରିଥିଲେ । ମନ୍ଦିର ପାଇଁ ଜଗନ୍ନାଥଙ୍କ ପ୍ରତିମା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ପୁରୁଷୋତ୍ତମପୁର ଠାରୁ ସାରସ୍ୱତ ବ୍ରାହ୍ମଣ ମାନଙ୍କ ଦ୍ୱାରା ଅଣାଯାଇ ସ୍ଥାପନା କରାଯାଇଥିଲା ।




୧୯୮୦ ପରଠାରୁ ବୋବିଲିର ରାଜାଙ୍କ ଦ୍ୱାରା ମନ୍ଦିରର ପରିଚାଳନା ବୁଝାଯାଉଛି । କୁହାଯାଏ ଏହି ଅଞ୍ଚଳରେ ପ୍ରାୟ ପାଞ୍ଚଶହଅଣି ବର୍ଷ ପୁର୍ବେ ରଥଯାତ୍ରାର ପ୍ରଚଳନ ଥିଲା । ଏଠାରେ ଅନ୍ୟୁନ ପାଞ୍ଚଶହ ଓଡ଼ିଆ ବ୍ରାହ୍ମଣ ପରିବାର ରହନ୍ତି । ଯେଉଁମାନେ ମାଦଳାପାଞ୍ଜି ଆଧାରରେ ନିଷ୍ଠାର ସହ ଜଗନ୍ନାଥଙ୍କ ସମସ୍ତ ରୀତିନୀତି ପାଳନ କରିଥାନ୍ତି ।

ଶୁଣାଯାଏ, ଯେ କେହି ଏହି ମନ୍ଦିରରେ ଆସି ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିଦିଏ ତାହାର ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ । ଅନ୍ୟ ଏକ ବିଶ୍ୱାସ ଅନୁଯାୟୀ ନିଃସନ୍ତାନ ଦମ୍ପତ୍ତିମାନେ ଏଠାରେ ଆସି ପୂଜା କରିବାପରେ ସନ୍ତାନପ୍ରାପ୍ତି ହେଉଥିବା କଥା କୁହାଯାଏ ।




To read the complete magazine, Down

# ତର୍ଲାକୋଟା ଜଗନ୍ନାଥ ମନ୍ଦିର

ବ୍ରହ୍ମପୁର - ବିଶାଖାପାଟନା ରାଷ୍ଟ୍ରୀୟ ରାଜମାର୍ଗରେ ଅବସ୍ଥିତ ପଲାସା ସହରଠାରୁ




ମାତ୍ର ଦୁଇ କିମି ଦୂରରେ ଅବସ୍ଥିତ ତର୍ଲାକୋଟା ଏକ ଐତିହାସିକ ସ୍ଥାନ । ପୂର୍ବଘାଟ ପର୍ବତମାଳାର ସୁନ୍ଦର ପରିବେଷ୍ଟନୀ ଦ୍ୱାରା ଆଚ୍ଛାଦିତ ଏହି ଅଞ୍ଚଳରେ ତିନୋଟି ଜଗନ୍ନାଥ, ବାସୁଦେବ ଏବଂ ରଘୁନାଥ ମନ୍ଦିର ରହିଛି । ଗୋପିନାଥ ବା ରଘୁନାଥ ମନ୍ଦିର ପ୍ରାୟ ଅଣିଭାଗ ନଷ୍ଟ ହୋଇଗଲାଣି ।

ଅତୀତରେ କଳିଙ୍ଗ ସାମ୍ରାଜ୍ୟର ଏକ ପ୍ରମୁଖ ଭାଗଥିଲା ତର୍ଲାକୋଟା ରାଜବଂଶ । କଳା, ନାଟ୍ୟ, ଚିକିତ୍ସା, ଔଷଧ ଏବଂ କାରୁକାର୍ଯ୍ୟପାଇଁ ଏହି ଅଞ୍ଚଳ ବିଶେଷ ଭାବରେ ପ୍ରସିଦ୍ଧ ଥିଲା । ଖ୍ରୀଷ୍ଟାବ୍ଦ ଦଶମ ଶତାବ୍ଦୀ ବେଳକୁ ଏହା ଏକ ସ୍ୱତନ୍ତ୍ର ରାଜତନ୍ତ୍ର ଭାବରେ ନିର୍ମାଣ ହୋଇଥିଲା । ୧୧୨୩ ଖ୍ରୀଷ୍ଟାବ୍ଦର ଏକ ଶିଳାଲେଖ (ତେଲୁଗୁ ଏବଂ ସଂସ୍କୃତରେ)ରେ ତର୍ଲାକୋଟାକୁ ଏକ ସମୃଦ୍ଧ ରାଜବଂଶ ବୋଲି ଉଲ୍ଲେଖ କରାଯାଇଛି, ଯାହା ମହେନ୍ଦ୍ରଗିରିସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରର ଦକ୍ଷିଣ ପ୍ରାଚୀରରେ ଥିବା ଶିଳାରେ ରହିଛି ।

ପୁରୀ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ସମୟରେ ତର୍ଲାକୋଟାର ରାଜା ପ୍ରଚୁର ଭାବରେ ସହାୟତା କରିଥିଲେ ଏବଂ ଜନରବରେ କୁହାଯାଏ ଯେ କାଳେ ଏହି ଅଞ୍ଚଳରେ ଥିବା




To read the complete magazine, Down

ତାନ୍ତ୍ରିକମାନଙ୍କ ସହାୟତା ରାଜାଙ୍କୁ କାଞ୍ଚି ବିଜୟ କରିବାରେ ସାହାଯ୍ୟ କରିଥିଲା । କୁହାଯାଏ ଯେ କାଳେ କାଞ୍ଚି ଅଭିଯାନ ସମୟରେ ତର୍ଲାକୋଟା ଅଞ୍ଚଳର ତାନ୍ତ୍ରିକମାନେ ତନ୍ତ୍ରବିଦ୍ୟା ପ୍ରୟୋଗ କରି ଏକ କୃତ୍ରିମ ନଦୀ ସୃଷ୍ଟି କରିଥିଲେ ଯେଉଁଥିରେ କାଞ୍ଚିର ସୈନିକମାନେ ଭାସିଯାଇଥିଲେ ।

କାଞ୍ଚି ଅଭିଯାନପରେ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ରାଜାଙ୍କ ପୁତ୍ରଙ୍କୁ ପୁରୁଷୋତ୍ତମଦେବ ଏହି ରାଜତନ୍ତ୍ର ପ୍ରଦାନ କରିଥିଲେ ।

ପୁରୀର ଗଜପତି ଏହି ଅଞ୍ଚଳରେ କାମେଶ୍ୱର ଶିବ ମନ୍ଦିର ଏବଂ କାତ୍ୟାୟନୀ ମନ୍ଦିର ନିର୍ମାଣ କରାଇଥିଲେ ଯାହା ବର୍ତ୍ତମାନ ବି ଅଛି ଏବଂ ସେଠାରେ ପୂଜାର୍ଚ୍ଚନା ହେଉଛି । ଖ୍ରୀଷ୍ଟାବ୍ଦ ୧୪୩୫ରୁ ୧୪୬୫ ମସିହା ଭିତରେ ଏଠାରେ ଜଗନ୍ନାଥ, ରଘୁନାଥ ମନ୍ଦିରର ନିର୍ମାଣ ଉତ୍କୃଷ୍ଟ ଉତ୍କଳୀୟ କଳାସ୍ଥାପତ୍ୟର ବ୍ୟବହାର କରାଯାଇ ନିର୍ମାଣ ହୋଇଥିଲା । ତର୍ଲାକୋଟାର ଲୋକମାନଙ୍କ ସ୍ନେହ ଓ ସହଯୋଗର ପ୍ରତିଦାନପୂର୍ବକ ଗଜପତି ମହାରାଜ ଏହି ମନ୍ଦିର ନିର୍ମାଣ କରାଇଥିଲେ ।

ବାସୁଦେବ ମନ୍ଦିର ଚୈତନ୍ୟଙ୍କ ଦ୍ୱାରା ହୋଇଥିଲା ।

## ଜଳନ୍ତ୍ରାକୋଟା ଜଗନ୍ନାଥ ମନ୍ଦିର



ମହାରାଜ କିଶୋର ଚନ୍ଦ୍ର ଛୋଟରାୟଙ୍କ ରାଜତ୍ୱ କାଳରେ ଏହି ବୈଭବଶାଳୀ ମନ୍ଦିରର ନିର୍ମାଣ କରାଯାଇଥିଲା । ସେହି ସମୟରେ ରାଜାଙ୍କ ଦିୱାନ ଥିଲେ ପ୍ରସିଦ୍ଧ କବି କବିସୂର୍ଯ୍ୟ

To read the complete magazine, Down

Download Magazine for FREE from www.aahwaan.com





ବଳଦେବ ରଥ । ରାଜା ମନ୍ଦିର ନିର୍ମାଣ କରିଥିବା ସମୟରେ ହିଁ ଇହଧାମ ତ୍ୟାଗ କରିଥିଲେ, ସେ ଅପୁତ୍ରିକ ଥିବା ହେତୁ ତାଙ୍କ ମୃତ୍ୟୁପରେ ତାଙ୍କ ମନ୍ତ୍ରୀ ନାରାୟଣ ଛୋଟରାୟଙ୍କ ଶାସନ ଆରମ୍ଭ ହୋଇଥିଲା ଏବଂ ସେ ଏହି ମନ୍ଦିରର ନିର୍ମାଣ ସମ୍ପୂର୍ଣ୍ଣ କରାଇଥିଲେ । କିନ୍ତୁ ଏହି ମନ୍ଦିର ନିର୍ମାଣ ପାଇଁ ନାରାୟଣ ଛୋଟରାୟ ଏବଂ ତାଙ୍କ ପୁତ୍ର ରାମକୃଷ୍ଣ ଛୋଟରାୟ ବିଜୟାନଗରମ୍ ରାଜକୋଷରୁ ନେଇଥିବା ଋଣ ଶୁଝି ନ ପାରିବା ହେତୁ ଏହି ରାଜ୍ୟର ଶାସନ ଭାର ବିଜୟାନଗରମ୍ ରାଜା ନିଜ ଅଧିନକୁ ନେଇଥିଲେ । ୧୯୫୨ ମସିହା ପର୍ଯ୍ୟନ୍ତ ମନ୍ଦିରର ପରିଚାଳନାଭାର ବିଜୟାନଗରମ୍ ରାଜାଙ୍କ ଅଧିନରେ ଥିଲା । ପରେ ଏହା ସରକାରଙ୍କ ଅଧୀନକୁ ଆସିଥିଲା ।

ବର୍ତ୍ତମାନ ଏହି ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ଅନେକ ପ୍ରତିମା ବର୍ତ୍ତମାନ ଚୋରୀ ହୋଇସାରିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ମନ୍ଦିରର କିଛି କିଛି ପୁନରୁଦ୍ଧାର ହୋଇଥିଲେ ସୁଦ୍ଧା ଏହା ଯଥେଷ୍ଟ ନୁହେଁ । ଏହି ମନ୍ଦିରର ସମସ୍ତ ଅଚଳାଚଳ ସମ୍ପତ୍ତିରେ ରହିଛି ପ୍ରାୟ ୯୭ ଏକରର ଜମି ଏବଂ ଛଅ ଲକ୍ଷଟଙ୍କାର ବ୍ୟାଙ୍କ ଜମା ଯାହାର ସୁଧରେ ମନ୍ଦିରର ପରିଚାଳନା

To read the complete magazine, Download it for FREE from www.aahwaan.com

କରାଯାଉଛି ।

## ବିଶେଷ ଅନୁରୋଧ

ଏହି ସମସ୍ତ ମନ୍ଦିର ବ୍ୟତୀତ ଆହୁରି ଅନେକ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ସେ ସବୁ ମନ୍ଦିର ବିଷୟରେ ବିସ୍ତୃତ ଭାବରେ ଏହି ଲେଖକ ଆହ୍ୱାନ ଇପତ୍ରିକାର ଅନେକ ସଂସ୍କରଣରେ ଆଲେଖ୍ୟମାନେ ପ୍ରକାଶିତ କରି ଆସୁଛନ୍ତି । କିନ୍ତୁ ମନ୍ଦିର ମାନଙ୍କର ଅବସ୍ଥାକୁ ଦେଖି ସମସ୍ତ ଓଡ଼ିଶାବାସୀ, ଓଡ଼ିଶା ସରକାର ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ କିଛି ଅନୁରୋଧ କରିବାକୁ ଚାହୁଁଛି ।

୧. ଏହି ଅଞ୍ଚଳରେ ଅନ୍ୟୁନ ପଚାଶଗୋଟି ଜଗନ୍ନାଥ ମନ୍ଦିର ରହିଛି ।

୨. ମନ୍ଦିର ବ୍ୟତୀତ ଅନେକ ମଠ ଏବଂ ରାଧାକୃଷ୍ଣ ଏବଂ ଅନ୍ୟାନ୍ୟ ମନ୍ଦିରମାନ ରହିଛି ।

୩. ୧୯୩୬ ମସିହା ପର୍ଯ୍ୟନ୍ତ ଶ୍ରୀକାକୁଲମ୍ ଜିଲ୍ଲା ଅବିଭକ୍ତ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଅଂଶ ଥିଲା ।

୪. ଏହି ଅଞ୍ଚଳ ଆନ୍ଧ୍ରପ୍ରଦେଶ ସରକାରଙ୍କ ଅଧୀନ ହୋଇଥିବା ସତ୍ତ୍ୱେ ଅନେକ ଓଡ଼ିଆ ଲୋକ ଏହି ଅଞ୍ଚଳରେ ବସବାସ କରନ୍ତି ।

୫. ଦୁର୍ଭାଗ୍ୟବଶତଃ ଏହି ଅଞ୍ଚଳରେ ଥିବା ମନ୍ଦିରମାନଙ୍କୁ ଓଡ଼ିଆ ମନ୍ଦିର ପ୍ରଶାସନ ତରଫରୁ ଅବହେଳା କରାଯାଉଛି ।

୬. ମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ଅନୁଦାନ ଓଡ଼ିଶାରୁ କିମ୍ବା ଆନ୍ଧ୍ରପ୍ରଦେଶରୁ ମିଳୁନାହିଁ, ଯାହା ବି ମିଳୁଛି ତାହା ମନ୍ଦିର ମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ ।

୭. ଏହି ମନ୍ଦିର ମାନଙ୍କ ସୁପରିଚାଳନାପାଇଁ ଆବଶ୍ୟକ ଅର୍ଥ ଶ୍ରୀକାକୁଲମ୍ ଜିଲ୍ଲାପାଳଙ୍କ

To read the complete magazine, Download it for FREE from www.aahwaan.com

ସହାୟତାରେ ମିଳୁଥିଲେ ଭଲ ହୋଇଥାନ୍ତା ।

୮. ଏହି ସମସ୍ତ ମନ୍ଦିରକୁ ଚଳାଉଥିବା ପୂଜାରୀମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି ।

୯. ଅନେକ ମନ୍ଦିରର ଏମିତି ଅବସ୍ଥା ହୋଇଛି ଯେ ଦୈନନ୍ଦିନ ପୂଜାବିଧିପାଇଁ ଆବଶ୍ୟକ ଅର୍ଥ ମିଳୁନାହିଁ, ଏବଂ ଜୀୟୁମାନଙ୍କୁ ଭୋଗ ଦେଇ ହେଉନାହିଁ ।

୧୦. ପୁରୀ ଶ୍ରୀମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ପରିବର୍ତ୍ତନ ପାଇଁ ଗଠିତ କମିସନଙ୍କ ନିକଟରେ ଏହି ବାବଦରେ ଆମେ ଦାବୀ ପତ୍ର ଉପସ୍ଥାପନ କରିଥିବା ସତ୍ତ୍ୱେ ଆମର ଅଞ୍ଚଳର ଜଗନ୍ନାଥ ମନ୍ଦିରମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି ଏବଂ ଏହିପରି ଅବସ୍ଥା ଲାଗି ରହିଲେ ସେ ଦିନ ଦୂରନାହିଁ ଯେତେବେଳେ ଅତୀତ କଳିଙ୍ଗର ଉତ୍କୃଷ୍ଟ କାରୁକାର୍ଯ୍ୟର ଉଦାହରଣ ଏହି ସବୁ ମନ୍ଦିର ଦିନେ ନିଶ୍ଚିହ୍ନ ହୋଇଯିବ ।

[ ଆଲେଖ୍ୟ ଓ ଉପସ୍ଥାପନା : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ]

ଗବେଷଣା : ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ସେକ୍ରେଟାରୀ, ଶ୍ରୀ ଜଗନ୍ନାଥ ସାଂସ୍କୃତିକ ଚୈତନ୍ୟ ପୁନରୁଦ୍ଧାର ସମିତି

ସୋମପେଟା, ଆନ୍ଧ୍ର ପ୍ରଦେଶ

ଭ୍ରାମ୍ୟଭାଷ : ୯୪୪୦୭୬୬୧୭୭

ଇମେଲ୍ : lingarajsaswati@gmail.com

To read the complete magazine, Download it for FREE from www.aahwaan.com

# ନୀରବତାର ମାନଚିତ୍ର



ଭାଗିରଥୀ ବେହେରା

ନୀରବତାର ମାନଚିତ୍ର : ଏକ ସମୀକ୍ଷା

ଡା ରାଜେନ୍ଦ୍ର କୁମାର ବେହେରାଙ୍କ କବିତା ସଙ୍କଳନ 'ନୀରବତାର ମାନଚିତ୍ର' ଏକ ଅଦୃଶ୍ୟ ଚରିତ୍ର

ଜୀବନଯାତ୍ରାରେ ଅତୀତ ପଛକୁ ରହିଯାଏ କିନ୍ତୁ ପିଛା ଛାଡ଼େନାହିଁ । କିଛି ଅତୀତ ମିଠା ମିଠା ସ୍ମୃତି ପାଲଟି ଯାଏ, ମନରୁ ଅଦୃଶ୍ୟ ହୋଇଯାଏ । ଅଭୁଲା ରହେ, ବାରମ୍ବାର ଦୃଶ୍ୟମାନ ହୁଏ । ଚରିତ୍ରଟିଏ ନୀରବରେ ଯନ୍ତ୍ରଣା ଦେଉଥାଏ । ମାନସ ପଟରେ ରୂପ ନେଉଥାଏ । ଜଟିଳ ମାନଚିତ୍ର ଆଙ୍କେ । କାହାକୁ ବାନ୍ଧି ରଖିବାକୁ ହୁଏ । କେଉଁଠି ନିଜକୁ ଉନ୍ମୁକ୍ତ କରିବାକୁ ହୁଏ । ତଥାପି ବଞ୍ଚିବାର ଯାତ୍ରା ଜାରୀ ରଖିବାକୁ ପଡ଼ିଥାଏ । ଅକୁହା କଥାକୁ ନେଇ ନୀରବରେ... ।

ଠିକ୍ ଏହିପରି ଘଟିଛି କବି ଓ ଲେଖକ ଡା ରାଜେନ୍ଦ୍ର କୁମାର ବେହେରାଙ୍କ ପ୍ରଥମ କବିତା ସଂକଳନ 'ନୀରବତାର ମାନଚିତ୍ର'ରେ ।

ଡା ରାଜେନ୍ଦ୍ର କୁମାର ବେହେରା, ଜଣେ ଆନ୍ତର୍ଜାତିକ

To read the complete magazine, Download it for FREE from www.aahwaan.com




ଖ୍ୟାତିସଂପନ୍ନ ଚକ୍ଷୁରୋଗ ବିଶେଷଜ୍ଞ । ବିଭିନ୍ନ ଦେଶ ବୁଲି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଅନୁଭୂତି ପାଇବା ସହ ଜଣେ ବକ୍ତା, ଆଲୋଚକ ଏବଂ ପ୍ରବନ୍ଧକ ଭାବରେ ସେ ଆଞ୍ଚଳିକ ସାହିତ୍ୟ ମହଲରେ ଜଣାଶୁଣା ।

ଅନେକ କଥା କବିଙ୍କର କହିବାର ଅଛି । ମନ ଭିତରେ ଉଠୁଥିବା ଭାବନାର ଉତ୍ତାଳ ତରଙ୍ଗ, ନେଉଛି ସୁନାମୀର ରୂପ । ଯେମିତି ଛିନ୍ନବିଛିନ୍ନ କରୁଛି ନିଜସ୍ୱ ପୃଥିବୀ । ତଥାପି ସେ ନୀରବ । କହିପାରିବାରେ ବିଫଳ । ଏ ପ୍ରକାର କ୍ଷତବିକ୍ଷତ ଭାବନା ଦେଖିବାକୁ ମିଳେ ତାଙ୍କ କବିତା ସଙ୍କଳନରେ...

ଘୁରି ଘୁରି ଘୁର୍ଣ୍ଣାୟ୍ମ ମୋ ମନ / ଠେଲି ଠେଲିକି / ସୃଷ୍ଟିକରେ ଉତ୍ତାଳ ତରଙ୍ଗ

କେବେ ନେବ ବିଭତ୍ସ ରୂପ / ସୁନାମୀ ଆକାର...

କ୍ଷତ ବିକ୍ଷତ କରେ / ପୃଥିବୀ ଶରୀର

ମୁଁ ପବନ / ମୁଁ ବିଚାର / ମୁଁ ନୀରବ ନୀରବତା । (କବିତା - ନୀରବ ନୀରବତା)

To read the complete magazine, Download it for FREE from www.aahwaan.com

କାହାର ଛବି କବିଙ୍କୁ ବାରମ୍ବାର କରିଛି ଆନମନା । ଅନ୍ତରର କେଉଁ ନିଭୃତ କୋଣରେ ସେ ଛବିକୁ ରୂପଦେବାକୁ ସଦା ଚେଷ୍ଟିତ । ଜୀବନର ଇତିହାସର କେଉଁ ଫର୍ଦ୍ଦରେ ସେ ରୂପ ସ୍ଥାନିତ ତାହା ତନ ତନ ଖୋଜିଛନ୍ତି । ଏ ପ୍ରକାରର ସୂକ୍ଷ୍ମ ଆବେଗକୁ ସୁନ୍ଦର ଶବ୍ଦ ଦେଇ ଲେଖିଛନ୍ତି...

ରୂପର ପସରା ନେଇ / ଚରିତ୍ରର ଅଙ୍କକଷା ଫର୍ଦ୍ଦଟି / ଓଲଟି ଦେଖିବା ବେଳେ

ମନ, ହୃଦୟ ଓ ଅନ୍ତରର

ପଢ଼ିହେବ ନିଜ ପ୍ରତିଛବି / ସେ ରୂପର ମାନଚିତ୍ରରେ  । (କବିତା - ରୂପର ମାନଚିତ୍ର)

ବେଳେ ବେଳେ କବିଙ୍କ ଭାବନା ଫସିଛି ସମ୍ପର୍କର ଜଟିଳ ତ୍ରିକୋଣରେ । ବାଟବଣା ହୋଇଛନ୍ତି, ରାସ୍ତା ବି ପାଇଛନ୍ତି । ମନରେ ରୂପ ଦେଉଥିବା ଝାପ୍ସା ଝାପ୍ସା ଚରିତ୍ରକୁ ସେ ସାନ୍ତ୍ୱନା ଦେଉଛନ୍ତି ଯେ ନଦୀ ଯେତେ ବି କୂଳ ଲଙ୍ଘିଲେ ସାଗର ହୋଇପାରେନା । ଠିକ୍ ସେମିତି ନୀରବତା ଯେତେ ବି ନିଜର ବାହୁ ପ୍ରସାରିଲେ ବି ତୃତୀୟ ଅବୟବ ହୋଇପାରେନା । ସେଥିପାଇଁ ମୁଁ, ତୁମେ ଓ ସେ କବିତାରେ ଲେଖିଛନ୍ତି...

ମୁଁ କିଏ, ତୁମେ କିଏ, ବା କିଏ ସେ / ଏକାନ୍ତରେ ସମ୍ପର୍କ ଲୁଚିରହେ

ସଂସାର ଗତି ସମ୍ପୂର୍ଣ୍ଣତା ଯାଏ / ନଦୀ ଯେତେ କୂଳ ଖାଏ

ଯେତେ କାଳ ଗଲେ ମଧ୍ୟ / ସାଗର ନ ହୋଇ / ନଦୀ ହୋଇ ରହେ

ସବୁବେଳେ ନୀରବତାକୁ ନୀରବି ଦିଏ / ଯେପରି ମୁଁ, ତୁମେ ଓ ସିଏ  ।(କବିତା - ମୁଁ, ତୁମେ ଓ ସିଏ)

ଅତି ନିଜର ହୋଇଥିବା ପ୍ରାଣୀଟିକୁ ନ କେବଳ ସେ ମନରେ, ଅତୀତରେ ପାଇଛନ୍ତି

To read the complete magazine, Download it for FREE from www.aahwaan.com

ବରଂ କବି ସ୍ୱୀକାର କରିଛନ୍ତି ଯେ ତେ ଦୂରେ ଥିଲେ ବି ସେ ସାଇତି ରଖିଛନ୍ତି ହୃଦୟରେ, ରକ୍ତରେ, କୋଷରେ । ପ୍ରେମାଶକ୍ତ ବିଦଗ୍ଧ ପ୍ରାଣର ଏ ଚମତ୍କାର ପରିପ୍ରକାଶ ଡା ବେହେରାଙ୍କ କବିତାରେ ଦେଖିବାକୁ ମିଳେ ଯଥା...

ଯେତେ ଦୂରେ ଥାଅ ପଛେ / ଚାହିଁଛି ମୋ/ ମନେ, ହୃଦେ, କୋଷେ

ରକ୍ତ ଓ ତନ୍ତ୍ରରେ / ମୋ ମନ ଗଗନରେ

ଆଉ ମୁଁ ନୀରବତାରେ ପାଉଥିବି

ମୋ ଶ୍ୱାସ ନିଃଶ୍ୱାସର / ମୃଦୁ ଉଷ୍ଣତାକୁ । (କବିତା - ଦୂରେ ବହୁ ଦୂରେ)

ଯୁଗର ଯୁଗର ଅପେକ୍ଷା । ଯେତେ ଚାହିଁଲେ ବି ଅତୀତର ବିରଳ ମୁହୂର୍ତ୍ତ ସବୁ ତୁହାକୁ ତୁହା ମନେ ପଡ଼େ କବିଙ୍କ ମାନସ ପଟରେ । ଫୁଲ, ପତ୍ର, ଲତା, ସାଗର, ଝରଣା ସବୁ ସ୍ମୃତିର ପ୍ରତୀକ ହୋଇ ନେଇ ଯାଆନ୍ତି ଅଫେରା ଅତୀତକୁ । ଅତୀତର ମାନଚିତ୍ର ଆଙ୍କିବାକୁ । ସେଥିପାଇଁ ସ୍ୱତଃ 'ଅପେକ୍ଷାରେ ମୁଁ' ଏବଂ 'ଅତୀତର ସ୍ମୃତି' କବିତାରେ ତାଙ୍କ କଲମରୁ ଝରିପଡ଼େ...

ଫୁଲ, ଗଛ, ଲତା, ଝରଣା, ସାଗର

ସବୁକଥା ମନେପଡ଼େ / ନୀରବରେ ନେଇ ଘୁରେଇ ଆଣନ୍ତି

ଯାହା ଇଚ୍ଛା ସବୁ ଆଡ଼େ । (କବିତା - ଅପେକ୍ଷାରେ ମୁଁ)

ଅଜଣା ଅତୀତର / ବୁକୁରେ ଉଭା ଦେଇ / ଅଳସ ଭାଙ୍ଗିବା ବେଳେ

ଫସକା ଫସକା ସ୍ମୃତି / ଛାପ ଛାପ ଭାବନା / ନୀରବୀ ଯାଏ । (କବିତା - ଅତୀତର ସ୍ମୃତି)

To read the complete magazine, Download it for FREE from www.aahwaan.com

ଯେଉଁଠି ସ୍ୱପ୍ନ, ସେଇଠି ବାସ୍ତବ । ଯେଉଁଠି ଅନାବିଳ ପ୍ରେମ ସେଠି ହିଁ ଦୂରତାର ଯନ୍ତ୍ରଣା । କବି ଏଥିରୁ ବାଦ୍ ପଡ଼ନ୍ତେ କିପରି ? ଚରିତ୍ର ଚିତ୍ରଣରେ ତୋଳି ହୋଇପାରେନା ଜୀବନ ଯେଉଁଠି ପୃଥିବୀରେ ନଥାଏ ସବୁଜିମା, ବାୟୁରେ ନଥାଏ ଧୂଳିକଣା, ଚନ୍ଦ୍ରରେ ନଥାଏ କଳଙ୍କ । ସେଠି ଅଦୃଶ୍ୟ ଚରିତ୍ର ସବୁ ହଜେଇ ଦିଅନ୍ତି ନିଜ ନିଜର ଠିକଣା । ଏମିତି ପରିସ୍ଥିତିରେ ଯେମିତି ଲାଗେ ନୀରବତା ଭଙ୍ଗ ହୁଏ । ପ୍ରାଣଟିଏ ଉଦବିଘ୍ନ ହୋଇଉଠେ । ଏ ପ୍ରକାରର ପ୍ରତୀକାତ୍ମକ କାବ୍ୟିକ ଭାବ ଝଲସିଛି ସଂକଳନରେ । ଉଦାହରଣ ସ୍ୱରୂପ...

ଅଦୃଶ୍ୟ ଚରିତ୍ର ଏ ନୀରବତା / କଳଙ୍କ ଯେ ଲାଗେନା କିପରି ?

ଦୃଶ୍ୟମାନ ଚନ୍ଦ୍ର କଳଙ୍କ / ପ୍ରଶଂସା ଭରି ଭରି / ପୃଥିବୀ ଚରିତ୍ରହୀନା / ବିନା ଜଳ, ସବୁଜିମା

ଆକାଶ ଚରିତ୍ରହୀନା / ବିନା ବାୟୁ, ଆଲୋକ ଧୂଳିକଣା

ଚରିତ୍ର ଚିତ୍ରଣ ଏଠି ଆନମନା / ଚରିତ୍ର ହିସାବ ଏକ ଏକକ / ହଜିଯାଏ ନୀରବତାର ଠିକଣାରେ । (କବିତା - ଅଦୃଶ୍ୟ ଚରିତ୍ର)

ଅନ୍ତରଙ୍ଗ ସମୟ ବଞ୍ଚିବାର ମୋହ ଦିଏ । ସ୍ୱପ୍ନ ମରିଚିକା ସୃଷ୍ଟିକରେ । ଲୁହ ଶୁଖି ଧୂଳିଝଡ଼ ଭଳି ଦିଗବଳୟରେ ଉଭା ହୋଇଯାଏ । ବଞ୍ଚି ନ ପାରିବାର ଜରାଜୀର୍ଣ୍ଣ କ୍ଷଣରେ ବି ଝୁରିବାକୁ ହୁଏ । ଆତ୍ମୀୟତା ଲୋଡ଼ିବାକୁ ହୁଏ । ଏ ପ୍ରକାର ଜୀବନ ଦର୍ଶନର ସନ୍ତୁଳିତ ଦୃଶ୍ୟ ଦେଖିବାକୁ ମିଳିଛି ଶ୍ରୀ ବେହେରାଙ୍କ କବିତାରେ । ଯେମିତି

ବର୍ତ୍ତମାନ ଛାପ ସବୁ / କିଞ୍ଚିତ ହୁଅଇ / ଉତ୍‌ଫୁଲିତ ମୁହୂର୍ତ୍ତର / ମର୍ମକୁ ଝୁରଇ

ଅନ୍ତରାତ୍ମା ଛୁଇଁଥିବା / ଅବୟବ ନେଇ

To read the complete magazine, Download it for FREE from www.aahwaan.com

ଜରାଜୀର୍ଣ୍ଣ ହେଲେ ମଧ୍ୟ / ମନ ତା'ର ଘୁରିବୁଲେ / ସେ ଅନ୍ତରଙ୍ଗକୁ ନେଇ / ଅନ୍ତରଙ୍ଗ ଜୀଇଁ । (କବିତା - ଅନ୍ତରଙ୍ଗ ସମୟ)

ଥିବ ଖାଲି / ଅଦୃଶ୍ୟ ସ୍ୱପ୍ନର ମରୀଚିକା / ନିଃଶ୍ୱାସର ଗତି ଥମିଥିବ / ଦୂର ଦିଗବଳୟରେ ନ ମିଶି

ଆଶା ଓ ଆକାଂକ୍ଷା / ଧୁଳି ଝଡ଼ରେ ମିଶିବ... ।

X X X

ଆଖି ଲୁହ ଶୁଖି ବାଷ୍ପ ହେଉଥିବ / ପାଟିର ଶବ୍ଦ ଅସ୍ପଷ୍ଟ ଶୁଭୁଥିବ

ଜୀବନ ବାଟିକା / କ୍ଷୀଣ ହେଉଥିବ

ବଞ୍ଚିବାର ମାନେ / ଝୁରି ଝୁରି / ତାରା ଖୋଜୁଥିବ । (କବିତା - ଶୁଷ୍କ ଭାବନା)

ନିଜ କବିତାରେ ଶ୍ରୀ ବେହେରା ଦେହର ଅନେକ ରୂପକୁ ପରଖିଛନ୍ତି । କେତେବେଳେ ଅଗ୍ନିଦେହ କହି ସମ୍ବୋଧନ କରିଛନ୍ତି ତ କେତେବେଳେ ପ୍ରିୟାକୁ ଖୋଜିବାକୁ ଯାଇ ଭିନ୍ନ ଭିନ୍ନ ସଙ୍ଗୀତ ଝଙ୍କୃତ କରିଛନ୍ତି । ଶବ୍ଦ ସହ ଖେଳ ଖେଳିବାର କଳା କବିଙ୍କୁ ଭଲ ଭାବରେ ଜଣା । ଏମିତିକି ପ୍ରିୟତମାର ଦେହରେ ଫୁଲ ଫୁଟେଇବାକୁ ବି ଦେଇନାହାନ୍ତି ପଛଘୁଞ୍ଚା । ଏବଂ ପ୍ରିୟତମା ଦେହରେ ସ୍ମୃତିର ଫୁଲ ସବୁ ଫୁଟିବା ଯାଏ ଝୁରିବାକୁ ଅନାଗ୍ରହ ପ୍ରକାଶ କରିନାହାନ୍ତି । ଯେମିତି...

ପ୍ରେମଭରା ରାଜ୍ୟରେ / ଗମ୍ବୁଜମାନ / ଭଗ୍ନରୂପ ନେଇ ସଂଘର୍ଷପରେ

ଖାଁ ଖାଁ ଗ୍ରାମ ଆଉ କ୍ଷେତମାଳ / ନିଶ୍ଚିହ୍ନ, ଅସଜଡ଼ା ମୁଣ୍ଡର କେଶପରି

ଭିନ୍ନ ଭିନ୍ନ ରାଗ ଗାଇଥାଏ । (କବିତା - ତାତିଲା ଶରୀର)

To read the complete magazine, Download it for FREE from www.aahwaan.com

କଣ ଦେଖିଲ ? / କଣ ଦେଖାଇଲ / ଝୁରି ଝୁରି ଆଜି ଜଳିଯାଉ ଅଗ୍ନିଦେହ

ମରି ଯାଉଅଛି / ତୁମକୁ ଖୋଜିବାର ମୋହ । (କବିତା - ପ୍ରିୟାକୁ ଖୋଜିବାରେ)

ସ୍ନେହରୁ ପ୍ରେମ ପର୍ଯ୍ୟନ୍ତ / ଆଉ ପ୍ରେମରୁ ସଂଭୋଗ

ପଥ ସଜାଡ଼ିଥାନ୍ତି / ବଛା ବଛା ସ୍ମୃତିରେ

ପତ୍ର ବାଣ୍ଟି / ରକ୍ତ ସ୍ନେହସାର ଦେଇଥାନ୍ତି / ଫୁଲ ଫୁଟିବା ଯାଏ

ତୁମରି ଦେହରେ । (କବିତା - ତୁମେ ଫୁଲ ମୋ ବଗିଚାରେ)

ସଂକଳନରେ ଯେଉଁ ଧାରା ପ୍ରବାହ ହେଉଛି, ଶେଷାର୍ଦ୍ଧ ଆଡ଼କୁ ସେ ଘୋଷଣା କରିଛନ୍ତି ନୀରବତାର ମାନଚିତ୍ରରେ ତାଙ୍କୁ ଲୋଡ଼ାନାହିଁ ପ୍ରିୟତମ ମଣିଷର ଅମୃତମୟ ପରଶ । କାରଣ ସେ ଅନୁଭବି ସାରିଲେଣି ଯେତେ ସବୁ ନୀରବ ଯନ୍ତ୍ରଣା ଜନ୍ମ ଜନ୍ମାନ୍ତର ଯାଏଁ ରହିଯାଏ ସ୍ମୃତିର ଫର୍ଦ୍ଦରେ ଏବଂ ସବୁବେଳେ ସ୍ନେହାଶକ୍ତ ମନ ମଉଳିଯାଏ ।

ଭଲ ପାଇବା ଯଦି ଏଠି / ପାପ ବୋଲି ନାଗରା ବାଜୁଛି / ଭଲ ପାଇବାରେ / ଯଦି ଏଠି ଯନ୍ତ୍ରଣା ମିଳୁଛି

ତା'ହେଲେ / ଘୃଣା କରିବାରେ / କି ଅବା ପୂଣ୍ୟଫଳ ମିଳେ / ଲୋଡ଼ାନାହିଁ ମୋର

ସେ ସ୍ୱର୍ଗୀୟ ସୁଖ / ଅମୃତ ପରଶପାଇଁ / ଭୁଲ କରୁଥିବି

ସବୁ ନୀରବ ଯନ୍ତ୍ରଣା / ଜନ୍ମ ଜନ୍ମାନ୍ତର । (କବିତା - ପ୍ରତୀକ୍ଷାର ଯନ୍ତ୍ରଣା)

ଅଧାନିଦ୍ର ପଲକଟି ନଇଁ / ଶୀତଳ ଅବୟବ ଝୁରେ / ଭୃକୁଞ୍ଚନ କରିବାକୁ କେତେ / ସାଉଁଟି ଧରିବାକୁ

To read the complete magazine, Download it for FREE from www.aahwaan.com

ସ୍ମୃତିର ଫର୍ଦ୍ଦକୁ ଆଉ / ସମ୍ଭାବ୍ୟର ଆବେଗ / ପ୍ରବାହକୁ । (କବିତା - ମୋ ମନ ଯାଉଛି ମଉଳି)

ସଂକଳନରେ ସମୁଦାୟ ବାଇଶିଟି କବିତା ସମ୍ମିଳିତ ଅଛି । ନିଜତ୍ୱ ହରାଅ ନାହିଁ, କର୍ତ୍ତୁତ୍ୱ, ଶତଗୁଣେ ଭଲ, ମେଘର ଛାଇ, ଦୋଷ ଦୂର୍ବଳତା, ଭାଗ୍ୟର ବିଡ଼ମ୍ବନା, ପାଲିଙ୍କି ଉପରେ, ଯମୁନା କୁଳରେ ଦିନେ, ଅନ୍ଧକାର ଇଲାକାରେ ମୁଁ, ମନରୁ ମାନସିକତା, ପରି ଅନେକ କବିତା ଜୀବନ ଦର୍ଶନର ନୂଆ ଦିଗକୁ ଉଜାଗର କଲାବେଳେ ଗଜରାମାଳର ଦୋଷ, ପ୍ରଥମ ଦେଖାର ଲାଜ, ସ୍ୱପ୍ନର ଆଢୁଆଳେ, ମୁଁ ଆଗ୍ରହୀ, ଧରାଦିଅ ମୋତେ, ତୁମକୁ ଯଦି ମୁଁ ଜାଣିଥାନ୍ତି ଆଦି ନାମକ କବିତା ପ୍ରେମମୟ ଦୁନିଆକୁ ଗଢ଼ିତୋଳେ ।

ଯଦିବା ଡା ରାଜେନ୍ଦ୍ର କୁମାର ବେହେରାଙ୍କ ଏହା ପ୍ରଥମ ସଂକଳନ, କିନ୍ତୁ ଲେଖାର ଭାବ, ଶବ୍ଦ, କାବ୍ୟିକ ଚିନ୍ତାଧାରା ଅତି ସରଳ ଓ ସୁନ୍ଦର ଭାବକୁ ଦେଖିଲେ କବିଙ୍କର ପରିପକ୍ୱତା ବାରି ହୋଇପଡ଼େ । ଅନେକ ଶବ୍ଦ ଯେମିତି ସଂଭାର, ନିଃସଙ୍ଗ, ନିଶ୍ଚଳତା, ଉତ୍ତାଳ, ଇୟତା, ଉଦ୍‌ଭାସିତ, ସୌଧ, ମଳୟ, ଗୁଚ୍ଛ, ଆଳିଙ୍ଗନ, ସନ୍ତପ୍ତ, ଦହଗଞ୍ଜ, ଅନାୟାସ, ଅବୟବ ଆଦିର ବ୍ୟବହାର ସଂକଳନକୁ ବଳିଷ୍ଠକରେ ।

କବିତାରେ ରେଶମ ସହର ବ୍ରହ୍ମପୁର ପାଖାପାଖି ଗୋପାଳପୁର, ମହୁରିକାଳୁଆ, ଦି ଷ୍ଟାର୍ଲ୍‌ଡ୍, ବିଜୁ ପଟ୍ଟନାୟକ ପାର୍କ, ଗୌତମ ସିନେମା ହଲ୍ ଆଦି ଆଞ୍ଚଳିକ ସ୍ଥାନର ବ୍ୟବହାର ସଂକଳନଟିକୁ ଜୀବନ୍ତ କରିଛି ଯାହା ପାଠକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ।

ଶେଷରେ ଏତିକି କହିହେବ, ଡା ବେହେରାଙ୍କ କବିତା ସଂକଳନ 'ନୀରବତାର ମାନଚିତ୍ର' ଏକ ସଫଳ ରୂପାୟନ ଓ ସୁନ୍ଦର ପ୍ରୟାସ । ସଂପୂର୍ଣ୍ଣ ସଂକଳନଟି ଭାବର ସମୁଦ୍ର ଏଥିରେ ଦ୍ୱିମତ ନାହିଁ । ବରଂ କହିବାକୁ ଗଲେ ସମସ୍ତଙ୍କୁ ଜୀବନ ଯୋଡ଼ିପାରୁଥିବା ଏକ ଅଦୃଶ୍ୟ ଚରିତ୍ର ।

ସମ୍ପାଦକ, ଗଞ୍ଜାମର କବିତାଘର

ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଯୋଗାନୁଶାସନ



ପ୍ରଶାନ୍ତ କୁମାର ନାଥ

ପୁସ୍ତକ ସମୀକ୍ଷା

'ଯୋଗାନୁଶାସନ' ମାତ୍ର ଏକ ପୁସ୍ତକ ନୁହେଁ... ମୋ ମତରେ ଏହି ପୁସ୍ତକ ଏକ ସଂଜୀବନୀ ଔଷଧ ସମ ଲାଭପ୍ରଦ । ଆଜିର ଭୌତିକ ଉପଲବ୍ଧିରେ ମଗ୍ନ ମଣିଷପାଇଁ ଏହା ଏକ ଅତ୍ୟନ୍ତ ଉପାଦେୟ ପୁସ୍ତକ । 'ଯୋଗାନୁଶାସନ'କୁ ସନ୍ଧି ବିଚ୍ଛେଦ କରିଲେ ହୁଏ ଯୋଗ ଯୁକ୍ତ ଅନୁଶାସନ । ଯୋଗର ଅନେକ ଅର୍ଥ ରହିଛି । ଯଥା - ସଂଯୋଗ, ମିଳନ, ମିଶାଣ, ସମୟ ଇତ୍ୟାଦି । ଯାହାକୁ ଧ୍ୟାନ ବା ତପସ୍ୟା ବୋଲି ମଧ୍ୟ କୁହାଯାଏ । ସମ୍ପୂର୍ଣ୍ଣ ମଣିଷ ଶରୀରକୁ ଆଠଟି ଅଙ୍ଗ ଓ ପାଞ୍ଚ ଇନ୍ଦ୍ରିୟରେ ବିଭକ୍ତ କରାଯାଏ । ଗୋଟିଏ ଅର୍ଥରେ କହିଲେ ଏହି ଆଠଟି ଅଙ୍ଗ ଓ ପାଞ୍ଚ ଇନ୍ଦ୍ରିୟର ସଂଯମତା ପାଇଁ ଯେଉଁ କାର୍ଯ୍ୟ କରାଯାଏ ତାହାକୁ ଯୋଗ ଓ ପ୍ରାଣାୟାମ ବୋଲି କୁହାଯାଏ । ଯୋଗ ଏବଂ ପ୍ରାଣାୟାମ ଉଭୟ ଗୋଟିଏ ଟଙ୍କାର ଦୁଇପାର୍ଶ୍ୱ ବୋଲି କହିଲେ ଅତ୍ୟୁକ୍ତି ହେବାନାହିଁ । ମୋଟା ମୋଟି ଭାବରେ କହିଲେ, ଏଇ ଦୁଇଟି ମଣିଷର ସୁସ୍ଥ ଜୀବନଯାପନ ପାଇଁ ଏକମାତ୍ର ସାଧନାର ପନ୍ଥା ବୋଲି କୁହାଯାଇ ପାରେ । ଏହି

To read the complete magazine, Download it for FREE from www.aahwaan.com




ପନ୍ଥାକୁ ଅବଲମ୍ବନ କରି ଅତୀତରେ ଅନେକ ସାଧୁ-ସନ୍ୟାସୀ, ସାଧାରଣ ବ୍ୟକ୍ତି ଏବଂ ବୈଜ୍ଞାନିକମାନେ ନିଜ ଜନ୍ମର ସାର୍ଥକତାକୁ ପ୍ରମାଣିତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଲେ ସ୍ୱାମୀ ବିବେକାନନ୍ଦ । ଯାହାଙ୍କୁ ଲେଖକ ଏହି ପୁସ୍ତକଟି ଭକ୍ତିପୂତଭାବେ ଉତ୍ସର୍ଗ କରିଛନ୍ତି ।

ଲେଖକ ଏହି 'ଯୋଗାନୁଶାସନ' ପୁସ୍ତକଟିକୁ ଦୁଇଭାଗରେ ବିଭକ୍ତ କରିଛନ୍ତି । ଗୋଟିଏ ଯୋଗ ଏବଂ ଅନ୍ୟଟି ପ୍ରାଣାୟାମ । କଥାରେ ଅଛି ଖାଇବାପରେ ପାଣି ପିଆଯାଏ । କାରଣ ଜଳ ସଠିକ୍ ପାଚନ ପ୍ରକ୍ରିୟାରେ ସହାୟକ ହୋଇଥାଏ । ଠିକ୍ ସେହିପରି ଯୋଗ ସହ ପ୍ରାଣାୟାମର ଆବଶ୍ୟକତା ବହୁତ ଅଧିକ । ଯୋଗ ବିଭାଗରେ ସମୁଦାୟ ୨୪ ଗୋଟି ବିଷୟରେ ଉଲ୍ଲେଖ ରହିଛି । ଯୋଗର ଉତ୍ପତ୍ତି, ମାର୍ଗ, ବିକାଶ, ପରିଭାଷା, ଲକ୍ଷ୍ୟ, ବିଜ୍ଞାନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । କେଉଁ ଯୋଗ କରିଲେ କେଉଁ ପ୍ରକାରର ଫଳ ମିଳିଥାଏ ସେହି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ବିଭିନ୍ନ ରୋଗ ଏବଂ ତାହାର ଉପଶମ ପାଇଁ ଆବଶ୍ୟକ ଯୋଗ ବିଷୟରେ ମଧ୍ୟ କୁହାଯାଇଛି । ଈଶ୍ୱର ଭକ୍ତିପାଇଁ ଭକ୍ତିଯୋଗ, ଜ୍ଞାନର ବିକାଶ ପାଇଁ ଜ୍ଞାନଯୋଗ, ସୁଖନିଦ୍ରାପାଇଁ ଯୋଗନିଦ୍ରା, ସୁସ୍ୱାସ୍ଥ୍ୟପାଇଁ ସନ୍ତୁଳିତ ଆହାର ଓ ଯୋଗ ସାଧନା, ସୂକ୍ଷ୍ମଯୋଗ, ପଂଚକୋଷ ଇତ୍ୟାଦି ।

To read the complete magazine, Download it for FREE from www.aahwaan.com

ବିଶେଷ ଭାବରେ ଜଣେ ଯୋଗୀ ଆଉ ଯୋଗ ସଂପର୍କିତ ଲେଖା ପ୍ରକାଶିତ ହୋଇଛି । ଯାହା ହିନ୍ଦୀ ଭାଷାରେ ।

ଯୋଗ ବିଭାଗ ଭଳି ପ୍ରାଣାୟାମ ବିଭାଗରେ ମଧ୍ୟ ଲେଖକ ପ୍ରାଣାୟାମ କଣ, କିପରି ପ୍ରାଣାୟାମ କରିପାରିବେ ଆଦି ସୂଚନା ସମେତ ଅନେକ ପ୍ରାଣାୟାମର ବିଧି ବର୍ଣ୍ଣନା କରିଛନ୍ତି । କପାଳଭାତି, ନାଡ଼ିଶୁଦ୍ଧି, ସୂର୍ଯ୍ୟ ଓ ଚନ୍ଦ୍ର ଅନୁଲୋମ ବିଲୋମ୍, ଭ୍ରମରୀ ଆଦି ବିଷୟରେ ଲେଖିଛନ୍ତି । ଏଗୁଡ଼ିକ କରିବା ଦ୍ୱାରା କି କି ଫଳ ମିଳେ । କିପରି ସୁସ୍ଥ ରହିହୁଏ । ସେ ସଂପର୍କିତ ତଥ୍ୟ ଉପସ୍ଥାପନ ପ୍ରତି ଲେଖକ ଯତ୍ନବାନ ହୋଇଛନ୍ତି ।

ଯୋଗ ବିଷୟରେ କହୁ କହୁ ଅନେକ କିଛି କହିଗଲି । ଅନୁଶାସନକୁ ଛାଡ଼ି । ଗୋଟିଏ ବାକ୍ୟରେ କହିଲେ ଅନୁଶାସନର ଅର୍ଥ ଉପଦେଶକୁ ବୁଝାଏ । ଏଠାରେ ଯୋଗ ତ ଆଉ ସଜୀବ ନୁହେଁ, ଉପଦେଶ ଦେଇ ପାରିବ, ତେଣୁ ଲେଖକ ମାଧ୍ୟମ ବନିଛନ୍ତି । ଯୋଗର ଉପଦେଶକୁ ଲେଖକ ଅନ୍ୟମାନଙ୍କ ପାଇଁ ଉପସ୍ଥାପନ କରିଥିବାରୁ ଏହାର ନାଁ 'ଯୋଗାନୁଶାସନ' ଯଥାର୍ଥ ବୋଲି ମନେ ହେଉଛି ।

ଯୋଗ ପ୍ରଶିକ୍ଷକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ଦ୍ୱାରା ଲିଖିତ 'ଯୋଗାନୁଶାସନ' ୧୨୦ ପୃଷ୍ଠା ସମ୍ବଳିତ ଏକ ପୁସ୍ତିକା । ପୁସ୍ତିକାଟି ବାଲେଶ୍ୱରର ସୁବର୍ଣ୍ଣଶ୍ରୀ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି । ଲେଖକ ଏକାଧାରରେ ଜଣେ ସଫଳ ଲେଖକ, ଗାଳ୍ପିକ, ନାଟ୍ୟକାର ଏବଂ ଶିଶୁଲେଖକ ହେବା ସହ ଜଣେ ପ୍ରତିଷ୍ଠିତ ଯୋଗ ପ୍ରଶିକ୍ଷକ ମଧ୍ୟ । ସେ ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ । ନିଜର କର୍ମମୟ ବ୍ୟସ୍ତ ଜୀବନ ଭିତରେ ବି ଓଡ଼ିଆ ଭାଷା ଓ ସାହିତ୍ୟପ୍ରତି ତାଙ୍କର ଅବଦାନ ଓ ଭଲ ପାଇବା ଉତ୍କୃଷ୍ଟ ଉଦାହରଣ ଯୋଗ୍ୟ । ସେ ତାଙ୍କ ସାହିତ୍ୟିକ ହସ୍ତାକ୍ଷରରେ ସୃଷ୍ଟି କରିଛନ୍ତି ଅନେକ ପୁସ୍ତକ, ଯଥା ଠାକୁରବାପା,

To read the complete magazine, Download it for FREE from www.aahwaan.com

ଅଭିଶପ୍ତ ଗନ୍ଧର୍ବ, ଥାଳିଟି ହଜିଗଲା, ଏବଂ ଅନେକ ନାଟକ । ସେ ଦଶରୁ ଅଧିକ ପୁସ୍ତକ ରଚନା କରିଛନ୍ତି । ଏହା ବ୍ୟତୀତ ସେ ଜଣେ ମଞ୍ଚାଭିନେତା ଏବଂ ନିର୍ଦ୍ଦେଶକ ମଧ୍ୟ । ଏହି ପୁସ୍ତକର ସଫଳ ପ୍ରକାଶନରେ ଲେଖକଙ୍କର ସହଧର୍ମିଣୀଙ୍କ ମଧ୍ୟ ପୂର୍ଣ୍ଣ ସହଯୋଗର ଚିତ୍ର ଧ୍ୟାନକୁ ଆସେ । ସେଇଥିପାଇଁ ପ୍ରଚ୍ଛଦ ଏବଂ ଦୁଇ ବିଭାଗର ମନ୍ତ୍ର ପୃଷ୍ଠାରେ ତାଙ୍କ ରହିଛି ।

ଶେଷରେ ଏତିକି କହିବି ବହିଟି ଖୁବ୍ ଉପାଦେୟ ହୋଇଛି । ଏହା ସମସ୍ତଙ୍କ ପାଇଁ କାମରେ ଆସିବ । ନିଜେ ପଢ଼ିବା ସହ ଅନ୍ୟମାନଙ୍କୁ ପଢ଼ିବା ପାଇଁ ପ୍ରୋତ୍ସାହିତ କରନ୍ତୁ ବୋଲି ଅନୁରୋଧ ।

ଲେଖକଙ୍କ ସାରସ୍ୱତ ସାଧନା ଅଧିକ ଫଳପ୍ରସୂ ହେଉ ଏବଂ ସେ ଉତ୍ତରୋତ୍ତର ଉନ୍ନତି କରନ୍ତୁ ବୋଲି ଆମେ କାମନା କରୁଛୁ ।

ବି ବି ଗାଙ୍ଗୁଲି ରୋଡ଼, କଲିକତା - ୧୨

To read the complete magazine, Download it for FREE from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୧



ସୁବଳ ମହାପାତ୍ର

ବାହାଘରର ଚାରିବର୍ଷ ପୁରିଲାପରେ ବି କୋଳରେ ଛୁଆଟେ ନ ଥିବାରୁ କେତେ ଥର ଲୋକହସା ହେଲାପରେ ଚମ୍ପା ବାହାରିଲା ମଙ୍ଗୁ ମା ବତେଇଥିବା ବାବାପାଖକୁ । ବାବା କୁଆଡେ ଭାରି ପ୍ରତ୍ୟକ୍ଷ । ସିଧା ସିଧା ଭଗବାନଙ୍କ ସହ କଥା ହୁଏ । କେତେ ବଡ ବଡ ଲୋକ ତା' ଭକ୍ତ । ଲୋକ ଗାଡି କରି ଆସନ୍ତି ତା ପାଖକୁ । ସେଦିନ ଭାବକୁ ନ ଜଣେଇ ସେ ମଙ୍ଗୁ ମା ସହ ବାହାରି ଗଲା ବାବା ପାଖକୁ । ଭାବ ତା' ଗେରସ୍ତ । ଛୁଆ ନ ଥିଲେ ତା'ର ମାଈ ରେ ଯାଏ ନି କି ଗାଈ ରେ ଯାଏନି । କହିଲେ କହିବ ଭଗବାନଙ୍କର ଦେବାର ଥିଲେ ଦେବେ , ନ ହେଲେ ନାହିଁ । କିନ୍ତୁ ସେ କ'ଣ ଶୁଣେ ଏ ସାଇ ଭାଇଙ୍କ କଥା ? ସବୁ ତ ଚମ୍ପା କୁ ଶୁଣିବା କୁ ପଡେ, କେତେ ମୁହଁ ମୋଡା, ନାକ ଛିଂଚିଡା ଆଉ ସିଧା ସିଧା କଥା ଶୁଣି ସେ ତୁନି ରହେ । ହେଲେ ସେଦିନ କହୁ କହୁ ସେ ରଥ ବୁଢ଼ୀ ତାକୁ ବାଞ୍ଝ ବୋଲି କହିଦେଲା । ଭାରି ବାଧିଲା ତାକୁ ଏ କଥା ଟି । ହେଲେ କରିବ କଣ ? ଡାକ୍ତର ଯେଉଁଠି ମନା କଲା ଆଉ କାହାର କଣ କରିବାର ଅଛି ? ଡାକ୍ତର ମନା କଲା , ଚମ୍ପା କେବେ ମା ହେଇ ପାରିବ ନାହିଁ । ତାପରେ ଭାବ କୁ ସେ କଣ କମ ବୁଝେଇଛି ଦ୍ୱିତୀୟ

To read the complete magazine, Download it for FREE from www.aahwaan.com

ହେବା ପାଇଁ । ହେଲେ ସବୁ ବେଳେ ଭାବ କଥା ଟାଳି ଦିଏ । କହେ, "ଭଗବାନଙ୍କର ଦେବାର ଥିଲେ ଆମକୁ ଦେଇ ଥାନ୍ତେ । ନ ଦେଲେ ନାହିଁ । ତୁ ମନ ଦୁଃଖ କରନି କି ମୋତେ ଆଉ କିଛି କହନି । ସେଥିପାଇଁ ସେ ଆଜି ଭାବ କୁ କିଛି ନ ଜଣେଇ, ମଙ୍ଗୁ ମା ସହ ଏ ବାବା ପାଖକୁ ଆସିଛି ।

ବାବା ପାଖରେ ପହଁଚିଲା ପରେ ବାବା ୟା ହାତ ମୁହଁ ଦେଖି କହିଲା, "ହବୁ, ହବୁ , ତୁ ବି ମା ହବୁ । କିନ୍ତୁ ତୁ ଅଫଳନ୍ତି ଗଛ । ତୋ ଠୁ ହବନି । ଗୋଟେ କାମ କର, ମୁଁ ପୂଜା କରିବି । ତୁ ଜିନିଷ ଯୋଗାଡ କର । ନିଜର ନ ହେଲେ ବି ଆଉ କାହାର ପାଇବୁ । ପୂଜା ପାଇଁ ଟଙ୍କା ପନ୍ଦର ହଜାର ଖର୍ଚ୍ଚ ହେବ । ଯା.. ଟଙ୍କା ଯୋଗାଡ ସରିଲେ ମୋ ପାଖକୁ ଆସିବୁ " ।

ପନ୍ଦର ହଜାର ଟଙ୍କା ? ଏତେ ଟଙ୍କା କିଏ ଚମ୍ପା କିଏ ? ଗେରସ୍ତ ତା'ର ବାବୁଙ୍କ ଘରେ ହଳିଆ । ମାସ କୁ ଚାରି ହଜାର ଟଙ୍କା ପାଏ । ସେଇଥିରେ ଦି ପ୍ରାଣୀ ଚଳନ୍ତି । ଏତେ ଗୁଡ଼େ ଟଙ୍କା ସେ କୁଆଡୁ ଆଣିବ ? ହଉ ଦେଖିବା କହି ଭାବି ଭାବି ସେ ଘରକୁ ଆସିଲା ।

ସନ୍ଧ୍ୟା ରେ ଭାବ ବାବୁ ଘରୁ, ଘରକୁ ଫେରି ତା ସାର୍ଟ ପକେଟ ରେ ଥିବା କଏନ କେତୋଟି ତା ଠଣା ରେ ଗଳେଇ ଦେଲା । ଚମ୍ପା ସବୁ ଦିନେ ଦେଖେ ଭାବ ଏହିପରି କରେ । ସବୁଦିନ ସନ୍ଧ୍ୟା ରେ କିଛି କିଛି ସେ ଠଣା ରେ ପକାଏ କିନ୍ତୁ ଶୀତଦିନେ ସେଥିରୁ ସବୁ ବାହାର କରି ନେଇ ଯାଏ । ସବୁ ବର୍ଷ ସେ ଏହିପରି କରେ । ଚାରି ବର୍ଷ ହେଲା ଚମ୍ପା ଦେଖୁଛି, ସେ ଏହିପରି କରୁଛି କିନ୍ତୁ କେବେ ତାକୁ କିଛି ପଚାରି ନାହିଁ । ଆଜି ପଇସା ଦରକାର ହେଲାରୁ ତା ର ଏ ଦିଗକୁ ଧ୍ୟାନ ଗଲା । ସେ ଜାଣି ଜାଣି ଭାବ କୁ ପଚାରିଲା , " ଏଥିରେ କେତେ ପଇସା ହଜଣି ?

"କେଜାଣି" ପରି ଛୋଟ ଉତ୍ତର ଟିଏ ଦେଇ ଭାବ ଗାଧୁଆ ଘରକୁ ପଶିଗଲା ।

ଚମ୍ପା ର ତ ମନ ଲାଗିଛି, ସେ ବି କେଉଁ ଛାଡିବା ଜନ୍ତୁ ? ସବୁଦିନ ସେ ଠଣା ଉପରେ

To read the complete magazine, Download it for FREE from www.aahwaan.com

ନଜର ରଖେ । ଦିନେ ସୁବିଧା ଦେଖି ସେ ଗଣି ବସିଲା । ଦୁଇ ହଜାର ସାତ ଶହ ଚଉତିରିଶି ଟଙ୍କା । ଏବେ ସୀତା ପଡି ଆସିଲାଣି । ଚମ୍ପା ଜାଣେ ଏବେ କେବେ ଭାବ ଏ ଟଙ୍କା ସବୁ ନେଇଯିବ । କୁଆଡେ ନବ ? କାହାକୁ ଦବ କିଛି ସେ ଜାଣିନି । ଏଥର ଦେଖିବ ସେ, କଣ କରୁଛି ।

ସେଦିନ କହୁ କହୁ ବାବା କଥା ଭାବ କୁ କହିଦେଲା ଚମ୍ପା । ଭାବ ରାଗିଗଲା । କହିଲା , " ଥରେ କହିଲେ ଜଣା ପଡୁନି ? କଉ ବାବା, ଫାଙ୍କା ପାଖକୁ ଯିବା ଦରକାର ନାହିଁ" ।

ଚମ୍ପା ବି ଶୁଣେଇ ଦେଲା, " ମୋର ଛୁଆ ଟେ ଦରକାର । ତମେ ଦ୍ୱିତୀୟ ହୁଅ ପଛେ । ନହେଲେ ଯା କାହାଠୁ କିଣି କି ଆଣ କି ଚୋରି କରି ଆଣ । ମୁଁ ଜାଣିନି । ସେ ବାବା କହିଛି ପନ୍ଦର ହଜାର ଟଙ୍କା ନବ କିନ୍ତୁ ପୂଜା କରିଦେବ ଛୁଆଟେ ପାଇଁ । ଭଗବାନଙ୍କ ସହ ସେ କଥା ହୁଏ । ନିଶ୍ଚିତ ଆସିବ ଆମ ପାଖକୁ ଛୁଆ ଟେ" ।

ପନ୍ଦର ହଜାର କଥା ଶୁଣି ଭାବ ଆହୁରି ରାଗିଗଲା । ମନେ ମନେ ଭାବିଲା ପଇସା ତକ ଏବେଠୁ ନେଇ ନ ଗଲେ , ଚମ୍ପା ଏ ପଇସା କୁ ଅଡ଼ି ବସିବ । ତେଣୁ ସେ ଠଣା ଟି ଧରି ବାହାରକୁ ପଳେଇଲା ।

ଏପଟେ ଠଣା ଟି ଧରି ଭାବ କୁ ବାହାରକୁ ଯିବା ର ଦେଖି ଚମ୍ପା କି ଆଉ ସମ୍ଭାଳେ ? ସେ ବି ତା ପଛେ ପଛେ ଚାଲିଲା । ସମୟ ରାତି ଦଶଟା ପାଖାପାଖି ହେବ । ରାଜଧାନୀ ରେ ଶୀତ ପଡି ପଡି ଆସିଲାଣି । ଦିନରେ ବେଶୀ ନ ହେଲେ ବି ରାତିରେ ଅଳ୍ପ ଅଳ୍ପ ଶୀତ ଅଛି । ରାସ୍ତା କଡ ରେ ଲୋକ ମାନେ ଶୋଇବାକୁ ତିଆର ହେଲେଣି । ଦୋକାନ ବଜାର ସବୁ ବନ୍ଦ ହେଇ ଆସିଲାଣି । କିଛି କିଛି କାଠି କୁଟା ଜାଳି ଶୀତ ରୁ ରକ୍ଷା ପାଇବାକୁ ହାତ ଗୋଡ ପୁହିଁ ହେଉଛନ୍ତି । ରାସ୍ତା ରେ ଘଇତା ମାଇପ ଦି ଟା  ଆଗ ପଛ ହେଇ ଚାଲିଥାନ୍ତି । ଭାବ ଜାଣି ନଥାଏ ଯେ ଚମ୍ପା ତା ପଛେ ପଛେ ଆସୁଛି । ଚମ୍ପା ବି ଦେଖି ଦେଖି ଚାଲିଥାଏ

To read the complete magazine, Download it for FREE from www.aahwaan.com

ଯେମିତି ଭାବ ତାକୁ ନ ଦେଖେ । ସବୁ ବର୍ଷ ପଇସା ସଂଚିବ, ହେଲେ ଏ ଶୀତ ଦିନେ ସବୁ କୁଆଡେ ଦେଇ ଦବ । ଆଜି ଚମ୍ପା ଦେଖିବ ଯେ ଭାବ କଣ କରୁଛି ପଇସା । ମଦ, ଗଂଜେଇ ତ କେବେ ଖାଇନି । ଦୋହରା ସ୍ତ୍ରୀ କହିଲେ ମନା କରୁଛି । କଣ କରୁଛି ତେବେ ? ଭାବ ବି ମଝିରେ ମଝିରେ ପଛକୁ ଚାହୁଁଥାଏ କିଏ ଆସୁଛି କି ବୋଲି ଦେଖିବାକୁ ।

ଚାଲୁ ଚାଲୁ ସେ ଅଟକି ଗଲା ଗୋଟେ ନେପାଳୀ ଦୋକାନ ପାଖରେ । ନେପାଳୀ ସ୍ୱେଟର, ମଫଲର, କମ୍ବଳ ଆଦି ବିକ୍ରି କରେ । ତା ଦୋକାନ ରେ ବସି ଭାବ ଆଉ ସେ ନେପାଳୀ ପଇସା ଗଣିବାକୁ ଲାଗିଲେ । କିଛି ସମୟ ପରେ ପଇସା ରଖି ନେପାଳୀ ଭାବ ହାତକୁ କେତେ ଗୁଡିଏ କମ୍ବଳ ବଢ଼େଇ ଦେଲା । ଚମ୍ପା ମୁଣ୍ଡରେ କିଛି ପଶୁ ନଥାଏ । ଏତେ ଗୁଡ଼େ କମ୍ବଳ ଭାବ କଣ କରିବ ? ଘରେ ତ ଦି ଟା ଭଲ କମ୍ବଳ ଅଛି । ଆହୁରି କଣ ହେବ ? ଗୋଟେ ଦି ଟା ହେଲେ କଣ କରନ୍ତା । ଏତେ ଗୁଡ଼େ ? ୨୫ - ୩୦ ଟା ହେବ ।

ଏତେ ଗୁଡ଼େ କଣ ହେବ ? ଭାବ କମ୍ବଳ ସବୁ ଧରି ଯାଇ ଗୋଟେ ଛକ ର ଚାନ୍ଦିନୀ ଉପରେ ବସିଲା । ଏପଟେ ଚମ୍ପା କେବିନ ପଛ ପଟେ ଲୁଚି କି ଦେଖୁ ଥାଏ । ରାତି ଏଗାରଟା ପରେ ହେଲାଣି । ଲୋକ ସବୁ ରାସ୍ତା ରେ କୁଙ୍କୁରି କାଙ୍କୁରି ହୋଇ ସୋଇ ପଡିଲେଣି । ଛିଣ୍ଡା ଚାଦର, କମ୍ବଳ ଅବା କନ୍ଥା, ଶୀତ ରଖିବାକୁ ସମର୍ଥ ନୁହଁ । ଶୀତରୁ ରକ୍ଷା ପାଇବାକୁ ଗୋଟେ ଗୋଟେ କନ୍ଥା ତଳେ ଦି ତିନି ଜଣ ପଶି ଥାନ୍ତି । ଭାବ ଏବେ ଉଠିଲା । ନିଜ ମୁହଁ ଘୋଡେଇ ହୋଇ ସମସ୍ତଙ୍କ ଉପରେ ଗୋଟେ ଗୋଟେ କମ୍ବଳ ଘୋଡେଇ ଦେଉଥାଏ ଆଉ ଆଗକୁ ଆଗକୁ ଯାଉଥାଏ । ସେ କମ୍ବଳ ଦେଇ ଦେଇ ଏବେ ଚମ୍ପା ଠିଆ ହୋଇଥିବା କେବିନ ପାଖରେ ଆସି ପହଁଚିଲା । ଚମ୍ପା କିଛି ରାଗ ଆଉ କିଛି ଅଭିମାନ ଭରା ସ୍ୱର ରେ କହିଲା , "ମୋତେ ଜଣେଇ ଥିଲେ କଣ ମୁଁ ମନା କରିଥାନ୍ତି ? ନା ମୋ ଛୁଆ ପାଇଁ ପଇସା ମାଗିବି ବୋଲି ସବୁ ବାଣ୍ଟି ଦେଲ ? ଚମ୍ପା କୁ ଦେଖି ଭାବ ଚମକି ପଡିଲା । ଶେଷ କମ୍ବଳ ଟି ଗୋଟେ ବୁଢ଼ୀ ଉପରେ ଘୋଡେଇ ଦେଇ ଚମ୍ପା ଆଖିରୁ ଲୁହ ପୋଛି ତା

To read the complete magazine, Download it for FREE from www.aahwaan.com

ହାତ ଧରି ପୁଣି ସେ ଚାନ୍ଦିନୀ ପାଖକୁ ଡାକି କି ନେଲା ଆଉ କହିଲା, " ବସ ଏଠି ସବୁ କହୁଛି" ।

ଭାବ ର କଥା ମାନି ଚମ୍ପା ଚାନ୍ଦିନୀ ଉପରେ ବସିଲା । ଭାବ ତା ହାତ ଧରି କହିଲା , " ନା , ତୁ ମନା କରି ନଥାନ୍ତୁ । ଚାରି ବର୍ଷ ହେଲା କେବେ ପଚାରିନୁ । ମୁଁ ଚାକିରୀ କଲା ଦିନୁ, ସବୁ ଦିନ ଏହିପରି କିଛି କିଛି ପଇସା ରଖେ ଆଉ ଶୀତ ଦିନେ କମ୍ବଳ କିଣି ଏ ବାହାରେ ଶୋଉଥିବା ଲୋକ ମାନଙ୍କ ଉପରେ ଘୋଡେଇ ଦେଇ ଯାଏ । ମୁଁ ଏ ସବୁ ଆଜିକୁ ବାରବର୍ଷ ହେଲା କରୁଛି । ଏଥର କାଳେ ତୁ ସେ ବାବାକୁ ପଇସା ଦେଇ ଦେବୁ ବୋଲି ମୁଁ ଡରରେ ଆଜି ବାଣ୍ଟି ଦେଲି । ଆମର ସିନା ଘର ଟିଏ ଅଛି ହେଲେ ଏ ବାସହରା ଗୁଡିକ ରାତିରେ କେମିତି ଶୋଉଛନ୍ତି ଭାବିଲୁ" । କହୁ କହୁ ତା ଆଖି ଲୁହ ରେ ଟଳଟଳ ହେଇଯାଇଥାଏ । "ଛୋଟ ସମୟରୁ ପରିବାରର ବୋଝ କୁ କାନ୍ଧେଇଛି, ବାପାକୁ ଛୋଟ ସମୟରୁ ହରାଇଛି, ଲୁହକୁ ଅମୃତ ଭାବିଛି , କେତେ ଯେ ରାତି ଭୋକ ଉପାସରେ ଶୋଇଛି, ଟଙ୍କାଟିଏ ପାଇଁ କଣ କଣ ନ କରିଛି । ଏଇ ଆଖିରେ ଦେଖିଛି ମାଆ ଙ୍କ ଉପବାସରେ ଶୋଇବା  । ତଥାପି ଅବଶୋଷ ନାହିଁ ଜୀବନରେ । କାହିଁକିନା ଭଗବାନ ଠୁ ବଳି ମାଆ ଟିଏ ପାଇଛି ଆଉ ତାଙ୍କଠୁ ମାନବିକତା ଗୁଣ ଟେ  । " ଏତିକି କହୁ କହୁ କାନ୍ଦି ପକେଇଲା ସେ ।

ଭାବ ର ଲୁହ କୁ ନିଜ ହାତରେ ପୋଛି ଦେଲା ଚମ୍ପା ଆଉ ରାସ୍ତା ମଝିରେ କୁଣ୍ଢେଇ ପକେଇଲା ନିଜ ଗେରସ୍ତ କୁ । ଭାବି ଯାଉଥିଲା କେତେ ନିରୀହ ତା ଗେରସ୍ତ ଟା । ବସ୍ତି ର ଅନ୍ୟ ଅଣ୍ଡିରା ଗୁଡା ସବୁ ଦିନ ମଦ ପିଇ ଘରକୁ ଆସନ୍ତି । ସ୍ତ୍ରୀ ପିଲାଙ୍କୁ ମନା ଇଛା ଅସଭ୍ୟ ଭାଷା ରେ ଗାଳି ଦିଅନ୍ତି । ସ୍ତ୍ରୀ ପିଲାଙ୍କ ଠାରୁ ପଇସା ଛଡେଇ ନେଇ ଯାନ୍ତି । କେବେ କେବେ କେଉଁ ବେଶ୍ୟା ପାଖକୁ ଯାଇ ସବୁ ପଇସା ସାରି ଫେରନ୍ତି । ହେଲେ ଭାବ ? ସେ ମଦ , ଗଂଜେଇ , ବିଡି କିଛି ବି ଖାଏନି । କେତେ ଭଲ ପାଏ ଚମ୍ପା କୁ । ଦ୍ଵିତୀୟ ବି ହଉନି । ପୁଣି

To read the complete magazine, Download it for FREE from www.aahwaan.com

ଶୀତ ରାତିରେ ଏ ବାସହରା ଗୁଡା କେମିତି ଶୋଇବେ ବୋଲି ଚିନ୍ତା କରି ବାର ବର୍ଷ ହେଲାଣି ସବୁ ବର୍ଷ କମ୍ବଳ କିଣି ବାଂଟୁଛି । ଆଉ କେମିତିଆ ସ୍ୱାମୀ ସେ ପାଇଥାନ୍ତା ? ଭଗବାନଙ୍କୁ ଧନ୍ୟବାଦ ଦେଇ ସ୍ୱାମୀ ସ୍ତ୍ରୀ ଦି ଜଣ ଯାକ ଏବେ ଘରକୁ ବାହାରିଲେ । କିଛି ବାଟ ଯିବା ପରେ ପଛରୁ କିଛି ଶୁଣିବାକୁ ପାଇଲେ , "ଏ ବାବୁ ରହ ରହ , ୟାକୁ ନେଇ କି ଯା ।"

ଚମ୍ପା ଆଉ ଭାବ ପଛକୁ ଚାହିଁଲେ । ଶେଷ କମ୍ବଳ ଘୋଡେଇ ଦେଇଥିବା ବୁଢ଼ୀ ଟା କୋଳ ରେ ଛୁଆଟିଏ ଧରି ଛୋଟେଇ ଛୋଟେଇ ଆସୁଥିଲା । ପାଖକୁ ଆସି କହିଲା , " ତୁ ଭଲ ଲୋକ । କେତେ ଲୋକଙ୍କ କଥା ଚିନ୍ତା କରୁଛୁ । ଆଜି ସକାଳେ ଗୋଟେ କାର ରେ ଲୋକ ଟେ ଆସି ଏ ଝିଅ ଟିକୁ ମୋ ପାଖରେ ଶୁଏଇ ଦେଇ ଗଲା । ମୁଁ ତ ପାଚିଲା ପତର । କେତେବେଳେ ଝଡି ପଡିବି ଜାଣିନି । ମୁଁ ନ ଶୋଇ ତମ କଥା ଶୁଣୁଥିଲି । ନେ ପାଳିବୁ ।

ଭାବ ଆଉ ଚମ୍ପା ଥରେ ଜଣେ ଆଉ ଜଣଙ୍କୁ ଓ ଥରେ ବୁଢ଼ୀ କୁ ଚାହିଁଲା ପରେ ଚମ୍ପା ଛୁଆଟିକୁ କୋଳକୁ ନେଲା । ଏବେ ତାକୁ କୋଟିନିଧି ପାଇଲା ପରି ଲାଗୁଥାଏ ।

ଚମ୍ପା ଉପରକୁ ଚାହିଁ, ଭଗବାନଙ୍କ ଉଦ୍ଦେଶ୍ୟ ରେ ହାତ ଯୋଡୁଥିଲା ବେଳେ ଭାବ ଉପରକୁ ଚାହିଁ ତାରା ମେଳରୁ ତା ମା କୁ ଖୋଜୁଥିଲା ।

ଗାନ୍ଧିନଗର, ଗୁଜରାଟ

To read the complete magazine, Download it for FREE from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୨



ପରମିତା ମିଶ୍ର

ବିରଞ୍ଚି କେଜାଣି କେଉଁକାଳୁ ତପସ୍ୟାରେ ବସିଛି । ଦେହ ସାରା ଉଇ ଫୁଟି ଗଲାଣି । ଆଖି କୋଉଠି ଆଉ ନାକ କୋଉଠି ବି ଆଉ ଜଣାପଡୁନି । ଶେଷରେ ଦେବଦେବ ମହାଦେବ ବାଧ୍ୟ ହୋଇ ସ୍ୱପ୍ନ ହେଲେ । କେତେ ତପସ୍ୟା କଲେ କଣ ହେବ ସେ ତ ରାକ୍ଷସ ତେଣୁ ଶିବ ଆଗରୁ ପ୍ରସ୍ତୁତ ହୋଇ ଆସିଥିଲେ କିଛି ମାଗିବା ପୂର୍ବରୁ ହିଁ ସେ କହିଦେଲେ ଅମର ବର ଛାଡି ବାକି ଯାହା ମାଗୁଛ ମାଗ । ବିରଞ୍ଚି ମଧ୍ୟ ଚାଲାକି କରି କହିଲା ଠିକ୍ ଅଛି ଭଗବନ ମୋତେ ଅସଂଖ୍ୟ ସନ୍ତାନ ର ଜନକ ହେବାର ଆଶିର୍ବାଦ ଦିଅନ୍ତୁ । ବ୍ରହ୍ମ ଦେବ ସରସ୍ୱତୀ ଙ୍କୁ ତତକ୍ଷଣାତ୍ ଶିବ କଣ୍ଠ ରେ ବସେଇ ଦେଲେ । ଶିବ କହିଲେ ଗୋଟିଏ ସର୍ତ୍ତ ରେ ଏ ଆଶୀର୍ବାଦ ଫଳିବ ଯଦି ତୁମେ ଗୋଟିଏ ସ୍ତ୍ରୀ କୁ ବରିବ ଯିଏକି ସ୍ୱତଃ ତୁମକୁ ପ୍ରେମ କରୁଥିବ ତେବେ । ବିରଞ୍ଚି ମୁଣ୍ଡ ରେ କିଛି ପଶିଲାନି ଓ ସେ ହଁ ଭରିଲା. ଶିବ ବିନା ଡେରି କରି ତତକ୍ଷଣାତ ତଥାସ୍ତୁ କହି ଗାୟବ ।

ବିରଞ୍ଚି ର ଖୁସି କହିଲେ ନସରେ. ଗର୍ବ ରେ ସେ ଫାଟି ପଡୁଥିଲା. ମନରେ କେତେ କେତେ ସ୍ୱପ୍ନ ସେ ଦେଖୁଥିଲା

To read the complete magazine, Download it for FREE from www.aahwaan.com

ସାରା ସଂସାର ରେ ତାର ରାଜୁତି ଚାଲିବ. ଯୁଆଡେ ଚାହିଁବ ତାର ପୁତ୍ର ମାନେ ହିଁ ଦିଶିବେ. ସେ ନ ରହିଲେ ବି ଏ ଧରା ରେ ବିରଞ୍ଚି ର ବଂଶଧର ମାନେ ସଦା ସର୍ବଦା ବିଦ୍ୟମାନ ରହିବେ. ହଠାତ୍ ମୁହଁ ର ଭାବ ବଦଳି ଗଲା. ମନେ ମନେ ରାଗି କି କହୁଥିଲା ଆଉ ସର୍ବ ପ୍ରଥମେ ସେ ଦେବ ରାଜା ଇନ୍ଦ୍ର ଙ୍କୁ ତା ଗାଦିରୁ ଓଠାଇ କଚାଡି ଦେବ ଏ ଭୁଇଁ ଉପରେ । ଆଉ ମୁଁ ବସିବି ତା ସିଂହାସନ ରେ । ଆଉ ଆଉ ତାର ସମସ୍ତ ରାଣି ମୋର ଏତକ ଭାବି ହଠାତ୍ ତାର ଚିନ୍ତା ରେ ପୁର୍ଣ୍ଣଚ୍ଛେଦ ପକାଇ ତାର ମନେ ପଡିଗଲା ଆରେ ସେ ଯେ ଏଯାବତ ବିବାହ କରିନି । କିନ୍ତୁ ଭଗବାନ ଶିବଙ୍କ ବାଣି ପୁଣି ସ୍ମରଣ ହେଲା ତେଣୁ ସେ ବି ବିଚାର କଲା ସେ ବର୍ତ୍ତମାନ ସେ ଏକ ସୁନ୍ଦର ସ୍ତ୍ରୀ ଖୋଜିବ ଏବଂ ତା ମନରେ ମଧ୍ୟ ପ୍ରେମ ଭାବନା ଜଗାବ ତାକୁ ହିଁ ସେ ବିବାହ ନଚେତ୍ ମୋର ବରଦାନ ଫଳିବନି ।

ଶିବ ଙ୍କ ର ବର ଫଳିବନି କେମିତି ।କୁହୁକ କନ୍ୟା ଭଦ୍ରା ତାର ପ୍ରତିଜ୍ଞା କରିଥିଲା । ଏତେ ବର୍ଷ ଆଖି ବନ୍ଦ କରି ରହିଲା ପରେ ପ୍ରଥମ ଥର ଜାହାକୁ ଦେଖିବ ତାକୁ ହିଁ ବରିବ । ସତକୁ ସତ ସେଦିନ ବିରଞ୍ଚି ଓ ଭଦ୍ରା ର ସାକ୍ଷାତ ହୋଇଗଲା । ରୁପରେ ଅପ୍ସରା ପରି ଭଦ୍ରା ମୋହି ନେଲା ବିରଞ୍ଚି କୁ । ଦୁହେଁ ବିବାହ କଲେ । ବିଧିର ବିଧାନ କିଛି ଅଲଗା ଥିଲା । ଭଗବାନ ଶିବଙ୍କର ବରଦାନ ପଛରେ ଜନ ହିତ ଲୁଚି ରହିଥିଲା । ବିରଞ୍ଚି ମନରେ କୁ ଭାବନା ନେଇ ଭଦ୍ରାର ତେଜ କୁ ସ୍ପର୍ଶ ବି କରି ପାରେନି । କିନ୍ତୁ ସେ ବିବାହ ଥରେ ହିଁ ହେବାର ଥିଲା ସେ ତ ହୋଇଗଲା । ଏମିତି କିଛି ବର୍ଷ ଉପରାନ୍ତେ ବିରଞ୍ଚି ଅଧର୍ଯ୍ୟ ହୋଇ ଉଠିଲା । ଅଧିର ହୋଇ ସେ ପୁଣି ଶିବ କଂ ଆଗରେ ମଥା ପିଟିଲା ପ୍ରଭୁ ମତେ ଠକିଦେଲେ । ଶୁନ୍ୟ ବାଣୀ ହେଲା ହେ ବିରଞ୍ଚି ତୁମେ ସଚ୍ଚା ମନ ରେ ଓଉତ୍ତମ ଭାବ ରେ ସ୍ତ୍ରୀ କୁ ଗ୍ରହଣ କର ।

To read the complete magazine, Download it for FREE from www.aahwaan.com

ବର୍ତ୍ତମାନ ବିରଞ୍ଚି ବିବ୍ରତ ହୋଇଉଠିଥିଲା ତେଣୁ ତା ମନରୁ ଅସଂଖ୍ୟ ପୁତ୍ର ର ଭାବନା ନ ଆସି କମ ସେ କମ୍ ଗୋଟିଏ ପୁତ୍ର ଯେ ତାର ବଂଶ ଉଦ୍ଧାର କରିବ ସେୟା ହିଁ ଦର୍କାର ଥିଲା.

ଦିନେ ସେ ଦିନ ଆସିଲା ଭଦ୍ରା ପ୍ରତି ବିରଞ୍ଚି ର ମନ ବଦଳିଲା । ଦୁହେଁ ଏକ ହୋଇଗଲେ । କିନ୍ତୁ କୁହୁକ କନ୍ୟା ଭଦ୍ରା ର ତା ପର ଠୁ ଯୋଗ ତପ ରେ ଦିନ ଅତିବାହିତ କଲା ଜାହା ବିରଞ୍ଚି କୁ ତିଳେ ହିଁ ଆଗ୍ରହ ନଥିଲା । କିଛି ଦିନ ଉତ୍ତାରୁ ବିତୃଷ୍ଣା ହୋଇ ସେ ଭଦ୍ରା କୁ ଛାଡ଼ି ରାଜ ଉଆସ କୁ ଫେରିଗଲା । ଏବଂ ଶିବ ଆଶୀର୍ବାଦ ମିଛ ବୋଲି ଭାବି ପୁଣି ଥରେ ବିବାହ କରି ଚାଲିଲା । ଏତେ ଥର ବିବାହ କରିବା ପରେ ମଧ୍ୟ ତା କୂଳରେ କୌଣସି ସନ୍ତାନ ଜନ୍ମ ନେଲା ନାହିଁ ।

ଏପଟେ ବିରଞ୍ଚି ଛାଡି ଗଲାବେଳକୁ ଭଦ୍ରା ଗର୍ଭବତୀ ଥିଲା । ଏକଥା ବିରଞ୍ଚି କୁ ଜଣା ନଥିଲା ।ଭଦ୍ରା ଏକ ସୁନ୍ଦର ପୁତ୍ର ସନ୍ତାନକୁ ଜନ୍ମ ଦେଲା । ତାର ନାମ ବିରଭଦ୍ର ।ବିରଞ୍ଚି ର ରାକ୍ଷାସ ଗୁଣର ବିପରିତ ବିରଭଦ୍ର ର ଅତ୍ୟନ୍ତ ଦୟାଳୁ, ଭଦ୍ର । ଜଣେ ବିର୍ଯ୍ୟବାନ ପରିଶ୍ରମି ପୁରୁଷ ।ମାତୃ ଭକ୍ତି ରେ ଗଦଗଦ ତାର ମନ । ବାପା ପ୍ରତି ଅପାର ଶ୍ରଦ୍ଧା । ପିଲାଟି ବେଳୁ ମାଆ ବିର କୁ ବାପା ବିରଞ୍ଚି ବିଷୟ ରେ କହିଆସିଛି । ତାର ବାପା ଜଣେ ମହାନ ମଣିଷ । ଦାନୀ ତଥା ଦୟାବାନ ବ୍ୟକ୍ତି ।ମାଆଙ୍କ ଆଜ୍ଞା କୁ ବେଦ ର ଗାର ବୋଲି ଗ୍ରହଣ କରି ସେ କେବେ ବାପା ଙ୍କ ନଥିବା ପଛର କାରଣ ପଚାରିନି ।

ସମୟ ଅତିବାହିତ ହୋଇ ଚାଲିଲା । ବିରଞ୍ଚି ଧିରେ ଧିରେ ବୃଦ୍ଧ ହେବାକୁ ଲାଗିଲା । ଏବେ ଆଉ ତା ମନରେ ଦୁନିଆ କୁ ଜୟ କରିବାର ମିଥ୍ୟା ଅହଂ ନାହିଁ । କିନ୍ତୁ ରହି ରହି ତା ମନ ଭଦ୍ରା ର ପ୍ରେମ କୁ ଖୋଜେ । ତା ମନ କହେ ନିଶ୍ଚୟ ତାର ଉତ୍ତରାଧିକାରୀ କିଏ ତ ଅଛି । ବହୁତ ଖୋଜିଲା ପରେ ବି ସେ ପାଇପାରିନି ତାକୁ । ଏତେ ସବୁ ମନର ବୋଝ କୁ

To read the complete magazine, Download it for FREE from www.aahwaan.com

ନେଇ ଭାରାକ୍ରାନ୍ତ ହୋଇ ନଦୀ କୁଳରେ ବସି ଯାଇଛି ବିରଞ୍ଚି । ପାଟିର ଶୋଷ କୁ ମେଣ୍ଟାଇବାକୁ ନଦୀ ର ପାଣି ପିଇବା ଆଶାରେ ଯାଇ ହଠାତ୍ ତାର ଗୋଡ ଖସି ଗଲା । ଆଉ ସେ ଧାର ରେ ଭାର ହରାଇ ବହି ଚାଲିଗଲା । ଭାଗ୍ୟ ର ନିର୍ଦ୍ଦେଶ ଥିଲା ବିରଭଦ୍ର ର ନଜର ବିରଞ୍ଚି ଉପରେ ପଡିଥିଲା ତତ୍କ୍ଷଣାତ୍ ସେ ନିଜର  ସମସ୍ତ ବଳ ଲଗେଇ ତାକୁ ବଞ୍ଚାଇଲା । ଏବଂ ନିଜ ଘରକୁ ନେଇ ଆସିଲା । ଭଦ୍ରା ସ୍ୱାମୀ କଂ ସାଙ୍ଗେ ସାଙ୍ଗେ ଚିହ୍ନି ପକେଇଲା ଏବଂ ବୁଝି ସାରିଥିଲା ଯେ ଯେଉଁ କାରଣ ପାଇଁ ସେ ଏଯାବତ ପ୍ରତିକ୍ଷା କରିଥିଲା ତାର ଅନ୍ତ ହେବ । କିନ୍ତୁ ବିର କୁ ବାପା ର ପରିଚୟ ଦେଇନଥାଏ । କିଛି ଦିନର ସେବା ରେ ବିରଞ୍ଚି ସୁସ୍ଥ ହେବାକୁ ଲାଗିଲା ।ଭଦ୍ରା ତା ର ସାମ୍ନା କୁ ନ ଆସି ବିର ଦ୍ୱାରା ସବୁ କାର୍ଯ୍ୟ କରାଉଥିଲା ।ଆଖି ଖୋଲି ବିରଞ୍ଚି ବିରକୁ ଦେଖି ତାକୁ ତା ବିଷୟରେ ସବୁ ପଚାରି ଥିଲା"କିଏ ତୁମେ ବିର ?ତୁମେ ମୋର ସେବା କରି ମତେ ପ୍ରସର୍ଣ କରିଛ ମାଗ ତୁମେ କଣ ଚାହ ।ବିରଭଦ୍ର ଶିତଳ ହାସ୍ୟ ଖେଳାଇ କହିଲା ମହାସୟ, "ଛୋଟ ସମୟରୁ ପରିବାରର ବୋଝ କୁ କାନ୍ଧେଇଛି, ବାପାକୁ ଛୋଟ ସମୟରୁ ହରାଇଛି, ଲୁହକୁ ଅମୃତ ଭାବିଛି , କେତେ ଯେ ରାତି ଭୋକ ଉପାସରେ ଶୋଇଛି, ଏଇ ଆଖିରେ ଦେଖିଛି ମାଆ ଙ୍କ ଉପବାସରେ ଶୋଇବା  । ତଥାପି ଅବଶୋଷ ନାହିଁ ଜୀବନରେ । କାହିଁକିନା ଭଗବାନ ଠୁ ବଳି ମାଆ ଟିଏ ପାଇଛି ଆଉ ତାଙ୍କଠୁ ମାନବିକତା ଗୁଣ ଟେ  । "ତେଣୁ ମତେ ଲଜ୍ଜା ଦିଅଂତୁନି ।ତାପରେ ସେ  ନିଜ ବିଷୟରେ ସବୁ କହିଲା । ତା ମାଆ ଓ ବାପା ବିଷୟ ରେ । ବିରଞ୍ଚି ଆଖିରୁ ଅଶ୍ରୁ ର ଧିର ଗଡିଗଲା । ଅଧର୍ମୀ, ଦୁରାଚାରୀ ବିରଞ୍ଚି ପାଇଁ ତା ପୁଅ ମନରେ ଏତେ ସମ୍ମାନ ଦେଖି ତା ଆତ୍ମା ତାକୁ ଧିକାର କଲା । ଭଦ୍ରା ର ନିଷ୍ପାପ ପ୍ରେମକୁ ଝୁରିଲା ସେ । ବିର ର କଥା ନସରୁଣୁ ଦୌଡି ଜାବୁଡ଼ି ଧରିନେଲା ବିରଞ୍ଚି । ଦୁରରେ ଠିଆ ହୋଇ ଭଦ୍ରା

To read the complete magazine, Download it for FREE from www.aahwaan.com

ପିତା ପୁତ୍ର ର ମିଳନ କୁ ଉପଭୋଗ କରୁଥିଲା । ବିରଞ୍ଚି ଭଦ୍ରା ପାଖକୁ ଦୌଡି ଭିଡି ଧରି ବହୁତ କାନ୍ଦିଲା ସେ । ଭଦ୍ରା ସ୍ୱାମୀ କୁଂ ପ୍ରଣାମ ହୋଇ କହିଲା ପ୍ରଭୁ ମୁଁ ଆଜି ଯାଏଁ ତୁମ୍ଭର ପ୍ରତିକ୍ଷା କରିଥିଲି । ତୁମକୁ ତୁମ ପୁତ୍ର ଦେବା ପାଇଁ. ମୋର କାର୍ଯ୍ୟ ସମାପ୍ତ ହେଲା. ଏଥର ମୋର ପ୍ରସ୍ଥାନ ସମୟ । ମୋତେ ଖୁସିରେ ବିଦାୟ ଦିଅ । ବିରଞ୍ଚି କିଛି କହିବା ପୁର୍ବରୁ ଭଦ୍ରା କହିଲା ମତେ କ୍ଷମା କର ସ୍ୱାମି ମୁଁ ଅଭିଶାପ ପାଇ ଏ ଧରା କୁ ଆସିଥିଲା ବର୍ତ୍ତମାନ ମୋର କାର୍ଯ୍ୟ ସମାପ୍ତ ଏହାହିଁ ମହାଦେବ କଂ ଇଛା । ଏବେ ମତେ ଆଜ୍ଞା ଦିଅ.

ବୃଦ୍ଧ ପିତା ବିରଞ୍ଚି କୁ ସାହାରା ଦେଇ ବୀରଭଦ୍ର ରାଜପ୍ରସାଦ ଆଡକୁ ଗତି କଲେ. ବିରଞ୍ଚି ମନରେ ଭାଳି ହେଉଥିଲା ଲାଳନପାଳନ ରେ ରାକ୍ଷସ ଛୁଆ ବି ଦେବତୁଲ୍ୟ ହୋଇପାରିବ ଓ ଆକାଶ ମାର୍ଗ କୁ ଚାହିଁ ଭଦ୍ରା କୁ ଧନ୍ୟବାଦ ଜଣାଉଥିଲା ।

ଆଗକୁ ଯାଇ ବିରଭଦ୍ର ନିଜର ରାଜ ସାଶନ ରେ ସାରା ବିଶ୍ୱରେ ନାମ କମାଇଲା, ବିରଞ୍ଚି ବୁଝିସାରିଥିଲା ଅସ୍ଂଖ୍ୟ ସଂତାନ ଅପେକ୍ଷ୍ୟା ଗୋଟିଏ ସୁସଂତାନ ଭଲ ।ଅମର ହେବା ପାଇଁ ବଞ୍ଚି ରହିବା ଆବଶ୍ୟକ ନହିଁ ବିରଭଦ୍ର ନିଜ କର୍ମ ବଳ ରେ ଜୁଗ ଜୁଗ ପାଇଁ ଅମର ହୋଇଗଲା ।

To read the complete magazine, Download it for FREE from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୩



ସିପ୍ରା ନମତା

## ଭାଗ୍ୟର କଥା

ସେଦିନ ପୁଅ ଆସି ଜିଦ୍ କଲା ଫିଲ୍ମ ସୁଟିଂ ହେଉଛି ଦେଖିବାକୁ ଯିବ । ଅଗତ୍ୟା ତାକୁ ସାଙ୍ଗରେ ନେଇ ଗଲି ସୁଟିଂ ହେଉଥିବା ସ୍ଥାନକୁ । ଫିଲ୍ମର ସେଇ ଅଧ୍ୟାୟର କାହାଣୀ ଯାହାଥିଲା ତାକୁ ନିର୍ଦ୍ଦେଶକ ସାତ ଆଠଥର ଚେଷ୍ଟା କରିବାପରେ ବି ବିଫଳ ହେଉଛନ୍ତି ।

- ଓଃ କଣ ହେଉଛି ? ଏଇ କେତୋଟି ସଂଳାପକୁ ଏତେ କଷ୍ଟ କାହିଁକି ହେଉଛି ? ମଥାରେ ହାତ ଦେଇ ବସିଗଲେ ନିର୍ମାତା ଓ ନିର୍ଦ୍ଦେଶକ ।

ସେପଟେ ସେଟର ଅନ୍ତରାଳରେ କିଛି କର୍ମୀ ଯୁବକ ଫୁସୁର୍ ଫାସୁର୍ ହେବାକୁ ଆରମ୍ଭ କଲେ, "ଆଜି ଦିନଟା ଗଲା । ଏଇନା କହିବେ, ଆଜିପାଇଁ ସୁଟିଂ ବନ୍ଦ୍... ପ୍ୟାକ୍ କରି ଚାଲ..."

ତାଙ୍କ କଥା ସରିନି, ଅନ୍ୟଜଣେ ଇଶାରାରେ ତାକୁ ନିରବ ରହିବାକୁ କହି ସେଟ୍ ଆଡ଼କୁ ଦେଖିବାପାଇଁ ଇଙ୍ଗିତ କରିଲା ।

To read the complete magazine, Download it for FREE from www.aahwaan.com

- "ମୁଁ ତୁମକୁ ହିଁ ବିବାହ କରିବି ମାଳବିକା । ତୁମେ ହିଁ, ତୁମେ ହିଁ କେବଳ ମୋର ପତ୍ନୀ ହେବାର ଅଧିକାର ପାଇବ । ତୁମବ୍ୟତୀତ ଅନ୍ୟ କେହି ନୁହେଁ । କିନ୍ତୁ ତୁମେ ଯେଉଁ ଦ୍ୱିଧା ରଖିଛ ତାହାର କିଛି ଗୁରୁତ୍ୱ ନାହିଁ ।"

କିଛି କ୍ଷଣ ନୀରବିଯାଇ ଆକାଶକୁ ଗଭୀର ଦୃଷ୍ଟି ତୋଳି ଚାହିଁଲା ନାୟକ - "ସେ ମୋ ମାଆ, ତା'ର ହୃଦୟ କେତେ ବିଶାଳ... ମମତାର ଗନ୍ତାଘର ତାହା ମୋ ବ୍ୟତୀତ ଆଉ କିଏ ଅଧିକ ବୁଝିପାରିବ ।

ଏ ଜୀବନରେ ଭଗବାନଠୁ ବି ବଳି ମାଆଟିଏ ପାଇଛି, ଆଉ ତାଙ୍କଠୁ ହିଁ ମାନବିକତା ଗୁଣ ଟେ ।"

ହଠାତ୍ ନାୟିକା ଆଡ଼କୁ ବୁଲିପଡ଼ି କହିଲା, "ଆମେ ବହୁତ ଗରିବ ଥିଲୁ । ମୋର ଠିକ୍ ମନେ ନାହିଁ କେତେ ବୟସ ହୋଇଥିଲା ମୋତେ । ଆମ ଘରର ମଝି ଖୁଣ୍ଟ ମୋ ବାପାଙ୍କ ଦେହାନ୍ତ ହେଲା । ଆଉ ତା'ପରେ ଆରମ୍ଭ ହେଲା କଣ ଜାଣ ? ଜୀବନ ପାଇଁ ଜୀବିକା ପାଇଁ ଲୁହ ଓ ଭୋକର ସଂଗ୍ରାମ... ।"

ସେପଟୁ ସଂଳାପ ନିର୍ଦ୍ଦେଶକଙ୍କ କଣ୍ଠରୁ ଆସୁଥିଲା, "ଭୁଲ୍ ହେଉଛି ସାର୍..." । କିନ୍ତୁ ହାତ ହଲାଇ କ୍ୟାମେରାମ୍ୟାନଙ୍କୁ ସୁଟିଂ ଜାରୀ ରଖିବାପାଇଁ ନିର୍ମାତା ନିର୍ଦ୍ଦେଶକ କହୁଥିଲେ ।

"କେତେ ଯେ ରାତି ଭୋକ ଉପାସରେ କଟି ଯାଇଛି । ଆଖିର ଲୁହକୁ ଅମୃତଭାବି ପିଇଛି । ମାଆକୁ ଲୁହର ସାଗରରେ ଭାସି ପରିବାର ପାଇଁ ବଞ୍ଚିବାର ଦେଖିଛି । ଛୋଟ

To read the complete magazine, Download it for FREE from www.aahwaan.com

ସମୟରୁ ସେହି ପରିବାରର ବୋଝ କାନ୍ଧକୁ ନେଇଛି । କଣ ବା ନ କରିଛି ସେ ? ଆମ ପାଇଁ କେତେ କଷ୍ଟ ସହିଛି ।

ମାଆର ଦୁଃଖ, ଉପବାସରେ ବିତେଇ ଥିବା ମୁହୂର୍ତ୍ତ, ଅଭାବର ନଗ୍ନ ଚିତ୍ର, ଆଖିର ପଲକରେ, ଭାଙ୍ଗି ଯାଉଥିବା ସ୍ୱପ୍ନ ସବୁ, ତଥାପି ଅବଶୋଷ ନାହିଁ ।

ବେଶୀ ପାଠ ପଢ଼ିପାରିଲିନି, କିନ୍ତୁ ଏବେ ନିଜ ଚରିତ୍ରକୁ ପରିବାରର ମଝିଖୁଣ୍ଟ ଭାବରେ ଠିଆ କରେଇ ପାରିଛି । ସେଇ ସ୍ୱପ୍ନସବୁ ଆଜି ଗୋଟିଏ ଗୋଟିଏ ହୋଇ ବାସ୍ତବତା ଆଡ଼କୁ ମୁହାଁଉଛି । ସେଇ ମାଆକୁ କଣ କିଏ ଅବହେଳା କରିପାରେ ? ନା, ସେ ମାଆ ତା'ପ୍ରାଣରୁ ବଳି ସନ୍ତାନର ଅମଙ୍ଗଳ ଚିନ୍ତା କରିପାରେ ?

ମାଆକୁ ଛାଡ଼ିଦେଲେ ମୋ ଜୀବନର ବା ଗୁରୁତ୍ୱ କଣ ?"

ସମବେତ ଜନତାଙ୍କ କରତାଳିରେ ସ୍ଥାନଟି ପ୍ରକମ୍ପିତ ହୋଇ ଉଠୁଥିଲା ।

ନିର୍ମାତା ନିର୍ଦ୍ଦେଶକ ଆନନ୍ଦରେ ଯୁବକଙ୍କୁ କୁଣ୍ଢାଇ ପକାଇଲେ । "ବାଃ, କି ପ୍ରାଣସ୍ପର୍ଶୀ ଭାବନା ଥିଲା ତୁମର... !"

ଆର୍ଦ୍ର ଆଖିରେ କରୁଣତାକୁ ଲୁଚାଇବାକୁ ଚେଷ୍ଟା କରୁଥିଲା ଯୁବକଟି, କିନ୍ତୁ ବିଫଳ ହେଉଥିଲା । ଆଖିରୁ ଲୁହର ଧାର ବନ୍ଦ ହେଉନଥିଲା । ସେଇ କୋହଭରା କଣ୍ଠରେ କହିଲା, "ନା ସାର । ଭାବନା ନୁହେଁ । ମୋ ଜୀବନ କାହାଣୀ । ଯେତେବେଳେ କାହାଣୀର ନାୟକଙ୍କୁ ବାରମ୍ବାର ଅସଫଳ ହେବାର ଦେଖିଲି, ଆପଣଙ୍କୁ ନିରାଶ ହେବାର ଦେଖିଲି, ଅନ୍ୟମାନଙ୍କ କଥା ଶୁଣିଲି, ଆମ ଗାଁ କ୍ଲବର ସମ୍ପାଦକଙ୍କ ପ୍ରୋତ୍ସାହନରେ ଆଉ ଆପଣଙ୍କ ଆଶୀର୍ବାଦରେ ଏହାସବୁ କହିଦେଲି ।"

To read the complete magazine, Download it for FREE from www.aahwaan.com

ନିର୍ମାତା ଓ ନିର୍ଦ୍ଦେଶକ ସବୁ ଶୁଣୁଥିଲେ, ଯୁବକଟି ନିଜ କହିବା କଥା ସାରିଦେଇ ଯିବାକୁ ଉଦ୍ୟତ ହେଲା । କିନ୍ତୁ ନିର୍ମାତା ନିଜର ମନସ୍ଥିର କରି ସାରିଥିଲେ । ଚାଲିଯାଉଥିବା ଯୁବକକୁ ଅଟକାଇ ସେମାନେ ତାକୁ ଦେଇଥିଲେ ସବୁଠାରୁ ଦାମୀ ଉପହାର । ତାଙ୍କର ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକା । ଗାଁର ସାଧାସିଧା ଜଗତ ଏବେ ସିନେମା ଜଗତର ଜୟ୍ତ ଭାବରେ ଜଣା ଯାଉଥିଲା । ଭଲ ଘର, ଗାଡ଼ି, ଦାମିକା ପୋଷାକରେ ସେମାନେ ସହରରେ ରହିଯାଇଥିଲେ ।

ଶିକ୍ଷୟିତ୍ରୀ, ମୟୁରଭଞ୍ଜ, ବାରିପଦା, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଗଳ୍ପ ସ୍ପର୍ଦ୍ଧା - ୪



ବଲବନ୍ତ ସାହୁ (ବବଲୁ)

## ଭିନ୍ନ ଏକ ପ୍ରେମ

ସ୍ମୃତି ଭାବେ ଥିବା ବାପାଙ୍କ ହାତଲେଖା ଜାତକ ଅନୁଯାୟୀ ମୋ ଆୟୁଷ ଡାଏରିର ସତର ପୃଷ୍ଠା ସରି ଅଠର ପୁରିବା ଉପରେ ,ଆଉ ଅଳ୍ପ କିଛି ଧାଡ଼ି ଅଛି ।ଭାବନାରେ ଏହା ଭାବି ଖୁସି ଲାଗେ ଯେ -" ସାବାଳକ ହୋଇଯିବି ,ଦେଶ ପାଇଁ ଭୋଟଟିଏ ଦେଇପାରିବି ।"କିନ୍ତୁ ସାଙ୍ଗେସାଙ୍ଗେ ଭାବନା ଦିଗ ପରିବର୍ତ୍ତନ କରେ ଓ କାଚ ଆଇନା ପରି ଭାଙ୍ଗିଯାଏ ଏ ସ୍ୱଚ୍ଛ ମନ ,ଭାବି ଆମ ଦେଶର ଏ ରାଜନୀତିକୁ ।

କର୍ମମୟ ବ୍ୟସ୍ତବହୁଳ ଜୀବନରେ ସମୟ ମିଳେ ନାହିଁ , ବହୁତ କଷ୍ଟ ସମୟ ଟିକେ ବାହାର କରି ଶାନ୍ତି ରେ ବସିବାକୁ ହେଲେ । ତଥାପି ମଝିରେ ମଝିରେ ଟିଉସନ ବନ୍ଦ କରି ଚାଲିଯାଏ ନଈକୂଳକୁ ,ବସିପଡେ ନଈମଝିର କଳା ଝିମଝିମ୍ ପଥର ଉପରେ ଆଉ ତା' ପରେ ପରେ..ସାଉଁଟି ଚାଲେ ଅତୀତର ସ୍ମୃତି ସବୁକୁ । କେଉଁଠି ରଙ୍ଗ ଭରି ଆହୁରି ଜୀବନ୍ତ କରାଏ ତ ,କେଉଁଠି ଅଧିକ ରଙ୍ଗ

To read the complete magazine, Download it for FREE from www.aahwaan.com

ଦେଇକି କରିପକାଏ କଦାକାର ।ସବୁ ଏ ଭାବନା ,ବେଳେ ବେଳେ ତ ହୃଦୟ ଦୋହୁଲି ଉଠେ । ଚତୁଃପାର୍ଶ୍ୱ ନୀରବତାକୁ ଭାଙ୍ଗିଦେଇ ଜୀବନ୍ତ ପ୍ରକୃତିକୁ ଶୁଣାଇଦେଇଯାଏ ତା'ହୃଦୟର ସବୁ ଦୁଖଃକୁ । ଆଖିଦୁଇରୁ ଧାର ଧାର ଅଶ୍ରୁ ବହିଯାଇ ନଈ ପାଣିରେ ମିଶି ଚାଲିଯାଉଥାନ୍ତି ଆଗକୁ...ଆଗକୁ...,ସତେକି ସମୁଦ୍ର ଅଭିମୁଖେ ।ପ୍ରତି ଦଶପନ୍ଦର ଦିନରେ ଏହା ମୋର ଅଭ୍ୟାସ ବୋଧେ । କାହିଁକି କେଜାଣି ମନଟା ହାଲକା ହୋଇଯାଏ, ପ୍ରକୃତି ଠାରୁ ସମବେଦନା ପାଇଲା ପରି ଅନୁଭବ ହୁଏ ।

ଏଇ କେଉଟା ବୟସରେ ଗୁଡ଼ାଏ ସ୍ମୃତି । ସତେକି ମୋର ମାନସିକ ଭାରସାମ୍ୟକୁ ଭାଙ୍ଗିଦିଏ ମଝିରେ ମଝିରେ । ଏବଂ ଏସବୁ ସ୍ମୃତିରୁ କଲେଜ ଜୀବନର ସ୍ମୃତି ଏକଦମ୍ ଭିନ୍ନ ଅଟେ । ସବୁ ସ୍ମୃତିକୁ ମନ ମଧ୍ୟରୁ ସାମୟିକ କାଢିହୁଏ ସତ ,କିନ୍ତୁ ଏ ସ୍ମୃତି ସ୍ୱତନ୍ତ୍ର । ଶତଚେଷ୍ଟା ପରେ ମଧ୍ୟ କନ୍ଦାଇ ପକାଏ ହୃଦୟକୁ ,ହଲେଇ ଦେଇଥାଏ "ଏ ପାଞ୍ଚ ଫୁଟ୍ ସାତ ଇଞ୍ଚ ର ସୁସ୍ଥସବଳ ମଣିଷ କୁ । ସମୟ ଯାହାବି ହେଉ ପରିସ୍ଥିତି ଯାହାବି ହେଉ ଏ ସ୍ମୃତି ଯଦି ମନ ମନ୍ଦିରରେ ଆସିଲା ତା'ହେଲେ ସରିଗଲା ,ଏ ଯୁବ ମଣିଷକୁ କରିଦିଏ ଗୋଟେ ଶିଶୁ ।ସତେକି ନିଜ ମାଆ ଠାରୁ ଅଲଗା ହୋଇ ଖୋଜୁଛି ତା' ମାଆକୁ ।ହଁ ଖୋଜିବ ନାହଁ କେମିତି ?କେମିତି ପାରିବ ଭୁଲି ? କେହି କଣ ଭଲିପାରିଛି ତା'ପ୍ରଥମ ପ୍ରେମକୁ । ମନେପଡେ ତା'କଲେଜ ଯିବାର ପ୍ରଥମ ଦିନର ସେ ଅଭୁଲା ସ୍ମୃତିକୁ । ମାଟ୍ରିକ ରେଜଲ୍ଟ ବାହାରିବା ପର ଠାରୁ ଯେଉଁ କଲେଜ ଯିବାର ଖୁସି ରହିଥାଏ କଲେଜ ଯାଉଥିବାରୁ ସେ ଖୁସି ଦ୍ୱିଗୁଣିତ ହୋଇଯାଉଥାଏ । ବାପା ଚାଲିଯିବା ପରେ ପରିବାରର ଆର୍ଥିକ ସ୍ଥିତି ଠିକ୍ ନାହିଁ ସେଥିପାଇଁ ରେଞ୍ଜର ସାଇକେଲ ଟିଏ ମଧ୍ୟ ଯୋଗାଡ଼ କରି ପାରିନାହିଁ ତଥାପି ମନଦୁଃଖ ନାହିଁ ,ଲେଡିସ ସାଇକେଲ ରେ ବି ଖୁସି । ଆଗେ କିଏ ପହଞ୍ଚିବ ସେଥିପାଇଁ ମୋ

To read the complete magazine, Download it for FREE from www.aahwaan.com

ସାଙ୍ଗ ରାଜୁ ସହ ଚାଲିଯାଏ ପ୍ରତିଯୋଗିତା ।ମୁଁ ପାଇଡ଼ଲ୍ ଗତି ବଢାଇବା ପାଇଁ ଚେଷ୍ଟା କରୁଥାଏ । ହଠାତ୍ ଚେନ୍ ଖୋଲିଗଲା ,ସାଇକେଲ ଗଡି ଗଡି ଯାଇ ଅଟକିଲା ଗୋଟିଏ ବୃଦ୍ଧ ନିମ୍ବ ଗଛ ପାଖରେ ।ମୁଁ ଚେନ୍ ଲଗାଇ ସାଇକେଲରେ ଚଢୁଚଢୁ ଦେଖିଲି ଆଉ କେହି ଅଟକିଛି ତା'ର ମଧ୍ୟ ଠିକ୍ ସେ ଚେନ୍ ପ୍ରୋବ୍ଲେମ ।ମୁହଁ ଦେଖାଯାଉନଥିଲା କିନ୍ତୁ ଚକ ମଝିରୁ ଆଖି ଦୁଇଟା ସ୍ୱଷ୍ଟ ଦେଖା ଯାଉଥିଲା ,ମୁଁ ଆଖି ଫେରାଇ ପାରୁନଥାଏ । ହଠାତ୍ ମୋ ଆଗରେ ରିକ୍ସା ହର୍ଣ୍ଣ ଶୁଣି ଆଗକୁ ଦେଖୁ ଦେଖୁ ଭାରସାମ୍ୟ ହରାଇ ପଡ଼ିଗଲି । ଉଠିଲି ଆଉ ତା'ଆଡ଼କୁ ଦେଖିଦେଖି ରିକ୍ସା ବାଲାକୁ କହିଲି - "ସରି ଦାଦା.." । ସେ ହସିଦେଇ ନଜର ବଦଳାଇଦେଲା ମୁଁ ମଧ୍ୟ ଆଗକୁ ଚାହିଁଲି ଦେଖିଲି ରିକ୍ସାବାଲା ଟା ହସୁଛି । ଦୁଇଟି ହସ ଗୋଟାଏ ଥିଲା ମୋ ରାନୀ ର ଆଉ ଅନ୍ୟଟି ରିକ୍ସାବାଲାର ।ଗୋଟିଏ କେଇଟା ସେକେଣ୍ଡରେ ଭୁଲି ହୋଇଗଲା କିନ୍ତୁ ଅନ୍ୟ ହସଟା ସ୍ମୃତି ହୋଇ ରହିଗଲା ଛାତି ଭିତରେ.... ।

ଯଦିବି ମୁଁ କଲେଜରେ ପ୍ରଥମ ରେଙ୍କରେ ଥିଲି ତଥାପି ପ୍ରଥମ କରି ସହରକୁ ପଢିବାକୁ ଆସିଥିବାରୁ ସାମାନ୍ୟ ଡରି ବସିପଡ଼ିଲି ତୃତୀୟ ବେଞ୍ଚରେ ଏବଂ ଏହାର ଠିକ୍ ପାଞ୍ଚ ମିନିଟ ପରେ ସେ ଆସିଲା । ଇତସ୍ତତଃ ଚାହିଁଲା ଆଉ ମତେ ଦେଖି ବସି ପଡ଼ିଲା ଝିଅ ପାର୍ଶ୍ୱର ତୃତୀୟ ବେଞ୍ଚରେ । ମୁଁ ତା ଆଡ଼କୁ ବାରମ୍ବାର ଦେଖୁଥାଏ ଆଉ ଅଧିକାଂଶ ସମୟରେ ଦେଖେ ସେ ମଧ୍ୟ ଦେଖୁଛି ମତେ । ମୁଁ ବାଳକୁ ଟିକେ ଆଉଁସି ଦେଲି ଆଉ ମୁହଁକୁ ମଧ୍ୟ । ରାଜୁର ନଜରରେ ଦୁଇ ତିନି ମିନିଟ ତା'ଆଡ଼କୁ ଦେଖିନଥିଲି ଆଉ ଯେତେବେଳେ ଦେଖିଲି ସେ ହସୁଛି । ତା ପୁଣି ଜୋରରେ ଆଉ ମୋତେ ଇସାରା କରି ।ମୁଁ ଆଉ ଟିକେ ମୁହଁକୁ ଘସିଦେଇ ଯେତେବେଳେ ଦେଖିଲି ତାକୁ ସେ ଇସାରା ଇସାରା

To read the complete magazine, Download it for FREE from www.aahwaan.com

ରେ କହିଦେଲା ମୋ ଗାଲରେ କଳା ଲାଗିଛି ।ମୁଁ କଳାକୁ ସଫା କରୁଥାଏ ,ସେ ହସୁଥାଏ । ଏବଂ ଏହି ହସରୁ ହିଁ ଆରମ୍ଭ ହୋଇଥିଲା ମୋ ପ୍ରେମର ଅଭିଯାନ ।ତାକୁ ଚାହୁଁ ଚାହୁଁ ପ୍ରଥମ ଦିନର ସାତଟି ପିରିୟଡ଼ କେତେବେଳେ ସରିଗଲା ,ଫେରିଲି କଲେଜ ରୁ । ଭାବୁଥାଏ ଏ ସ୍ମୃତିକୁ ଡାଏରିରେ ଲେଖିଲେ ଭଲହୁଅନ୍ତା ।କିନ୍ତୁ ଡାଏରି କଣ ମୋ ପାଖରେ ଥାଏ , ବାହାର କରି ଆଣିଲି ଖାତାଟି'ଏ ଯାହାକି ନୋଟ ଖାତା କରିବା ପାଇଁ ମାଆଙ୍କ ମଜୁରୀ ଟଙ୍କାରୁ ତିରିଶ ଟଙ୍କା ନେଇ କିଣିଥାଏ । ଗୋଟିଏ ନିଶ୍ୱାସରେ ଲେଖିପଡ଼ିଲି ପାଞ୍ଚ ପୃଷ୍ଠା ।ରାତି ସାରା ମଧ୍ୟ ତାକୁ ହିଁ ଭାବି ଭାବି ଶୋଇପଡ଼ିଲି ।ସକାଳେ ଉଠି ମାଆଙ୍କ ପାଟିରୁ ଶୁଣିଲି-"କଲେଜ ନେଇ ଯାଇ ହୁଏ ,ନୁଏଦ ଇ ଖୁଏନ ଖୁଏନ ଅସୁଛେ ।" ମାଆ କୁ ହଁ କରିଦେଲି ସେ ଚାଲିଗଲା କାକାଙ୍କ ଜମିକୁ ପହ୍ଳା ରୋଇ ଆଉ ମୁଁ ଚାଲିଲି କଲେଜ ଅଭିମୁଖେ ।ପହଞ୍ଚି ଦେଖିଲି ସତରେ ନଈ କୁଳ ଖାଉଛି ।ନିରାଶ ହୋଇ ଫେରି ଆସିଲି ।ଭାଙ୍ଗିଗଲା ତା'ସହ କଥା ହେବା ଆଶା,ବୃଥା ହୋଇଗଲା ରାତିସାରା ଅଭ୍ୟାସ କରିଥିବା କଥା ସବୁ ।ଯାହା ତା'ସହ କଥା ହୋଇଥାନ୍ତି ।ତୃତୀୟ ଦିନ ମଧ୍ୟ ସେଇ ଏକା କଥା ।ମାଆଙ୍କ ବାରଣ ସତ୍ତ୍ୱେ କଲେଜ ବାହାରିଲି ଆଉ ପହଂଚିଲି ।କିନ୍ତୁ କଲେଜକୁ ନୁହଁ ନଈ କୁ ।ବଢି ପାଣି ଦେଖି ପୁଣି ନିରାଶ ହୋଇ ଫେରିଲି ।ତିନିଦିନ ହୋଇଯାଇଥାଏ ଥମିବାର ନାଁ ନାହିଁ ଝଡ଼ି ବର୍ଷା ଆଉ ମୋ ମନେ ପ୍ରେମ ବର୍ଷା ।ବହୁତ ଆଶା ନେଇ ଚାରିଦିନ ପରେ ପହଂଚିଲି କଲେଜକୁ କିନ୍ତୁ ଆଶା ସବୁ ଆଶାରେ ରହିଗଲା କାହିଁକିନା ସେ କଲେଜ ଆସିନଥାଏ । ଏପରି ଗୋଟିଏ ସପ୍ତାହର ବ୍ୟବଧାନ ପରେ ଦୁହେଁ କଲେଜ ଆସିଲୁ କିନ୍ତୁ ମୁଁ ସାଇକେଲ ମରାମତି ପାଇଁ ରହିଗଲି ଫିଟର ରେ ।ତା'ର ଯିବା ଦେଖିଲି କିନ୍ତୁ ଦେଖିବା ଛଡା କିଛି କରିପାରିଲି ନାହିଁ ।ସାଇକେଲ ମଧ୍ୟ ଶୀଘ୍ର ଠିକ୍ ହେଲା ନାହିଁ ଘଣ୍ଟା କଣ୍ଟା ବଢି

To read the complete magazine, Download it for FREE from www.aahwaan.com

ବଢି ପଡ଼ୁଛି ସରିଥାଏ ଏଗାର ପାଖକୁ ।ପ୍ରଥମ ପିରିୟଡ଼ ସରିଗଲା ,ସାଇକେଲ ଠିକ୍ ହେଲା ।ମୁଁ ଚାଲିଥାଏ କଲେଜ ଅଭିମୁଖେ ଗୋଟିଏ ଆଶା ନେଇ ,ଦେଖିଲି ସେଇ ନିମ୍ବ ଗଛ ତଳେ ଠିକ୍ ସେଦିନ ପରି ସେ ସାଇକେଲ ଚେନ୍ ସଜାଡୁଛି ।ମୁଁ ମୋ ବିନା ଅନୁମତିରେ ଅଟକିଯାଇ ତାକୁ ସାହାର୍ଯ୍ୟ କରିଲି ।ଶେଷରେ ତା ଧଳା ରୁମାଲରେ ତା'ହାତକୁ ସଫାକରି ହାତ ବଢ଼େଇ କହିଲା-"ଥ୍ୟାଙ୍କ ୟୁ" । ମୁଁ ମଧ୍ୟ ହାତ ବଢ଼ାଇ ଦେଲି କିନ୍ତୁ ହାତ ମିଳାଇ ହାତ ଆଣିବାକୁ ଇଚ୍ଛା ହେଉନଥାଏ ,ତଥାପି ହାତକୁ ଛାଡି ଦେଇ ପଚାରିଲି -"ତମ ନାଁ" ।" ତା' ପଦ୍ମପାଖୁଡା ପରି ଓଠକୁ ଖୋଲି କହିଦେଲା- "ରାନୀ" ।ମୁଁ ଭାବୁଥାଏ ସେ ମଧ୍ୟ ମୋ ନାମ ପଚାରିବ କିନ୍ତୁ କାହିଁକି କେଜାଣି ସେ କିଛି କହିଲା ନାହିଁ ।ମୁରୁକି ହସିଟେ ଦେଇ ଚାଲିଗଲା ।ଆଉ ମୁଁ ଚାଲିଗଲି କଲେଜ ଅଭିମୁଖେ ।ତା'ପରେ ସମ୍ପର୍କର ବନ୍ଧ ଶକ୍ତ ହୋଇଆସିଲା ,ସେ ଆସି ମୋ ସହ କଥା ହେଲା, ମୁଁ ଯାଇ ତା ସହ କଥାହେଲି ।ଏ କଥାବାର୍ତ୍ତା ମଧ୍ୟରେ ମୁଁ ମୋ ମନରେ ଆସୁଥିବା ସବୁ ଭାବନାକୁ, ସବୁ ଦୁଃଖକୁ, ସବୁ ସୁଖକୁ ,ଗୋଟି ଗୋଟି କରି ତାକୁ କହିଦେଉଥିଲି କାହିଁକିନା ମୁଁ ମନେ ମନେ ତାକୁ ମୋ ମନର ରାଣୀ କରିସାରିଥାଏ ।କିନ୍ତୁ ଗୋଟିଏ ଭାବନାକୁ ଡର ଢାଙ୍କି ପକାଏ କହିପରେନାହିଁ ସେଇ ଭାବନାକୁ ଯେ-"ମୁଁ ତୁମକୁ ଭଲପାଏ" । କି ଡର ଏ ପଦେ କହିବା ପାଇଁ ।ଅପରି କଥାବାର୍ତ୍ତା ମଝିରେ ଆମର ସମ୍ପର୍କ ଆହୁରି ଶକ୍ତ ହେଉଥାଏ ।ଦୁହିଁଙ୍କୁ ନେଇ ସାଙ୍ଗମାନେ କିଏ କେତେ କଣ କୁହନ୍ତି ।ମତେ ତା'ନାଁ ଧରି ଥଟ୍ଟା ମଧ୍ୟ କରନ୍ତି ,କିନ୍ତୁ ମୁଁ ସହିଯାଏ ।ଦିନେ ସେ ଏହା ଜାଣିବାକୁ ପାଇଲା ତା'ପରେ ସାମାନ୍ୟ ସଂକୋଚ ନକରି କୋଡିଏ/ ପଚିଶ ଜଣ ପିଲାଙ୍କ ସାମ୍ନାରେ କହିଦେଲା-"ଆମେ ଦୁହେଁ ଫ୍ରେଣ୍ଡ,ତୁମେ ସବୁ ଯାହାବି କୁହ,ଜଣେ ବେଷ୍ଟ ଫ୍ରେଣ୍ଡ ଆଉ ଜଣେ ଫ୍ରେଣ୍ଡର କଥା ନିହାତି ବୁଝିପାରେ, ତୁମେମାନେ

To read the complete magazine, Download it for FREE from www.aahwaan.com

ଆମର ଫ୍ରେଣ୍ଡ ନୁହଁ ,only collegemate ।ସେଠାରୁ ସେ ନାରାଜ ହୋଇ ଚାଲିଗଲା ମୁଁ କିନ୍ତୁ ରହିଗଲି ।ଏଇ କିଛି ପଦକୁ ମୋ ପ୍ରେମ ପାଇଁ ନାଲି ସଂକେତ ଭାବିନେଲି । କେତେବେଳେ ଲାଗୁଥାଏ ସେ ମଧ୍ୟ ମୋତେ ଭଲପାଏ ଆଉ କେତେବେଳେ ନା ସେ ମୋତେ ଭଲପାଏ ନାହିଁ ଭାବିଥାଏ ସାଙ୍ଗ । ମୁଁ ତାକୁ କହିଲେ ଠିକ୍ ହେବକି ? ତା ମନରେ ମୋ ପ୍ରତି ଭଲପାଇବା ଅଛି ନା ନାହିଁ ? ଭଲପାଇବା ଠିକ୍ ନା ଭୁଲ ? କଥାବାର୍ତ୍ତା ହେଉଥିଲେବି ଏମିତି କିଛି ପ୍ରଶ୍ନର ଉତ୍ତର ଖୋଜୁଖୋଜୁ ସରିଗଲା ଗୋଟିଏ ବର୍ଷ ।ତାକୁ ଭାବନା ରାଜ୍ୟରେ ହିଁ ରାଣୀ କରି ରଖିପାରିଲି ଗୋଟିଏ ବର୍ଷ ।ପରୀକ୍ଷା ସରିଲା,ରେଜଲ୍ଟ ବି ଆସିଲା । ମୁଁ ଶୁଣି ଆଶ୍ଚର୍ଯ୍ୟ ହେଲି ସେ ଶୁଣି ଖୁସି ।ମୁଁ ପ୍ରଥମ ହୋଇଛି ଆଉ ରାନୀ ଦ୍ୱିତୀୟ ।ମତେ ବିଶ୍ୱାସ ହେଉନଥାଏ ମୁଁ ଫାଷ୍ଟ ହୋଇଛି ।ରାନୀ ବହୁତ ଭଲ ପଢୁଥିଲା, ସବୁ ଏକକ ପରୀକ୍ଷାରେ ଫାଷ୍ଟ ହେଉଥିଲା,ମୁଁ ତ ପଢୁବି ନଥିଲି,ମୁଁ ପୁଣି ଫାଷ୍ଟ ।ସେ ଫାଷ୍ଟ ନହେବାରୁ ମତେ ଦୁଃଖ ଲାଗୁଥାଏ କିନ୍ତୁ ରାନୀ ଖୁସିରେ ତିନିଥର congratulations କରିସାରିଥାଏ ।ମୁଁ ପଚାରିଲି -"ତମେ କାହିଁକି ଖୁସି ଅଛ ?" ।ସେ ହସିକି ଉତ୍ତର ଦେଲା- "ଆରେ ନଜାଣିଲା ପରା ହେଉଛ କଣ ? ତମେ ଫାଷ୍ଟ ଆସିଛ ।ମିଠା କାହିଁ ?"ମୁଁ ହସିଦେଲି । "ଆରେ ହେଲେ ମୁଁ କଣ ଭଲରେ ପଢ଼ିଛି ,ସବୁ ଆନୁମାନିକ ଲେଖିଥିଲି ।ତମେ କେତେ ସୁନ୍ଦର ପଢୁଥିଲ ଆଉ କମ୍ ପାଇଲ ,ସେଥିପାଇଁ ଟିକେ ଦୁଃଖ ଲାଗୁଛି" ମୁଁ ଉତ୍ତର ରେ କହିଲି ।ତାପରେ ରାନୀ କହିଲା-" ପରିବାର ସମ୍ଭାଳି କେତେ ଦୁଃଖ କଷ୍ଟରେ ରହୁଛ ,ଏଣୁ ଏ ସବୁ ଭଗବାନଙ୍କ କୃପା ।ଭଗବାନ ସବୁବେଳେ ଭଲ ଲୋକର ସାଥ ଦିଅନ୍ତି "ରାନୀ ର ଚିନ୍ତାଧାରାକୁ ଦେଖି ଖୁସି ହେଲି ।ଏମିତି ଏମିତି କଟିଗଲା ଦୁଇବର୍ଷ ।ସରିଗଲା ଦୁଇ ବର୍ଷ ।ପରୀକ୍ଷା ଆସିଲା ,ଦୁହେଁ ପାଖାପାଖି ପଢୁଥାଉ ।ସେ ସବୁଦିନ ଆଗେ ଆଗେ

To read the complete magazine, Download it for FREE from www.aahwaan.com

କହେ-"ଅଲ ଦ ବେଷ୍ଟ " ଆଉ ମୁଁ " ସେମ ଟୁ ୟୁ" ଏମିତି ଭାବେ ବିତିଗଲା ଦୁଇବର୍ଷ କିନ୍ତୁ କହିପରିଲି ନାହିଁ ସେହି ଗୋଟିଏ କଥା-"ମୁଁ ତୁମକୁ ଭଲପାଏ" ।ରେଜଲ୍ଟ ବାହାରିଲା ସେଥିରେ ମଧ୍ୟ ମୁଁ ଫାଷ୍ଟ ହେଲି ଯାହାକି ମୁଁ ନ ଦେଖୁ ଦେଖୁ ରାନୀ ଫୋନ କରି ପ୍ରଥମେ କହିଥିଲା । ଦୁହେଁ ଲ୍ୟାପଟପ ପାଇବା ପାଇଁ ଭବାନୀପାଟଣା ଯାଇଥିଲୁ ।ଦୀର୍ଘ ତିନିମାସର ଦୁଃଖ ଦରଦକୁ ସମ୍ଭାଳି ପାରିଲି ନାହିଁ ।ଭାବିଲି ଆଜି ନିଶ୍ଚୟ କହିବି ,ଦୁହେଁ ପାଖେ ପାଖେ ବସିଥାଉ ମୁଁ କହିବା ପାଇଁ ବାରମ୍ବାର ଚେଷ୍ଟା କରୁଥାଏ କିନ୍ତୁ ସେଇ ପଦେ ବାହାରୁନଥାଏ ।ଲ୍ୟାପଟପ ନେଇ ବସ ଯୋଗେ ଫେରୁଥାଉ, ଯେତେ ଦୂରତା କମି କମି ଆସୁଥାଏ ମୋ ମନର ଆଶା ମଧ୍ୟ କ୍ଷୀଣ ରୁ କ୍ଷୀଣ ହେଇଥାଏ ।ପରିଶେଷରେ ସାହସ ଜୁଟାଇଲି ଆଉ କହିବାକୁ ଚେଷ୍ଟାକଲି କିନ୍ତୁ ପାରିଲି ନାହିଁ ।ଶେଷରେ ଭାବିଚିନ୍ତି କାଗଜରେ ଲେଖି ଦେଇଦେଲି ।

ବସରୁ ଓହ୍ଲେଇ ଘରକୁ ଫେରୁଥାଏ ଫୋନ ରିଂ ହେଲା ଉଠାଇ କାନ ପାଖକୁ ନେଉ ନେଉ-"I am sorry....."? ପ୍ରତ୍ୟାଖ୍ୟାନ ଶୁଣି ମୋ ପାଟିରେ ତାଲା ପଡିସରିଥାଏ ,ସେ ଆଶ୍ୱାସନା ଦେଇ କହୁଥାଏ-"ତୁମେ ଲେଟ କରିଦେଲ କହିବାରେ...ସରି... ମୁଁ ରିଲେସନ ରେ ଅଛି..ତମେ ଭଲ ପଢାପଢି କର...ଇଟା କେ ନେଇକି ଟେନସନ ହୁଅନି....." । ଯେହେତୁ ଭଲ ସାଙ୍ଗଟେ ଥିଲା ଠିକ୍ ବୁଝିପାରୁଥିଲା ମୋ ଦରଦକୁ ,ତା'ବୋଲି ସାତ ମିନିଟ ପର୍ଯ୍ୟନ୍ତ ଆଶ୍ୱାସନା ଦେଇଚାଲୁଥିଲା ଯଦିବା ମୁଁ ନିରବ ଥାଏ ।ଘରେ ପହଞ୍ଚିଲି ଲେପଟପ ପାଇ ସମସ୍ତେ ଖୁସି ମୁଁ ଜାଣିବି...ସେ ମୁହୂର୍ତ୍ତର ଦରଦକୁ ।ଏପରି କିଛିଦିନର ପଶ୍ଚାତାପ ଓ ଦୁଃଖ ପରେ ନିଜକୁ ସାଧାରଣ ଅବସ୍ଥାକୁ ଆଣିସାରିଥାଏ ।

ସବୁଦିନ ପରି ବସିଥାଏ ସେଇ ସମ୍ପର୍କୀୟ ନଈର ପରିବେଶ ପାଖେ ।ହଠାତ୍

To read the complete magazine, Download it for FREE from www.aahwaan.com

ପଛପଟୁ କିଏ ହାତ ମାରିଲା ।ଦେଖିଲି ରାଜୁ ।"ବହୁତ ଦିନପରେ ଗାଁ'କୁ ଆସିଛୁ ମୋତେ ମଧ୍ୟ କଲ କଲୁଣି ଏକା ଏକା ଆସି ବସିଛୁ ।"ରାଜୁ କହିଲା ।ମୁଁ ହଁ ଏମିତି ବୋଲି କହୁ କହୁ ସେ କହିଲା- "ଏଇ ନେ ତୋ ପାଇଁ ଚିଠି ଆସିଥିଲା ,ରାନୀ ଠାରୁ ।" ମୁଁ ସ୍ୱପ୍ନରେ ଅନେକ କିଛି ଭାବିଥିଲି କିନ୍ତୁ ସେ ଚିଠିଟିଏ ପଠାଇବ ଭାବିନଥିଲି ।ତାକୁ ପଢ଼ିଲି, ଲେଖା ହୋଇଥିଲା-

"ମୋର ସବୁଠୁ ପ୍ରିୟ ସାଙ୍ଗ,

ସବୁଠୁ ପ୍ରଥମେ କ୍ଷମା ଚାହୁଁଛି ଏ ଚିଠି ପାଇଁ । କାହିଁକିନା ତୁମେ ମତେ ଭୁଲିସାରିଛ ଆଉ ଏ ଚିଠି ପାଇଲା ପରେ ପୁଣି ତୁମକୁ କଷ୍ଟ ହେବ ।ମୁଁ ଆଜିବି ସାଙ୍ଗ ହିସାବରେ ତୁମକୁ ବହୁତ ଭଲପାଏ ଆଉ ପାଉଥିବି ମଧ୍ୟ ଆଉ ମୋତେ ପାଇନାହଁ ବୋଲି ଦୁଃଖ କରିବ ନାହିଁ ।ମୁଁ କିଛି ନୁହଁ ତୁମକୁ ମୋ'ଠାରୁ ଭଲ ଝିଅଟେ ମିଳୁ ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା ।ମୁଁ ତ ଉଗ୍ର ଚଣ୍ଡି..... ଆଉ ଆସନ୍ତା ମାର୍ଚ୍ଚ ମାସରେ ଏ ଚଣ୍ଡି ର ବାହାଘର...ଆସିବ....କାର୍ଡ ପଠାଇବି ।"

ପଢିଲା ପରେ ଭାବିପାରୁଥାଏ ତା'ଭଲପାଇବା କୁ ,ତା'ବନ୍ଧୁତ୍ୱ କୁ ।ସଙ୍ଗେସଙ୍ଗେ ରାଜୁ ଆଉ ଗୋଟିଏ ଚିଠି ଦେଲା ଆଉ କହିଲା-"ଏ ଚିଠି ଲେଖି ମୁଁ ତୋ ଠିକଣା ରେ ତାକୁ ପଠାଇ ଦେଇଛି ।" ମୋ ଭାବନାକୁ କଳନା କରି ସେଇ ଚିଠିରେ ରାଜୁ ଲେଖିଥିଲା-

ଛୋଟ ସମୟରୁ ପରିବାର ବୋଝକୁ କନ୍ଧେଇଛି, ଛୋଟ ସମୟରୁ ବାପାକୁ ହରାଇଛି, ଲୁହକୁ ଅମୃତ ଭାବିଛି, କେତେଯେ ରାତି ଭୋକ ଉପାସରେ ଶୋଇଛି , ଟଙ୍କା ଟିଏ ପାଇଁ କଣ ନା କଣ କରିଛି ।ଏଇ ଆଖିରେ ଦେଖିଛି ମାଆଙ୍କ ଉପବାସରେ ଶୋଇବା ତଥାପି ଅବଶୋଷ ନାହିଁ ଜୀବନରେ କାହିଁକିନା ଭଗବାନଠୁ ବଳି ମାଆ ଟେ ପାଇଛି ଆଉ ତା'ଠୁ

To read the complete magazine, Download it for FREE from www.aahwaan.com

ବଳି ମାନବିକତା ଗୁଣ ଟେ ।କିଛି ନାଇଁ ମୁଁ ତୁମକୁ ଭୁଲ ବୁଝୁ ନାହିଁ ।ମୋର ସବୁ ଭୁଲ ସାଙ୍ଗ ଜଣକୁ ଅଲଗା ନଜର ରେ ଦେଖିଲି ।sorry ତୁମେ ନୁହଁ ମୁଁ କହିବା କଥା sorry I am very very sorry. We are friends . Please invite me to attend your marriage.i pray to God for your bright future.

ପଢି ସାରୁସାରୁ ଦୁଇ ଆଖିରୁ ଅଶ୍ରୁ ଧାର ବହିଯାଇ ନଈ ପାଣିରେ ମିଶିଯାଉଥାଏ ଏବଂ ମାଡି ଯାଉଥାଏ ଆଗକୁ ଆଗକୁ...ସତେକି ଅତଳ ସମୁଦ୍ର ଅଭିମୁଖେ...

ବଳବନ୍ତ ସାହୁ(ବବଲୁ)

ଭୂଷଲାର୍ଡ,ସିନ୍ଧେକେଲା, ଟିଟିଲାଗଡ

ମୋ-୯୦୭୮୧୦୫୨୩୪

To read the complete magazine, Download it for FREE from www.aahwaan.com

# ସମଲେଇ ଗୋ



ଫିରୋଜ କୁମାର ପଟେଲ

ଏତେ ବଡ଼ କାୟା ବରପିପଲର
ଫଲ ଦେଲୁ ଛୁଟେ ଛୁଟେ
ଲଲୋଥପୋ ଦିହେଁ ମାଖନ ଲହକେ
ଲଦଲୁ ବୁକୋ ଗୁଟେ
ସୂର୍ଯ୍ୟମୁଖୀ ଘୁରେ ସୁରଜ ଦେବକେ
ଲାଜେ ମରେ ଲାଜକୁଲୀ
କେନତା ରଚଲୁ ଏନତା ଧରତୀ
ଖୁଜି ବୁଝି ଅଥା ହେଲି
ସମଲେଇ ଗୋ....
ତୋର ପାଦେ ମୁଇଁ ଶରନ ଗଲି । ୧ ।
କାଦୋନେ ଜନମ ଦେଲୁ ପଦମ କେ
ଗୁଲାପ୍ ପାଏଲା କଁଟା
ଚନ୍ଦନ୍ ବୁରେଇ ଫୁଲହୀନ୍ ହେଲା
ଫଲସାର ଭାଗ୍ୟଫଟା
ଅରଖ୍ ପାଏସି ଶିବର୍ ଚରନ

To read the complete magazine, Download it for FREE from www.aahwaan.com

ଝାରେ ଝରି ଝାରମଲ୍ଲୀ

କାହାର୍ କପାଳେ ଭାତ୍ ମୁଠେ ନାଇଁ

କିଏ ଫିଙ୍କେ ଖିଲି ଖିଲି

ସମଲେଇ ଗୋ....

ତୋର ପାଦେ ମୁଇଁ ଶରନ ଗଲି । ୨ ।

ମାଟିଆ ହଳିଆ ମାଆବଲି ତୁମେ

ମାଁଟି ନେ ପ୍ରକୃତି ହଁସେ

ଜୀବଜନ୍ତ ଗଛ ପରାନ୍ ଛାଡ଼ଲେ

ସେହି ମାଟି ନେହିଁ ମିଶେ

ଜେନଠାନୁ ମୁଲ୍ ସେହିଠାନେ ଶେଷ

ଜୀବନର ଜପାମାଳି

ସାରା ଜଗତର ତୁଇତ ମାଆ ଗୋ

ସାହା ଏକା ତୁହି ଖାଲି

ସମଲେଇ ଗୋ....

ତୋର ପାଦେ ମୁଇଁ ଶରନ ଗଲି । ୩ ।

ଦାରୁ ପୂଜା ପାଏ ଜଗନ୍ନାଥ ହଇ

କାଠ୍ ଜଲେ ଶମସାନେ

ବାଟର ପଥର ଗୁଡ଼ିର୍ ଦେବତା

ଲାତ୍ ଖାଏ ଠାନେ ଠାନେ

କୃଷ୍ଣମୃଗ ଧରି ଦେହେଁ ନ କସ୍ତୁରୀ

ଖୁଜୁଥାଏ ବୁଲି ବୁଲି

ତୋର୍ ନେ ମୁଇଁ କି ମୋର ଠାନେ ତୁଇ

ଭାବି ଭାବି ଥକିଗଲି

ସମଲେଇ ଗୋ....

ତୋର ପାଦେ ମୁଇଁ ଶରନ ଗଲି । ୪ ।

ମାଁଗୋ ତୋର୍ ମାୟା ତତେ ସିନା ଜନା

ଜଁଜାଳେ ମାତିଛେ ମୁଇଁ

ଭାଇଭଗାରୀର୍ ପାପର ସଂସାରେ

ସାହାରା ତ କେହି ନାହିଁ

ଥକିଯିମି ଯେଭେଁ ଚାଲି ଚାଲି ବାଟ

ଶମସାନେ ଯିବି ଜଳି

ପୁଣ୍ୟ ନୁରି ନୁରି କଳିକାଳେ ମୁହିଁ

To read the complete magazine, Download it for FREE from www.aahwaan.com

ଲୁହ ଢାଳି ଥକିଗଲି ।

ସମଲେଇ ଗୋ....

ତୋର ପାଦେ ମୁଇଁ ଶରନ ଗଲି । ୫ ।

ଧବଳାମୁଖୀ ମାଁ ଶ୍ୱେତାସ୍ୱବାହିନୀ

ଲାଲ ମୁହିଁ ନିଶାଚରୀ

ଦୁନିଆଁ ଚଲଉ ଗମ୍ଭୀରା ଘରୁ ମାଁ

ଖଣ୍ଡା ଜୁଏହୁଲା ଧରି

ମନ ତୋର୍ ଭରେ ଦହନାମନ୍ଦାରେ

ସଜିଥାଉ ପୂଜାଥାଳି

ତୋର ଗୁଡ଼ିଘରେ ସଁଜର ଆଲତୀ

କରୁଣା ଦେଇ ତୁ ଢାଲି

ସମଲେଇ ଗୋ....

ତୋର ପାଦେ ମୁଇଁ ଶରନ ଗଲି । ୬ ।

ଅବନକେଲା, ସୁନ୍ଦରଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୬୩୨୩୩୦

ଇମେଲ୍ : firojpatel93@gmail.com

To read the complete magazine, Download it for FREE from www.aahwaan.com

# ରେଜା



ଏମ୍ ବିଜୟ କୁମାର

ମୁଣ୍ଡରେ ପାହାଡ଼ ଭଳି
ବହୁଥିଲା ଇଟା
ଡଲାରେ ବାଲି
କହରାଁ ମସଲା
କମ୍ ହେନ୍ ଟୁକେଲ୍
ରେଜା ଗଭରୀ

ଦେହରୁ ବରଫ ଆସ୍ତରଣ
ତରଳି ଗଲା ଯେପରି
ନିଗିଡ଼ି ପଡୁଥିଲା ସ୍ୱେଦ ରକ୍ତ
ଥପ୍ ଥପ୍
ମାଟି ଉପରେ

ତାର ଗୋରା ଫକ ଫକ
ଚେହେରା ଫିକା ପଡ଼ି
ନଥିଲା ମୁହଁର ତେଜ

To read the complete magazine, Download it for FREE from www.aahwaan.com

କାମ କରୁଥିଲେ ବି
ମନସ୍ୟ ହେଉଥିଲା
ତା'ଉପରେ ଗର ଗର
ମିସ୍ତ୍ରୀ କଥା ନ କହେବା ହି ଭଲ
ଟପା ଦହକା ବାର୍ ବାର
ଠିକାଦାର ଲୋପୁକ ନଜର
କେମିତିକା
ଶାଗୁଣା - ବିଲୁଆ, ଶୃଗାଳ
ପରି ଖୁମ୍ପି ଖୁମ୍ପି
ଖାଇଯିବେ ତାକୁ
ସମସ୍ତେ ନାରୀମାଂସ ଲୋଭି
ରାକ୍ଷସ ସବୁ

ପେମଣ୍ଟ ସନ୍ଧ୍ୟାରେ
ହରାଇଛି କୁମାରୀତ୍ୱ
ପାରୁନି ଚାଲି
ଯାଇଛି ଥକି
ସତେ ଯେମିତି ପର୍ବତ ବୋଝ ବୋହିଛି
ଲମ୍ବିଯାଇଛି ଘର ସହସ୍ର କୋଶ

ଭୋକ ଜ୍ୱାଳାରେ କବାଁର
କରି ଆସୁଥିଲା ନିତି
ହାଏରେ କରମ ଫଟା
ବିଚାରୀର ଅସତଗତି
ଘରକୁ ପହଞ୍ଚି
ନିଜ ବେକେ ଲଗାଇଛି ରଶି
ସକାଳେ ଆଉ
ନାହିଁ ତା ଜୀବନ ।

ଉତ୍ତରା ଶାସନ,
ଗଙ୍ଗୋତ୍ରୀ ନଗର
ଭୂବନେଶ୍ୱର - ୦୨
ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

To read the complete magazine, Download it for FREE from www.aahwaan.com

# ମଉଳା ପ୍ରସୂନମୁହିଁ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ରୁହ କାହିଁ ଦୂରେ ତୋଳିନିଅ ବାରେ
ମଉଳା ପ୍ରସୂନ ମୁହିଁ;
ନୁହେଁ କା'ର ଲୋଡ଼ା କବରୀ ସଜଡ଼ା
ତେଜିଅଛି ମଧୁଲେହୀ ।
ଶୁଖିଛି ପଳାଶ ନାହିଁ ମଧୁରସ
ଅଙ୍ଗେ ମୋ ନାହିଁ ସୁଷମା,
ଶିଥିଳ ପଲାଳ ଝଡ଼ିବାକୁ ଲୋଳ
କର ପ୍ରଭୁ ମୋତେ କ୍ଷମା ।
ଚାରୁ ଉପବନେ ଫୁଟିଥିଲି ଦିନେ
ଆଜି ହୋଇଗଲି ବାସି,
ଦୂର ପାରାବାରେ ପ୍ରୀତିର ଜୁଆରେ
ଯାଉ ଏବେ ଦେହ ମିଶି ।
କାଳର ଅତିଥି ଚାହେଁ ମୁଁ ଅଦିତି
କର ପ୍ରଭୁବାରେ କୃପା,
ଶ୍ୱସ୍ତନ ବିଭାତେ ଫୁଟିବି ଜଗତେ
ସାଜି ସଦ୍ୟ ନବରୂପା ।

To read the complete magazine, Download it for FREE from www.aahwaan.com

# ପୂର୍ଣ୍ଣିମାର ଚାନ୍ଦ



ସରୋଜ

ଚତୁର୍ଦ୍ଦଶ ଦିନପରେ
ଆଜି ପୁଣି ପୂର୍ଣ୍ଣତାର ଆଭା ।
ଛୋଟ ଛୋଟ ବାଦଲ ଖଣ୍ଡ
ସହ ଛୁପାଛୁପି ଖେଳ ।
ମନେ ହୁଏ ସତେ ଯେମିତି
ମୋ ସହ ଲୁଚକାଳି ଚାଲିଛି ଖେଳ ।

ବାଦଲ ଖଣ୍ଡ ସବୁ
ଅବରୋଧ କରନ୍ତି ।
ତୋ ସହ ମୋର ସମ୍ପର୍କର ରାସ୍ତା ।

ହଟି ଯାଅ... ହଟି ଯାଅ...
ହେ' ବାଦଲ ସବୁ
ଦେଖିନିଏ ମୁଁ ତା'ର ପୂର୍ଣ୍ଣାଙ୍ଗ ଶରୀର ।

To read the complete magazine, Download it for FREE from www.aahwaan.com

ଏ କ'ଣ ?

ତୋ'ଠାରେ ତ କଳଙ୍କର ଛିଟା

ହଁ, ହୋଇପାରେ ସେଟା ଲୋକଙ୍କ

ପାଇଁ କଳଙ୍କ ।

ମୋ ପାଇଁ ମା ଦେଇଥିବା

'ନଜର' ଟିକା ।

ତୋର ଗୁଣ ଅବଗୁଣ ସବୁ

ମୋ ପରି ସାଧାରଣ ମଣିଷ

ପାଇଁ ଦୁର୍ଲଭ୍ୟ ମଣିକାଞ୍ଚନ ।

ମୁଁ ତ ତତେ

ମନେ ମନେ ଭଲ ପାଏ ।

ମତେ କିଛି ଫରକ ପଡ଼େନା

ତୋର କଳଙ୍କରେ....

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଶବ୍ଦ



ସିପ୍ରା ନମତା

ଶବ୍ଦ ତୁମେ କେବେ ବୀଣାର ଝଙ୍କାର
କେତେବେଳେ ମହାପ୍ରଳୟବାଣୀ
ବିବର୍ତନେ କେତେ ଇତିହାସ ଭାଷେ
ଭବିଷ୍ୟତ କଥା ଶୁଣାଏ ପୁଣି ।

ଶବ୍ଦ ତୁମେ କେତେବେଳେ
ନିଦାଘର ତପ୍ତ କାଞ୍ଚନ
ମେଘ ମହ୍ଲାର ତୋଳେ କେବେ
ଛମ୍ ଛମ୍ ଲାଗେ ସତେ ପାଦର ନିକ୍ୱଣ ।

ଶବ୍ଦ ତୁମେ କେବେ ସ୍ନେହ କାଙ୍ଗାଳ
କେତେବେଳେ ପୁଣି ଉଗ୍ର
କେତେବେଳେ ପୁଣି ବୁଭୁକ୍ଷୁ ଜାଲେ
ସ୍ତ୍ରୈଣ ହେବାପାଇଁ ବ୍ୟଗ୍ର ।

To read the complete magazine, Download it for FREE from www.aahwaan.com

ଶବ୍ଦ କେବେ ବ୍ୟାପ୍ତ ମହାସାଗରର
ଲବଣାକ୍ତ ଜଳ ଢେଉରେ
ବିଭୋର କେବେ ବନପାହାଡ଼ର
ସୌନ୍ଦର୍ଯ୍ୟ ଗାୟନରେ ।

ଶବ୍ଦ ତୁମେ କେତେବେଳେ ତମଶା
ରାତିର, ପ୍ରେମ ବିରହର ସ୍ୱପ୍ନ
କେତେବେଳେ ପୁଣି ଦୁଃଖ, ଯାତନାର
କରୁଣ ବିଳାପେ, ଜୀବନ ପୁସ୍ତକପୂର୍ଣ୍ଣ ।

କେତେ ଭାବେ ତୁମେ ପ୍ରସ୍ଫୁଟିତ ହୁଅ
ସ୍ମୃତି ବିସ୍ମୃତି ଛାଇ
ଘନ କୁହେଳିକା ସୃଷ୍ଟି କର କେବେ
ଆଲୋକର ବନ୍ୟା ହୋଇ ।

ଶବ୍ଦ ତୁମେ ସ୍ୱର, ଝଙ୍କାର, ପୌରୁଷ
ତୁମେ ରସ ରୂପ ପୁଣି ଛାନ୍ଦ
ତୁମ ବିହୁନେ ତ ଜଗତ ସଜଇ
ସ୍ଥିର ଆଉ ନିରାନନ୍ଦ ।

ଭରିଦିଅ ପ୍ରାଣେ ନବ ଉନ୍ମାଦନା
ପୁଲକିତ କର ମନ
ତୁଚ୍ଛ ଏ ସଂସାର ଶବ୍ଦ ତୁମ ବିନା
ଶବ୍ଦ ମାୟାରେ ଆଚ୍ଛନ୍ନ ।

ଶିକ୍ଷୟିତ୍ରୀ,
ବାରିପଦା, ମୟୁରଭଞ୍ଜ, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ଅଳପ ଆଳାପ ଶୂନ୍ୟତାସାଥେ



ସୀମାଞ୍ଚଳ ରଣା

ମୋ ମା ଦେଇଥିବା ହସର ପସରା,

ଝାମ୍ପି ନେଲୁ ମାୟାବିନୀ ।

ତୋହରି ପ୍ରେମର ସ୍ମୃତି ଝୁରିଝୁରି,

କେତେ ଲୁହ ଯେ ନିଗିଡି ଗଲାଣି ।

ମମତା ସ୍ନେହ କୁ ହରେଇ ବସିଲି,

ତୋ ଓଢଣୀର ଆଢୁଆଳେ ।

ଅଧିକ ସେନେହଁ ପାଇବାକୁ ଯାଇ,

ଡୁବିଗଲି ଅଶ୍ରୁ ଜଳେ ।

କାଳ ସାଗରୀଲୋ ଚିହ୍ନି ପାରିଲିନି,

ତୋହରି କରାଳ ରୂପକୁ ।

କଳ୍ପନା ନାବରେ ଦିଗ ହରେଇଲି,

ଯେବେ ଦେଖିଲି କଲ୍ଲୋଳ ଛବି କୁ ।

ଆଶା ବାଲିଘର ଭାଙ୍ଗିଦେଲୁ ତୁହି,

ସପନେ ଛଳନା ଦେଇ ।

To read the complete magazine, Download it for FREE from www.aahwaan.com

ମନ ଗୋପପୁର ନିଛାଟିଆ ଲାଗେ,
ଏଠି କୃଷ୍ଣ କାନ୍ଦେ କଇଁକଇଁ ।
କେମିତି ରାଧା ତୁ ମୋ କାହାଣୀର,
ନିନ୍ଦା ତୋଠୁ ବହୁଦୂରେ ।
ମୁ କିନ୍ତୁ ପ୍ରିୟା ବିପରୀତ ମନ,
ନୀତି ନିନ୍ଦା ସହ ଘର କରେ ।
ଏତେ ବିରହ କେଉଁ ଅଭିପ୍ରାୟେ,
ଦେଇଗଲୁ ମୋର ଜୀବନେ ।
ସବୁ ସମୟ କୁ ରହିପାରିଲୁନି,
ତେବେ କାହିଁ ଆସୁଥିଲୁ ସପନେ ?
ଏକା ଯେବେ ଥିଲି ଭାରି ଭଲଥିଲି,
ମନ ଥିଲା ମୋର ଖୁସି ।
ଆସି ଚାଲିଗଲୁ ଯେବେ ମୋ ଜୀବନୁ,
ମୋତେ ବିରହ ଯାଇଛି ଗ୍ରାସୀ ।
ଅଭିଶପ୍ତ ସତେ ମୋହରି ପ୍ରେମଟା,
କେଉଁ ପୂର୍ବ ପାପ ଫଳେ ?

ଲାଗୁଛି ଏମିତି ଗତ ଜନମ ରେ,
ମୁଁ ମହାପାପୀ ଥିଲି ବୋଧେ ।
ପାପ ଯଦି ପ୍ରିୟା ମୁଁ ଯେ କରିଛି,
ଦିଅ ମୋତେ ଦଣ୍ଡ ଯେତେ ।
ହୃଦୟ ବିଚରା ମୁକ୍ତି ହେଇଯାଉ,
ଭୋଗିଲାଣି ଦୁଃଖ କେତେ ।
ଇଛା ହୁଏନାହିଁ ତୁମରି କଥାକୁ,
ଏହିପରି ଭାବିବାକୁ ।
ଅଳପ ଆଳାପ ତଥାପି କରୁଛି,
ଶୂନ୍ୟତାରେ ରଖି ମନକୁ ।

ପ୍ରତିଷ୍ଠାତା - ପୁଣ୍ୟତୋୟା ଜାହ୍ନବୀ
କୁର୍ତ୍ତମଗଡ଼, କନ୍ଧମାଳ
ଭ୍ରାମ୍ୟଭାଷ : ୮୨୮୦୯୧୩୯୬୬

To read the complete magazine, Download it for FREE from www.aahwaan.com

# ନାରୀ ଟିଏ



ଡା ସଂଧ୍ୟାରାଣୀ ତ୍ରିପାଠୀ

ମୁଁ ଶୂନ୍ୟ ମୁଁ ଅହଂ
ମୁଁ ମୋ ସହ ସର୍ବଂ
ଭାବନାରେ ପରିପୂର୍ଣ୍ଣ ମନଟିଏ
ବିନ୍ଦୁରେ ବିନ୍ଦୁ ମିଶି ସମୁଦ୍ରଟିଏ
ମୁଁ ପୂର୍ଣ୍ଣର ପୂର୍ଣ୍ଣିମା
ମୋ ନିବିଡ ସଂଜ୍ଞା
ମୋ ନାଲି ପଣତକାନିରେ
ମୁଁ ବନ୍ଧା ପଡିଛି ପ୍ରେମରେ
ଦେବାନେବା ହିସାବରେ
ଧରା ବନ୍ଧା ନ ଥାଏ  ଏଥିରେ
ମୋର ଅଣୁ ମୋ ପରମାଣୁରେ
କିଛି କ୍ଷୁଦ୍ର କିଛି ବିସ୍ତୃତରେ
କିଛି ସବୁଜ ସବୁଜିମାର
କିଛି ପବନର ଶୀତଳତାର
କିଛି ଉଚ୍ଚତା ପର୍ବତର
କିଛି ସାନ୍ଦ୍ରତା ପାଣିର

To read the complete magazine, Download it for FREE from www.aahwaan.com

ମୁଁ ଶୁଦ୍ଧ ସୁବର୍ଣ୍ଣର
ମୁଁ ପୁଣ୍ୟ ସଞ୍ଚୟର
ମୁଁ ପର୍ଯ୍ୟାୟ ପର୍ଯ୍ୟାପ୍ତର
ପରିପ୍ରକାଶ ଆଲୋକର
ନାଲିଓଠର ଲାଲିମାର
ବିସ୍ମୟ ଖୁସି ପ୍ରେମର
ସତେଜତାର ମହକର
ବର୍ଣ୍ଣାଳୀ ବିଶ୍ୱ ଦରବାରର
ମୁଁ କିନ୍ତୁ ମୁଁ ନୁହେଁ ଏଥର
ମୁଁ ପ୍ରଭେଦ ହସ ଓ ଓଠର
ସପନ ଓ ନିଦର ତଫାତର
ଅନୁଭବୀ ହୃଦୟର
ନ ଜିତି ହାରିଯିବାର
ଆଦି ଅନ୍ତ ନାହିଁ ମୋର
ମୁଁ ବିଶ୍ୱ ବ୍ରହ୍ମାଣ୍ଡର
ହାତମୁଠାରୁ ଖସିଯିବା ବାଲିର
ତୋର ମୋର ରହିତ ଭାବର
କିଛି ମୋହ ମାୟାର
କିଛି କୋହ ସମ୍ଭାଳି ରହିବାର
ମୁଁ କିନ୍ତୁ ମୁଁ ନୁହେଁ ଏବର
ନିଜକୁ ଅଚିହ୍ନା ଆକାଶର
ବିଶ୍ୱରେ ରାଜତ୍ୱ କାଳର
ଅଭାବୀ ମନଟା ନୀରବର
କାନ୍ଦଟା ଅଲିଭା ସ୍ମୃତିର
ଅପାଶୋରା ଗନ୍ତାଘର ତରୁଣୀର
ମୁଁ ସତେଜ ଅନୁଭବୀଟିଏ
ମୁଁ ନୁହଁ ନିର୍ବାକ ସନ୍ୟାସୀଟିଏ
ମୋର ଆଦ୍ୟ ଆଉ ଅନ୍ତ ମୁଁ ଅହଂଟିଏ
ମୁଁ ମୋର ଖୁସିଟିଏ
ସାଉଁଟୁଥିବା ଓ ହଜାଇଥିବା ମନଟିଏ
ବ୍ୟକ୍ତ ଅବ୍ୟକ୍ତର ଶୂନ୍ୟ ସ୍ଥାନଟିଏ
ଭାବ ଅଭାବର ବୁଝିବା ମନଟିଏ
ମୋ ରକ୍ତରେ ମୋ ପରିଭାଷା
ମୋ ଭାଷାରେ ମୁଁ ନିବିଡ ପରିଚିତା ନାରୀଟିଏ
ନାଲି ନୀଳ ଆବୋରି ଥିବା ଶାଢୀ ଭିତରେ

To read the complete magazine, Download it for FREE from www.aahwaan.com

ମୋର ଭାବ ହୃଦୟ ଓ ଜୀବନ ରଂଗାଇ ତୂଳୀରେ

କିଛି ଅବୁଝା କିଛି ବୁଝିଥିବା ମନର ଭାବନାର

ପରିପକ୍ୱ ପରିପୂର୍ଣ୍ଣ ଲୁହ ଭିଜା ଶିଶିର ବିନ୍ଦୁଟିଏ

ମୁଁ ସ୍ୱଂୟ ମୁଁ ନିଜ ମଧ୍ୟରେ ଉଜ୍ଜୀବିତ

ମୋ ଭିତରେ ଜୀବନ ଯେ ବଞ୍ଚିତ

ପୂର୍ଣ୍ଣତାର ପୂର୍ଣ୍ଣତୋୟା ସ୍ନେହର

ଫଲ୍ଗୁଧାରା ବହେ ମୋ ତନୁମନର

ବୋଧହୁଏ ଭଲପାଇବା

ଜଣା ନାହିଁ ଜମା ମୋତେ

ଜୀବନଟା ଝୁଣ୍ଟି ଝୁଣ୍ଟି ଯିବା

ସାଲିସ୍ ବିହୀନ ରାସ୍ତାରେ

ପ୍ରତି ସମ୍ପର୍କର ଦଉଡିରେ

ସାଲିସ୍ କରିବାକୁ ହୁଏ ମନରେ

ପାଦ ତଳେ କଷ୍ଟ କଣ୍ଟାର

ଓଠରେ ଭରି ହସ ଗୋଲାପର

କେତେ ମୁଁ ସନ୍ଧି କରିଛି

କେତେ ଯେ ନିୟମ ଭାଙ୍ଗିଛି

ଭଲପାଇବାର ବେଳଟା

କେବେଠାରୁ ହଜିଛି

ତଥାପି ମନଟା ଖୋଜୁଛି

ଅତି ଅନ୍ତରଙ୍ଗ ଆଳାପଟେ

ଅତ୍ୟନ୍ତ ଗଭୀର ସଙ୍ଗୀନଟେ

ଫେରାଇ ଦେଇଛି ରିକ୍ତ ହସ୍ତରେ

ଭରିଛି କୋହ ମନ ଓ ହୃଦ ରେ

ଅଭିନୟ ସାରି ଫେରିଛି କେତେ

ମନର ଅଭିମାନରେ  ଜୀବନରେ

ଅମର୍ତ୍ତ୍ୟର ଅମୃତ କଳସ

ମୋହିଣ ମୋ ପାଇଁ ବିଷ

ତଥାପି ଉଷୁମ ମନଟା ଶିଖି ପାରିନି

ଏ ଭାବଟା ଓଲଟା ପଡିଛି କହି ପାରିନି

ବସନ୍ତର ଆଳାପରେ ଚିଠି ଲେଖାଇ

ଗ୍ରୀଷ୍ମର ନିଦାଘରେ ନିଆଁରେ ପକାଇ

ଯଜ୍ଞ ଯେ ଆବାହନ ସହିତ

ଏ ଭାବସବୁ ମନରେ ଗଚ୍ଛିତ

To read the complete magazine, Download it for FREE from www.aahwaan.com

ଭଲପାଇବାର ପ୍ରତି ମୂଲ୍ୟ
କିଛି ଯଦି ନ ଦେଇ କରିବ ତୁଲ
ଫେରି ଯାଅ ଏ ପଥ ରୁ ଲେଉଟି
ଭିକ୍ଷୁ  ଯଦି ନାହିଁ ଦେବା କଥାଟି
ଭିଜୁଥାଏ ଏ ମନ
ଭାସୁଥାଏ ଏ ଏମିତି ଜୀବନ

ଡାକ୍ତର ସନ୍ଧ୍ୟା ରାଣୀ ପାଣିଗ୍ରାହୀ

To read the complete magazine, Download it for FREE from www.aahwaan.com

# ଚିଠି



ମାମାଜିନି ପ୍ରଧାନ

ଅନେକ ଦିନ ପରେ ଅଚାନକ ଇଛା ହେଲା,

ଫେରିବା ପାଇଁ ଅନେକ ଦିନ ତଳକୁ

ସେଇ ପୁରୁଣା ଦିନକୁ ।

ଯେତେବେଳେ ନା' ଥିଲା ବିଦୁ୍ୟତ୍,

ନା' ଥିଲା ଦୁରଭାଷ ଯନ୍ତ୍ର,ନା' ଇଣ୍ଟରନେଟ୍ ।

ଯେତେବେଳେ ଯୋଗାଯୋଗର

ଏକ ମାତ୍ର ମାଧ୍ୟମ ଥିଲା ""ଚିଠି" ।

କେମିତି ଭୁଲିବି ପାରିବି ସେ ଦିନ କଥା

ଯେତେବେଳେ ବାପା ଦୁର ବିଦେଶରେ କାମ କରୁଥିଲେ ।

ଏବଂ କିଛି ସନ୍ଦେଶ ଦବା ପାଇଁ

ବୋଉ କହୁଥିଲା, ବାପାଙ୍କ ନିକଟକୁ ଲେଖେ ଖଣ୍ଡିଏ ""ଚିଠି" ।

To read the complete magazine, Download it for FREE from www.aahwaan.com

ଆଜି ବି ମନେ ଅଛି ଚିଠିର ଉତ୍ତର ପାଇବା ପାଇଁ

ମାସ,ମାସ ଧରି ଚାହିଁ ବସୁଥିଲି ଦୁଆର ଆଗରେ,

କେବେ ଆସି କହିବ ଡ଼ାକବାଲା

ଆଜି ଆସିଛି ତୋ ବାପାଙ୍କ “ଚିଠି” ।

ମନେଅଛି ସ୍କୁଲ୍ ଦିନ କଥା

ଯେତେବେଳେ ଶିକ୍ଷକ ବ୍ୟସ୍ତ ଥିଲେ ସଂସ୍କୃତ ବିଭକ୍ତି ପଢାରେ

ଆଉ ଇଛା ହଉଥିଲା ପାଣି ପିଇବା ବାହାନାରେ

ବାହାରକୁ ଯାଇ ବୁଲି ଆସନ୍ତିକି ଥରେ ।

ଯାହା ପାଇଁ ଆଗ ଧାଡ଼ିରେ ବସିଥିବା ସାଙ୍ଗକୁ

ଖାତାରୁ ଚିରି ଛୋଟିଆ କାଗଜ ଖଣ୍ଡରେ

ଲେଖିଥିଲି “ଚିଠି” ।

କେତେ ସୁନ୍ଦର ଥିଲା ସେ ଦିନ

ଯେବେ ପ୍ରଥମ ପ୍ରେମର ପ୍ରସ୍ତାବ ଦେବା ପାଇଁ,

ମନ କଥା ଖୋଲି କହିବା ପାଇଁ

ରାତି ଅଧରେ ବାରମ୍ବାର ଲେଖୁ ଥିଲି,ଚିରୁଥିଲି

ଶେଷରେ ଲେଖି ପାରିଥିଲି

ପ୍ରଥମ ପ୍ରେମର ପ୍ରଥମ “ଚିଠି” ।

ବାଲିଛାଇ, ଗଞ୍ଜାମ, ଓଡ଼ିଶା

ଇମେଲ୍ : mamajini5@gmail.com

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ପରିସ୍ଥିତି ସହ ଆମେ



ରୋଜା ପଣ୍ଡା

କୋଟିଏ ଦୁଃଖ ଆସିଲାଣି ଆମ ଜୀବନରେ
ଲକ୍ଷେ ଯନ୍ତ୍ରଣା ବି ଆସିଲାଣି,
ଭିନ୍ନ ଭିନ୍ନ ପରିସ୍ଥିତି ଦେଖିଲେଣି ଆମେ
ଆମର ଏ ତମାମ ଆୟୁଷରେ

ତଥାପି ଦୁଃଖକୁ ଭାବି ଜୀବନ ମହ୍ଲାରଟିଏ,
ଗାଇ ଚାଲିଛେ ଆମେ ଦୁହେଁ
ଆପଣା କଣ୍ଠରେ
ପରସ୍ପରକୁ ଭଲ ପାଇ
ଠିଆ ହୋଇ ପରସ୍ପରର ଦୁଃଖରେ ସୁଖରେ

ବହୁତବାର ପଡ଼ିଛେ, ଉଠିଛେ
ଜୀବନର ଖାଲଢ଼ିପ ରାସ୍ତାରେ
ପୁଣି ବଢ଼ିଛେ ଆଗକୁ

To read the complete magazine, Download it for FREE from www.aahwaan.com

ବିନା କାହାର ସହାୟତାରେ

କେବେ ରଙ୍ଗୀନ ସ୍ୱପ୍ନ ଦେଖିଛେ

ତ ପୁଣି କେବେ ମର୍ମାହତ ହୋଇଛେ

ସ୍ୱପ୍ନ ଭାଙ୍ଗିବାର ଦୁଃଖରେ

ଜୀବନର ପ୍ରତିଟି ମୂଲ୍ୟବାନ ଐଶ୍ୱର୍ଯ୍ୟକୁ

ହରାଇଛେ ପରିସ୍ଥିତିର ଚାପରେ

ଆମେ ହସିଛେ, ଆମେ କାନ୍ଦିଛେ

ପରସ୍ପର ସହ ବହୁତ ଝଗଡ଼ା ବି କରିଛେ

ପୁଣି ନିଜ ମନକୁ ବୁଝାଇ

ପରସ୍ପରର ଲୁହ ପୋଛିଛେ

ହରାଇଥିବା ଜିନିଷକୁ କେବେ ଈଶ୍ୱରଙ୍କ ଇଚ୍ଛାଭାବି

ଭୁଲିଯିବାକୁ ଚେଷ୍ଟା କରିଛେ

ତ ପୁଣି କେତେବେଳେ ଅନୁତାପର ନିଆଁରେ

ନିଜକୁ ତିଳ ତିଳ କରି ଜାଳିଛେ

ଶେଷରେ ଖୁସି ରହିବାର ମୂଳମନ୍ତ୍ର ଖୋଜି ଖୋଜି

ଏହି ସିଦ୍ଧାନ୍ତରେ ପହଞ୍ଚିଛେ ଯେ

ଆଶା କେବଳ ନିଜଠାରୁ କର ଅନ୍ୟଠାରୁ ନୁହେଁ

ସ୍ୱସ୍ଥିତିରେ ଚାଲ ପରିସ୍ଥିତିରେ ନୁହେଁ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର

ମଧୁପାଟଣା, କଟକ : ୭୫୩୦୧୦

To read the complete magazine, Download it for FREE from www.aahwaan.com

# କାନ୍ଦୁଛି ଆଜି ତୋ ମା'



ହିମାଂଶୁ ଶେଖର ବାରିକ

କାନ୍ଦେ କଳାହାଣ୍ଡି        କାନ୍ଦେ କୋରାପୁଟ
କାନ୍ଦୁଛି ଉତ୍କଳ ମାଆ

ନଦୀ ବନ ଗିରି        ଶୁଷ୍କ ଶସ୍ୟ କ୍ଷେତ
କାନ୍ଦୁଛି ଆଜି ତୋ ମାଆ ।।

ଖଣିଜ ସମ୍ପଦ        ଭରା ଏ ପ୍ରଦେଶ
ଗରିବ ରୂପରେ ଖ୍ୟାତ

ଭାତ ଡାଲମା ଓ        ଶସ୍ତାରେ ଚାଉଳ
ପାଇଁ ଆମେ ପାତୁ ହାତ ।।

ସ୍ୱାଭିମାନ ହରା        ଯାହାର ସନ୍ତାନ
ସମୃଦ୍ଧି ତାହାର ସ୍ୱପ୍ନ

To read the complete magazine, Download it for FREE from www.aahwaan.com

ଗୋଡ ଟଣାଟଣି ପରଶ୍ରୀ କାତରେ

ଯାଉ ବିତୁଥାଇ ଦିନ ॥

ପୂରବ ଗୌରବ ପୂରବ ମହିମା

ମନରେ ସ୍ମରଣ କର

କେତେ ଜୀବନର ଶହୀଦର ଫଳ

ସ୍ୱାଧୀନ ଓଡିଶା ତୋର ॥

ତେଜରେ ଆଳସ୍ୟ ଇର୍ଷା ଦ୍ୱେଷ ଭାବ

ଜାଗି ଉଠୁ ଜାତି ପ୍ରୀତି

ସକଳ ଓଡିଆ ଏକତ୍ର ହୋଇଲେ

ଶତୃ ଯିବେ ଉପରତି ॥

ବରିଷ୍ଠ ଅଡ଼ିଟ୍ ଅଧିକାରୀ

କ୍ୱାର୍ଟର ନଂ : ଟାଇପ୍ ୩, ୨୦୧

ନୂଆ ଏଜି କଲୋନୀ

ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ମୋ ମାଆ



ସୁବ୍ରତ କୁମାର ସେନାପତି

ଲାଗି ଯାଏ ନିଆଁ ଯେବେ

ମୋ ସ୍ୱପ୍ନର ପଳାଶ ବନରେ

ବାଜି ଉଠେ ଯେବେ ଏ ନିଥର ହୃଦୟ

ବେଦନାର ଜୀର୍ଣ୍ଣବୀଣା

ଠିକ୍ ସେତିକିବେଳେ

ମୋ ମନର ସେ ନିଭୃତ ଇଲାକାରେ

ଭାସି ଉଠେ ମୋ ମାଆର ଚିତ୍ର

ମୋ ପାଇଁ ଯେ ଦୟାଦ୍ର ପ୍ରଗଣ ।

ମମତାର ଉଚ୍ଛ୍ୱଳ ଲହରୀ ଅବା

ମୋ ଜୀବନପଥେ ଏକ ନିଆରା ନାଉରୀ

ଯେ ପୁଣିଥରେ ଭରିଦିଏ ଏ ବିଷନ୍ନ ମନେ

ସବୁଜ ଉତ୍ସାହ ସବୁ

ମୋ ପାରିଲାପଣର ଦମ୍ଭୋକ୍ତି ଆଉ ଆତ୍ମବିଶ୍ୱାସର ଲତାଟା

ଭୂଲୁଣ୍ଠିତ ହେବାପୂର୍ବରୁ

To read the complete magazine, Download it for FREE from www.aahwaan.com

ସେ ହିଁ ତ ଏକ ମହାଦ୍ରୁମ ସାଜି ଦେଖାଇଦିଏ

ତାକୁ

ବିବର୍ଦ୍ଧନର ପଥ

ଆଉ ବାସ୍ ସେଇ ମୁହୂର୍ତ୍ତେ

ଆନମନା ହୋଇ ଉଠିଥିବା ମୋ ମନଟା

ମୁକୁଳି ଆସେ ହତାଶ ନିରାଶାପରି

ଭାମ୍ପାୟାରଙ୍କ କବଳରୁ

ପୁଣିଥରେ ଚେଇଁ ଉଠନ୍ତି

କାହିଁ କେବେଠୁ କବର ପାଇ ସାରିଥିବା

ସକଳ ଆଶା ସମ୍ଭାବନା ସବୁ

ଆଉ ମୋତେ ବାଟ ବତେଇ ଦିଅନ୍ତି

ମୋ ସ୍ୱପ୍ନର ପଥରେ

ନୂଆ କରି ଜୀବନଟେ ଗଢ଼ିବାର

ପ୍ରୟାସରେ ।

କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର - ୩

ଗୋଦାବରୀଶ ଛାତ୍ରାବାସ

ପ୍ରକୋଷ୍ଠ ନମ୍ବର - ୭୬

ଭ୍ରାମ୍ୟଭାଷ - ୯୭୭୮୯୭୨୩୯୩

To read the complete magazine, Download it for FREE from www.aahwaan.com

# ସତେ ଯେମିତି



ଶିବ କୁମାର ପଣ୍ଡା

ନିଶ୍ୱାସ-ପ୍ରଶ୍ୱାସ ଖୋଜୁଛି ଏକ ଅଭୁଲା ସୁଗନ୍ଧ ,

ଯେଉଁଠି ହେବ ଏକ ନିଆରା ହୃଦୟ ସାଥେ ନିର୍ବନ୍ଧ ।

ସତେ ଯେମିତି ଛୁଟୁଛି ମଳୟର ମହ୍ଲାର ,

ଜଣାପଡେ ଯେ ଏଠି, କିଏ ନୁହଁ କାହାର ॥୧॥

ବିଶ୍ୱାସ ମାନିନିଏ ସବୁକଥା ଆଖି ବୁଜି ,

କାହାକୁ ନ କହି ନିଜେ ଛଟପଟ ହୁଏ ଆଜି ।

ସତେ ଯେମିତି ପାଏ ଆଘାତର ପ୍ରହାର ,

ଜଣାପଡେ ଏଇ ଦୁନିଆଟା ହିଁ ସ୍ୱାର୍ଥପର ॥୨॥

ଦୁନିଆଁ ଦିଏ ଧୋକା ମୋ ଚଲା ରାସ୍ତାରେ ,

ଶୁଣେ ନିନ୍ଦା ,ଉପୁଜେ ବାଧାବିଘ୍ନ ମୋ କର୍ମରେ ।

ସତେ ଯେମିତି ଏଇ ସାଜିଛି ଏକ ଉଦାହରଣ ,

ଜଣାପଡେ ଏମିତି ହେବା ପଛରେ ଅଛି ଗୋଟିଏ କାରଣ ॥୩॥

କାରଣ ଖୋଜୁ ଖୋଜୁ ହାରିଯାଏ ଏଇ ହୃଦୟ

To read the complete magazine, Download it for FREE from www.aahwaan.com

ପାଏନାହିଁ ଖୋଜି ,ସମୟ ବି ହୁଏ ନିର୍ଦ୍ଦୟ ।

ସତେ ଯେମିତି ଏଇ ଏକ ହାସ୍ୟସ୍ପନ୍ଦନ,

ଜଣାପଡେ ମୋ ଦୁନିଆଁ ସାଜିଛି ଆଜି ନନ୍ଦନକାନନ ॥ ୪ ॥

ସହକାରୀ ଅଧ୍ୟାପକ

ସେଞ୍ଚୁରିଆନ ବୈଷୟିକ ବିଶ୍ୱବିଦ୍ୟାଳୟ

ଜଟଣୀ, ଭୁବନେଶ୍ୱର ,ଓଡିଶା

ଦୂରଭାଷ : ୯୪୩୮୧୦୧୦୯୦

email:panda.sibakumar08@gmail.com

Blog: sibakumarpanda.blogspot.in

To read the complete magazine, Download it for FREE from www.aahwaan.com

# ବରଂ ଲୁହ ଭଲ



ଦିଲିପ୍ କୁମାର ତ୍ରିପାଠୀ

ବୁଝିଲୁ ,
ତୋତେ କହିଥିଲି ସୁଖରେ ଅଛୁବୋଲି ବାହାଦୁରି କରନା,
କି ଏତେ ବେଶୀ ଫଟେଇ ହଅନା
ଆଲୋ !
ଆକାଶ ପରି ଏତେ ବଡ ହୃଦୟ
କ'ଣ କେବେ କାହାର ଥେଲା ନା' ହବ
ଅଳପ ଅଳପ ହସ କାଢ଼ି ଚଳି ଥେଲେ
କ'ଣ ହେଇ ନ'ଥାନ୍ତା !!!

କିନ୍ତ ,ତୁ ତ' ଦାନ୍ତ ନେଫେଡି ହସିଲୁ
ସୁନ୍ଦୁରିଆ ବରଟେ ପାଇଚୁ ବୋଲି
ଏତେ ବହପ କଣ ଭଲ !

ସବୁବେଳେ ବଢୁଥିବା ହାତଟେ କ'ଣ
ସାହାଯ୍ୟ କରେ ,
ବେଳେବେଳେ ସହସା ପ୍ରହାର ବି କରିପାରେ
ହେଲେ, ତୋତେ କିଏ
ବୁଝେଇବ ଲୋ ମା' !

To read the complete magazine, Download it for FREE from www.aahwaan.com

ଯାନି ଯଉତୁକ ହେଇନେ ସରିଯିବ
ବାପଘର ମୁହଁ ମୋଡିଦେବା
କି ନୂଆ କଥା ଯେ !

ବିତ୍ତ ,ପିତ୍ତ କି ହାଡ ଭଂଗା ଶୀତ
ସବୁ ପରା କ୍ଷଣସ୍ଥାୟୀ
ତା' ହେଲେ କିଆଁ ଏତେ ଦର୍ପ !
କିଆଁ ଏତେ ଦୁଃଖ !

ବାପ, ଗୋସ ବାପ ଅମଳର
କଥା ଟା ମନେ ରଖିଥାଲୋ 'ଅଳି'
ସୁଖ ମେଞ୍ଚେ ମିଳିଲା ବୋଲି
ଟାଙ୍କ ଟେକି ଟେକି ଉର୍ଦ୍ଧ୍ୱମୁହାଁ
ହେଇ ନାଚୁ ନାଚୁ ଥୋମଣି
ଫଟେଇବା ଅପେକ୍ଷା ;
ବରଂ ସାତ ସିଆଁ ଲୁଗା ତଳେ
ଶୀତଳ ହଉଥିବା ଲୁହ ଭଲ
ଲୋ 'ଅଳି' ▯

To read the complete magazine, Download it for FREE from www.aahwaan.com

# ତୁମେ ଆଉ ମୁଁ



ସୁମିତ୍ରା ରାଉଳ

ତୁମେ ଜହ୍ନ ମୁଁ ତୁମ ଜ୍ୟୋସ୍ନା
ତୁମେ ଫୁଲ ମୁଁ ତୁମ ବାସ୍ନା ।
ତୁମେ ବରଷା ମୁଁ ତୁମ ବାରିଧାରା
ତୁମେ ଆକାଶ ମୁଁ ତୁମ ଟିକିତାରା ।
ତୁମେ ଭ୍ରମର ମୁଁ ତୁମ ଗୁଞ୍ଜନ
ତୁମେ ରଜନୀ ମୁଁ ତୁମ ସପନ ।
ତୁମେ ସାଗର ମୁଁ ତୁମ ଲହରୀ
ତୁମେ ଦିବସ ମୁଁ ତୁମ ଶର୍ବରୀ ।
ତୁମେ କବି ମୁଁ ତୁମ କବିତା
ତୁମେ ଦୀପ ମୁଁ ତୁମ ସଳିତା ।
ତୁମେ ସୁରୁଯ ମୁଁ ତୁମ ଆଲୋକ
ତୁମେ ନୟନ  ମୁଁ ତୁମ ପଲକ ।
ତୁମେ ରାଜା ମୁଁ ତୁମ ପାଟରାଣୀ
ତୁମେ ଦେବ ମୁଁ ତୁମ ପୂଜାରିଣୀ ।

To read the complete magazine, Download it for FREE from www.aahwaan.com

ତୁମେ ସାଗର ମୁଁ ତୁମ ନଈ
ତୁମେ ଦେହ ମୁଁ ତୁମ ଛାଇ ।
ତୁମେ ଶାମୁକା ମୁଁ ତୁମ ମୋତି
ତୁମେ ଶିବ ମୁଁ ତୁମ ଶକ୍ତି ।
ତୁମେ ଗୀତ ମୁଁ ତୁମ ସ୍ୱର
ତୁମେ ପକ୍ଷୀ ମୁଁ ତୁମ ପର ।
ତୁମେ ନାୟକ ମୁଁ ତୁମ ନାୟିକା
ତୁମେ ପ୍ରେମିକ ମୁଁ ତୁମ ପ୍ରେମିକା ।

ବାଗସାହି, ପ୍ରୀତିପୁର, ଯାଜପୁର

To read the complete magazine, Download it for FREE from www.aahwaan.com

# ଈଶ୍ୱରୀ



ସନାତନ ମହାକୁଡ଼

ମୂଳ ରଚନା ବଙ୍ଗଳା : ଲକ୍ଷ୍ମୀ ନନ୍ଦୀ

ଓଡ଼ିଆ ଅନୁବାଦ : ସନାତନ ମହାକୁଡ଼

ତୁମର ପାଦଚିହ୍ନ
ଖୋଜିଛି ଅନେକ
କେତେଥର ଅବତୀର୍ଣ୍ଣ
ହୋଇଛ ଜାଣେ ନା
ତେବେ ତୁମେ ଯେ ଆଲୋକବର୍ତ୍ତିକା
ଏଇଟା ବୁଝିଛି ବାରମ୍ବାର ।

ଗ୍ରାମ/ପୋଷ୍ଟ : ବେରୁଆଁବାରୀ, ନୟାଗଡ଼ ଜିଲ୍ଲା
୭୫୨୦୮୨, ଓଡ଼ିଶା
ଇମେଲ୍ : sanmahakud@gmail.com
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୬୮

To read the complete magazine, Download it for FREE from www.aahwaan.com

# ହେ ନିରାକାର, ହେ ଈଶ୍ୱର



ଚନ୍ଦ୍ରକାନ୍ତ ଜେନା

ହେ ଈଶ୍ୱର, ତୁମେ ସକଳ ଶକ୍ତିର ଆଧାର
କରୁଣ ଦିଅ ବରଷି, ଆହେ ଦୟା ସାଗର ।
ନିରାଶାର ଅନ୍ଧକାରରେ, ଆଶାର କିରଣ ତୁମେ
ପଥହୁଡ଼ା ବାଟୋଇର, ପଥ ପ୍ରଦର୍ଶକ ତୁମେ ।
ଦୁର୍ଗମ ପଥରେ, ଫୁଲର କୋମଳ ସ୍ପର୍ଶ ଦେଲ ତୁମେ
ସଂସାର ସାଗରରେ, ବନ୍ଧୁ ନାଉରିଆ ତୁମେ,
ପ୍ରତିଟି ବିପଦ ଆପଦରେ, ସାହାଯ୍ୟର ହାତ ବଢ଼ାଇଦିଅ ତୁମେ
ନିଦାଘର ତତଲା ଝାଞ୍ଜିରେ, ଶୀତଳ ବର୍ଷା ବିନ୍ଦୁ ତୁମେ
ଜୀବନର ସାୟାହ୍ନରେ, ସକାଳର ସୂର୍ଯ୍ୟୋଦୟ ତୁମେ
ହେଲେ ଜାଣିପାରେନା କିଏ... 'ତୁମେ',
ଆଖି ଥାଇକି ବି, ଦେଖିପାରୁନି ତୁମକୁ
କାନ ଥାଇକି ବି, ଶୁଣିପାରୁନି ତୁମକୁ
କେବଳ ହୃଦୟରେ ଅନୁଭବ କରିପାରୁଛି
ତୁମର ସେ ଅଦୃଶ୍ୟ ସତ୍ତାକୁ...
କେଉଁଠି ଅଛ ତୁମେ, ଖୋଜୁଛି ଏ ସନ୍ଧାନୀ ମନ...
ଖୋଜୁଛି ସେ ସ୍ୱର୍ଗୀୟ ମୁହୂର୍ତ୍ତ, ସେହି ଅପୂର୍ବ ଆନନ୍ଦର ଦିନ... ! ! !

To read the complete magazine, Download it for FREE from www.aahwaan.com

# ମୁଠା ମୁଠା ଟଙ୍କା ଥିଲା...



ଅନୁପମ ବେହେରା

ମୁଠା ମୁଠା ଟଙ୍କା ଥିଲା ମୋ ପାଖରେ...

ଧନ ନ ଥିଲା । ୧

ନରମ ଗଦି ପଡିଥିଲା ମୋ ଶୋଇବା ଘରେ...

ନିଦ ନ ଥିଲା । ୨

ଅନେକ ଲୋକଙ୍କର ସଂପର୍କ ଥିଲା ମୋ ସାଥେ...

ବନ୍ଧୁତା ନ ଥିଲା । ୩

ନାନାଦି ବ୍ୟଞ୍ଜନ ରନ୍ଧାଥିଲା ମୋ ପାଇଁ...

ଭୋକ ନ ଥିଲା । ୪

ବିଶାଳ ପ୍ରାସାଦ ଥିଲା ମୋର ରହିବାକୁ...

ଖାଲି ପଡିଥିଲା । ୫

ସମସ୍ତେ ହାତ ଯୋଡୁଥିଲେ ମୋତେ...

ସମ୍ମାନ ନ ଥିଲା । ୬

ବଞ୍ଚିବାକୁ ଶରୀରଟିଏ ଥିଲା ମୋ ପାଖରେ...

ଆତ୍ମା ନ ଥିଲା । ୭

ଅସରନ୍ତି ଜ୍ଞାନର ଭଣ୍ଡାର ଥିଲା ମୋ ପାଶେ...

To read the complete magazine, Download it for FREE from www.aahwaan.com

ଉପଯୋଗ ନ ଥିଲା ।୮

ତାରାରେ ସୁସଜ୍ଜିତ ଥିଲା ନୀଳ ଆକାଶଟା...

ଜହ୍ନ ନ ଥିଲା ।୯

ଶାନ୍ତ ସ୍ନିଗ୍ଧ ଶୀତଳ ଥିଲା ବାତାବରଣ...

ମାଦକତା ନ ଥିଲା ।୧୦

ସବୁକିଛି ସାଇତି ହୋଇଥିଲା ସ୍ମୃତିର ଗନ୍ତାଘରେ...

କିଛି ମନେ ନ ଥିଲା ।୧୧

ଆକର୍ଷଣୀୟ ଲାଗୁଥିଲା ପୂଜା ମଣ୍ଡପଟି...

ଦେବୀ ପ୍ରତିମା ନ ଥିଲା ।୧୨

ବଞ୍ଚିବାକୁ ବାକିଥିଲା ଅନେକ ବୟସ...

ଯୌବନ ନ ଥିଲା ।୧୩

ଚାଲିବାକୁ ବାକିଥିଲା ଆହୁରି ଅନେକ ଦୂର...

ରାସ୍ତା ନ ଥିଲା ।୧୪

ଘୋଟିଥିଲା ଆକାଶରେ କଳାହାଣ୍ଡିଆ ମେଘ...

ବର୍ଷା ନ ଥିଲା ।୧୫

ଛାତି ଫାଟି ପଡୁଥିଲା ଦୁଃଖରେ...

କୋହ ନ ଥିଲା ।୧୬

ଆନନ୍ଦରେ ଗଦ୍ ଗଦ୍ ହେଉଥିଲା ମନଟା...

ହସ ନ ଥିଲା ।୧୭

ଇଚ୍ଛାଥିଲା କାଟିବାକୁ ଆଉ କିଛି ମୁହୂର୍ତ୍ତ...

ସମୟ ନ ଥିଲା ।୧୮

ବଦଳେଇବାକୁ ଥିଲା ବହୁତ କୁଅଭ୍ୟାସ...

ମାନସିକତା ନ ଥିଲା ।୧୯

ଇଚ୍ଛାଥିଲା ଆଉ ଟିକେ ଭଲ ପାଇବାକୁ...

ପ୍ରେମ ନ ଥିଲା ।୨୦

ଦେଖିବାକୁ ବାକିଥିଲା ଅନେକ ସ୍ୱପ୍ନ...

ନିଦ ନ ଥିଲା ।୨୧

ରାତି ବାକିଥିଲା ମୋ ପାଖରେ ଆହୁରି ଅନେକ...

ସ୍ୱପ୍ନ ନ ଥିଲା ।୨୨

ବହୁତ କିଛି ଇଚ୍ଛାଥିଲା ଲେଖିବାକୁ...

ଶବ୍ଦ ନ ଥିଲା ।୨୩

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବିବେକ



ରୁଦ୍ରମାଧବ ସାହୁ

ଯେବେ ମୁଁ କରେ ନିଜକୁ ପ୍ରସ୍ତୁତ

କିଛି ଗୋଟେ କାମ କରିବାର

ବ୍ଲୁପ୍ରିଣ୍ଟ ତିଆରିବାରେ,

କିବା ସେଇ କର୍ମ ପ୍ରତି

ଭଲ ମନ୍ଦ ବିଚାରିବାରେ..

ସେତେବେଳେ..ତା' ଆଗରୁ ବି..

ଜଣେ ନିଜକୁ

କରିଥାଏ ଅତ୍ୟନ୍ତ ପ୍ରସ୍ତୁତ

ତତ୍ପର ତା' ଧ୍ୟାନେ ମଗ୍ନ

ଅତି ବିଚକ୍ଷଣ,

ପଥପ୍ରଦର୍ଶନ କରୁଥାଏ

ମୋତେ ଅନୁକ୍ଷଣ..

ଆଉ ପୁଣି

କେବେ ଯଦି ବସିଯାଏ

To read the complete magazine, Download it for FREE from www.aahwaan.com

କିଛି ଗୋଟେ ଲେଖିବାରେ,

ନିଜ ଭାବନାବଳୀକୁ

ଲେଖନୀ ମାଧ୍ୟମରେ

କୌଣସି ଏକ ରୂପେ

ରଂଗେଇବାରେ..

ହେଉ ଅବା ଗଳ୍ପ

କିବା କବିତାରେ..

ସେବେ ବି ସେ

ଦକ୍ଷତା ପ୍ରତିପାଦନ କରେ

ସମୀକ୍ଷା କରିବାରେ

ଭାବାବେଗ ବେଗ ନେଇ

ସଠିକ୍ ରୂପ ଥୋଇବାରେ..

ଲାଗେ ସତେ ଅବା ମୋର

ଅଟେ ସେ ରକ୍ଷକ,

ପ୍ରତି ମୁହୂର୍ତ୍ତରେ ମୋର

ପଥପ୍ରଦର୍ଶକ ।

ପ୍ରତି କର୍ମେ ସମୀକ୍ଷକ,

ଅବା ନୀତି ନିର୍ଦ୍ଧାରକ ।

ଜାଣେନା କିଏ ସେ ମୋର

ଅଦୃଶ୍ୟ ଦର୍ଶକ,

ଦେଖିନାହିଁ କଳେବର ତା'ର

କି ଦିବ୍ୟରୂପକ..

ଭାବେ ମନେ

ବୋଧହୁଏ

ସେ ମୋର ବିବେକ...

ମାର୍ଫତ୍-ନଳିନୀ ସାହୁ & ଅକ୍ଷୟକୁମାର ସାହୁ

ବାଘମୁଣ୍ଡା,କାକଟପୁର,ପୁରୀ

ଭ୍ରାମ୍ୟଭାଷ-୭୮୭୩୭୮୦୨୧୧

ଇ-ମେଲ୍:rmsahoo75@gmail.com

To read the complete magazine, Download it for FREE from www.aahwaan.com

# ଧର୍ମର ଚାରିଦେଶ



ଜଗଜ୍ଜୀବନ ସେଠୀ

ଶୁଣ ହେ ସମୀର ଶୁଣ ହେ ଜୀବନ
ଶୁଣ ହେ ଧରିତ୍ରୀରାଣୀ,
ହେ ବନ୍ଧୁ ଅନିଳ ଫୁତ୍କାରି କୁହ ହେ
ଯେତେ ତୁମ ମନବାଣୀ ।
ଥିଲା ତ କରମ ଥିଲା କି ଧରମ
ତୁମ ଏହି ଚତୁର୍ଦେଶେ
ଧରମ ନାମରେ ଅଧର୍ମ କରିବା
କେତେ ଯେ ସୁନ୍ଦର ଦିଶେ ।
କିମ୍ବା ସୁଖେ ନାହିଁ ରକତର ନଈ
ଯଦି ଆମେ ଭାଇ ଭାଇ
ଆମେ ତ ମନୁଷ୍ୟ ଈଶ୍ୱରଙ୍କ ଅଂଶ
ଭେଦଭାବ ତହୁଁ କାହିଁ ।
ସରଗରେ ଅବା ହେଉ ମହୀପରେ
କିମ୍ବା ଅବା ପାତାଳରେ

To read the complete magazine, Download it for FREE from www.aahwaan.com

ଧର୍ମର ଦେବତା ଜୁଟୁଛନ୍ତି କିବା
ଦେଖିଅଛ ସ୍ୱଚକ୍ଷୁରେ ।
ଅମୃତ ସନ୍ତାନ ହେଲା ହୀନିମାନ
ନବୁଝି ବିଷୟ ଯାହା
ଦେବତାଏଁ ଏକ ଧର୍ମ ଯେ ଅନେକ
ତେଜ ଭାବ ସଦା ଏହା ।

ଆମ୍ବୁଆବାଡ଼ି, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୮୯୮୪୦୪୯୫୨୧

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ସ୍ୱାଧୀନ ଆର୍ କେନେ ପାଏଲ୍



ଏମ୍ ବିଜୟ କୁମାର

ଦେଖି ଦେଖି କରି କଣା ହେଲ
ସୁନି ସୁନିତ ଭଁଏରା ହେଲ
କହି ଜାନିବି କୁଦା ସାଜଲ
ସ୍ୱାଧିନ ଆର କେନେ ପାଏଲ

ଦୁର୍ନିତି ବୁଏଡ଼େ ବୁଡ଼ାଲେ ନେତା
କହେସ ବୁଆ ଅଜବ କଥା
ଆମର କାଏ ଜାଉଛେ ପୁତା
ଆମେତ ଭକୁଆ ଭୋଟଦାତା
ସହି ସହି ସବୁକେ ସହେଲ
ସ୍ୱାଧିନ ଆର କେନୁ ପାଏଲ

କାହାକେ ଭରସା କରବ ବବା
ଧରମ ନାଁରେ ଭଣଁଲେ ବାବା

To read the complete magazine, Download it for FREE from www.aahwaan.com

ଦେଖୁଛତ କଲାକାରାନାମା

ଭଣଁ କେବେ ଭଗବାନ ହେବା

ଭକତିନେ ସକତି ହଜାଲ

ମୁକତି ଆର କେଭେ ପାଏଲ

ବଢ଼ୁଛି ପାଏନ ଅନିତୀ ଅତ୍ୟାଚାର

ଜେନଆଡ଼େ ଦେଖବ ଖାଲିବେକାର

ଚାସିରଖେତ ହେଲା ମସାନପଦା

ପେଟରଲାଗିଁ ଦାଦନମରାଁ ଗଦା

ସବୁଥିଫସି କରି ମରମା ପୁତା

ଜଲଦି ଏଥିର ଉପେଇଟା ବତା

ଭୁଗଲାଦସାକେ ତିହାର ମନାଲ

ସ୍ୱାଧିନ ଆର କେଭ ସେ ହେଲ

ରେମଣ୍ଡା /ସଇନ୍ତଲା/ ବଲାଙ୍ଗୀର-୩୨

ମୋ-୭୯୭୮୭୮୪୧୩୦

To read the complete magazine, Download it for FREE from www.aahwaan.com

# ବନ୍ଧୁତାର ପ୍ରପାତ



ଜ୍ୟୋତିରାଦିତ୍ୟ ପୁଝାରୀ

ସମ୍ପର୍କରେ ମଗ୍ନ ହୋଇ ଚାଲୁଥିଲି

ଏକ ରହସ୍ୟମୟ ରାସ୍ତାରେ

ପ୍ରିୟତମ ସାଥିରେ

ଅପରିମେୟ ଖୁସି ଆସି ରହିଯାଉଥିଲା

ମୋ ସଂସ୍ପର୍ଶରେ ।

ମୁଁ ବୋଝ ତୁମ ଭାବନାରେ

ଶୂନ୍ୟବାଣୀ ହେଲା

ମୁଁ ଅଯୋଗ୍ୟ ତୁମ ହାସ୍ୟାତ୍ମକ ଦୃଶ୍ୟ

ଇଙ୍ଗିତ କରିଦେଲା ।

To read the complete magazine, Download it for FREE from www.aahwaan.com

ସେଥିପାଇଁ ଏ ହୃଦୟ ଗୁଣୁଗୁଣୁ ହେଲା

ସେଇ ଗଭୀର ବନ୍ଧୁତାର ପ୍ରପାତକୁ

ଯିବାର ସାମର୍ଥ୍ୟ ମୋର ନାହିଁ

ବଞ୍ଚିବାକୁ ହେବ ମୋତେ

ସ୍ମୃତିର ସାହାରା ନେଇ ।

କୁଲିଗାଁ, ବଡ଼ମହେଶ୍ୱର, ଖଡ଼ିଆଳ

ନୂଆପଡ଼ା ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

To read the complete magazine, Download it for FREE from www.aahwaan.com

# ନଭେମ୍ବର



ରିଭୁ ଆଭୁଷଣ ପଣ୍ଡା

ତୁମେ ପହଞ୍ଚିଲେ ଅପହଞ୍ଚ ହୁଏ ଲଜ୍ଜା

ଦିଗହରା ହୁଏ ମନ

ସୁଖ ସୌନ୍ଦର୍ଯ୍ୟର ଆଗମନ

ବୁକୁ ପାଲିଙ୍କିରେ ସପନର ହୁଏ ସାଜସଜ୍ଜା ।୧ ।

ସତେ ଯେପରି ଆରମ୍ଭ ହେଲା ମଧୁ ସନ୍ଧାନ

ତୁରଙ୍ଗ ଗତିରେ ଚାଲିଲା ମନ

ଶିହରୀତ ହେଲା ପ୍ରାଣ ପ୍ରାଙ୍ଗଣ

ଲାଗେ ଯେପରି କରିଛି ମୁଁ ଅମୃତପାନ ।୨ ।

ଶିଶିର କୋଦଣ୍ଡ ବାଣେ ମହକେ ସ୍ଥାବର

ମଧୁର କଣ୍ଠେ ଗାଏ କପୋତ

ଅଭୁଲା ସେ ଚାଞ୍ଚଲ୍ୟ ନେତ

To read the complete magazine, Download it for FREE from www.aahwaan.com

ଚାରିଦିଗ ବାଜେ ଗାନ୍ଧାର ରାଇଜ

ସ୍ୱର ।୩ ।

ବୁଝିପାରେନା ମୁଁ ହେବି ଏକ ଯୋଗୀ ନା

ଲୁଟେରା

ଶେଫାଳି ମହକ ଆଣିଲା ତା ଝଲକ

ବିଷମ ପରିବେଶେ ପ୍ରେମ କୁହୁକ

ହେ ନଭେମ୍ବର ତୁମେ ମନୋହରୀ ତୁମେ

ସାହାରା ।

ବୀର ସୁରେନ୍ଦ୍ରସାଏ ବିଶ୍ୱବିଦ୍ୟାଳୟ, ବୁର୍ଲା, ସମ୍ବଲପୁର

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ସପନରେ ଆସ ତୁମେ



ସଂକଳ୍ପ କୁମାର ଛୋଟରାୟ

ସପନରେ ଆସ ତୁମେ ପ୍ରିୟା ସବୁଦିନ
ଦେଖିବାକୁ ଚାହେଁ ଟିକେ ତୁମକୁ ଏ ମନ ।
ତୁମ ଆଗେ ଫିକା ଲାଗେ ଆକାଶର ଜହ୍ନ
ତୁମେ ହିଁ ମୋ ରାତିର ପ୍ରଥମ ସପନ ।
ହୃଦୟରେ ରହିଗଲ ମୋର କରି ଘର
ଛାଡ଼ିଯିବ ନାହିଁ କେବେ ମନ ମାରି ମୋର ।
ହୃଦୟରେ ଅଛ ତୁମେ ମୋ ପ୍ରିୟତମା
କାଢ଼ିବନି କେବେ ମୋତେ ହୃଦୟରୁ ଜମା ।
ସରଗର ପରୀ ଭଳି ତୁମରି ଚେହେରା
ଯେତେ ଦେଖୁଥିଲେ ମୋତେ ଲାଗୁଛ ନିଆରା ।
ତୁମରି ପ୍ରେମ ଯେ ମୋତେ କରିଛି ପାଗଳ
ତୁମ ପାଇଁ ଡେଇଁଯିବି ସବୁ ବନ୍ଧବାଡ଼ ।
ଛାଡ଼ି ଯିବନାହିଁ କେବେ ମୋତେ ଏକା କରି
ପ୍ରେମ ସୁଏ ବହିଯିବା ନଦୀଟିଏ ପରି ।

To read the complete magazine, Download it for FREE from www.aahwaan.com

ତୁମକୁ ନେଇ ଲେଖୁଛି ପ୍ରେମର କାହାଣୀ

କାହାଣୀରେ ମୁଁ ରାଜା ତୁମେ ମୋର

ରାଣୀ ।

ଆଖି ଲାଖିଲା ଭଳି ତୁମରି ଚାହାଣୀ

ସେଇ ଚାହାଣୀରେ ମୋତେ କରିଦେଲ

ଗୁଣି ।

ତୁମେ ହିଁ ମୋ ଜୀବନର ପ୍ରଥମ ପ୍ରେମ

ଭୁଲିବନି କେବେ ପ୍ରିୟା ରହିଲା ମୋ ରାଣ ।

ରାଣ ଦେଲି ପ୍ରିୟା ତୁମେ ଭୁଲିବନି ମୋତେ

ସାଥି ହୋଇ ଚାଲୁଥିବା ପ୍ରେମର ଏ ବାଟେ ।

ଆଉ କିଛି କଥା ମୋର ରହିଗଲା ବାକି

ଭୁଲ ଥିଲେ କ୍ଷମାଦେବ, କହିଲି ଏତିକି ।

ବେଗୁନିଆ, ଖୋର୍ଦ୍ଧା

ଭ୍ରାମ୍ୟଭାଷ : ୮୯୦୮୨୩୧୫୪୮

To read the complete magazine, Download it for FREE from www.aahwaan.com

# ତୁମ ପାଇଁ



ସ୍ମିତା ସାହୁ

ନ ଆସୁ ଶ୍ରାବଣ,

ନ ଆସୁ ସପନ,

ଅପେକ୍ଷା ଯେ ତୁମ ପାଇଁ

ମିଳେ ସବୁ ସୁଖ

ତଥାପି ଅଭାବ

ତୁମକୁ ମନ ଖୋଜଇ ।

ଗଗନ ପବନ

ସବୁଠି ତପନ

ତୁମରି ଅଭାବ ପାଇଁ

ନେତ୍ରେ ଆଜି ମୋର

ଅଶ୍ରୁ ଭରିଅଛି

ମନ ବୁଝିପାରେ ନାହିଁ ।

To read the complete magazine, Download it for FREE from www.aahwaan.com

ନ ଆସିଲ ତୁମେ

କଷ୍ଟ ଦେଲ ମର୍ମେ

ଦୂରେ ମୋର ରହିଥାଇ

ତୁମ ବିନା ଆଗୋ

ଏ ମୋର ଜୀବନ

ଶୁଷ୍କ ଏକ ମରୁଭୂଇଁ ।

ତୁମ ହୃଦୟରେ

ସ୍ଥାନ ମିଳୁ ବାରେ

ମନ ମୋର ଝୁରୁଥାଇ

ଦିନ ସେ ଆସିବ

ତୁମକୁ ଆଣିବ

ସପନ ମୁଁ ଦେଖୁଥାଇ ।

ଅନେକ ଆବେଗ,

ଅନେକ ବିରାଗ

ସବୁତ ତୁମକୁ ନେଇ

ତୁମରି ଅପେକ୍ଷା

ହୃଦୟ ଯେ କରେ

ନିଜର ନିଅ ବନେଇ ।

ବାଲି ସାହି, କୁନ୍ଦୁରା

କୋରାପୁଟ ।

To read the complete magazine, Download it for FREE from www.aahwaan.com

# ପ୍ରେମିକା



ସତ୍ୟବ୍ରତ ବାରିକ

ମୋ ପ୍ରେମିକା ସବୁଠୁ ଦାମିକା
ତା ଆଗେ ଜହ୍ନ ପଡ଼ିଯାଏ ଫିକା ।
ହୃଦୟରେ ଆଙ୍କେ ତା'ର ଛବି
କବିତା ଲେଖୁଥାଏ ତା କଥା ଭାବି ।
ଏକା ଏକା ଭଲ ଲାଗେନା ତା ବିନା
ଦେଖିବାକୁ ମନ ଖୋଜେ ଅନେକ ବାହାନା ।
ରୂପରେ ଗୁଣରେ ତା'ର କିଏ ହେବ ସରି
ଝିଅ ନୁହେଁ ସେ ତ ସରଗର ପରୀ ।
ସପନରେ ଭରିଦିଏ ଇନ୍ଦ୍ରଧନୁ ରଙ୍ଗ
ମନରେ ଖେଳାଏ ସିଏ ପ୍ରେମର ତରଙ୍ଗ ।
ଗୋଲାପୀ ଓଠରେ ତାର ମୁକ୍ତାଝରା ହସ

To read the complete magazine, Download it for FREE from www.aahwaan.com

ସେଇ ହସ କେବେ ତା'ର ନ ହେଉ ହେ

ଶେଷ ।

କୃଷ୍ଣଚୁଡ଼ା ରଙ୍ଗର ତା ଦେହ ଓଢ଼ଣୀ

ଓଢ଼ଣୀ ଦେଖି ମୋ ମନ ହୋଇଯାଏ ଟାଣି ।

ପ୍ରେମ ନଗରୀରେ ମୁଁ ରାଜା ସେ ରାଣୀ

ଇତିହାସେ ଲେଖାଯିବ ଏ ଆମ କାହାଣୀ ।

ତାଳପଡ଼ା, ରାହାମା, ଜଗତସିଂହପୁର

ଭ୍ରାମ୍ୟଭାଷ - ୯୮୭୧୬୨୦୯୨୪

To read the complete magazine, Download it for FREE from www.aahwaan.com

# ସ୍ୱପ୍ନ



ସ୍ୱାଗତ କୁମାର ପଣ୍ଡା

ନିଦ୍ରା ଏକ ଅସୀମ ଆକାଶ
ସ୍ୱପ୍ନ ତହିଁ ଅଦିନିଆ ମେଘ
ବର୍ଷେ କେବେ ନିରୁତା ଗରଳ
ବର୍ଷେ କେବେ ପୀୟୂଷର ଧାରା
ଅତୀତରୁ ପାଷାଣ ଗୋଟାଇ
ଗଢ଼େ କେବେ ରମ୍ୟ ଅଟ୍ଟାଳିକା
କିଛି ସ୍ୱପ୍ନ ବିସ୍ମୃତିରେ ହଜେ
କିଛି ସ୍ୱପ୍ନ ରହେ ଅପାଶୋରା

ରାତ୍ରୀ ଏକ ରିକ୍ତ ବେଳାଭୂମି
ନିଦ୍ରା ତହିଁ ରୁପେଲି ଶାମୁକା
ମିଳେ ନାହିଁ ସବୁ ଶାମୁକାରେ
ସ୍ୱପ୍ନ ଏକ ବିରଳ ମୁକୁତା
ସ୍ୱପ୍ନ କେବେ ବିକଟ ଅନଳ

To read the complete magazine, Download it for FREE from www.aahwaan.com

ସ୍ୱପ୍ନ କେବେ ତୁଷାର ଶୀତଳ
ସ୍ୱପ୍ନ କେବେ ଶ୍ମଶାନର ଧୂଆଁ
ସ୍ୱପ୍ନ କେବେ ସଞ୍ଜର ସଳିତା

ସ୍ୱପ୍ନ କେବେ ନିଦାଘର ତାତି
ସ୍ୱପ୍ନ କେବେ ବସନ୍ତ ମଳୟ
ସ୍ୱପ୍ନ କେବେ ଦ୍ୱିତୀୟାର ଜହ୍ନ
ସ୍ୱପ୍ନ କେବେ ଉଷ୍ମ ଅପରାହ୍ନ
ସ୍ୱପ୍ନ କେବେ ପ୍ରଭାତୀ ତାରକା
ସ୍ୱପ୍ନ କେବେ ଗୋଧୂଳିର ଖରା

ସ୍ୱପ୍ନ କେବେ ଘଟାଏ ବିରହ
ସ୍ୱପ୍ନ କେବେ ଜୁଟାଏ ମିଳନ
ସ୍ୱପ୍ନ କେବେ ସ୍ମୃତିରୁ ଉପୁଜେ
ସ୍ୱପ୍ନ କେବେ ଛାଡି ଯାଏ ସ୍ମୃତି
କିଛି ସ୍ୱପ୍ନ ହୋଇ ଯାଏ ସତ
କିଛି ସତ ହୋଇଯାଏ ସ୍ୱପ୍ନ
କିଛି ସ୍ୱପ୍ନ ସତରୁ ସୁନ୍ଦର
ଜୋତ୍ସ୍ନାୟିତ ଏକ ମଧୁରାତି

ସ୍ୱପ୍ନ କେବେ କଦମ୍ବ କାନନ
ସ୍ୱପ୍ନ କେବେ ତପ୍ତ ମରୁଭୂମି
କେବେ ସ୍ୱପ୍ନ ଏକ ଅନ୍ଧକୂପ
କେବେ ସ୍ୱପ୍ନ ଅଲଂଘ୍ୟ ଶିଖର
କେବେ ସ୍ୱପ୍ନ ସୁଖର ପ୍ଲାବନ
କେବେ ସ୍ୱପ୍ନ ଲୁହର ଶ୍ରବଣ
କେବେ ସ୍ୱପ୍ନ ବିଷର୍ଣ୍ଣ ରଜନୀ
କେବେ ସ୍ୱପ୍ନ ଉତ୍ସବ ମୁଖର

ଓ.ୟୁ.ଏ.ଟି, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

# ମା ମାଟିର ସମ୍ମାନ



ସୁଦାମ ଗୌଡ଼

ମିଶି ଗଲେ ପଛେ ମିଶି ଯାଉ ମାଟିରେ ଜୀବନ ,
ମା ମାଟିର ରଖିବା ସମ୍ମାନ ।
ଜାଗି ଉଠରେ ଦେଶର ସନ୍ତାନ ,
କରିବା ଆସ ମିଶି ଦେଶର ସୁଆଧିନ ।
ମାଟିର ଶରୀର ମାଟିରେ ମିଶିବ ,
ମାଟିର ଶରୀର କୁ ରଖି କି ଲାଭ ହେବ ।
ବଞ୍ଚିଥିବା ଯାଏ ଲଢ଼ିବା ଦେଶ ଲାଗି ,
ମା ମାଟି ପାଇଁ ଜୀବନକୁ ଦେବା ବାଜି ।
ଆଶ ଭାଇ ଭଉଣୀ ଶପଥ କରିବା ,
ଆମ ଦେଶ ସାଶନ ଆମ ହାତରେ ନେବା ।
ଚାଇନା ଆସୁ କି ପାକିସ୍ତାନ ଆସୁ ,
ଶତ୍ରୁ ମାନଙ୍କୁ ତୋଡ଼ିବା ଦେଶୁ ।
ଗୋଲା ବାରୁଦ ତୋପ୍ ବର୍ଷିବ ,
ରକ୍ତରେ ଶତ୍ରୁଙ୍କ ନଦୀବହିବ ।
ସେହି ରକ୍ତରେ ଆମ ମା ମାଟି ଗାଧୋଇବ ,
ଆମ ଦେଶକୁ ମା ସୁଆଧିନତା ଦେବ ।
ଭାରତ ଆମର ଜନ୍ମ ଭୂଇ ,
ଭାରତର ଆମେ ସମସ୍ତେ ଭଉଣୀ ଭାଇ ।
ଦେଶର ଗାଥା ଗାଇ ଗାଇ ଯିବା ,
ମା ମାଟି ପାଇଁ ହସି ହସି ଜୀବନ ଦେବା ।

ବୁଢ଼ାବାହାଲ ସୁନ୍ଦରଗଡ଼
ମୋ-୮୭୭୨୩୯୦୦୭୩

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଲକ୍ଷ୍ମୀ ମା



ଅନାମ ଚରଣ ସାହୁ

ମାର୍ଗଶୀରମାସ ମହକଇ ବାସ
ଘାସରେ ଶିଶିର ଖେଳେ
ଲକ୍ଷ୍ମୀ ମାଆ ମୋର ଦେବାପାଇଁ ବର
ଆସନ୍ତି ଧରଣୀ କୋଳେ ।
ପୁଷ୍କରିଣୀ ଜଳେ ପଙ୍କଜ ଅଧିରେ
ରହିଅଛି ପଥ ଚାହିଁ
ଭକତ ଆନନ୍ଦେ ତୋଳିନେବେ ହସ୍ତେ
ମାଆର ଆସ୍ଥାନ ପାଇଁ ।
ଗ୍ରାମର ରମଣୀ କୂଳ ଭୂଆଷୁଣୀ
ଅରୁଆ ଚାଉଳ ବାଟି
ଘର ଅଗଣାରେ ଭକତି ଚିତ୍ତରେ
ସଜାନ୍ତି କେତେ ଯେ ଝୋଟି ।
ପ୍ରକୃତି ଆନନ୍ଦେ ରଙ୍ଗ ପସରାରେ

To read the complete magazine, Download it for FREE from www.aahwaan.com

ସଜାଇ ନିଜର ତନୁ

ଲକ୍ଷ୍ମୀ ପାଦ ଦୁଇ ହୃଦୟରେ ଧରି

ଦୁଃଖ ଭୁଲିଅଛି ମନୁ ।

ସାରା ସଂସାରର ଆନନ୍ଦ ବଜାର

ପଡ଼ିରେ ଯାଇଛି ଭରି

ଦୁଃଖୀର ହୃଦୟେ ସୁଖ ଖେଳିଯାଏ

ବହିଯାଏ ପ୍ରେମବାରି ।

ବିଭୁତିପୁର, କାକଟପୁର, ପୁରୀ

ଭ୍ରାମ୍ୟଭାଷ - ୯୯୩୭୨୧୦୨୬୦

To read the complete magazine, Download it for FREE from www.aahwaan.com

# ଭିନ୍ନ ରାଗ



ଅନୁସୂୟା ମିଶ୍ର

ଅଦ୍‌ଭୂତ ଲୋକ ! ! !

ଖବରକାଗଜର ଖବରତକ

କେହି ନେଇଯିବନି ତ

ଏକା ନିଃଶ୍ୱାସରେ ଯଦି

ତୁମେ ପଢ଼ିନଦେବ !

ସତରେ, ତୁମର ବା କ'ଣ ଦୋଷ ?

ତୁମ ସାର୍ଟ୍, ପ୍ୟାଣ୍ଟ ଟାୱେଲମାନେ ତ

ନିଜେ ନିଜେ ହିଁ ବୁଲୁଛନ୍ତି ଘରଯାକ ।

କହିଲ, କାହିଁକି ସେଥିରେ ହାତ ଦିଅ

ଯେଉଁ କାମ ତୁମ ଦେଇ ନୁହଁ ?

ଥରୁଟେ ଭଲା ଶୁଣିପାରନ୍ତ,

To read the complete magazine, Download it for FREE from www.aahwaan.com

ରନ୍ଧାଘରର ସେ ତ୍ରାହି ତ୍ରାହି ଡାକ

ଅଦିନିଆ ଚେଇଁ ଉଠେ ଯେବେ

ଅନାଧୁନିଆ ତୁମ ରୋଷେଇ ସଉକ !

ଛାଡ଼...

କହି ବସିଲେ ତ ବହିଟିଏ ହେବ ।

କିନ୍ତୁ ତୁମେ ଯେ ନିଦାବିଷ୍ଟ,

ଖାଲି ଗାଇବାଟା ସିନା ସାର ହେବ !

କାହିଁ... ଏମିତି ନୁହେଁ ତ

ତୁମକୁ ବି ଖୁବ୍ ଭଲଲାଗେ

ଭିନ୍ନ ରାଗ ଅନୁରାଗଟିଏ

ଏମିତି ହିଁ କେବେ କେବେ !

To read the complete magazine, Download it for FREE from www.aahwaan.com

# କ ଠାରୁ ଝ ଯାଏଁ କବିତା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କବିତାରେ କବିତାରେ କହିଯାଏ,
କହୁ କହୁ କେତେ କଥା
ଖନିମାରିଯାଏ, ତୁମକୁ ଦେଖିଲେ,
କାମ କରେନି ମୋ ମଥା ।
ଗମ୍ଭୀର ତୁମର ମୁଖରେ କି ସତେ,
ହସ ଆସିବନି ଆଉ,
ଘର କରିଲାଣି ହୃଦେ ମୋର ଭୟ,
ହସିଦିଅ ଭୟ ଯାଉ ।
ଚକପରି ଯାଏ ଜୀବନ ମୋ ଗଡ଼ି,
ଅଙ୍କାବଙ୍କା କେତେ ପଥେ
ଛାତିରେ ଛାତିଏ ସପନ, କରିଛି
ତୁମକୁ ନିଜର ସତେ ।
ଜଣାନାହିଁ ମୋତେ ସତ କି ସପନ,
କେଉଁଠି ହେବ ଯେ ଦେଖା
ଝରାଶେଫାଳୀର ବେଳାରେ କି ସତେ
ମିଳନ ଆମର ଲେଖା ।

To read the complete magazine, Download it for FREE from www.aahwaan.com

# ବ୍ୟାସକବି ଫକୀରମୋହନ



ଡଃ ଲକ୍ଷ୍ମଣ ସାହୁ

ବ୍ୟାସକବି ଫକୀରମୋହନ'ଙ୍କ ସ୍ମରଣେ

ଊଣବିଂଶ ଶତକରେ ଓଡିଶାରେ ଯେତେବେଳେ ନବଜାଗରଣର ଜୁଆର ଉଠିଲା, ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା, ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା, ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡିଆ ଥିଲେ ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ । ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏଯାବତ୍ କେହି ତାଙ୍କପରି ହୋଇଥିବା ମନେହୁଏନାହିଁ । ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା, ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ଣ ବ୍ୟକ୍ତିଟିଏ । ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତ ସେ ନିଜକୁ ନିୟୋଜିତ କରିଥିଲେ ।

ଫକୀରମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ,

To read the complete magazine, Download it for FREE from www.aahwaan.com

ପଣ୍ଡିତ, ସମାଜ - ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତିସେବକ ଥିଲେ । ତାଙ୍କ ଜୀବନ ଅତି ରୋମାଞ୍ଚକର, ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ-ଉପନ୍ୟାସ ଦ୍ୱାରା ନିଜ ମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇ ପାରିଥିଲେ, ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ମାଡି ପାଠ ପଢିବାର ସୁଯୋଗ ପାଇନଥିବା ବେଳେ ସେ ନିଜ ଚେଷ୍ଟାବଳରେ ପରବର୍ତ୍ତୀ ସମୟରେ ଇଁରାଜୀ ଓ ସଂସ୍କୃତ ସମେତ ପାଂଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ । ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁ ତତ୍କାଳୀନ ବହୁ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀଙ୍କ ବନ୍ଧୁ ହେବା ସଂଗେ ସଂଗେ ସେ ଦେଶୀୟ ରାଜ୍ୟମାନଙ୍କର ଶାସକ ମଧ୍ୟ ହୋଇଥିଲେ ।

ଫକୀରମୋହନ କେବଳ ମୌଳିକ ରଚନାରେ ନୁହଁନ୍ତି, ଛାପାଖାନା ପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସଂପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡିଆଜାତି ତାଙ୍କ ପାଖରେ ଯୁଗେ ଯୁଗେ ଋଣୀ ହୋଇ ରହିଥିବ । ସେ ଥିଲେ ମନ ଓ ମନନରେ ଖାଣ୍ଟି ଓଡିଆ । ଭାଷା ଆନ୍ଦୋଳନରେ ଓ ଦେଶ ମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି, ସେପରି ମଧ୍ୟ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ୱଷ୍ଟ ଓ ନିର୍ଭୀକ ଯାହା ଓଡିଆ ଜାତିର ପ୍ରାଣକୁ ନିବିଡ ଭାବରେ ସ୍ୱର୍ଶ କରିଛି ।

ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇରହିଛନ୍ତି । ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅନ୍ତର୍ଦ୍ୱନ୍ଦ୍ୱ ଆଦିକୁ ନାନା ବର୍ଣ୍ଣ ବିଭାରେ ଉଦ୍ଘାଟନ କରିଛନ୍ତି । ଜୀବନ ଓ

To read the complete magazine, Download it for FREE from www.aahwaan.com

ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଶ କରିଛନ୍ତି ଓ ଜୀବନର ବିଶ୍ଲେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂଣ କରିଛନ୍ତି । ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବି ତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କର କୃତିସମୂହ ଓଡିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ଅସାଧାରଣ ଲିପି-ସଂପଦ । ତାଙ୍କର ଅମ୍ଲାନ କୃତି ଗୁଡିକ କବିତା- ପୂଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି- ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ ଧୂଳି । ସେ ଥିଲେ ସଫଳ ଅନୁବାଦକ, ମହାଭାରତ(ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି । ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥଦ୍ୱୟ, ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ-ଛ'ମାଣ ଆଠଗୁଣ୍ଠ, ଲଚ୍ଛମା, ମାମୁ ଓ ପ୍ରାୟଶ୍ଚିତ ଏକ ଏକ ଅମର କୃତି । ତାଙ୍କ ରଚିତ କବିତା ଓ କାବ୍ୟ ଗୁଡିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା, ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିର ସ୍ୱରସଂଭାର ରହିଛି । ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶଲାଭ କରି ପାଠକୀୟ ହୃଦୟ ମନ୍ଥନ କରିଛି । ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଂଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ । ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା । ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ । ବିଶିଷ୍ଟ କବି ଓ ସମାଲୋଚକ ଡଃ ମାୟାଧର ମାନସିଂ ତାଙ୍କୁ ସମଗ୍ର

To read the complete magazine, Download it for FREE from www.aahwaan.com

ଆଧୁନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ ଔପନ୍ୟାସିକ ପ୍ରେମଚନ୍ଦଙ୍କ ସହ ତୁଳନା କରିଛନ୍ତି ।

ବାସ୍ତବରେ ଫକୀରମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେ ସ୍ପଷ୍ଟହୁଏ ସେ ଯେଭଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ଘନିଷ୍ଠ ଭାବେ ସଂପୃକ୍ତ ଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି, ଯର୍ଥାଥରେ ସେ `ବ୍ୟାସକବି' ଓ `ସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ ।

(ସୌଜନ୍ୟ : ସୂର୍ଯ୍ୟପ୍ରଭା)

ଓଡିଆ ଭାଷା ଓ ସାହିତ୍ୟ ବିଭାଗ

ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- 4

ଦୂରଭାଷ : 9437740280

Email : Laxmansahoo9040@gmail.com

To read the complete magazine, Download it for FREE from www.aahwaan.com

ଆହ୍ୱାନର ଆଗାମୀ ସଂସ୍କରଣ ଡିସେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୭୦୦୮୫୬୭୦୮୫

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

To read the complete magazine, Download it for FREE from www.aahwaan.com

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୭୧୯୭୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

Alternatively, You can also click on this link on your android mobile phone with WhatsApp to join our group.

https://chat.whatsapp.com/BPW1qPbKJWp7H4M3zhzAiE




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 7008567085

To read the complete magazine, Download it for FREE from www.aahwaan.com